ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଜୁନ୍ ୧୩/୨୦୨୨ (୧୪ ପୃଷ୍ଠା) Sambalpur, Monday, June 13/2022 Page 14 ₹ 7.00 ★★
୧୮ଶ ଭାଗ ୧୭୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-



## ସିନ୍‌କୁ ନେଇ ଚର୍ଚ୍ଚା

ନିଜର ଆଗାମୀ ପ୍ରୋଜେକ୍ଟରେ ଶ୍ରଦ୍ଧା କପୁର ବଲିଉଡ୍ ଆକ୍ଟର ରଣବୀର କପୁରଙ୍କ ସହ ଇଣ୍ଟିମେଟ୍ ସିନ୍ କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

୧୧

୧୪

## ଭର୍ଷ୍ଟାପେନ୍‌ଙ୍କୁ ଟାଇଟଲ

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଆଜରବୈଜାନ ଫର୍ମୁଲା ୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି।



# ଭାରତ ହାରିଲା

## ଦକ୍ଷିଣ ଆଫ୍ରିକା ୨-୦ରେ ଆଗୁଆ



ଇଶାନ କିଶନଙ୍କ ଉଇକେଟ ପତନ ପରେ ଖୁସି ମୁହୂର୍ତ୍ତରେ ଦକ୍ଷିଣ ଆଫ୍ରିକାର ଏନ୍‌ରିଚ୍ ନୋର୍ଜେ ଓ କେଶବ ମହାରାଜ।

ତପନ ସ୍ୱାଇଁ
କଟକ, ୧୨।୬

ବାରବାଟୀ ଦର୍ଶକଙ୍କୁ ନିରାଶ କରି ଟିମ୍ ଇଣ୍ଡିଆ ରବିବାର ଅନୁଷ୍ଠିତ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ କେଉଁଥିରେ ହେଲେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଅନ୍ୟପକ୍ଷରେ ହେନରିଚ୍ କ୍ଲାସେନଙ୍କ ଦର୍ଶନୀୟ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭ୍ରମଣକାରୀ ଦଳ ୪ ଉଇକେଟରେ ବିଜୟ ସହ ୫ ମ୍ୟାଚବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ନୈରାଶ୍ୟଜନକ ବ୍ୟାଟିଂ କରି ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ମାତ୍ର ୧୪୮ ରନ କରିଥିଲା। ୧୪୯ ରନର ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ମ୍ୟାଚର ହିରୋ ସାଜିଥିଲେ ଉଇକେଟ କିପର/ବ୍ୟାଟର କ୍ଲାସେନ। ସେ ୪୫ ବଲ୍‌ରୁ ୭ ଚୌକା ଓ ୫ ଛକା ସହାୟତାରେ ୮୧ ରନ କରି ଭାରତକୁ ପରାଜୟ ସ୍ୱାଦ ଚଖାଇଥିଲେ। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ବାରବାଟୀରେ ଖେଳିଥିବା ୨ଟି ଯାକ ଟି୨୦ରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଛି। ପୂର୍ବରୁ ୨୦୧୫ରେ ଅନୁଷ୍ଠିତ ମ୍ୟାଚରେ ମଧ୍ୟ ଭାରତ ପରାଜିତ ହୋଇଥିଲା।

### ଉଦାହରଣ ସୃଷ୍ଟି କଲେ କ୍ଲାସେନ

ଭାରତ ପରି ଦକ୍ଷିଣ ଆଫ୍ରିକା ମଧ୍ୟ ଆରମ୍ଭରୁ ଝଟ୍‌କା ଖାଇଥିଲା। ଟିମ୍ ଇଣ୍ଡିଆର ତାରକା ପେସ ବୋଲର ଭୁବନେଶ୍ୱର କୁମାର ପ୍ରଥମ ଓଭରରୁ ସଫଳତା ପାଇଥିଲେ। ଭୁବନେଶ୍ୱର ଭାରତୀୟ ଇନିଂସର ଏବଂ ନିଜ ପ୍ରଥମ ଓଭରର ଅନ୍ତିମ ବଲ୍‌ରେ ରିଜା ହେଣ୍ଡ୍ରିକ୍ସ (୪ରନ)ଙ୍କୁ କ୍ଲିନ ବୋଲ୍ଡ କରିଦେଇଥିଲେ। ସେହିପରି ନିଜ ଦ୍ୱିତୀୟ ଓଭରର ୫ମ ବଲ୍‌ରେ ଡ୍ୱେନ ପ୍ରିଟୋରିଅସଙ୍କୁ ୨ୟ ଶିକାର ବନାଇଥିଲେ ଏହି ଦ୍ରୁତ ବୋଲର। ୪ର୍ଥ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟା ୮ ଓ ୫ମ ଓଭରରେ ଆଭେଶ ଖାଁ ୭ ରନ ଦେବାପରେ ୬ଷ୍ଠ ଓଭରରେ ପୁଣି ଭୁବନେଶ୍ୱରଙ୍କୁ ଡାକିଥିଲେ ଅଧିନାୟକ ରିଷଭ ପନ୍ତ। ନିରାଶ କରି ନ ଥିଲେ ଏହି ଭେଟେରାନ ପେସର। ପୂର୍ବ ମ୍ୟାଚର ଅନ୍ୟତମ ହିରୋ ଭାନ୍ ଡର୍ ଡୁସେନ(୧)ଙ୍କୁ ବୋଲ୍ଡ କରି ଭାରତୀୟ ଶିବିରରେ ଉତ୍ସାହ ଭରିଥିଲେ। ୨୯ ରନରେ ଦକ୍ଷିଣ ଆଫ୍ରିକା ୩ୟ ଉଇକେଟ ହରାଇଥିଲା। ତେବେ ଅଧିନାୟକ ଟେମ୍ବା ବଭୁମା ଓ ହେନରିଚ୍ କ୍ଲାସେନ ୪ର୍ଥ ଉଇକେଟରେ ୪୧ ବଲ୍‌ରୁ ୬୪ ରନ ସଂଗ୍ରହ କରି ଦଳକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ବଭୁମା ୩୦ ବଲ୍‌ରୁ ୩୫ (୪ ଚୌକା, ୧ ଛକା) ରନ କରି ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଭାରତ ପାଇଁ ମୁଖ୍ୟ ହର୍ଡଲ୍ସ ସାଜିଥିଲେ ☞ପୃଷ୍ଠା-୪

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସୌରଭ ଗାଙ୍ଗୁଲି

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଦେଖିବା ଲାଗି ଓଡ଼ିଶା ଗସ୍ତରେ ଆସିଥିବା ବିସିସିଆଇ ସଭାପତି ତଥା ପୂର୍ବତନ ଭାରତୀୟ କ୍ରିକେଟ ଦଳର କ୍ୟାପ୍‌ଟେନ ସୌରଭ ଗାଙ୍ଗୁଲି ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଗାଙ୍ଗୁଲି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କିଛି ସମୟ ପରେ ନବୀନ ତାଙ୍କୁ ଓଡ଼ିଶା ଲେଖାଥିବା ଗୋଟିଏ ଜର୍ସି ପ୍ରଦାନ କରିଛନ୍ତି। ଗାଙ୍ଗୁଲିଙ୍କୁ ସାକ୍ଷାତ କରିବା ପରେ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ଚିତ୍ର ଜାରି କରିଛନ୍ତି। ଗାଙ୍ଗୁଲିଙ୍କ ସହ ଭେଟଘାଟ ଖୁସି ଦେଇଥିବା ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ଏହାସହ ବାରବାଟୀଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଦୁଇ ଦଳ ମଧ୍ୟରେ ଭଲ ମୁକାବିଲା ହେବ ବୋଲି ସେ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଓସିଏ ସଭାପତି ସଞ୍ଜୟ ବେହେରା ମଧ୍ୟ ଯାଇଥିଲେ।

# ୮ ବର୍ଷର ଝିଅଙ୍କୁ ଚେଙ୍କ

- ସାବତ ମା'ବାପା ଥାନାରେ ଅଟକ
- ଉତ୍କଳ ବାଳାଶ୍ରମରେ ରହିଲା ଶିଶୁ

ବ୍ରହ୍ମପୁର ଅଫିସ,୧୨।୬

ବ୍ରହ୍ମପୁରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାବତ ମା' ନିଜ ମାନବିକତା ଭୁଲିଯାଇ ୮ବର୍ଷର ଶିଶୁକନ୍ୟାଙ୍କୁ ଅମାନବୀୟ ଦଣ୍ଡ ଦେଇଛନ୍ତି। ଶିଶୁଟିର ପିଠି, ବେକ, ଗାଲରେ ଗରମ ଚେଙ୍କ ମାରିଛନ୍ତି। ଏପରି କି ଏନେଇ କାହାକୁ ନ କହିବାକୁ ଧମକ ମଧ୍ୟ ମହିଳା ଜଣଙ୍କ ଦେଇଛନ୍ତି।



ରବିବାର ମଧ୍ୟାହ୍ନରେ ଲକ୍ଷ୍ମୀନୃସିଂହ ସାହି ସପ୍ତମଗଳି ହନୁମାନ ନଗରଠାରେ ସାବତ ମା' ଜାନକୀ ମହାରଣା ୮ ବର୍ଷର ଝିଅକୁ ଚେଙ୍କ ମାରି ମୁହଁକୁ ପୋଡ଼ି ଦେଇଥିବା ଘଟଣା ଏବେ ଦୃଷ୍ଟିକୁ ଆସିଛି। ଗୁରୁତର ଅବସ୍ଥାରେ ଝିଅକୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ବାପା ଅନନ୍ତ ମହାରଣା ଓ ସାବତ ମା' ଜାନକୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା କହିଛି।

ସୂଚନା ଅନୁଯାୟୀ, ଅନନ୍ତ ମହାରଣାଙ୍କ ପ୍ରଥମ ସ୍ତ୍ରୀ'ଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଜଣେ ଝିଅ ଥିଲା। ସେ ପୁଣି ଥରେ ଜାନକୀଙ୍କୁ ବିବାହ କରିଥିଲେ। ବର୍ତ୍ତମାନ ଜାନକୀଙ୍କ ବର୍ଷକର ପୁଅ ଅଛି। ଗତ ଶୁକ୍ରବାର ଅନନ୍ତଙ୍କ ଝିଅ ବିସ୍କୁଟ ଖାଇବା ପାଇଁ ମା' ଜାନକୀଙ୍କ ପାଖରେ ଅଳି କରିଥିଲା। ରୋଷେଇ କରୁଥିବା ଜାନକୀ ଏଥିରେ ରାଗିଯାଇ ଏକ ପିଠାପାଟିଆ ଚୁଲିରେ ଗରମ କରି ଶିଶୁଟିର ଗାଲ, ବେକ ଓ ପିଠିରେ ଚେଙ୍କ ଦେଇଥିଲେ। ଶିଶୁଟି ପ୍ରାଣ ବିକଳରେ କାନ୍ଦୁଥିଲେ ମଧ୍ୟ କେହି ତାଙ୍କ କାନ୍ଦ ଶୁଣିଲେ ନାହିଁ। ଦୁଇ ଦିନ ଧରି କଷ୍ଟରେ ଛଟପଟ ହୋଇ ଘରେ ରହିବା ☞ପୃଷ୍ଠା-୪

# ଖରାରେ ପକାଇ ପୁଅକୁ ମାରିଦେଲେ

**ବାପା ଅଟକ**

ଢେଙ୍କିକୋଟ, ୧୨।୬ (ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ସାନମସିଣାବିଲା ଗ୍ରାମରେ ହାତଗୋଡ଼ ବାନ୍ଧି ଖରାରେ ପକାଇଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୋଲିସ ତାଙ୍କ ବାପାଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ସାନମସିଣାବିଲା ଗ୍ରାମର ପାଣୁଆ ନାଏକଙ୍କ ପୁଅ ସୁମନ୍ତ (୪୦)ଗତ ଶନିବାର ଅପରାହ୍ନରେ ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରିଥିଲେ। ଏକ ଠେଙ୍ଗାରେ ସେ ତାଙ୍କ ମା'ଙ୍କୁ ମାଡ଼ ମାରି ଅଣ୍ଟା ହାଡ଼ ଭାଙ୍ଗି ଦେଇଥିଲେ। ପୁଅର ଏଭଳି ଉନ୍ମତ୍ତ କାଣ୍ଡ ଦେଖି ବାପା ପାଣୁଆ ରାଗିଯାଇ ତାଙ୍କ ହାତ ଗୋଡ଼ ବାନ୍ଧି ପ୍ରଚଣ୍ଡ ଖରାରେ ପକାଇ ଦେଇଥିଲେ। ଏମିତି କି ପାଣି ମୁନ୍ଦେ ମଧ୍ୟ ଦେଇ ନ ଥିଲେ। ଫଳରେ ଅପରାହ୍ନ ୫ଟାରେ ସୁମନ୍ତ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଘରକୁ ନେଇଯାଇ ହାତ ଗୋଡ଼ ଖୋଲି ଦେଇଥିଲେ। ପରେ ଚିକିତ୍ସା ପାଇଁ ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଗାଁ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ତପନ କୁମାର ଜେନା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୧୬/୨୨) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସୁମନ୍ତଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ଆଜିର ସମ୍ପାଦକୀୟ ନୀରବତା




# ଇଡି ସମନ ନେଇ ତେଜିଲା ରାଜନୀତି

- ହସ୍ପିଟାଲରେ କୋଭିଡ୍ ସଂକ୍ରମିତ ସୋନିଆ
- ଆଜି ଶୋଭାଯାତ୍ରା କରି ହାଜର ହେବେ ରାହୁଲ
- ଦେଶର ୨୫ ଇଡି ଅଫିସ ଆଗରେ ବିକ୍ଷୋଭ କରିବ କଂଗ୍ରେସ

ନୂଆଦିଲ୍ଲୀ,୧୨।୬

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଜୁନ୍ ୨୩ ଓ ତାଙ୍କ ପୁଅ ରାହୁଲ ଗାନ୍ଧୀଙ୍କୁ ୧୩ ତାରିଖରେ ହାଜର ହେବା ପାଇଁ ସମନ କରାଯାଇଛି। ସୋନିଆ କୋଭିଡ୍ ସଂକ୍ରମିତ ହୋଇଥିବା ଦର୍ଶାଇ ରବିବାର ନୂଆଦିଲ୍ଲୀର ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ରାହୁଲ ସୋମବାର ସଦଳବଳ ଇଡି ଅଫିସରେ ହାଜର ହେବେ। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଦେଶରେ ବିରୋଧୀମାନଙ୍କ ମୁହଁ ବନ୍ଦ ପାଇଁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ଅଭିଯୋଗ ହେଉଥିବାବେଳେ ଇଡି ପକ୍ଷରୁ କଂଗ୍ରେସର ଦୁଇ ବଡ଼ ନେତାଙ୍କୁ ସମନ କରାଯିବାକୁ ନେଇ ପ୍ରଶ୍ନ ଉଠିଛି। କଂଗ୍ରେସ ଏହାକୁ ପ୍ରତିଶୋଧମୂଳକ ରାଜନୀତି ବୋଲି ଅଭିହିତ କରିଥିବାବେଳେ ରାହୁଲଙ୍କ ପ୍ରସ୍ତାବିତ ପଦଯାତ୍ରାକୁ ଭାଜପା 'ମିଛ ସତ୍ୟାଗ୍ରହ'ର ଆଖ୍ୟା ଦେଇଛି।

ଏଆଇସିସି ମୁଖପାତ୍ର ରଣଦୀପ ସୁର୍ଯେ୍ୱାଲା ରବିବାର ଟୁଇଟ୍ କରି କହିଛନ୍ତି, ସୋନିଆ ଗାନ୍ଧୀ କୋଭିଡ୍ ସଂକ୍ରମିତ ହୋଇଛନ୍ତି, କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ସ୍ଥିର ରହିଛି। ତେବେ ଅବ୍‌ଜର୍ଭେଶନ ପାଇଁ ତାଙ୍କୁ ହସ୍ପିଟାଲରେ ରଖାଯାଇଛି। ଏହା ପୂର୍ବରୁ ବହୁଚର୍ଚ୍ଚିତ ନ୍ୟାଶନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ ଗତ ୮ ତାରିଖରେ ହାଜର ହେବାକୁ ଇଡି ପକ୍ଷରୁ ସୋନିଆଙ୍କୁ କୁହାଯାଇଥିଲା। ତେବେ ୨ ତାରିଖରେ ସେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ୩ ସପ୍ତାହ ସମୟ ମାଗିଥିଲେ। ଇଡି ୭୫ ବର୍ଷୀୟା କଂଗ୍ରେସ ମୁଖ୍ୟଙ୍କୁ ୨୩ ତାରିଖରେ ହାଜର ହେବା ପାଇଁ ନୂଆ ସମନ ଜାରି କରିଛନ୍ତି। ସେହିପରି ଦଳର ପୂର୍ବତନ ଅଧ୍ୟକ୍ଷ ତଥା ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀଙ୍କୁ ଗତ ୨ ତାରିଖରେ ହାଜର ହେବାକୁ ସମନ ହୋଇଥିବାବେଳେ ସେ ଦେଶ ବାହାରେ ଥିବା ଦର୍ଶାଇ ଅଧିକ ସମୟ ମାଗିଥିଲେ। ଇଡି ତାଙ୍କୁ ସୋମବାର ହାଜର ହେବାକୁ ସାନି ସମନ କରିଛି। କଂଗ୍ରେସ ଏହାକୁ ଭାଜପାର ଏକ ରାଜନୈତିକ ଚକ୍ରାନ୍ତ ବୋଲି ଅଭିହିତ କରି ସୋମବାର ବିଶାଳ ବିକ୍ଷୋଭ ଶୋଭାଯାତ୍ରା ସହ ଜବାବ ଦେବାକୁ ସ୍ଥିର କରିଛି। ସୂତ୍ରରୁ ଜଣାପଡ଼ିଛି ଯେ, ରାହୁଲ ଜେରାର ସମ୍ମୁଖୀନ ହେବା ପାଇଁ ଇଡି ଅଫିସକୁ ପଦଯାତ୍ରା କରିବା ସମୟରେ ତାଙ୍କ ସହ ଦଳର ସମସ୍ତ ଏମ୍‌ପି, କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲୁସି) ସଦସ୍ୟ ସାମିଲ ହେବେ। କେନ୍ଦ୍ର ସରକାରଙ୍କ ☞ପୃଷ୍ଠା-୪

### ନ୍ୟାଶନାଲ ହେରାଲ୍ଡ: ମାମଲା କ'ଣ

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା କଂଗ୍ରେସ ପୃଷ୍ଠପୋଷକତାରେ ପ୍ରକାଶିତ ଖବରକାଗଜ 'ନ୍ୟାଶନାଲ ହେରାଲ୍ଡ'ରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ୨୦୧୩ରେ ଭାଜପା ଏମ୍‌ପି ସୁବ୍ରମଣ୍ୟମ୍ ସ୍ୱାମୀ ଅଭିଯୋଗ ଆଣିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଇଡି ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଏହି ଖବରକାଗଜ ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍) ଦ୍ୱାରା ପ୍ରକାଶ ପାଉଥିବାବେଳେ ଏହାର ମାଲିକାନା ୟଙ୍ଗ୍ ଇଣ୍ଡିଆନ୍ ପ୍ରାଇଭେଟ୍ ଲିଃ ମାଲିକାନାରେ ରହିଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀ ୟଙ୍ଗ୍ ଇଣ୍ଡିଆନ୍‌ର ଶେୟାରହୋଲ୍ଡର୍ସ ରହିଛନ୍ତି। ମା'ପୁଅଙ୍କ ସମେତ ଦଳର ଅନ୍ୟ କେତେଜଣ ☞ପୃଷ୍ଠା-୪

# ନଡ୍ଡା, ରାଜନାଥଙ୍କୁ ଦାୟିତ୍ୱ ଦେଲା ଭାଜପା

## ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ସହମତି ଉଦ୍ୟମ

ନୂଆଦିଲ୍ଲୀ,୧୨।୬

ଆସନ୍ତା ଜୁଲାଇ ୧୮ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ବିରୋଧୀ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ କିଛି ଚିତ୍ର ସ୍ପଷ୍ଟ ହୋଇନାହିଁ। ଯାହା ବି ପ୍ରକାଶ ପାଉଛି ସେସବୁ କେବଳ କଳ୍ପନାଜଳ୍ପନା। ଇତିମଧ୍ୟରେ ଉଭୟ ପକ୍ଷ ନିଜ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଛିଡ଼ା କରାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କଂଗ୍ରେସ ସହମତି ଭିତ୍ତିରେ ମିଳିତ ପ୍ରାର୍ଥୀ ଦେବା ପାଇଁ ଆଞ୍ଚଳିକ ଦଳଗୁଡ଼ିକ ସହ ଆଲୋଚନା କରିବାକୁ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନିୟୋଜିତ କରିଥିବାବେଳେ ଭାଜପା ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉପରେ ଦାୟିତ୍ୱ ଦେଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଆସନ୍ତା ୧୫ରେ ବିରୋଧୀ ଦଳଗୁଡ଼ିକର ବୈଠକ ଡାକିଥିବାବେଳେ ଭାଜପାର ଏହି ଉଦ୍ୟମକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।


ଜେ.ପି. ନଡ୍ଡା


ରାଜନାଥ ସିଂ

ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ ଏକ ବିବୃତିରେ କହିଛନ୍ତି, ପାର୍ଟି ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏନ୍‌ଡିଏ ସହଯୋଗୀ, ଉପା ଅଂଶୀଦାର ଏବଂ ସ୍ୱାଧୀନ ଏମ୍‌ପିମାନଙ୍କ ସହ ରାଷ୍ଟ୍ରପତି ନିର୍ବାଚନ ନେଇ ବିଚାରବିମର୍ଶ କରିବେ। ଏହାକୁ ବିରୋଧୀଙ୍କ ନିକଟରେ ପହଞ୍ଚିବା ପାଇଁ ଶାସକ ମେଣ୍ଟ ପକ୍ଷରୁ ଉଦ୍ୟମ ରୂପେ ଦେଖାଯାଉଛି। କାରଣ ୨୦୧୭ ରାଷ୍ଟ୍ରପତି ନିର୍ବାଚନ ବେଳେ ବିରୋଧୀ ଅଭିଯୋଗ ଆଣିଥିଲେ ଯେ, ଭାଜପା ରାମନାଥ କୋବିନ୍ଦଙ୍କ ପ୍ରାର୍ଥିତ୍ୱକୁ ନେଇ ପୂର୍ବରୁ ନିଷ୍ପତ୍ତି ନେଇସାରିଥିଲା ଏବଂ ଶେଷ ମୁହୂର୍ତ୍ତରେ ସେମାନଙ୍କ ସହ ଆଲୋଚନା କରିଥିଲା। ତେଣୁ କଂଗ୍ରେସ ନେତ୍ରୀ ମୈରା କୁମାରଙ୍କୁ ବିରୋଧୀ ପ୍ରାର୍ଥୀ କରାଯାଇଥିଲା। ଇତିମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାରଙ୍କ ସହ ରବିବାର ରାଷ୍ଟ୍ରପତି ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି।

# ଆଜି କଂଗ୍ରେସର ସତ୍ୟାଗ୍ରହ

## ଧରାପଡ଼ିବା ଭୟରେ କଂଗ୍ରେସ ଛଳନା କରୁଛି: ଭାଜପା

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ନ୍ୟାଶନାଲ ହେରାଲ୍ଡ ମାମଲାରେ ଇଡି(ଏନଫୋର୍ସମେଣ୍ଟ ଡିରେକ୍ଟୋରେଟ)ରେ ହାଜର ହେବା କଥାକୁ କଂଗ୍ରେସ ନେତା ଓ କର୍ମୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହି ଘଟଣାକୁ ନେଇ ସାରା ଦେଶରେ କଂଗ୍ରେସ ସୋମବାର ବିରୋଧ ପ୍ରଦର୍ଶନ କରିବାକୁ ଯାଉଛି। ସେହି ଅନୁଯାୟୀ ପିସିସି(ପ୍ରଦେଶ କଂଗ୍ରେସ କମିଟି) କର୍ମକର୍ତ୍ତା ମଧ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆଇଆରସି ଭିଲେଜରେ ଥିବା ଇଡି କାର୍ଯ୍ୟାଳୟ ବାହାରେ ଧାରଣା ଦେବେ। ଦିନ ୧୦ରୁ ୧ ପର୍ଯ୍ୟନ୍ତ ୩ ଘଣ୍ଟା ଧରି ସତ୍ୟାଗ୍ରହ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଭାଜପା କିନ୍ତୁ କଂଗ୍ରେସର ଏହି ବିକ୍ଷୋଭ ପ୍ରଦର୍ଶନ ନେଇ ପାଲଟା ବର୍ଷିଛି।

ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, କଂଗ୍ରେସ ହେଉଛି ଦୁର୍ନୀତି ଓ ଭ୍ରଷ୍ଟାଚାରର ଗନ୍ତାଘର। ଗାନ୍ଧୀ ପରିବାର ଭ୍ରଷ୍ଟାଚାରରେ ସମ୍ପୂର୍ଣ୍ଣ ଲିପ୍ତ ବୋଲି ସମସ୍ତଙ୍କୁ ଜଣାଅଛି। ବହୁଚର୍ଚ୍ଚିତ ନ୍ୟାଶନାଲ ହେରାଲ୍ଡ ମାମଲାରେ ଗାନ୍ଧୀ ପରିବାରର ସମ୍ପୃକ୍ତି କାରଣରୁ ବର୍ତ୍ତମାନ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ କୋର୍ଟଙ୍କ ନିର୍ଦ୍ଦେଶରେ ଜାମିନ ପାଇ ବାହାରେ ବୁଲୁଛନ୍ତି। ଅର୍ଥ ହେରଫେର ମାମଲାର ତଦନ୍ତ ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉଭୟଙ୍କୁ ହାଜର ହେବା ପାଇଁ ନୋଟିସ୍ ଜାରି କରିଥିଲେ। ସୋନିଆ ଗାନ୍ଧୀ ହାଜର ହୋଇ ନ ଥିବାବେଳେ ରାହୁଲ ଗାନ୍ଧୀ ସୋମବାର ହାଜର ହେବାର ଅଛି। ଜାତୀୟ ସମ୍ପତ୍ତିକୁ ଚୋରି କରିଥିବା ଏବଂ ଧରାପଡ଼ିବା ଭୟରେ ଗାନ୍ଧୀ ପରିବାର ପୁଣି ଡ୍ରାମାବାଜି ଆରମ୍ଭ କରିଦେଇଥିବା ସମ୍ବିତ କହିଛନ୍ତି। ୫ ଲକ୍ଷ ଟଙ୍କାରେ ଗାନ୍ଧୀ ପରିବାର ୫ ହଜାର କୋଟି ସମ୍ପତ୍ତିର ମାଲିକ ହୋଇଗଲେ। ୟଙ୍ଗ୍ ଇଣ୍ଡିଆ ଲିମିଟେଡ କମ୍ପାନୀରେ ସୋନିଆ ଗାନ୍ଧୀଙ୍କ ୩୮ ପ୍ରତିଶତ ଓ ରାହୁଲ ଗାନ୍ଧୀଙ୍କ ୩୮ ପ୍ରତିଶତ ଶେୟାର ରହିଛି। ଏହା ବ୍ୟତୀତ ମୋତିଲାଲ ଭୋରାଙ୍କ ୧୨ ପ୍ରତିଶତ ଶେୟାର ଅଛି। ଜାତୀୟ ସମ୍ପତ୍ତିକୁ ଛଳନା କରି ହାତେଇଥିବା ଗାନ୍ଧୀ ପରିବାର ଧରା ପଡ଼ିବା ଭୟରେ ସତ୍ୟାଗ୍ରହ କରିବାର ଛଳନା ଆରମ୍ଭ କରିଦେଇଛି ବୋଲି ସମ୍ବିତ କହିଛନ୍ତି।


ଅହମଦାବାଦରେ ନୂପୁର ଶର୍ମାଙ୍କ ଗିରଫ ଦାବିରେ ବିକ୍ଷୋଭରତ ସଂଖ୍ୟାଲଘୁ ମହିଳାଙ୍କୁ କାବୁ କରୁଛି ଗୁଜରାଟ ପୋଲିସ।

# ହତ୍ୟା ଧମକ: ଦିଲ୍ଲୀ ଛାଡ଼ିଲେ ନବୀନ ଜିନ୍ଦଲ

**ନୂଆଦିଲ୍ଲୀ, ୧୨।୬:** ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ ନେଇ ବାରମ୍ବାର ହତ୍ୟା ଧମକ ମିଳିବା ପରେ ଭାଜପାର ପୂର୍ବତନ ନେତା ନବୀନ ଜିନ୍ଦଲ ପରିବାର ସହ ଦିଲ୍ଲୀ ଛାଡ଼ିଛନ୍ତି। କଠୋରପନ୍ଥୀ ମୁସଲମାନଙ୍କ ପ୍ରତି ତାଙ୍କର ଭୟ ଥିବା ଜିନ୍ଦଲ କହିବା ସହ ତାଙ୍କ ପରିବାର ବିଷୟରେ କୌଣସି ତଥ୍ୟ କାହାରିକୁ ନ ଦେବାକୁ ଲୋକଙ୍କୁ ନିବେଦନ କରିଛନ୍ତି। ତାଙ୍କ ଘରକୁ ମଧ୍ୟ ବୋମାମାଡ଼ କରିବାକୁ ଧମକ ମିଳୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ବିବାଦୀୟ ଟୁଇଟ୍ ପାଇଁ ନବୀନଙ୍କୁ ଭାଜପାରୁ ବହିଷ୍କୃତ କରାଯାଇଥିଲା।



# ଭାଜପାରୁ କୌଶଲ୍ୟାଗଙ୍ଗ ମଣ୍ଡଳ ସଭାପତିଙ୍କ ଇସ୍ତଫା


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ପିପିଲି,୧୨।୬(ଡି.ଏନ୍.ଏ.)

ପୁରୀ ଜିଲା ପିପିଲି ବ୍ଲକ କୌଶଲ୍ୟାଗଙ୍ଗ ଭାଜପା ମଣ୍ଡଳ ସଭାପତି ପର୍ଶୁରାମ ମହାପାତ୍ର ପ୍ରାଥମିକ ସଦସ୍ୟ ଓ ମଣ୍ଡଳ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଜିଲା ଭାଜପା ସଭାପତିଙ୍କ ନିକଟକୁ ପଠାଇବା ସହ ଏହାର ନକଲ ରାଜ୍ୟ ଭାଜପା ସଭାପତିଙ୍କ ନିକଟକୁ ପଠାଇଥିବା ଜଣାପଡ଼ିଛି। ବ୍ୟକ୍ତିଗତ ସମସ୍ୟା କାରଣରୁ ଇସ୍ତଫା ଦେଇଥିବା ସେ କହିଛନ୍ତି। ତେବେ ସେ ଅନ୍ୟ କେଉଁ ଦଳରେ ଯୋଗଦେବେ ସ୍ପଷ୍ଟ କରିନାହାନ୍ତି। ନିକଟରେ ସମବାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ପର୍ଶୁରାମ ଏକ ନିର୍ଦ୍ଦିଷ୍ଟ ଦଳରୁ ନିର୍ଦ୍ଦେଶକ ଭାବେ ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ହେଉଛି।

# ବାଚସ୍ପତି ନିର୍ବାଚନ ଲାଗି ଆଜି ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

- ଭାଜପା କହିଲା ଯେମିତି ନିମନ୍ତ୍ରଣ କରାଯିବା କଥା କରାଯାଇନି
- ବିକ୍ରମ କେଶରୀ ଆରୁଖ ଜଣେ ପ୍ରାର୍ଥୀ
- ବାଚନିକ ଭୋଟ କରାଇବେ ଉପବାଚସ୍ପତି
- ବାଚସ୍ପତି ନିର୍ବାଚନ ଲାଗି ମୁଖ୍ୟମନ୍ତ୍ରୀ ଆଣିବେ ମୋସନ

ଓଡ଼ିଶା ବିଧାନସଭାର ବାଚସ୍ପତି ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରେ ବିଧାନସଭାର ସ୍ୱତନ୍ତ୍ର ବୈଠକ ଲାଗି ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନଙ୍କୁ ସମନ କରାଯାଇଛି। ଅର୍ଥାତ୍ ୧୧ଟାରେ ବାଚସ୍ପତି ଭୋଟ୍ ଅନୁଷ୍ଠିତ ହେବ। ଏହି ଅବସରରେ ଗୃହରେ ସମସ୍ତ ସଦସ୍ୟ ଉପସ୍ଥିତ ରହିବେ। ନୂଆ ବାଚସ୍ପତି ଦାୟିତ୍ୱ ନେବାକୁ ଯାଉଥିବା ବେଳେ ବିରୋଧୀ ଦଳର ସଦସ୍ୟଙ୍କୁ ଯେପରି ନିମନ୍ତ୍ରଣ କରିବା କଥା କରାଯାଇ ନାହିଁ ବୋଲି ଭାଜପା ଅଭିଯୋଗ କରିଥିବା ବେଳେ ଏଥିରେ ଯୋଗଦେବା ନେଇ ନିଷ୍ପତ୍ତି ନିଆଯାଇ ନ ଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି। ତେଣୁ ଉକ୍ତ ବୈଠକରେ ଯୋଗ ଦେବୁ ନା ନାହିଁ ସେକଥା ସୋମବାର ୯ଟାରେ ଏକ ବୈଠକ କରାଯିବ। ଅନ୍ୟପଟେ କଂଗ୍ରେସ କିନ୍ତୁ ଏହି ସ୍ୱତନ୍ତ୍ର ବୈଠକରେ ସାମିଲ ହେବ ବୋଲି ବିଧାୟକ ସନ୍ତୋଷ ସିଂ ସାଲୁଜା ଜଣାଇଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କୁ ଉପ ବାଚସ୍ପତି ରଜନୀକାନ୍ତ ସିଂ ଯାଇ ଗୃହକୁ ନିମନ୍ତ୍ରଣ କରି ଆସିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଏକ ମୋଶନ ଆଣିବେ। ଏହାପରେ ବାଚସ୍ପତିଙ୍କ ସପକ୍ଷରେ ମୁଖ୍ୟମନ୍ତ୍ରୀ ୨ରୁ ୩ ଲାଇନ କହିବେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହାକୁ ସମର୍ଥନ ଜଣାଇବେ। ଉପ ବାଚସ୍ପତି ବାଚନିକ ଭୋଟ କରିବେ। ଏହାପରେ ବାଚସ୍ପତିଙ୍କୁ ସମସ୍ତେ ସମର୍ଥନ ଜଣାଇବେ। ବାଚସ୍ପତିଙ୍କ ଉପରେ ମୁଖ୍ୟମନ୍ତ୍ରୀ ଏବଂ ଉପବାଚସ୍ପତି କିଛି କହିବେ। ବିରୋଧୀ ଦଳର ସଦସ୍ୟମାନେ ମଧ୍ୟ ଏହି ସମୟରେ ଉପସ୍ଥିତ ରହିବେ। ତେବେ ବିଜେଡି ବିଧାୟକ ବିକ୍ରମ କେଶରୀ ଆରୁଖ ବାଚସ୍ପତି ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିରୋଧୀଙ୍କ ପକ୍ଷରୁ କାହାକୁ ମଧ୍ୟ ବାଚସ୍ପତି ପ୍ରାର୍ଥୀ କରାଯାଇ ନାହିଁ।

# କଂଗ୍ରେସର ଜିଲାସ୍ତରୀୟ ନବ ସଙ୍କଳ୍ପ ଶିବିର


ଶିବିରରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତା।

ପୁରୀ ଅଫିସ, ୧୨।୬

ପୁରୀ ଜିଲା କଂଗ୍ରେସ କମିଟି ଆନୁକୂଲ୍ୟରେ ରବିବାର ଜିଲାସ୍ତରୀୟ ନବ ସଙ୍କଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। ଏକ ହୋଟେଲରେ ଜିଲା କଂଗ୍ରେସ ପ୍ରଭାରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ କିଭଳି ତୃଣମୂଳ ସ୍ତରରୁ କଂଗ୍ରେସକୁ ମଜଭୁତ୍ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଶିବିରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ରବି ସେଠୀ, କୃଷକ କଂଗ୍ରେସ ସଭାପତି ଅମିୟ ପଟ୍ଟନାୟକ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ଜିଲା ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା, ପିସିସି ମୁଖପାତ୍ର ନିଶିକାନ୍ତ ମହାପାତ୍ର, ସେବାଦଳ ସଭାପତି ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଓବିସି ସେଲ ସଭାପତି ପଞ୍ଚାନନ ମହାପାତ୍ର, ଜିଲା ପର୍ଯ୍ୟବେକ୍ଷକ ଜୟନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେହିପରି ନଗର କଂଗ୍ରେସ ସଭାପତି ଛବିନ୍ଦ୍ର ପଡ଼ିହାରୀ, ସଦର ବ୍ଲକ ସଭାପତି ଅବିନାଶ ମିଶ୍ର, ରାଜେଶ ମିଶ୍ର, ଜୟନାରାୟଣ ପଟ୍ଟନାୟକ, ସୁଜିତ୍ ମହାପାତ୍ର, ପ୍ରେମଜିତ୍ ମହାନ୍ତି, ଆଶୁତୋଷ ମିଶ୍ର, ସୁକାନ୍ତ ପ୍ରଧାନ, ଲଲାଟେନ୍ଦୁ ଦାସ, ସେକ୍ ସଫିକୁଦିନ (ଗୋପୀ), ବିଦ୍ୟୁଲତା ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଉମାପଦ ମିଶ୍ର, ବିଜୟ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ନୀଳ ପ୍ରଧାନ ଏବଂ ଭାଗିରଥି ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ମୌସୁମୀ ଅଧିବେଶନରେ ନବୀନଙ୍କ ଭର୍ଚୁଆଲ ଉପସ୍ଥିତିକୁ ନେଇ ଟୁଇଟ୍ ରାଜନୀତି

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

- ଭାଜପା କହିଲା ସତ ହୋଇଥିଲେ ସାଙ୍ଘାତିକ
- ବିଜେଡି କହିଲା କେନ୍ଦ୍ରମନ୍ତ୍ରୀ, ପ୍ରଧାନମନ୍ତ୍ରୀ କେମିତି ବିଦେଶ ଯାଆନ୍ତି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଦେଶ ଗସ୍ତ କାର୍ଯ୍ୟକ୍ରମକୁ ନେଇ ବିରୋଧୀ ଏବଂ ଶାସକ ଦଳ ନେତାଙ୍କ ମଧ୍ୟରେ ସମାଲୋଚନା ଆରମ୍ଭ ହୋଇଯାଇଛି। ଟୁଇଟ୍‌ରେ ଏହି କଳି ଏବେ ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ଆସନ୍ତା ମୌସୁମୀ ଅଧିବେଶନରେ ଭର୍ଚୁଆଲରେ ଯୋଗଦେବାର କାର୍ଯ୍ୟକ୍ରମ ଥିବା କଥା କହି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସମାଲୋଚନା କରିଛନ୍ତି। ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଟୁଇଟ୍ କରି ଏହାର ଜବାବ ରଖିଛନ୍ତି।

ସମୀର ଟୁଇଟ୍ କରି କହିଛନ୍ତି, ଜୁଲାଇ ୨ରୁ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ସମୟରେ ମୁଖ୍ୟମନ୍ତ୍ରୀ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଅଧିବେଶନରେ ରହିପାରନ୍ତି ବୋଲି ଏକ ଖବର ଆସିଛି। ଯଦି ଏହା ସତ୍ୟ ତେବେ ସାଙ୍ଘାତିକ। ଗଣତନ୍ତ୍ରକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ବଜେଟ ଅଧିବେଶନରେ ପ୍ରତ୍ୟକ୍ଷ ଭାବେ ଗୃହରେ ରହିବା ଆବଶ୍ୟକ ବୋଲି ସମୀର କହିଛନ୍ତି। ସମୀରଙ୍କ ଟୁଇଟ୍‌କୁ ରିଟୁଇଟ୍ କରି ଲେନିନ୍ କହିଛନ୍ତି, ରାଜ୍ୟ ଭାଜପା ସଭାପତି ବିନା ତଥ୍ୟ ଆଧାରରେ ଏକ ନିର୍ଦ୍ଦିଷ୍ଟ ଖବରକୁ ନେଇ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଭାଜପା ସଭାପତି ବୋଧହୁଏ ଜାଣିନାହାନ୍ତି କେନ୍ଦ୍ର ସରକାରରେ କିପରି ଅନ୍ୟ ମନ୍ତ୍ରୀମାନେ ଏବଂ ପ୍ରଧାନମନ୍ତ୍ରୀ ଦେଶର ବୃହତ ସ୍ୱାର୍ଥ ଲାଗି ବାହାରକୁ ଯାଆନ୍ତି। ସେନେଇ ସମୀର ଥରେ ଅନୁଧ୍ୟାନ କରିବା ଦରକାର ବୋଲି ସେ କହିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୦୩,୪୯,୩୧୯ | ୬୩,୩୧,୨୬୮ | ୫୧,୫୫,୬୨,୮୧୭ |
| ଭାରତ | ୪,୩୨,୨୨,୦୧୭ | ୫,୨୪,୭୬୧ | ୪,୨୬,୫୨,୭୪୩ |
| ଓଡ଼ିଶା | ୧୨,୮୮,୬୩୯ | ୯୧୨୬(+୫୩) | ୧୨,୭୯,୩୨୪ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ମୃତ ଭାବି ନଦୀରେ ଫିଙ୍ଗି ଦେଲେ

■ ୧୨ ଘଣ୍ଟା ପରେ ଉଦ୍ଧାର ହେଲେ
■ ଜମିଜମା ବିବାଦରୁ ବଡ଼ ଭାଇଙ୍କୁ ମରଣାନ୍ତକ ଆକ୍ରମଣ

**ବାରିପଦା ଅଫିସ,୧୨।୬:** ଜମିଜମା ବିବାଦରୁ ସାନ ଭାଇଙ୍କ ପରିବାର ଲୋକେ ବଡ଼ ଭାଇଙ୍କୁ ପ୍ରଥମେ ମରଣାନ୍ତକ ଆକ୍ରମଣ କରି ପରେ ମୃତ ଭାବି ପଥର ବାନ୍ଧି ନଦୀକୁ ଫିଙ୍ଗି ଦେବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ୧୨ ଘଣ୍ଟା ପରେ ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଯଶିପୁର ଥାନା ଗୁଡୁଗୁଡ଼ିଆ ପଞ୍ଚାୟତ ସାହାରାପାଟ ଗ୍ରାମରେ। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତି ୧୦ଟାରେ ଦୁଇ ଭାଇ ତ୍ରିଲୋଚନ ଦେହୁରୀ ଓ ସର୍ବେଶ୍ୱର ଦେହୁରୀଙ୍କ ମଧ୍ୟରେ ଜମିଜମାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସର୍ବେଶ୍ୱର, ତାଙ୍କ ସ୍ତ୍ରୀ ସୁନା ଓ ପୁଅ ଶୁକ ମିଳିତ ଭାବେ ବଡ଼ଭାଇ ତ୍ରିଲୋଚନଙ୍କୁ ଏକ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ତ୍ରିଲୋଚନଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ରକ୍ତସ୍ରାବ ହୋଇଥିଲା। ତାଙ୍କର ମୃତ୍ୟୁ ହୋଇ ଯାଇଥିବା ସନ୍ଦେହରେ ସାନ ଭାଇଙ୍କ ପରିବାରେ ଲୋକେ ତ୍ରିଲୋଚନଙ୍କ ହାତକୁ ରଶିରେ ବାନ୍ଧି ଏକ ପଥର ଝୁଲାଇ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ରବିବାର ପୂର୍ବାହ୍ନରେ ଗାଁ ଲୋକେ କ୍ଷତାକ୍ତ ଅବସ୍ଥାରେ ତ୍ରିଲୋଚନ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଯଶିପୁର ଡାକ୍ତରଖାନାରେ ଭର୍ତ୍ତି କରିଛି।

### କୋମ୍ବିଂ ବେଳେ ବାଇକ୍‌ରୁ ଖସିପଡ଼ି ବିଏସ୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ମୃତ୍ୟୁ

**କାଲିମେଲା/ଏମ୍‌ଭି-୭୯, ୧୨।୬ (ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ପିଭି-୨୧ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। କୋମ୍ବିଂ ଅପରେଶନକୁ ଯାଉଥିବା ବେଳେ ବାଇକରୁ ଖସିପଡି ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ରାକେଶ କୁମାର (୪୮)। ତାଙ୍କ ଘର ରାଜସ୍ଥାନରେ। ଏମପିଭି-୨୧ସ୍ଥିତ ବିଏସ୍‌ଏଫ୍-୭୬ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ରାଜେଶ କାର୍ଯ୍ୟରତ ଥିଲେ। ରବିବାର ଭୋର ୩ଟାରେ ସେ ସାଥୀ ଯବାନମାନଙ୍କ



ସହ କୋମ୍ବିଂ ଅପରେଶନରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ଏମପିଭି-୨୧ରେ ଥିବା ବିଏସ୍‌ଏଫ୍ କ୍ୟାମ୍ପକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ କାଲିମେଲା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ରାଜସ୍ଥାନର ଆଲୁଅର ଅଞ୍ଚଳରେ। ରବିବାର ତାଙ୍କ ମୃତଦେହ ରାଜସ୍ଥାନ ପଠାଯିବା ବ୍ୟବସ୍ଥା ହୋଇଛି। ତେବେ ବାଇକ୍‌ରେ କୋମ୍ବିଂକୁ ଯାଉଥିବା ବେଳେ କିଭଳି ଦୁର୍ଘଟଣା ହେଲା ତଦନ୍ତ ପରେ ତାହା ଜଣାପଡିବ ବୋଲି ବିଏସ୍‌ଏଫ୍‌ର ଜଣେ ଅଧିକାରୀ କହିଛନ୍ତି।



ନୂଆ ପିସିସି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରବିବାର ଧରିତ୍ରୀ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସିଥିବା ଶରତ ପଟ୍ଟନାୟକଙ୍କୁ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଧରିତ୍ରୀ ପରିବାରର ସଦସ୍ୟ ବୃନ୍ଦ ଶୁଭେଚ୍ଛା ଜଣାଉଛନ୍ତି।

# ପ୍ରକଳ୍ପ ପାଇଁ ସିଧା କିଣାଯିବ ଜମି

## ଅନୁଗୋଳ-ଡୁବୁରୀ-ସୁକିନ୍ଦା ନୂତନ ରେଳ ଲାଇନ

■ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ
■ ଫୋକସ୍‌ରେ ଅନୁଗୋଳ, ଢେଙ୍କାନାଳ ଜିଲାର ୧୧.୩୧୫ ଏକର ଜମି

**ଯାଜପୁର ଅଫିସ,୧୨।୬**

ଜମି ଅଧିଗ୍ରହଣରେ ତତ୍ପରତା ଅଭାବରୁ ରାଜ୍ୟରେ ଏକାଧିକ ନୂଆ ରେଳ ଲାଇନ ଏବଂ ସମ୍ପ୍ରସାରଣ ପ୍ରକଳ୍ପର ଅଗ୍ରଗତି ନୈରାଶ୍ୟଜନକ ରହିଛି। ସେଥିମଧ୍ୟରୁ ଯାଜପୁର, ଅନୁଗୋଳ ଏବଂ ଢେଙ୍କାନାଳ ଜିଲା ଦେଇ ନିର୍ମାଣାଧୀନ ନୂତନ ରେଳ ଲିଙ୍କ୍ ଅନୁଗୋଳ-ଡୁବୁରୀ-ସୁକିନ୍ଦା ପ୍ରକଳ୍ପ ଅନ୍ୟତମ। ତେଣୁ ୧୧.୩୧୫ ଏକର ବେସରକାରୀ ଜମି ସିଧାସଳଖ ପ୍ରଜାଙ୍କ ସହ ଆଲୋଚନା ଓ ଚୁକ୍ତି କରି କିଣିବାକୁ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଅନୁଗୋଳ ଏବଂ ଢେଙ୍କାନାଳ ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ପ୍ରକ୍ରିୟା ସଫଳ ହେଲେ ନିର୍ଦ୍ଧାରିତ ସମୟ ଆସନ୍ତା ଡିସେମ୍ବର ୨୦୨୨ ସୁଦ୍ଧା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରେ ବୋଲି ରେଲୱେ ପକ୍ଷରୁ ଆଶା କରାଯାଉଛି।

ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସମ୍ପୃକ୍ତ ଜିଲାପାଳମାନଙ୍କୁ ଦିଆଯାଇଥିବା ପତ୍ରରେ ସୁକିନ୍ଦା-ଅନୁଗୋଳ ପ୍ରକଳ୍ପକୁ ରେଳ ମନ୍ତ୍ରଣାଳୟ ଅତି ଗୁରୁତ୍ୱପୂର୍ଣ୍ଣ ମନେ କରେ ବୋଲି ଦର୍ଶାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ଏହି ନୂତନ ରେଳ ଲାଇନ ପ୍ରକଳ୍ପ ତାଳଚେର କୋଇଲା ଖଣି ଏବଂ କଳିଙ୍ଗନଗର ଇସ୍ପାତ ଶିଳ୍ପାଞ୍ଚଳ ସହ ସଂଯୋଗ କରୁଛି। ଏହାବାଦ ଦୈତାରୀ-ବାଂଶପାଣି ଲୁହାପଥର ଖଣି ଏବଂ ଅନୁଗୋଳ ଇସ୍ପାତ ଶିଳ୍ପାଞ୍ଚଳ ସହ ସଂଯୋଗ ରହିଛି। ଏହି ପରିପ୍ରେକ୍ଷୀରେ ଜମି ଅଧିଗ୍ରହଣ ଆଇନର ବିଭିନ୍ନ ପର୍ଯ୍ୟାୟକୁ ବାଦ୍ ଦେଇ ସିଧାସଳଖ ଜମି କିଣାଗଲେ ଖୁବ୍ କମ୍ ସମୟରେ କାର୍ଯ୍ୟ ଶେଷ ହେବ। ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଏଥିପାଇଁ ଏକ ଗାଇଡ୍ ଲାଇନ୍ ଜାରି କରି ସାରିଛନ୍ତି। ଏଥିରେ ଅନୁଗୋଳ ଜିଲାର ବଅଁରପାଳ ତହସିଲ ଅନ୍ତର୍ଗତ ବୁଢାପଙ୍କ ଗ୍ରାମର ୩.୯୪ ଏକର, ମଝିକେଟା ଗ୍ରାମର ୨.୩୦୦ ଏକର ଓ ପଣ୍ଡରାଭରନିଆ ଗ୍ରାମର ୦.୭୨୦ ଏକର, ତାଳଚେର ତହସିଲର ଖୋଲୁଅ ଗ୍ରାମର ୦.୯୮ ଏକର ଓ ଲିଙ୍ଗରକଟା ଗ୍ରାମର ୨.୨୬୫ ଏକର ଜମି କିଣିବାକୁ ପ୍ରସ୍ତାବ ରହିଛି। ସେହିପରି



ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଅନ୍ତର୍ଗତ କମଲଙ୍ଗା ଗ୍ରାମର ୧.୧୧୦ ଏକର ଜମି କିଣିବାକୁ ନିର୍ଦ୍ଦେଶ ହୋଇଛି।

ଏହି ନୂତନ ରେଳ ଲାଇନ ପ୍ରକଳ୍ପରେ ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାର ୧୨୭ ଗ୍ରାମର ଜମି ଅଧିଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ସେଥିରୁ ଯାଜପୁର ଜିଲାର ୧୭ ସମେତ ଅତିରିକ୍ତ ୪, ଅନୁଗୋଳ ଜିଲାର ୧୦ ଓ ଅତିରିକ୍ତ ୩ ଗ୍ରାମ ଏବଂ ଢେଙ୍କାନାଳ ଜିଲାର ୭୧ ଗ୍ରାମ ସମେତ ଅତିରିକ୍ତ ୨୨ ଗ୍ରାମର ଜମି ୨୦୧୯ରୁ ରେଲୱେକୁ ହସ୍ତାନ୍ତର ହୋଇସାରିଛି। ତେବେ ଇଷ୍ଟକୋଷ୍ଟ ରେଲୱେର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ସିଧାସଳଖ ଜମି କିଣିବାକୁ ଏହି ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ(ଏଲ୍‌ଏଓ)ଙ୍କୁ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗର ଅନୁ ସଚିବ ଦୁର୍ଗାଚରଣ ସାହୁ ଗତ ୭ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ୧୧ଟି ରେଳପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁରହିଛି। ଏଥିପାଇଁ ପ୍ରାୟ ୨୮୪୮ ଏକର ଜମି ଅଧିଗ୍ରହଣ ବାକି ରହିଛି। ସେଥିରୁ ବଲାଙ୍ଗୀର-ଖୋର୍ଦ୍ଧାରୋଡ ପ୍ରକଳ୍ପ ମଞ୍ଜୁର ହେବାର ୨୬ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏହାର ଅଗ୍ରଗତି ନୈରାଶ୍ୟଜନକ ରହିଛି, ଯାହାକି ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ ଏହାର ସମାଧାନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ବୈଠକ ବସୁଥିଲେ ହେଁ କିଛି ସୁଫଳ ମିଳି ପାରୁ ନାହିଁ। ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ବିବାଦ ଯୋଗୁ ଅଧାରେ ଅଟକିଥିବା ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ସମୟରେ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲେ ହେଁ ତାହା କେବଳ କାଗଜ କଲମରେ ସୀମିତ ରହୁଛି। ଗତ ବିଧାନସଭାର ରିପୋର୍ଟ ଅନୁସାରେ ଏହି ପ୍ରକଳ୍ପ ପାଇଁ ବୌଦ୍ଧ ଜିଲାର ୩୧୨.୨୮ ଏକର ଏବଂ ନୟାଗଡ଼ ଜିଲାର ୨୧୨.୫୨ ଏକର ଜମି ଅଧିଗ୍ରହଣ ବାକି ରହିଛି। ତେଣୁ ଅନୁଗୋଳ-ଡୁବୁରୀ-ସୁକିନ୍ଦା ନୂତନ ରେଳ ଲାଇନ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ବିବାଦୀୟ ସ୍ଥାନରେ ସିଧାସଳଖ ଜମି କିଣିବାକୁ ରେଲୱେ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସ୍ପଷ୍ଟ ହେଉଛି।

### ଭିଜିଲାନ୍ସ ଜାଲରେ ବିଇଓ ଅଫିସ କିରାଣି

**ଆସିକା,୧୨।୬(ଡି.ଏନ.ଏ)**

ଗଞ୍ଜାମ ଜିଲା ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଅଫିସର ଜଣେ କିରାଣି ରବିବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ସେ ହେଲେ ମନୋଜ କୁମାର ପ୍ରଧାନ। ଆସିକା ବସଷ୍ଟାଣ୍ଡଠାରେ ଅବସରପ୍ରାପ୍ତ ଶିକ୍ଷକ ନବଘନ ଗୌଡଙ୍କଠାରୁ ସେ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ ତାଙ୍କଠାରୁ ଉକ୍ତ ଟଙ୍କା ଜବତ କରିଥିଲା। ପରେ ଭିଜିଲାନ୍ସ ଟିମ୍ ଆସିକା ବିଇଓ କାର୍ଯ୍ୟାଳୟରେ ପହଞ୍ଚି ମନୋଜଙ୍କ ଅଫିସ ଆଲମାରିରୁ ନବଘନଙ୍କ ଅଭିଯୋଗ ସମ୍ପର୍କିତ କାଗଜପତ୍ର ଜବତ କରିଛନ୍ତି। ଏଥିସହ ମନୋଜଙ୍କ ଆସିକା ବାଣୀବିହାରସ୍ଥିତ ଭଡ଼ାଘରେ ମଧ୍ୟ ଯାଞ୍ଚ ଚାଲିଛି।

ଆସିକା ବ୍ଲକ କେଶରାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକ



ମନୋଜ କୁମାର ପ୍ରଧାନ

ନବଘନଙ୍କୁ ଗୋଟିଏ ଇନକ୍ରିମେଣ୍ଟ ଏ ଯାଏ ମିଳିନାହିଁ। ୨୦୧୯ ସେପ୍ଟେମ୍ବରରୁ ସେ ଏହି ପ୍ରାପ୍ୟ ସେ ପାଇଥାନ୍ତେ। ଗତ ଏପ୍ରିଲ ୩୦ରେ ଶିକ୍ଷକ ଜଣକ ଚାକିରିରୁ ଅବସର ନେଲେଣି। ବକେୟା ପ୍ରଦାନ ଲାଗି ବାରମ୍ବାର ବିଇଓ ଅଫିସକୁ ଆସି ଅନୁରୋଧ କରିଥିଲେ ମଧ୍ୟ କାମ ହେଲା ନାହିଁ। ଏହି ଫାଇଲ ଦାୟିତ୍ୱରେ ଥିବା କିରାଣି ମନୋଜ ରବିବାର ତାଙ୍କୁ ବସଷ୍ଟାଣ୍ଡଠାରେ ଭେଟି ୫ ହଜାର ଟଙ୍କା ଦେଲେ ଇନକ୍ରିମେଣ୍ଟ ସମ୍ବନ୍ଧୀୟ କାଗଜପତ୍ର ଉପରିସ୍ଥ ଅଧିକାରୀଙ୍କୁ ପଠାଇବେ ବୋଲି କହିଥିଲେ। ନବଘନ ଏ ସମ୍ପର୍କରେ ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ଜଣାଇଥିଲେ। ଯୋଜନା ମୁତାବକ ଆସିକା ବସଷ୍ଟାଣ୍ଡରେ ମନୋଜଙ୍କୁ ସେ ଟଙ୍କା ଦେଲା ବେଳେ ଭିଜିଲାନ୍ସ ଟିମ୍ ତାହାକୁ ଜବତ କରିଥିଲା। ଭିଜିଲାନ୍ସ ଡିଏସ୍‌ପି ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ୩ ଇନ୍ସପେକ୍ଟର, ୩ ଏଏସଆଇ ଓ ୫ କର୍ମଚାରୀଙ୍କୁ ନେଇ ଭିଜିଲାନ୍ସ ଟିମ୍ ଚଢାଉରେ ସାମିଲ ଥିଲେ। ଏ ନେଇ ନଂ. ୮/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# ୨୦୨୫ ସୁଦ୍ଧା ଓଡ଼ିଶାକୁ ଶିଶୁ ଶ୍ରମମୁକ୍ତ ରାଜ୍ୟ ଲକ୍ଷ୍ୟ

**ଭୁବନେଶ୍ୱର, ୧୨।୬(ବ୍ୟୁରୋ)**

ଓଡ଼ିଶାକୁ ୨୦୨୫ ସୁଦ୍ଧା ଶିଶୁ ଶ୍ରମ ମୁକ୍ତ ରାଜ୍ୟ ଭାବରେ ଗଢ଼ିତୋଳିବା ପାଇଁ ଲକ୍ଷ୍ୟ ରହିଛି। ଏଥିପାଇଁ ସବୁ କ୍ଷେତ୍ରରେ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ କହିଛନ୍ତି। ରବିବାର ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶିଶୁ ଶ୍ରମ ଉଚ୍ଛେଦ ସମ୍ପର୍କରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନର କଡ଼ାକଡ଼ି ପାଳନ ସହ ଜିଲାସ୍ତରରେ ସମସ୍ତ ଅଧିକାରୀ ଶିଶୁ ଶ୍ରମ ନିରାକରଣ ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଉତ୍ସବ ଆରମ୍ଭ ପୂର୍ବରୁ ଗତ ୨୯ ତାରିଖରୁ ରାଜ୍ୟ ଓ ଜିଲା ସ୍ତରରେ ହୋଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମଗୁଡ଼ିକର ଏକ ଫଟୋ ଗ୍ୟାଲେରିକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏଥିସହିତ ବିଭିନ୍ନ ସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ପୋଷ୍ଟର, ଷ୍ଟିକର ଏବଂ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ଚଳଚ୍ଚିତ୍ର ମଧ୍ୟ ଉନ୍ମୋଚିତ ହୋଇଥିଲା। ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ଶ୍ରମିକ ଚିହ୍ନଟ ସହ ସେମାନଙ୍କ ପାଇଁ ଏକ ବିଶେଷ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ କେନ୍ଦୁଝର, ଖୋର୍ଦ୍ଧା, ଢେଙ୍କାନାଳ ଏବଂ ମୟୂରଭଞ୍ଜରୁ ଶିଶୁ ଶ୍ରମିକ କ୍ଷେତ୍ରରୁ ଉଦ୍ଧାର ହୋଇ ସମାଜର ମୁଖ୍ୟସ୍ରୋତକୁ ଫେରି କୃତକାର୍ଯ୍ୟ ହୋଇଥିବା କେତେଜଣ ଛାତ୍ର ଏବଂ ଯୁବକ ମଧ୍ୟ ସାମିଲ ହୋଇଥିଲେ। ଶିକ୍ଷାର ଆବଶ୍ୟକତା ସହ ସରକାରଙ୍କ ତ୍ୱରିତ ପଦକ୍ଷେପ କିପରି ଜୀବନକୁ ନୂତନ ଦିଗ୍‌ଦର୍ଶନ ଦିଏ ସେ ଦିଗରେ କହିଥିଲେ। କମିଶନର ତିରୁମାଲା ନାଏକ ସ୍ୱାଗତ ଭାଷଣ ଦେବା ସହ ଆଇନର ବିଭିନ୍ନ ଦିଗ ଓ ଦଣ୍ଡବିଧାନ ସମ୍ପର୍କରେ ଅବଗତ କରାଇଥିଲେ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଓଡ଼ିଶା ୟୁନିସେଫ୍ ମୁଖ୍ୟ ମୋନିକା ନେଲଶନ ଅତିଥି ଭାବରେ ଯୋଗଦେଇଥିଲେ। ସମସ୍ତ ଜିଲାର ଶ୍ରମ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ ଏବଂ ୧୬ ଜିଲାର ଶିକ୍ଷାଧିକାରୀ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଓ ମହିଳା ଏବଂ ଶିଶୁ ବିକାଶ ବିଭାଗର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।




ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ଅନ୍ୟ ଅତିଥିମାନେ ସଚେତନତା ପୋଷ୍ଟରକୁ ଉନ୍ମୋଚନ କରୁଛନ୍ତି।

# ମାଓବାଦୀ କ୍ୟାମ୍ପ ଠାବ, ବିଭିନ୍ନ ସାମଗ୍ରୀ ଜବତ

## ମହିଳା କ୍ୟାଡରଙ୍କୁ ଦିଆଯାଉଛି ଯୌନ ନିର୍ଯାତନା: ଏସ୍‌ପି

**ଫୁଲବାଣୀ ଅଫିସ,୧୨।୬**

କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଅନ୍ତର୍ଗତ ଶଶିକେତା ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି। ଜିଲା ପୋଲିସ ଏବଂ ଯବାନମାନେ କୋମ୍ବିଂ ଅପରେଶନ ଚଳାଇଥିବା ବେଳେ ଉକ୍ତ କ୍ୟାମ୍ପ ଠାବ କରିଥିଲେ। ସେଠାରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଜବତ ସମଗ୍ରୀ ମଧ୍ୟରେ ବିପୁଳ ପରିମାଣର ଗର୍ଭ ନିରୋଧକ ବଟିକା ଓ ଗର୍ଭ ପରୀକ୍ଷଣ କିଟ୍ ରହିଛି। ଏଥିରୁ ମାଓବାଦୀ କ୍ୟାମ୍ପଗୁଡ଼ିକରେ ମହିଳା କ୍ୟାଡରମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ସ୍ପଷ୍ଟ ହେଉଛି ବୋଲି କନ୍ଧମାଳ ଏସ୍‌ପି ବିନିତ ଅଗ୍ରୱାଲ ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି ଯେ, ମାଓବାଦୀ ଚଳପ୍ରଚଳ ନେଇ ନିର୍ଭରଯୋଗ୍ୟ ସୂତ୍ରରୁ ଖବରପାଇ ପୋଲିସ,ଏସ୍‌ଓଜି ଏବଂ ଡିଭିଏଫ ଯବାନଙ୍କ ଦ୍ୱାରା ମିଳିତ କୋମ୍ବିଂ ଅପରେଶନ କରାଯାଇଥିଲା। ଶଶିକେତା ଗ୍ରାମଠାରୁ ପ୍ରାୟ ଦୁଇ କି.ମି. ଦୂର ଜଙ୍ଗଲ ମଧ୍ୟରେ ଥିବା ଏକ



ଜବତ ସାମଗ୍ରୀ

ଗୁମ୍ଫାରେ ମାଓବାଦୀମାନେ ବିଭିନ୍ନ ସାମଗ୍ରୀ ଲୁଚାଇ ରଖିଥିବା ଦେଖାଯାଇଥିଲା। ସେ ସବୁକୁ ଜବତ କରାଯାଇଛି। ସେଥିମଧ୍ୟରେ ୧୭ଟି ଜିଲୋଟିନ ଷ୍ଟିକ୍, ହାତ ତିଆରି ଇନସାସ ମାଗାଜିନ, ବହୁତ ଅପ୍ରସ୍ତୁତ ମାଗାଜିନ, ୟୁନିଫର୍ମ, ଔଷଧ, ଗର୍ଭ ନିରୋଧକ ବଟିକା, ସୋଲାର ପ୍ଲେଟ, ମାଓବାଦୀ ପୁସ୍ତିକା, ଚପଲ ଆଦି ରହିଛି। ମାଓବାଦୀମାନେ ନିକଟବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଅଛନ୍ତି। ହେଲେ କେହି ହାବୁଡ଼ରେ ପଡ଼ିନାହାନ୍ତି। ଜିଲାରେ ଲାଲ ବାହିନୀର କେକେବିଏନ୍ ସଙ୍ଗଠନ କାର୍ଯ୍ୟ କରୁଥିବା ଏସ୍‌ପି ପ୍ରକାଶ କରିଛନ୍ତି। ମାଓବାଦୀ କ୍ୟାମ୍ପ ଠାବ ହେବା ପରେ ଆଖପାଖ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି।

### ଆମ୍ବୁଲାନ୍ସ ପଛକୁ ଧକ୍କା ଦେଲା କାର୍: ମହିଳାଙ୍କ ମୃତ୍ୟୁ

**ବୋଲଗଡ଼,୧୨।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ତଥା ବେଗୁନିଆ ଥାନା ଅଧୀନ ୫୭ ନମ୍ବର ଜାତୀୟ ରାଜପଥର ଟିକାତଳ ଗ୍ରାମ ନିକଟରେ ଏକ ଆମ୍ବୁଲାନ୍ସ ପଛପଟୁକୁ କାର୍ ଧକ୍କା ଦେବା ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ଥାନା ଅଧୀନ କପାସିଆ ଗ୍ରାମର ସାବିତ୍ରୀ ମାନସିଂହ(୫୦)। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ସାବିତ୍ରୀ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଚିକିତ୍ସିତ ହୋଇ ଆମ୍ବୁଲାନ୍ସରେ ପରିବାର ଲୋକଙ୍କ ସହିତ ଘରକୁ ଫେରୁଥିଲେ। ଟିକାତଳ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ଆମ୍ବୁଲାନ୍ସ ପଛପଟକୁ ଧକ୍କା ଦେଇଥିଲା। ଫଳରେ ସାବିତ୍ରୀଙ୍କ ମୁଣ୍ଡରେ ଆଘାତ ଲାଗି ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଖବରପାଇ ବେଗୁନିଆ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ରବିବାର ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# କୂଅରୁ ମାଙ୍କଡ଼କୁ ଉଦ୍ଧାର କରିବାକୁ ଯାଇ ଜଣେ ମୃତ

## ଶ୍ୱାସରୁଦ୍ଧରୁ ଗଲା ଜୀବନ, ଆଉ ଜଣେ ଗୁରୁତର

**ବୌଦ୍ଧ/କଣ୍ଟାମାଳ/ବାଉଁଶୁଣୀ, ୧୨।୬ (ସ୍ୱ.ପ୍ର./ଡି.ଏନ୍.ଏ.)**

ରବିବାର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ତୁଳସୀକଟା ଗାଁରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଉକ୍ତ ଗ୍ରାମର ଏକ କୂଅରୁ ମାଙ୍କଡ଼କୁ ଉଦ୍ଧାର କରିବାକୁ ଯାଇ ଶ୍ୱାସରୁଦ୍ଧ ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ କାଳୀଚରଣ ବାଙ୍କ (୪୫)।

ମିଳିଥିବା ସୂଚନା ମୁତାବକ, ପୂର୍ବାହ୍ନରେ ଶିମିଳିପଦର ପଞ୍ଚାୟତ ଅଧୀନ ତୁଳସୀକଟା ଗ୍ରାମର ହିମାଂଶୁ ପ୍ରଧାନଙ୍କ କୂଅରେ ଏକ ମାଙ୍କଡ଼ ପଡ଼ିଯାଇଥିଲା। ମାଙ୍କଡ଼ଟି କୂଅରୁ ବାହାରି ପାରି ନ ଥିଲା। ଏହା ଦେଖି ଗ୍ରାମର କାଳୀଚରଣ ବାଙ୍କ ମାଙ୍କଡ଼କୁ ଉଦ୍ଧାର କରିବାକୁ କୂଅ ଭିତରକୁ ପଶିଥିଲେ। କିନ୍ତୁ ସେ ପାଣି ନିକଟରେ ପହଞ୍ଚିବା ପରେ ଶ୍ୱାସରୁଦ୍ଧ ହୋଇ କଥା କହି ପାରି ନ ଥିଲେ। ଏହାଦେଖି କିର୍ଲା ଗ୍ରାମର ଲାଲ ମୋହନ ରଣା (୫୮) କୂଅ ଭିତରକୁ ପ୍ରବେଶ କରିଥିଲେ। ତାଙ୍କର ଅବସ୍ଥା



ଚିକିତ୍ସାଧୀନ ଲାଲମୋହନ।

ମଧ୍ୟ କାଳୀଚରଣଙ୍କ ଭଳି ହୋଇଥିଲା। ଏହାପରେ ସେଠାରେ ଉପସ୍ଥିତ ଥିବା କଳାକୃଷ୍ଣ ଝାଙ୍କର ସେମାନଙ୍କୁ ଉଦ୍ଧାର କରିବାକୁ କୂଅ ଭିତରକୁ ଯାଇ ଆଉ ଫେରି ନ ଥିଲେ। ଫଳରେ ଗାଁ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଗାଁରେ ପହଞ୍ଚି ୩ ଜଣ ବ୍ୟକ୍ତି ଓ ମାଙ୍କଡକୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ କଳାକୃଷ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ବେଳେ କାଳୀଚରଣ ଓ ଲାଲ ମୋହନଙ୍କ ଅବସ୍ଥା ଗୁରୁତର ଥିଲା। ଉଭୟଙ୍କୁ ସୋନପୁର ମେଡିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କାଳୀଚରଣଙ୍କ ମୃତ୍ୟୁ ଘଟିଥିଲା। ଲାଲମୋହନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କୂଅଟି ୫ ଫୁଟ ଗୋଲେଇର ହୋଇଥିବା ବେଳେ ଏହା ଉପରେ ଢାଙ୍କୁଣୀ ଥିଲା। କିନ୍ତୁ ପାଣି ବାହାର କରିବାକୁ ଯେଉଁ ଅଧା ଢାଙ୍କୁଣୀ ଖୋଲା ଥିଲା ସେହି ବାଟରେ ମାଙ୍କଡ଼ଟି ପଡ଼ିଯାଇଥିଲା। ପ୍ରବଳ ଗରମ ପଡ଼ିଥିବା ବେଳେ କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ମୃତ କାଳୀଚରଣଙ୍କ ସ୍ତ୍ରୀ ଓ ଏକମାତ୍ର ୧୬ ବର୍ଷର ପୁତ୍ର ଅଛନ୍ତି। ଏହି ଘଟଣା ଗାଁରେ ଶୋକର ଛାୟା ଖେଳାଇ ଦେଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଇର ପକାଇ ପାନ ଭାଙ୍ଗିଛି**
**ଗୋରୀ ହାତ ପାନ ନୁହଁ**
**ଗୋରୀ ହାତ ପାନ ଖଣ୍ଡିଏ ଖାଇଲେ**
**ମହକି ଉଠଇ ଦିହ।**

ଯାହା ସହ ଯାହାର ମନ ଥରେ ମିଶିଯାଏ ସେ ତା' ମନରେ ଘର କରିଯାଏ। ସୟନେ ସପନେ ଜାଗରଣେ କେବଳ ତା'ରି ମୁହଁ ଦେଖାଯିବା ସହ ତା' କଥା ଦିନରାତି ଭାବି ହେଉଥାଏ। ପ୍ରେମିକାର ହାତ ଭଙ୍ଗା ପାନର ସୁଆଦ ନିଆରା। ପ୍ରେମିକା ସ୍ମୃତିରେ ଅଧୀର ହୋଇପଡୁଥିବା ପ୍ରେମିକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଣ୍ଡି ଗୁଣିଆର ବହୁତ ସରେ**
**ଚାକୁଣ୍ଡା ଶାଗରେ ମରିଚ ଅଡେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ଅନ୍ୟ ଆଡେ ବହୁ ଖର୍ଚ୍ଚ ଅଥଚ ଖାଦ୍ୟ ସଙ୍ଗେ କୃପଣତା ଦେଖାଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଦଇତାପତି-ଚୂନରା ସେବାୟତ ମୁହାଁମୁହିଁ

## ବାନା ବନ୍ଧାକୁ ନେଇ ବିବାଦ

- ଶ୍ରୀମନ୍ଦିର ନୀତିକାନ୍ତି ବିଳମ୍ବ
- ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ

**ପୁରୀ ଅଫିସ,୧୨।୬**

ଶ୍ରୀମନ୍ଦିରରେ ଦଇତାପତି ସେବାୟତମାନେ ସୋମବାରଠାରୁ ସେନାପଟା ନୀତି ସମ୍ପାଦନ କରିବେ। ଏଥିଲାଗି ପରମ୍ପରା ଅନୁଯାୟୀ, ରବିବାର ଶ୍ରୀମନ୍ଦିରରେ ଦଇତା ପ୍ରବେଶ ହୋଇଛି। ତେବେ ଅପରାହ୍ଣରେ ବାନା ବିକ୍ରିକୁ ନେଇ ଦଇତାପତି ଓ ଚୂନରା ସେବାୟତଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବାରୁ ନୀଳଚକ୍ରରେ ବାନା ବନ୍ଧା କାର୍ଯ୍ୟକ୍ରମରେ ୧ଘଣ୍ଟା ବିଳମ୍ବ ଘଟିଛି। ଜିଲାପାଳଙ୍କ ହସ୍ତକ୍ଷେପ ସତ୍ତ୍ୱେ ବିବାଦ ସମାଧାନ ହୋଇପାରିନାହିଁ। ତେବେ ରାତି ପ୍ରାୟ ୯ଟାରେ ଚୂନରା ସେବାୟତମାନେ ଦଇତାପତି ସେବାୟତଙ୍କୁ ୧୪ହାତିଆ ବାନା ସହ ସମସ୍ତ ବାନା ହସ୍ତାନ୍ତର କରିଛନ୍ତି। ଅନ୍ୟପକ୍ଷରେ ନୀତି ବିଳମ୍ବ ଯୋଗୁ ଦାରୁଦିଅଁଙ୍କ ଦର୍ଶନ ପାଇଁ ଅପେକ୍ଷାରତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ଗୁଳୁଗୁଳି ଓ ଗରମ କାରଣରୁ କେତେଜଣ ଶ୍ରଦ୍ଧାଳୁ ଅଚେତ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା।

ମୁଖ୍ୟତଃ ଚୂନରା ସେବାୟତମାନେ ବର୍ଷତମାମ୍ ନୀଳଚକ୍ର ଉପରକୁ ଚଢ଼ି ବାନା ବାନ୍ଧନ୍ତି ଓ ବାନା ଓଲାଗି କରିଥାନ୍ତି। ପାଉଣା ବାବଦକୁ ଚୂନରାମାନେ ବାନା ବିକ୍ରି କରି ଅର୍ଥ ଉପାର୍ଜନ କରନ୍ତି। ୧ ହାତିଆଠାରୁ ଆରମ୍ଭ କରି ୧୩ ହାତିଆ ପର୍ଯ୍ୟନ୍ତ ବାନା ଶ୍ରଦ୍ଧାଳୁଙ୍କୁ ବିକ୍ରି କରିବା ଉଦ୍ଦେଶ୍ୟରେ ରଖାଯାଏ। ନିୟମ ମୁତାବକ, କେବଳ ୧୪ ହାତିଆ ବାନା ଶ୍ରୀମନ୍ଦିର ପ୍ରଶାସନକୁ ଚୂନରା ସେବାୟତମାନେ ହସ୍ତାନ୍ତର କରିଥାନ୍ତି। ରବିବାର ବାନା ବିକ୍ରିକୁ ନେଇ ଦଇତାପତି ଓ ଚୂନରା ସେବାୟତମାନେ ମୁହାଁମୁହିଁ ହୋଇଥିଲେ। ସମ୍ପ୍ରତି ଦଇତାପତିମାନେ ମହାପ୍ରଭୁଙ୍କ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଗୁପ୍ତନୀତି ଓ ଅନ୍ୟ ନୀତିକାନ୍ତି ସମ୍ପାଦନ କରିବେ। ଏଣୁ ବାନା ବିକ୍ରି ଅଧିକାର ସେମାନଙ୍କୁ ମିଳୁ ବୋଲି ଦାବି କରି ଦଇତାପତି ସେବାୟତମାନେ ବାନା ନେବାକୁ ଅଡ଼ିବସିଥିଲେ। ଅନ୍ୟପକ୍ଷରେ ବାନା ବିକ୍ରି ଓ ବାନ୍ଧିବା ସେମାନଙ୍କ ଅଧିକାର ବୋଲି ଚୂନରା ସେବାୟତମାନେ କହି ବାନା ନ ଦେବାକୁ ଜିଦ୍ ଧରିଥିଲେ। ବାନା ବନ୍ଧା ସରିଥିଲେ ମଧ୍ୟ ତାହାକୁ ଓଲାଗି କରି ଚୂନରା ସେବାୟତମାନେ ଶ୍ରୀମନ୍ଦିର ତଳକୁ ଓହ୍ଲାଇ ନ ଥିଲେ। ଏଭଳି ସ୍ଥିତି ଯୋଗୁ ଅପରାହ୍ଣ ୫ଟାରେ ବାନା ବନ୍ଧାଯିବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ୧ ଘଣ୍ଟା ବିଳମ୍ବ ଅର୍ଥାତ ସନ୍ଧ୍ୟା ୬ଟାରେ ସମ୍ପନ୍ନ ହୋଇଥିଲା। ସେହିପରି ମହାପ୍ରଭୁଙ୍କ ନୀତିକାନ୍ତିରେ ମଧ୍ୟ ବିଳମ୍ବ ହୋଇଥିଲା। ଖବର ପାଇ ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଶ୍ରୀମନ୍ଦିରକୁ ଯାଇ ଉଭୟ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ମାତ୍ର କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ତେଣୁ ସୋମବାର ଉଭୟ ପକ୍ଷଙ୍କ ସହ ପ୍ରଶାସନ ଆଲୋଚନା କରିବ ବୋଲି ଜିଲାପାଳ କହି ଫେରିଯାଇଥିଲେ। ଏହାପରେ ରାତି ପ୍ରାୟ ୯ଟାରେ ଦଇତାପତି ସେବାୟତଙ୍କୁ ଚୂନରା ସେବାୟତମାନେ ସମସ୍ତ ବାନା ଦେଇଥିଲେ। ଏନେଇ ଚୂନରା ସେବାୟତ ଶରତ ମହାନ୍ତି କହିଛନ୍ତି, ବାନା ବାନ୍ଧିବା ଓ ଓଲାଗି କରିବା ଦାୟିତ୍ୱ ଆମର। ମାତ୍ର ଦଇତାପତି ଭିତରକାଠ ଓ ବାହାର କାଠରେ ଅମୁଣିହା ବାନା ବିକ୍ରି କରୁଛନ୍ତି। ଓଲାଗି ବାନା ନେବାକୁ ମଧ୍ୟ ଜିଦ୍ ଧରିଛନ୍ତି। ଅନ୍ୟପକ୍ଷେ ଦଇତାପତି ବିନାୟକ ଦାସମହାପାତ୍ର କହିଛନ୍ତି, ଦୁଇ ସେବାୟତ ବର୍ଗଙ୍କ ମଧ୍ୟରେ ଏହି ବିବାଦର ସମାଧାନ କରାଯିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ପାଳ ପୋଡୁପୋଡୁ ପାଇପ୍ ଜଳିଗଲା



ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁ ଲିଭାଇବାକୁ ଉଦ୍ୟମ କରୁଛନ୍ତି ।

**ସୋନପୁର/ଡୁଙ୍ଗୁରିପାଲି,୧୨।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲଙ୍ଗଳକଟା ଛକରେ ଏକ ଠିକାସଂସ୍ଥା ପକ୍ଷରୁ ଗଚ୍ଛିତ ରଖାଯାଇଥିବା ପାଇପରେ ରବିବାର ନିଆଁ ଲାଗି ଯାଇଥିଲା। ଏଥିଯୋଗୁଁ ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ୍ ପାଇପ୍ ପୋଡ଼ି ପାଉଁଶ ହୋଇଯାଇଛି। ରାମପୁର ଓ ଡୁଙ୍ଗୁରିପାଲି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ନାକେଦମ ହୋଇଥିଲେ। ପ୍ରାୟ ଅଢ଼େଇ ଘଣ୍ଟା ପରେ ନିଆଁକୁ ନିୟନ୍ତ୍ରଣାଧୀନ କରାଯାଇଥିଲା। ରବି ଧାନ ଚାଷ ଅମଳ ପରେ ଚାଷୀମାନେ ସାଧାରଣତଃ ଜମିରେ ଥିବା ଶୁଖିଲା ପାଳରେ ନିଆଁ ଲଗାଇ ଦେଇଥାନ୍ତି। ଏହି ନିଆଁ ଗଚ୍ଛିତ ଥିବା ପ୍ଲାଷ୍ଟିକ୍ ପାଇପ୍ ସଂସ୍ପର୍ଶରେ ଆସି ଯାଇଥିଲା। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଥିଲେ। ଅଞ୍ଚଳଟି ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା। ଲୋକେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଠିକାସଂସ୍ଥା ପକ୍ଷରୁ ଏ ନେଇ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

## ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ପାଇଁ ଗଚ୍ଛିତ ଥିଲା

ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ଜନସାଧାରଣଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଗତ ୨ବର୍ଷ ଧରି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଡୁଙ୍ଗୁରିପାଲି ବ୍ଲକର ସମସ୍ତ ୨୬ ପଞ୍ଚାୟତର ୭୧ ଗ୍ରାମ ଓ ବିନିକା ବ୍ଲକର ୯ ପଞ୍ଚାୟତର ୪୮ ଗ୍ରାମର ଅଧିବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ଲକ୍ଷ୍ୟ ରହିଛି। ମହାନଦୀର ମଣିଗାଁ ନିକଟରୁ ଜଳ ଉତ୍ତୋଳନ ପରେ ବିଶୋଧନ କରାଯାଇ ଏହି ପ୍ରକଳ୍ପରୁ ଦୈନିକ ୨୪ ମିଲିୟନ ଲିଟର ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୭୦୦ କିଲୋମିଟର ପାଇପ ଲାଇନ ବିଛା ଯିବା ସହ ୨୯ଟି ଓଭର ହେଡ୍ ଟାଙ୍କି ନିର୍ମାଣ କରାଯାଉଛି। ରାଜସ୍ଥାନ ଜୟପୁରର ଜୁବେରି ଇଞ୍ଜିନିୟରିଂ କମ୍ପାନୀ ଏଣ୍ଡ ନିକୋନ ପାୱାର ଇଣ୍ଡିଆ ନାମକ ସଂସ୍ଥା ଏହି କାମ କରୁଛି। ସଂସ୍ଥା ପକ୍ଷରୁ ଲଙ୍ଗଳକଟାରେ କାଷ୍ଟନ ପାଇପ୍ ଓ ପ୍ଲାଷ୍ଟିକ୍ ପାଇପ୍ ଗଚ୍ଛିତ କରି ରଖାଯାଇଥିଲା ।

## ପ୍ରଥମ ପୃଷ୍ଠାରୁ...

### ଭାରତ ହାରିଲା...

କ୍ଲାସେନ। ସେ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳି କ୍ୟାରିୟରର ୪ର୍ଥ ଟି୨୦ ଅର୍ଦ୍ଧଶତକ ହାସଲ କରିବା ସହ ଭାରତ ହାତରୁ ମ୍ୟାଚ ଛଡ଼ାଇ ନେଇଥିଲେ। ବାରବାଟୀ ପିଚ୍‌ରେ କିପରି ଖେଳିବାକୁ ହୁଏ ତା'ର ଉଦାହରଣ ଦେଖାଇଥିଲେ ଏହି ଉଇକେଟ କିପର/ବ୍ୟାଟର। ଏହା ବ୍ୟତୀତ ଆହତ କ୍ୱିଣ୍ଟନ ଡି'କକ୍‌ଙ୍କ ସ୍ଥାନରେ ପାଇଥିବା ସୁଯୋଗର ମଧ୍ୟ ସେ ସଦ୍‌ବ୍ୟବହାର କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର କୁମାର ୪ଟି ଓ ଯୁଜବେନ୍ଦ୍ର ଚହଲ ଓ ଆଭେଶ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଆରମ୍ଭରୁ ଝଟ୍‌କା**

ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଦଳର ତାରକା ପେସ୍ ବୋଲର କାଗିଶୋ ରାବାଡ଼ା। ସେ ପ୍ରଥମ ଓଭରର ୫ମ ବଲ୍‌ରେ ଋତୁରାଜ ଗାଏକ୍ୱାଡଙ୍କୁ ଆଉଟ କରି ଭାରତକୁ ଝଟ୍‌କା ଦେଇଥିଲେ। ଋତୁରାଜ ମାତ୍ର ୧ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଇଶାନ କିଷନ ଓ ଶ୍ରେୟାସ ଆୟାରଙ୍କ ଯୋଡ଼ି କିଛି ସମୟ ଜମିଥିଲା। ମାତ୍ର ପୂର୍ବ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲକାରୀ କିଷନ ଏଠାରେ ୨୧ ବଲ୍‌ରୁ ୩୪ ରନ୍ କରିଥିବାବେଳେ କାନ୍ଧ ଉଚ୍ଚା ଶର୍ଟ ବଲ୍ ଖେଳିବାକୁ ଯାଇ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଡିପ୍ ସ୍କୋୟାର ଲେଗ୍‌ରେ ଭାନ୍ ଡର୍ ଡୁସେନଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ନିଜ ଇନିଂସ ମଧ୍ୟରେ ସେ ୨ ଚୌକା ଓ ୩ ଆକର୍ଷଣୀୟ ଛକା ମାରିଥିଲେ। କିଷନ ଛକା ମାରିବାବେଳେ ପୂରା ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା। ଅଧିନାୟକ ରିଷଭ ପନ୍ତ କିନ୍ତୁ ଏଠାରେ ନିରାଶ କରିଥିଲେ। ସେ ମାତ୍ର ୫ ରନ୍ କରି ସ୍ପିନର କେଶବ ମହାରାଜଙ୍କ ବଲ୍‌ରେ ଆଉଟ ହୋଇଯାଇଥିଲେ। କ୍ରମାଗତ ବ୍ୟବଧାନରେ ଉଇକେଟ ନେବା ଫଳରେ ଦକ୍ଷିଣ ଆଫ୍ରିକା ଘରୋଇ ଦଳର ରନ୍ ହାରରେ ଅଙ୍କୁଶ ଲଗାଇବାରେ ସକ୍ଷମ ହୋଇଥିଲା। ୧୩ତମ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟା ଜୀବନ ଦାନ ପାଇଥିଲେ ହେଁ ତା'ର ଫାଇଦା ଉଠାଇପାରି ନ ଥିଲେ। ସେ ମାତ୍ର ୯ ରନ୍ କରି ଆଉଟ ହେବାରୁ ଭାରତର ବଡ଼ସ୍କୋର ଆଶା ମଉଳି ଯାଇଥିଲା। ସେଟ୍ ହୋଇସାରିଥିଲେ ହେଁ ଶ୍ରେୟାସ ଆୟାର ଶେଷପର୍ଯ୍ୟନ୍ତ ତିଷ୍ଠିପାରି ନ ଥିଲେ। ସେ ୩୫ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୪୦ ରନ୍ କରିଥିବାବେଳେ ଡ୍ୱେନ ପ୍ରିଟୋରିଅସଙ୍କ ସ୍ଲୋ ଲେଗ୍ କଟରକୁ ଖେଳିବାକୁ ଯାଇ ଉଇକେଟକିପର ହେନରିଚ୍ କ୍ଲାସେନଙ୍କୁ କ୍ୟାଚ୍ ଦେଇଥିଲେ। ଅକ୍ଷର ପଟେଲ ମାତ୍ର ୧୦ ରନ୍‌ର ଯୋଗଦାନ ଦେଇଥିଲେ। ଶେଷଭାଗରେ ଦୀନେଶ କାର୍ତ୍ତିକ ୨୧ ବଲ୍‌ରୁ ୩୦ ଓ ହର୍ଷଲ ପଟେଲ ୯ ବଲ୍‌ରୁ ୧୨ ରନ୍ କରି ଅପରାଜିତ ରହିବାରୁ ଭାରତ ସ୍କୋର ୧୪୮ରେ ପହଞ୍ଚି ପାରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଏନ୍‌ରିଚ୍ ନର୍ଜେ ୨ଟି ଏବଂ କାଗିଶୋ ରାବାଡ଼ା, ୱେନ୍ ପାର୍ନେଲ, ଡ୍ୱେନ ପ୍ରିଟୋରିଅସ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ୮ ବର୍ଷର ଝିଅକୁ ...

ପରେ ରବିବାର ମଧ୍ୟାହ୍ନରେ ଜାନକୀ ଶିଶୁଟିକୁ ସାହିରେ ସେ ପଢୁଥିବା ଟ୍ୟୁଶନ ଯିବା ପାଇଁ କହିଥିଲେ। ରାସ୍ତାରେ କିଛି ଲୋକ ଶିଶୁଟିର ଏହି ଅବସ୍ଥା ଦେଖି ତାଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ଝିଅଟି କାନ୍ଦି କାନ୍ଦି ତାଙ୍କ ସାବତ ମା'ଏପରି କରିଥିବା କହିଥିଲା। ପରେ ସ୍ଥାନୀୟ ଲୋକେ ଏନେଇ ଖବର ଦେଇଥିଲେ ବୋଲି ପୋଲିସ କହିଛି। ଏ ନେଇ ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଉଦ୍ଧାର ଶିଶୁଟିକୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ପରେ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ରେ ଶିଶୁକୁ ହାଜର କରାଯାଇ ବାଳାଶ୍ରମକୁ ହସ୍ତାନ୍ତର କରାଯାଇଛି। ସୋମବାର କିଶୋର ନ୍ୟାୟ ଆଇନ (ସୁରକ୍ଷା ଓ ଯତ୍ନ) ଅନୁଯାୟୀ ସିଡବ୍ଲ୍ୟୁସି ବୋର୍ଡ ନିକଟରେ ହାଜର କରାଯାଇ ଶିଶୁର ବୟାନ ରେକର୍ଡ କରାଯିବ ବୋଲି ଜଣାପଡ଼ିଛି।

### ଇଡି ସମନ ନେଇ ...

ପ୍ରତିଶୋଧମୂଳକ ରାଜନୀତି ଏବଂ ବିରୋଧୀଙ୍କୁ ଚୁପ୍ କରାଇବା ଉଦ୍ଦେଶ୍ୟରେ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ ପ୍ରତିବାଦରେ ସାରା ଦେଶର ୨୫ ଇଡି ଅଫିସ ଆଗରେ ଦଳୀୟ କର୍ମୀ ଓ ନେତା ବିକ୍ଷୋଭ ପ୍ରଦର୍ଶନ କରିବେ। ରାଜ୍ୟଗୁଡ଼ିକର ରାଜଧାନୀରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଅନୁରୂପ ବିକ୍ଷୋଭ କରାଯିବା ନେଇ ଗତ ଗୁରୁବାର ଏଆଇସିସି ବୈଠକରେ ରଣନୀତି ସ୍ଥିର କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ ବନ୍ଧୁଙ୍କ ନିକଟରୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ପାରିବାରିକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଯୋଜନାକୁ କାର୍ଯ୍ୟକାରୀ କରିବା ସକାଶେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ସମ୍ଭାବନା ରହିଛି।

**ବୃଷ**
ଶେଷ କରିବାକୁ ଭାବୁଥିବା କାମଟି ବିଭିନ୍ନ ସମସ୍ୟା ହେତୁ ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍‌ସିପ୍ରରୁ ଖୁସି ରହିବେ। ବିବାଦୀୟ ଘଟଣାରେ ଅଯଥା ବିଭିନ୍ନ ମନ୍ତବ୍ୟ ଦେଇ ପରୋକ୍ଷ ଶତ୍ରୁତା ସୃଷ୍ଟି କରିପାରନ୍ତି। ଆଜି ବନ୍ଧୁ ମିଳନ, ମନୋରଞ୍ଜନ, ଯାତ୍ରା ପ୍ରଭୃତି ପ୍ରୀତିଦାୟକ ରହିବ।

**ମିଥୁନ**
ଆଜି ଯାହା କରନ୍ତୁନା କାହିଁକି ଖର୍ଚ୍ଚାନ୍ତ ହେତୁ ମନସ୍ତାପ କରିବାକୁ ପଡ଼ିପାରେ। ପିଲାଙ୍କ ଅଭିଯୋଗକୁ ଅଣଦେଖା, ଅଶୁଣା କରିବା ଦ୍ୱାରା ଓଲଟା ଫଳ ପାଇବେ। ପରିବାରରେ ସ୍ତ୍ରୀଙ୍କ ସହଯୋଗରେ ଅଟକି ରହିଥିବା କାମଗୁଡ଼ିକ ତ୍ୱରାନ୍ୱିତ ହେବ। ସାଂଗଠନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**କର୍କଟ**
ଆଜିର ନୂତନ କର୍ମାରମ୍ଭ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ସଭାସମିତି ତଥା ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା କାରଣରୁ ମନ ପ୍ରଫୁଲ୍ଲିତ ହୋଇଯିବ।

**ସିଂହ**
ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ କାରଣରୁ ମାନସିକ ଶାନ୍ତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟକୁ ନୂତନ ରୂପ ଦେବା ପାଇଁ ଚିନ୍ତା କରିପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା**
ସାହାଯ୍ୟ ଓ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ନିଜର କୌଣସି ତ୍ରୁଟି ନ ଥିଲେ ମଧ୍ୟ ଆତ୍ମୀୟଙ୍କ ଭୁଲ୍ ବିଚାର ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବା ସାଙ୍ଗକୁ ସମସ୍ୟା ସମାଧାନ ହୋଇଯିବ। ଚୋରି କିମ୍ବା ପକେଟମାରଜନିତ ଧନହାନି ଘଟିବାର ଆଶଙ୍କା ରହିଛି।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ଚୁପ୍‌ଚାପ ହୋଇ ବସିରହିଲେ କ୍ଷତି ସହିବାକୁ ପଡ଼ିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ନିଜର ପ୍ରାଧାନ୍ୟ ବଜାୟ ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ ।

**ବିଛା**
ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଖଳ ଲୋକଙ୍କ ଦ୍ୱାରା ଅପପ୍ରଚାରଜନିତ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଅପ୍ରିୟ ସତ୍ୟ ପ୍ରକାଶ ଦ୍ୱାରା ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ୍ୟ ହେବେ।

**ଧନୁ**
ଅତୀତ କଥାକୁ କେନ୍ଦ୍ର କରି କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ଭାବରେ ପୁରାତନ ରୋଗରେ କଷ୍ଟ ପାଇବେ। ପ୍ରତିଯୋଗିତାରେ ସଫଳତା ହାସଲ ସହ ପ୍ରଶଂସିତ ହେବାର ସମ୍ଭାବନା ରହିଛି।

**ମକର**
ସାଧାରଣ କଥାକୁ କେନ୍ଦ୍ର କରି ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପୂର୍ବ ଶତ୍ରୁତା କାରଣରୁ ସାଧାରଣ କଥାରୁ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ବନ୍ଧୁଙ୍କ ସହଯୋଗ ଲାଭ କରି କାମ ତ୍ୱରାନ୍ୱିତ କରିପାରିବେ। ନୂତନ ବସ୍ତ୍ର, ଯାନବାହନ, ଯାନ୍ତ୍ରିକ ଜିନିଷ, ଉପହାର, ଉପଢୌକନ ଲାଭ ଯୋଗ ରହିଛି।

**କୁମ୍ଭ**
ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି କାମ ହାସଲରେ ସମର୍ଥ ହେବେ। ଘରୋଇ କ୍ଷେତ୍ରରେ ନିଜର ଲୋକମାନେ ଅଯଥା ସମସ୍ୟା ସୃଷ୍ଟି କରିପାରନ୍ତି। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭାଂଶ ମାନ୍ଦା ହେବ ନାହିଁ।

**ମୀନ**
କର୍ମକ୍ଷେତ୍ରରେ ଟେନ୍‌ସନ କମିଯିବ। ସହମତିରେ କାମ କଲେ ଉପକାର ପାଇବେ। ଆଲୋଚନା, ସଭାସମିତି, ପ୍ରଶାସନ, ରାଜନୀତି ତଥା ଆମଦାନୀ କାରବାରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ମହୋତ୍ସବରେ ନିଜକୁ ସାମିଲ୍ କରିପାରନ୍ତି ।

### ନ୍ୟାଶନାଲ ହେରାଲ୍ଡ...

କଂଗ୍ରେସ ନେତା ଆସୋସିଏଟେଡ୍ ଜର୍ନାଲର ୯୦.୨୫ କୋଟି ଟଙ୍କାର ସମ୍ପତ୍ତିକୁ ୟଙ୍ଗ୍ ଇଣ୍ଡିଆନ୍ ପକ୍ଷରୁ ମାତ୍ର ୫୦ ଲକ୍ଷ ଟଙ୍କା ପଇଠ କରି ହେରଫେର କରିଥିଲେ ବୋଲି ସୁବ୍ରମଣ୍ୟମ୍ ଅଭିଯୋଗ ଆଣିଥିଲେ। ଗତବର୍ଷ ଫେବୃୟାରୀରେ ଦିଲ୍ଲୀ ହାଇକୋର୍ଟ ସୋନିଆ ଓ ରାହୁଲଙ୍କୁ ସୁବ୍ରମଣ୍ୟମ୍‌ଙ୍କ ଆବେଦନ ଉପରେ ତଳ କୋର୍ଟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଭୟେ ୨୦୧୫ରେ ଜାମିନ ପାଇଥିଲେ। ତେବେ ପୂର୍ବରୁ ଇଡି ଏହି ମାମଲା ବନ୍ଦ କରିଦେଇଥିବାବେଳେ ଏବେ ପୁରୁଣା ଫାଇଲ ପୁଣି ଖୋଲି କଂଗ୍ରେସ ନେତାଙ୍କୁ ଅପଦସ୍ଥ କରିବାକୁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି।


## classifieds

Everyday
0674-2580101, 2549302

real estate

**SALE**

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**Bhubaneswarରେ plot କିଣନ୍ତୁ। ସଙ୍ଗେସଙ୍ଗେ ଘର କରନ୍ତୁ। installment ସୁବିଧା ଅଛି। Contact: 9437250090, 7008265080, 8658227874, 0674-2911635.** D-697

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73820

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

**ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952.** D-73255

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73915

2BHK flat, renovated recently in prime location on Vivekanand Marg, BBSR. Ph: 8917520527. D-46554

**Gated society 30'road, gharabari, Patta immediate construction land (Bank finance available) @11,75,000/- near Sudhananda College, Bhubaneswar-Cuttack. 9437691481.** D-73260

Residential plot for sale 2.5km from Patia Railway Station sqft.-850/- (ready for construction). 7978729819. D-73258

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

200 ଫୁଟ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୨୫୦/- ଟଙ୍କାରେ ଜାଗାବିକ୍ରି ହେଉଛି। 7609803855. D-73614

**2& 3BHK ready to move flat for sale at Chintamaniswar & near Palm Heights Sum Hospital and a new construction 3BHK flat start at Nandan Vihar Patia, Bhubaneswar. Contact -9861882233, 9437231479.** D-73324

construction

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-698

to-let

**TO LET- 2200sqft. 1st Floor for corporate Office/ Software Company Mancheswar Indl. Estate, Canara Bank Campus. Contact: 7978010045, 7978704884.** D-699

healthcare

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73822

Newly open SPA positively health benefit with expert. Contact: 7749976301. D-73819

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73816

Newly open full body massage ladies and gents. 8327740003, 8093860513. D-73914

**Relax, Refresh your body, Mind at Saikrupa Spa with best therapies. 8984068077.** D-668

Full body massage relax your body mind by best therapist. 9861193818. D-73612


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଯେଉଁମାନେ ଯୋଗ ସାଧନା କରନ୍ତି- ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡେ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ। -ଶ୍ରୀମା



# ନୀରବତା

ପ୍ରଫେଟ୍ ମହମ୍ମଦଙ୍କ ଉପରେ ଅରୁଚିକର ମନ୍ତବ୍ୟ ଦେଇଥିବା ନୂପୁର ଶର୍ମା ଓ ତାହାକୁ ସମର୍ଥନ କରିଥିବା ନବୀନ କୁମାର ଜିନ୍ଦଲ ଅଦ୍ୟାବଧି ଗିରଫ ହୋଇ ନ ଥିବାରୁ ବିବାଦ ଥମୁ ନାହିଁ। ଗତ ଶୁକ୍ରବାର ପ୍ରାର୍ଥନା ପରେ ମୁସଲମାନମାନେ ନୂପୁରଙ୍କ ମନ୍ତବ୍ୟକୁ ପ୍ରତିବାଦ କରି ରାସ୍ତାକୁ ଆସିବା ପରେ ଦେଶର ବିଭିନ୍ନ ଭାଗରେ ହିଂସାକାଣ୍ଡ ଘଟିଯାଇଛି। ସେଥିମଧ୍ୟରୁ କଂଗ୍ରେସ ସମର୍ଥିତ ଜେଏମ୍ଏମ୍ ଶାସିତ ଝାଡ଼ଖଣ୍ଡରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ସେଠାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଡଜନ୍ର ଅଧିକ ଆହତ ହୋଇଥିଲେ। ଅନ୍ୟପଟେ କୁହାଯାଉଛି ଯେ, ନୂପୁର ଓ ନବୀନଙ୍କୁ ଗିରଫ କରିବାର ଦାବି ପଛରେ ଅନେକ କାରଣ ରହିଛି। ତନ୍ମଧ୍ୟରୁ ସର୍ବୋଚ୍ଚ ହେଉଛି ସେହି ଦୁଇଜଣଙ୍କ ବ୍ୟକ୍ତିଗତ ସୁରକ୍ଷା। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାର କେତେକ ଅଧିକାରୀଙ୍କ ଅନୁଯାୟୀ ଏହି ଦୁଇ ଜଣଙ୍କ ଜୀବନ ପ୍ରତି ଅନେକ ବିପଦ ରହିଛି। ସେହି ବିପଦ ମୁସଲମାନ ଉଗ୍ରପନ୍ଥୀଙ୍କଠାରୁ ଉପୁଜୁ ନାହିଁ। ଏହି ଦୁଇ ଜଣଙ୍କ କୌଣସି କ୍ଷତି ଘଟିଲେ ତା' ପାଇଁ ଦୋଷ ମୁସଲମାନଙ୍କ ଉପରେ ଦିଆଯିବ। ସେଥିରୁ ଦଙ୍ଗା ବୃଦ୍ଧି ପାଇବାର ସବୁ ସଙ୍କେତ ମିଳୁଛି। ଗୋଇନ୍ଦା ସଂସ୍ଥା ଅନୁଯାୟୀ ସାମ୍ପ୍ରଦାୟିକ ଶକ୍ତି ପାଇଁ ଏହି ଦୁଇଜଣଙ୍କ ଜୀବନ ମୂଲ୍ୟହୀନ। ସେମାନଙ୍କୁ ବାଟରୁ ହଟେଇ ଦେଲେ ଗୋଧ୍ରା ଭଳି ସ୍ଥିତି ସୃଷ୍ଟି କରିବା ଅତ୍ୟନ୍ତ ସହଜ ହୋଇଯିବ।

୧୨ ଜୁନ୍ରେ ରାଞ୍ଚିର ପ୍ରତିବାଦକାରୀଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ ହେବା ପରେ ସେଠାରେ ପୁଣି ଉତ୍ତେଜନା ଦେଖାଦେଇଛି। ରାଞ୍ଚି ପ୍ରତିବାଦରେ ଭାଗ ନେଇ ନ ଥିବା ଦୁଇ ଜଣ ମୁସଲମାନଙ୍କୁ ଯେଉଁଭଳି ଭାବେ ବାଡ଼ିଆପିଟା କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବେ ମାନବ ଅଧିକାର ଉଲ୍ଲଂଘନ ବୋଲି କୁହାଯାଉଛି। ସେପଟେ ଭାଜପା ଶାସିତ ଉତ୍ତରପ୍ରଦେଶ ପୋଲିସ ଦ୍ୱାରା ଗିରଫ ହୋଇଥିବା ପ୍ରତିବାଦକାରୀଙ୍କ ଉପରେ ଦମନଲୀଳା ଚାଲିଥିବାର ଭିଡିଓ ସୋସିଆଲ୍ ମିଡିଆରେ ବହୁଳ ଭାବେ ପ୍ରସାରିତ ହେଉଛି। ଏଥିସହିତ ବୁଲ୍ଡୋଜର ପୁଣି ସକ୍ରିୟ ହୋଇଉଠିଛି। ପ୍ରୟାଗରାଜ ହିଂସାର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ଜାଭେଦ ମହମ୍ମଦଙ୍କ ଘର ସମେତ ଅନେକ ପ୍ରତିବାଦକାରୀଙ୍କ ଘରକୁ ବୁଲ୍ଡୋଜର ମାଧମରେ ଧ୍ୱଂସ କରାଯାଉଥିବାର ଚିତ୍ର ପଦାକୁ ଆସିବାରେ ଲାଗିଛି। ଗତ କିଛିବର୍ଷ ଧରି ମୁସଲମାନ ସମ୍ପ୍ରଦାୟ ବିରୋଧରେ ଅନେକ କାର୍ଯ୍ୟାନୁଷ୍ଠାନ ସରକାରୀ ସ୍ତରରେ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ ସେହି ସଂଖ୍ୟାଲଘୁ ଗୋଷ୍ଠୀଠାରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉ ନ ଥିଲା। ନୂପୁର ଶର୍ମାଙ୍କ ମନ୍ତବ୍ୟ ଉପରେ ଅନ୍ତର୍ଜାତୀୟ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସମ୍ଭବତଃ ଭାରତୀୟ ମୁସଲମାନଙ୍କ ଦମ୍ଭ ବଢ଼ିଥିବା ଭଳି ମନେହେଉଛି। ଗତ ଶୁକ୍ରବାର ମସ୍ଜିଦ୍ ପ୍ରାର୍ଥନା ପରେ ଦେଶର ଅନେକ ଭାଗରେ ହିଂସାତ୍ମକ ଘଟଣା ଦେଖିବାକୁ ମିଳିଥିଲା। ଏଠାରେ କୁହାଯାଇପାରେ ଯେ, ଏହିଭଳି ହିଂସା ମାଧମରେ କେବେହେଲେ କୌଣସି ସମାଧାନ ବାହାରି ପାରିବ ନାହିଁ। ପଥର ମାଡ଼କୁ ଇଟାରେ ଜବାବ ଦେଲେ ତାହାର ଅନ୍ତ ନାହିଁ। ଉଭୟ ପଟର ମୁଣ୍ଡ ଫାଟିବା ଏକମାତ୍ର ପରିଣତି ହୋଇଥାଏ।

ଏତେସବୁ ଘଟଣା ଘଟିଯିବା ପରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୌଣସି ପ୍ରତିକ୍ରିୟା ନ ରଖିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା କଥା। ବିଭିନ୍ନ ମୁସଲମାନ ଦେଶ ତରଫରୁ କ୍ଷମା ପ୍ରାର୍ଥନା କରିବା ସକାଶେ ଆସିଥିବା ଦାବିକୁ ଭାରତ ମୁହୂର୍ତ୍ତକ ପାଇଁ ଏଡ଼ାଇ ଦେଇପାରିଛି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନୀରବତା ଦେଶର ବୈଦେଶିକ ସମ୍ପର୍କକୁ ଦୀର୍ଘମିଆଦୀ କ୍ଷତି ନିଶ୍ଚିତ ଭାବେ ପହଞ୍ଚାଇବ। ତୈଳ ଉତ୍ପାଦନକାରୀ ଆରବ ଦେଶଗୁଡ଼ିକ ସହ ଖରାପ ସମ୍ପର୍କ ସୃଷ୍ଟିକରି କେବଳ ଇସ୍ରାଏଲର ପଣତକାନି ଧରିଲେ ପେଗାସସ୍ ଭଳି ଗୋଇନ୍ଦା ସଫ୍ଟୱେର ମିଳିପାରେ; କିନ୍ତୁ ସାଧାରଣ ନାଗରିକଙ୍କୁ ତ୍ରାହି ମିଳିବ ନାହିଁ।

**ଏହି ଦୁଇ ଜଣଙ୍କ କୌଣସି କ୍ଷତି ଘଟିଲେ ତା' ପାଇଁ ଦୋଷ ମୁସଲମାନଙ୍କ ଉପରେ ଦିଆଯିବା ସେଥିରୁ ଦଙ୍ଗା ବୃଦ୍ଧି ପାଇବାର ସବୁ ସଙ୍କେତ ମିଳୁଛି। ଗୋଇନ୍ଦା ସଂସ୍ଥା ଅନୁଯାୟୀ ସାମ୍ପ୍ରଦାୟିକ ଶକ୍ତି ପାଇଁ ଏହି ଦୁଇଜଣଙ୍କ ଜୀବନ ମୂଲ୍ୟହୀନ। ସେମାନଙ୍କୁ ବାଟରୁ ହଟେଇ ଦେଲେ ଗୋଧ୍ରା ଭଳି ସ୍ଥିତି ସୃଷ୍ଟି କରିବା ଅତ୍ୟନ୍ତ ସହଜ ହୋଇଯିବ।**

# ସମାଧାନ ନୁହେଁ ଫର୍ଟିଫାଏଡ ଚାଉଳ



ବିଚିତ୍ର ବିଶ୍ୱାଳ

ପୁଷ୍ଟି ସୁରକ୍ଷା ପାଇଁ ଖାଦ୍ୟ ବିବିଧତାର ଭୂମିକା ରହିଛି। ଖାଦ୍ୟରେ ବିବିଧତାର ଅଭାବ ଯୋଗୁ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଅପପୁଷ୍ଟି ଯଥା ବୟସ ଅନୁସାରେ ଓଜନ କମ୍, ଉଚ୍ଚତା କମ୍, ଉଚ୍ଚତା ଅନୁସାରେ ଓଜନ କମ ଓ ମହିଳାଙ୍କ ମଧ୍ୟରେ ରକ୍ତହୀନତା ତଥା ଆନେମିଆ ପରି ସମସ୍ୟା ଦେଖାଦେଇଥାଏ। ଖାଦ୍ୟ ମନ୍ତ୍ରାଳୟର ତଥ୍ୟ ଅନୁସାରେ ଦେଶର ପ୍ରତ୍ୟେକ ଦ୍ୱିତୀୟ ମହିଳା ରକ୍ତହୀନତାର ଶିକାର। ପ୍ରତ୍ୟେକ ତୃତୀୟ ଶିଶୁ ଅପପୁଷ୍ଟିର ଶିକାର। ଗ୍ଲୋବାଲ୍ ଫୁଡ୍ ସିକ୍ୟୁରିଟି ଇଣ୍ଡେକ୍ସ ଅନୁସାରେ ୧୧୩ ଦେଶ ମଧ୍ୟରୁ ଭାରତର ସ୍ଥାନ ୭୧। ଅପପୁଷ୍ଟି, ଖାଦ୍ୟାଭାବ, ସୂକ୍ଷ୍ମ ପୋଷକ ତତ୍ତ୍ୱର ଅଭାବ ଆଦି ସମସ୍ୟାଗୁଡ଼ିକୁ ପଛରେ ପକେଇ ସମ୍ପ୍ରତି ଆମ ଦେଶରେ ରକ୍ତହୀନତା ବା ଆନେମିଆର ଚର୍ଚ୍ଚା ସର୍ବାଗ୍ରେ ରହିଛି। ନୀତି ଆୟୋଗର କର୍ମଶାଳା, ସରକାରୀ ଦସ୍ତାବିଜ, ଏପରିକି ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ମଧ୍ୟ ରକ୍ତହୀନତାର ଚର୍ଚ୍ଚା ଶୁଣାଯାଉଛି। ରକ୍ତହୀନତାର ଚର୍ଚ୍ଚା ହେବା ବେଳେ ସ୍ୱାଭାବିକ ଭାବେ ଆଇରନ୍ର ଅଭାବ କଥା ହିଁ ଆସୁଛି। ଆଇରନ୍ ଅଭାବ ଦୂର କରିବା ପାଇଁ ଲୋକକେନ୍ଦ୍ରିକ ସମାଧାନ କୌଶଳ ନ ଆପଣେଇ କାରଖାନା ଓ ବଜାର କେନ୍ଦ୍ରିକ ସମାଧାନକୁ ଗୁରୁତ୍ୱ ଦିଆଯାଉଛି। ରକ୍ତହୀନତାର ଚର୍ଚ୍ଚାକୁ ବ୍ୟାପକ କରେଇ ଦେଶରେ ପୋଷକତତ୍ତ୍ୱଯୁକ୍ତ ଚାଉଳ ବା ଫର୍ଟିଫାଏଡ୍ ରାଇସ୍କୁ ପ୍ରୋତ୍ସାହିତ କରାଯାଉଛି। ଏହି ଚାଉଳ ଦ୍ୱାରା ଆମ ଖାଦ୍ୟ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ପ୍ରଭାବକୁ ଏଡ଼ାଇ ଦେଇହେବ ନାହିଁ। କମ୍ପାନୀମାନେ ଫର୍ଟିଫାଏଡ ଚାଉଳ କ୍ଷେତ୍ରରେ କୋଟି କୋଟି ଟଙ୍କାର ମୁନାଫା ଦେଖୁଥିବା ବେଳେ ସରକାର କମ୍ପାନୀକୁ ଖୁସି କରିବାର ଏଜେଣ୍ଡାକୁ ସାମ୍ନାରେ ରଖି ଖାଦ୍ୟ କ୍ଷେତ୍ରରେ ସାଧାରଣ ଲୋକଙ୍କ ଅଧିକାରକୁ ସଂକୁଚିତ କରୁଛନ୍ତି। ପୋଷକତତ୍ତ୍ୱଯୁକ୍ତ ଚାଉଳ ଅର୍ଥାତ୍ ଫର୍ଟିଫାଏଡ୍ ରାଇସ୍ ଦୀର୍ଘକାଳୀନ ଭିତ୍ତିରେ ସାଧାରଣ ଜନତା ଓ ଚାଷୀମାନଙ୍କ ପାଇଁ ବିପଦ ଭାବେ ଉଭା ହେବାକୁ ଯାଉଛି।

ରକ୍ତହୀନତା ସମସ୍ୟାକୁ ସମାଧାନ କରିବାକୁ ହେଲେ ପରିବାର ସ୍ତରରେ ଖାଦ୍ୟର ଉପଲବ୍ଧତା, ଖାଦ୍ୟରେ ସୂକ୍ଷ୍ମ ପୋଷକତତ୍ତ୍ୱର ଉପସ୍ଥିତି, ଗରିବୀ, ଖାଦ୍ୟରେ ବିବିଧତା, ଲୌହସାରଯୁକ୍ତ ଫସଲ ଚାଷକୁ ପ୍ରୋତ୍ସାହନ, ଚାଷରେ ରାସାୟନିକ ଓ ବିଷର ପ୍ରୟୋଗକୁ କମ୍ କରିବା ସହିତ ଅନେକ ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ହେବ। କିନ୍ତୁ ସରକାର ଏସବୁ ସମସ୍ୟାକୁ ସମାଧାନ କରିବାର ଦାୟିତ୍ୱ ନ ନେଇ ସିଧା କମ୍ପାନୀଙ୍କୁ ଆମନ୍ତ୍ରଣ କରି ଫର୍ଟିଫାଏଡ୍ ଚାଉଳକୁ ଏକମାତ୍ର ସମାଧାନ ବୋଲି ଉପସ୍ଥାପିତ କରୁଛନ୍ତି। ଯଦି ମୌଳିକ ସମସ୍ୟାର କଥା ଆସିବ, ତେବେ ପ୍ରଶ୍ନ ଆସିବ, ଆମ ଦେଶରେ ଏତେ ପରିମାଣରେ ଅପପୁଷ୍ଟି ଏବଂ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥାନ ଏତେ ନିମ୍ନରେ କାହିଁକି? ଲୋକମାନେ ଭୋକରେ ରହୁଛନ୍ତି କାହିଁକି? ଶୁଦ୍ଧ ପାନୀୟ ଜଳର ସମସ୍ୟା ଅଛି କାହିଁକି? ଏସବୁ ପ୍ରଶ୍ନ ନିଶ୍ଚିତ ଭାବେ ସରକାରଙ୍କୁ ଅଡୁଆରେ ପକାଇବ। ତେଣୁ ସରକାର ଏସବୁ ପ୍ରଶ୍ନକୁ ଏଡ଼ାଇବା ପାଇଁ ସହଜ ସମାଧାନ ଭାବେ ଫର୍ଟିଫାଏଡ୍ ଚାଉଳକୁ ସାମ୍ନାକୁ ଆଣୁଛନ୍ତି। ଏହି ଚାଉଳର ନିୟନ୍ତ୍ରଣ ଚାଷୀଙ୍କ ହାତରେ ନ ରହି କମ୍ପାନୀମାନଙ୍କ ହାତରେ ରହିବ। ଏହା ଆମ ଖାଦ୍ୟ ବ୍ୟବସ୍ଥାକୁ ପ୍ରଭାବିତ କରିବ। ଶରୀରରେ ସୂକ୍ଷ୍ମ ପୋଷକତତ୍ତ୍ୱର ଅଭାବ ଦୂର କରିବା ପାଇଁ ଦୀର୍ଘ ଦିନ ହେବ ଖାଦ୍ୟସୁରକ୍ଷା କର୍ମୀମାନେ ପି.ଡି.ଏସ୍. ବ୍ୟବସ୍ଥାରେ ଭିନ୍ନ ଭିନ୍ନ ମିଲେଟ୍କୁ ଯୁକ୍ତ କରିବା ପାଇଁ ଦାବି କରିଆସୁଛନ୍ତି। କିନ୍ତୁ ସରକାର ଏଥିପ୍ରତି ନଜର ନ ଦେଇ ଫର୍ଟିଫାଏଡ ଚାଉଳ ମାଧ୍ୟମରେ ଏକ ପରନିର୍ଭରଶୀଳ ଓ ଦୂରଦୃଷ୍ଟିବିହୀନ ପଦକ୍ଷେପ ନେଉଛନ୍ତି।



୨୦୨୪ ସୁଦ୍ଧା ସମସ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ଫର୍ଟିଫାଏଡ ଚାଉଳକୁ ପ୍ରଚଳନ କରିବା ପାଇଁ ସରକାର ଯୋଜନା କରୁଛନ୍ତି। ୨୦୨୧ ସ୍ୱାଧୀନତା ଦିବସ ଭାଷଣରେ ପ୍ରଧାନମନ୍ତ୍ରୀ ଏହା ଉଲ୍ଲେଖ କରିଛନ୍ତି। ୨୦୧୯ରେ ଫର୍ଟିଫାଏଡ୍ ଚାଉଳକୁ ପି.ଡି.ଏସ୍. ମାଧ୍ୟମରେ ବଣ୍ଟନ କରିବାର ପାଇଲଟ୍ ଆରମ୍ଭ କରାଯାଇଛି। ଆରମ୍ଭ କରାଯାଇଥିବା ପାଇଲଟ୍କୁ ଠିକ୍ ଭାବେ ବିଶ୍ଲେଷଣ କରା ନ ଯାଇ, ସ୍ୱାସ୍ଥ୍ୟ ଉପରେ ଏହା ଦୀର୍ଘକାଳୀନ ପ୍ରଭାବକୁ ବିଚାରକୁ ନିଆ ନ ଯାଇ ବର୍ତ୍ତମାନ ପର୍ଯ୍ୟନ୍ତ ୧୫ଟି ରାଜ୍ୟର ୨୫୭ଟି ଜିଲାରେ ପି.ଡି.ଏସ୍. ମାଧ୍ୟମରେ ଫର୍ଟିଫାଏଡ୍ ଚାଉଳର ବଣ୍ଟନ କରାଯାଉଛି। ପିଡିଏସ୍ ମାଧ୍ୟମରେ ଏହି ଚାଉଳ ବଣ୍ଟନ ସାଧାରଣ ଲୋକଙ୍କର ଖାଦ୍ୟରୁଚି ଓ ପସନ୍ଦର ସ୍ୱାଧୀନତାକୁ ବ୍ୟାହତ କରୁଛି। କ୍ଷୁଧା ଓ ଅପପୁଷ୍ଟି ସମସ୍ୟାକୁ ସମାଧାନ ନକରି ଫର୍ଟିଫାଏଡ୍ ଚାଉଳ ପରି ବଜାରକେନ୍ଦ୍ରିକ ବ୍ୟବସ୍ଥାକୁ ଆପଣେଇ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ସାର୍ବଭୌମତ୍ୱକୁ ସଂକଟ ଭିତରକୁ ଠେଲି ଦେଉଛନ୍ତି। ଉକ୍ତ ଚାଉଳର କୁପ୍ରଭାବର ରିପୋର୍ଟ ଦେଶର ଭିନ୍ନ ଭିନ୍ନ କୋଣରୁ ଆସିବାକୁ ଆରମ୍ଭ କଲାଣି। ଏହାକୁ ଖାଇ ଲୋକମାନେ ଅସୁସ୍ଥ ହେଉଛନ୍ତି। ଏହି ଚାଉଳର ସ୍ୱାଦ, ବାସ୍ନା ଓ ରୋଷେଇ ସମୟରେ ସମସ୍ୟା ଆଦି ବିଷୟରେ ଲୋକମାନେ ଅଭିଯୋଗ କରୁଥିବାର ଦେଖିବାକୁ ମିଳୁଛି। ଫର୍ଟିଫାଏଡ୍ ଚାଉଳକୁ ରୋଷେଇ କରି ଅଧିକ ସମୟ ରଖିହେଉ ନାହିଁ। ଏହା ଶୀଘ୍ର ଖରାପ ହୋଇଯାଉଛି। ଏଥିସହିତ ଏହି ଚାଉଳ ବଣ୍ଟନ କରାଯାଉଥିବାର ସୂଚନା ମଧ୍ୟ ହିତାଧିକାରୀଙ୍କୁ ଦିଆଯାଉନାହିଁ। ଖାଦ୍ୟ ଏକାନ୍ତ ବ୍ୟକ୍ତିଗତ ଓ ରୁଚିର ବିଷୟ। ଲୋକଙ୍କୁ ଯାହା ଖାଇବାକୁ ଦିଆଯାଉଛି, ତାହା ଜାଣିବା ସେମାନଙ୍କର ଅଧିକାର। କିନ୍ତୁ ଫର୍ଟିଫାଏଡ୍ ଖାଉଥିବା ଅନେକ ଲୋକ ଜାଣନ୍ତି ନାହିଁ ଯେ, ସେମାନେ କ'ଣ ଖାଉଛନ୍ତି।

ଖାଦ୍ୟ ଅଧିକାର ଅଭିଯାନ ଓ ଆଶା-କିଷାନ ସ୍ୱରାଜ ଦ୍ୱାରା ଝାଡ଼ଖଣ୍ଡରେ ଫର୍ଟିଫାଏଡ୍ ଚାଉଳର ବଣ୍ଟନକୁ ନେଇ କରାଯାଇଥିବା ଅଧ୍ୟୟନରୁ ସରକାରଙ୍କ ଏକାଧିକ ଦାୟିତ୍ୱହୀନତା ସାମ୍ନାକୁ ଆସିଛି। କାରଖାନାରେ ତିଆରି କରାଯାଉଥିବା ଏପରି ଚାଉଳକୁ ବଣ୍ଟନ କରିବା ପୂର୍ବରୁ ଲୋକଙ୍କ ମତାମତ ନିଆଯାଇନାହିଁ। ବଣ୍ଟନ ପୂର୍ବରୁ ଏ ବିଷୟରେ ଲୋକଙ୍କୁ ସଚେତନ ମଧ୍ୟ କରାଯାଇନାହିଁ। ଦେଖିବାକୁ ମିଳିଥିଲା ଯେ, ଝାଡ଼ଖଣ୍ଡର ଖୁଣ୍ଟି ଜିଲାରେ ଲୋକମାନେ ଫର୍ଟିଫାଏଡ୍ ଚାଉଳ ଖାଇ ଅସୁସ୍ଥ ହୋଇଯାଇଥିଲେ। ବ୍ୟାପକ ସ୍ତରରେ ବଣ୍ଟନ ସମୟରେ ଏଫ୍ଏସ୍ଏସ୍ଏଆଇର ନିୟମକୁ ପାଳନ କରିବା କଷ୍ଟକର। ଏଫ୍ଏସ୍ଏସ୍ଏଆଇର ନିୟମ ଅନୁସାରେ ସିକଲ୍ ସେଲ୍ ଆନେମିଆ ପୀଡ଼ିତ ଲୋକମାନେ ଫର୍ଟିଫାଏଡ୍ ଚାଉଳ ଖାଇବା ଉଚିତ ନୁହେଁ ଓ ଥାଲାସେମିଆ ରୋଗୀମାନେ ଡାକ୍ତରଙ୍କ ନିରୀକ୍ଷଣରେ ରହି ଏହା ଖାଇବା ଉଚିତ। ଦେଖାଯାଇଛି ଯେ, ଖୁଣ୍ଟି ଜିଲାର ଗାଁଗୁଡ଼ିକରେ ଫର୍ଟିଫାଏଡ୍ ଚାଉଳ ବଣ୍ଟନ ସମୟରେ ଏସବୁକୁ ଦୃଷ୍ଟିରେ ରଖାଯାଇନାହିଁ। ପ୍ରଶ୍ନ ଉଠୁଛି, ଏହି ଚାଉଳ କ୍ଷେତ୍ରରେ ଗରିବ ଲୋକଙ୍କୁ ପରୀକ୍ଷାଗାରର ମୂଷା ଭଳି ବ୍ୟବହାର କରାଯାଉନାହିଁ ତ? ରକ୍ତହୀନତା ଦୂର କରିବା ପାଇଁ ଫର୍ଟିଫାଏଡ୍ ଚାଉଳ ବଦଳରେ ଆଉ କୌଣସି ସର୍ବସାଧାରଣ ସ୍ୱୀକୃତ ଉପାୟ ଅବଲମ୍ବନ କରିବା ଅଧିକ ଶ୍ରେୟସ୍କର ନୁହେଁ କି? ଉକ୍ତ ଚାଉଳ ବଣ୍ଟନର ପାଇଲଟ୍ ସ୍କିମ୍ର ମୂଲ୍ୟାଙ୍କନ ଏଯାଏ ବି ସର୍ବସାଧାରଣରେ ପ୍ରକାଶ କରାଯାଇନାହିଁ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ର ରିପୋର୍ଟ ଅନୁସାରେ ୨୦୧୯-୨୦ରେ ୬ ମାସରୁ ୨୩ ମାସର ଶିଶୁମାନଙ୍କ ମଧ୍ୟରୁ ୮୯.୯% ଶିଶୁ ଉପଯୁକ୍ତ ଆହାର ପାଉନାହାନ୍ତି। ଖାଦ୍ୟ ଅଧିକାର ଅଭିଯାନ ଦ୍ୱାରା କରାଯାଇଥିବା ଦ୍ୱିତୀୟ କ୍ଷୁଧା ନିରୀକ୍ଷଣ ସର୍ଭେରେ ସମଗ୍ର ଦେଶରେ ଥିବା ଭୟଙ୍କର ଖାଦ୍ୟ ଅସୁରକ୍ଷା ସାମ୍ନାକୁ ଆସୁଛି। ପୁଷ୍ଟିକର ଖାଦ୍ୟ, ଅଣ୍ଡା, ମାଂସ ଜାତୀୟ ଖାଦ୍ୟ, ଫଳ, କ୍ଷୀର, ଶାଗ ଆଦିର ସେବନ ଲୋକମାନଙ୍କ କ୍ଷେତ୍ରରେ ବହୁତ କମ୍ ରହିଛି। ସରକାର ଯଦି ଏସବୁ ଉପରେ ଦୃଷ୍ଟି ଦିଅନ୍ତେ ତେବେ ଅପପୁଷ୍ଟି ପରି ସମସ୍ୟା ଅଧିକ ଫଳପ୍ରଦ ଭାବେ ସମାଧାନ ହୋଇପାରନ୍ତା। ଫର୍ଟିଫାଏଡ୍ ଚାଉଳ ହୁଏତ ତୁରନ୍ତ ରକ୍ତହୀନତାକୁ କମେଇ ଦେଇପାରେ। କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଏହା ଲୋକଙ୍କ ଖାଦ୍ୟରୁଚିର ଅଧିକାର, ପସନ୍ଦକୁ ବ୍ୟାହତ କରିବା ସହିତ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବଢ଼େଇବ।

ଭିରଙ୍ଗ, ତିରଣ, ଜଗତ୍ସିଂହପୁର
ମୋ-୯୪୩୮୪୬୮୪୭୪

# ଜୀବନକୁ ବୁଝି ନ ଥିବା ମଣିଷ



ଦ୍ୱିତୀ ଚନ୍ଦ୍ର ସାହୁ

ସେ ଜଣେ କୁକୁଡ଼ାକଟାଳି। ସେଥିପାଇଁ ଜିଅନ୍ତା କୁକୁଡ଼ାର ବେକ ମୋଡ଼େ। ଛଟପଟ ହେଉଥିବା କୁକୁଡ଼ାକୁ ଗରମ ପାଣିରେ ଭରିଦିଏ। ତା'ପରେ ପର ଛେଲି ଶରୀରକୁ ଟିକିଟିକି ମାଂସରେ ପରିଣତ କରିଦିଏ। ମାଂସକଟାଳି ଭାବେ କଲ୍ୟାଣସିଂହପୁରର ଶେଖ୍ ମହମ୍ମଦ କାସିମ ଚାଚାଙ୍କୁ ଯିଏ ଦେଖିବ, ଲାଗିବ ସେ କେଡ଼େ ନୃଶଂସ। କିନ୍ତୁ ଦୋକାନରୁ ବାହାରିଗଲେ ସେ ପରମ ଦୟାଳୁ। ଯିଏ ଆସି ଗୁହାରି କରେ, ତାକୁ ନିଜ ସାଧମତେ ସହଯୋଗ କରେ। ପ୍ରତିଦିନ ଭୋକିଲାଙ୍କୁ ଖାଇବାକୁ ଦିଏ। ଖରା ଓ ବର୍ଷାଦିନ ପୂର୍ବରୁ ଅସହାୟ ଦୀନ ଦରିଦ୍ରଙ୍କୁ ଛତା ବଣ୍ଟନ କରେ। ଶୀତରେ କମ୍ବଳ ଦିଏ। ଚାଚାଙ୍କ କହିବା ହେଲା ଫକିର ହୋଇ ଏଠାକୁ ଆସିଥିଲି। ଆଲ୍ଲାଙ୍କ ଦୟାରୁ ବେଶ୍ ଦି' ପଇସା କମଉଛି। ଗରିବଙ୍କୁ ମୁଁ ଯଦି ସହାୟତା ନ କରିବି, ତେବେ ମୁଁ କି ଇନ୍ସାନ୍ ବୋଲେଇବି। ଚାଚାଙ୍କ ମନ ଓ ହୃଦୟରେ ଯାହାକିଛି ଥାଉନା କାହିଁକି, କାସିମ ଚାଚାଙ୍କ ହୃଦୟ ଯେ ବଡ଼ ଏକଥା ଏଇ ଅଞ୍ଚଳର ଲୋକେ ବୁଝି ପାରିଛନ୍ତି। ଏଇଠି ବି ଲୋକ ଅଛନ୍ତି, ପାଣିସୁଅ ଭଳି ପଇସା ଅର୍ଜନ କରୁଛନ୍ତି। ବ୍ୟାପକ ଗାଡ଼ି ଘୋଡ଼ା, ଥାଟବାଟ ଭିତରେ ଜବନ ଜିଉଁଛନ୍ତି। ବିଶାଳ ଘରର ଦୁଆର ମୁହଁରେ ଦୁଃଖୀଟିଏ ଆତୁର ହୋଇ ଛିଡ଼ା ହେଲେ ସହାୟତାର ହାତ ଭିତରୁ ଆସିପାରୁନି। ଦୂର୍ ଦୂର୍ ମାର୍ ମାର୍ କରି ଘରର ଲୋକେ ଘଉଡ଼େଇ ଦିଅନ୍ତି। ସେତେବେଳେ ନିଜକୁ ବଡ଼ଲୋକ ଭାବୁଥିବା ମଣିଷଟିଏ ସାଧାରଣରେ ମାମୁଲି ଲାଗନ୍ତି। ସେଇ ଅସହାୟ ମଣିଷ ନିକଟରେ ତ ତଥାକଥିତ ମଣିଷ ନିକୃଷ୍ଟ ପାଲଟିଯାଆନ୍ତି। ପଇସା ଥିଲେ ଦାନ କରିହୁଏନି। ସହାୟତା ଲାଗି ବାସ୍ତବରେ ଗୋଟେ କଥାକୁହା ହୃଦୟଟି ଲୋଡ଼ା। ମନ ଚିହ୍ନା ମନଟିଏ ଲୋଡ଼ା। ତରଳି ଯାଉଥିବା ପ୍ରାଣଟି ଲୋଡ଼ା। ମନ ହୃଦୟ ଭିତରେ ପର ପାଇଁ ଖାଲି ସ୍ଥାନ ସୃଷ୍ଟି ନ କଲେ ହାତ ପ୍ରସାରିତ ହୋଇପାରିବନି। ନିଜେ ସଂକୁଚିତ ହେବାକୁ ପଡ଼େ।

କରୋନା କାଳରେ ଅନେକ କଥା ଘଟିଯାଇଛି। ଧନବଳ ଥାଇ ମଧ୍ୟ ମୃତ୍ୟୁକୁ କେହି ଅଟକେଇ ପାରିନାହାନ୍ତି। ସେଇଠି ବି ଅନେକ ଦାତା ଅଛନ୍ତି, ମହାମାରୀରେ ଲୋକଙ୍କ ଜୀବନ ବଞ୍ଚେଇବା ଲାଗି ଧନ, ମନ ଓ ହୃଦୟକୁ ପର ପାଇଁ ଖୋଲି ଦେଇଛନ୍ତି। ସେଇମାନେ ସଦାକାଳେ ସ୍ମରଣୀୟ। ମଣିଷର ସର୍ବଶ୍ରେଷ୍ଠ ସଂପଦ ସ୍ୱାସ୍ଥ୍ୟ। ଅଥଚ ଏବେ ମଣିଷର ସବୁଠାରୁ ପ୍ରିୟ ଅର୍ଥ। କୋଟିପତି କିରାଣି, ପୋଲିସ, ଅଙ୍ଗନୱାଡ଼ି, ଶିକ୍ଷକ, ଡାକ୍ତର, ଇଞ୍ଜିନିଅର, ଜିଆରଏସ୍ ଭଳି ଚେହେରା ପ୍ରତିଦିନ ଟିଭି ପରଦାରେ ନାଚୁଛି। କିଏ କାହାକୁ ଲୁଚୁଛି। ସମ୍ପତ୍ତିକୁ ନେଇ ବାଦବିବାଦ ବଢୁଛି। କ୍ଷମତା ପାଇଁ ବଳପ୍ରୟୋଗ କରାଯାଉଛି। ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିଛି। ନିଜର କାୟା ବଢ଼େଇବା ପାଇଁ ଅନ୍ୟର ଛାୟାକୁ ନିପାତ କରାଯାଉଛି। ଏମିତି ବି ନିଜର ଆଧିପତ୍ୟ ବିସ୍ତାର ଲାଗି ସବୁ ସମ୍ପର୍କକୁ ପଛକୁ ଠେଲି ଦିଆଯାଉଛି। ସର୍ବଶକ୍ତିମାନ୍ ହେବାର ଭ୍ରମରେ ବିଭୋର ହେଉଛି ମନ ଓ ପ୍ରାଣ। ଏଥିପାଇଁ ନିଜର ଆପଣାର ମଣିଷମାନଙ୍କୁ ନେଇ ସୁଖଦ ଜୀବନର ପରିକଳ୍ପନା କରୁଛି। ତାକୁ ନେଇ ଗତିଶୀଳ ବି ହେଉଛି। କିନ୍ତୁ ମଣିଷ ଶେଷରେ ହାରିବାକୁ ପଡୁଛି।

ଜୀବନର କରୁଣ ପରିଣତିକୁ ଦେଖି ଗୌତମ ବୁଦ୍ଧ ଦିନେ ଗୃହତ୍ୟାଗୀ ହୋଇ କାରଣ ଖୋଜିବାକୁ ବାହାରିଥିଲେ। ମଣିଷ ଜୀବନର ବାସ୍ତବ ସତ୍ୟକୁ ରାସ୍ତାରେ ଦେଖିଲେ ମଧ ତା'ର ନିରାକରଣ ମାର୍ଗ ପ୍ରଦର୍ଶନ କଲେ। ଏଠି ଆଜିକା ମଣିଷ ନିତିଦିନ ଜୀବନର ସତ୍ୟକୁ ଦେଖୁଛି। ଚାକିରି ପରେ ଏକାକୀ ବୃଦ୍ଧ ଦମ୍ପତିଙ୍କୁ ମୁହଁ ମୋଡ଼ି ଚାଲିଯାଉଛି ପୁତ୍ର। ଧାଇଁ ଧାଇଁ ଅର୍ଜିଥିବା ସମ୍ପତ୍ତି ଅସାର ଲାଗୁଛି। ହାତ ଧରି ଚାଲୁଥିବା ହଳେ ସଂସାରୀ ଭିତରୁ ଜଣେ ଛିଡ଼ିଗଲେ ଆରଜଣକ ପାଇଁ ଜୀବନ ତୁଚ୍ଛ ଲାଗୁଛି। ବୟସ ଭାରରେ ନଇଁ ପଡୁଥିବା ମଣିଷଟି ଘୋଷାରି ହୋଇ ଜୀବନକୁ ଠେଲିଠେଲି ଏକାକୀ ନେଉଛି। ସେତେବେଳେ ଜୀବନତମାମର ପାପପୁଣ୍ୟର ହିସାବ କରୁକରୁ ଆଖିକୁ ଲୁହ ଜକେଇ ଆସୁଛି। ଯାହା ପାଇଁ ମଣିଷ ଜୀବନରେ ସବୁ କିଛି କରିଆସୁଛି, ସେଇ ଚରିତ୍ର ଶେଷରେ ପଛ କରି ଚାଲିଗଲା ପରେ ଜୀବନ ଆଉ ଜୀବନ ହୋଇ ରହୁନି। ସୁଖଦ ଜୀବନ ବଞ୍ଚୁଥିବାବେଳେ ହଠାତ୍ ଦୁରାରୋଗ୍ୟର ଶିକାର କିମ୍ବା ଦୁର୍ଘଟଣାର ସମ୍ମୁଖୀନ ହେଲା ପରେ ମଣିଷର ମନ ଓ ହୃଦୟ କୋରି ହୋଇଯାଉଛି। ଅର୍ଜିଥିବା ଧନସମ୍ପତ୍ତି, ଗଢ଼ିଥିବା ସାମ୍ରାଜ୍ୟ ସେତେବେଳେ ସେଇ ମଣିଷ ପାଇଁ ଅଦରକାରୀ ଲାଗୁଛି। ଜୀବନର ଏମିତି ଏକ ମୋଡ଼କୁ ସାମ୍ନା କରେ ପ୍ରତ୍ୟେକ ମଣିଷ। ସେଇ ମୋଡ଼ରେ ବଦଳିଯାଏ ଜୀବନର ଗତିପଥ। ସେତେବେଳେ ଜୀବନର ପରିଭାଷାକୁ ନିଜର ସ୍ୱତନ୍ତ୍ର ଅର୍ଥରେ ବୁଝି ଆସିଥିବା ମଣିଷ ଅସଲ ଅର୍ଥକୁ ଖୋଜିବା ଆରମ୍ଭ କରେ। ସେଇଠୁ ପରକୁ ଜୀବନର ବାସ୍ତବତାକୁ ବୁଝିବାକୁ ବଳାଇ ବଳାଇ କହେ। ନିକଟରୁ ତଥାକଥିତ ମଣିଷକୁ ଦେଖି ଆସିଥିବା ଚାରିପାଖର ମଣିଷମାନେ ପରିବର୍ତ୍ତିତ ଚରିତ୍ରକୁ ଦେଖି ଚକିତ ହୋଇଯାଆନ୍ତି। ପଛରେ ଗୁଡ଼ାଏ ବାଛକୁଟ ହୁଅନ୍ତି। ଦୁରବସ୍ଥା ପାଇଁ ସେଇ ମଣିଷର ଅତୀତର କର୍ମକୁ ନିନ୍ଦନ୍ତି। କିନ୍ତୁ ସେଇ ମଣିଷଠାରୁ କିଛି ଶିକ୍ଷା କରିପାରନ୍ତିନି। ଜୀବନର କରୁଣ ବାସ୍ତବତାକୁ ତଥାପି ଗ୍ରହଣ କରିପାରନ୍ତିନି। ସେଇ ସେଇ ମୋହମାୟାରେ କ୍ଷିପ୍ର ଗତିରେ ଦୌଡ଼ିବାକୁ ଆରମ୍ଭ କରନ୍ତି। କେଉଁଠି କାହାକୁ ପଛରେ ଛାଡ଼ିବାକୁ ହେବ। କେତେ ବେଗରେ ଦୌଡ଼ିଲେ ଅନ୍ୟକୁ ପଛରେ ପକେଇ ହେବ। ଦୌଡ଼ିବା ପାଇଁ କେଉଁସବୁ କୁଟିଳ ଜାଲ ବିଛେଇବାକୁ ପଡ଼ିବ, ସେଇ ନିଶାରେ ଚୂର ହୋଇଯାଆନ୍ତି। ବେଙ୍ଗ ଦୌଡ଼ି ଦୌଡ଼ି ସେଇ ବୁଦାମୂଳକୁ ନ୍ୟାୟରେ ପୁଣି ଜୀବନର କୋଉ ଏକ ମୋଡ଼ରେ ମଣିଷ ନିଜକୁ ନିଜେ ଭେଟିବାକୁ ପଡ଼ିବ। ସେତେବେଳେ ଜୀବନକୁ ବୁଝିବା ଆରମ୍ଭ କରେ ମଣିଷ। ଘାତ ପ୍ରତିଘାତ, ପ୍ରଗତି, ଉନ୍ନତି, ପଦୋନ୍ନତି, କ୍ଷମତା ହାସଲ, ଧନ ଉପାର୍ଜନ, ସକଳ ସୁଖ ଭୋଗ ଭିତରେ ଯିଏ ଜୀବନକୁ ବୁଝିବା ଶିଖିଥିବ, ସେଇ ମଣିଷଟି ନିଜକୁ ଅନ୍ୟପାଇଁ ସମର୍ପିତ କରିବ ନିଶ୍ଚିତ। ଜୀବନର ସେଇ ସେଇ ମୋଡ଼ରେ ନିଜ ଜୀବନକୁ ନେଇ ଆଉ ଅବସୋସ ନ ଥିବ। କାରଣ ସେତେବେଳକୁ ନିଜ ଜୀବନ ଅନ୍ୟମାନଙ୍କ ପାଇଁ ଉତ୍ସର୍ଗୀକୃତ ହୋଇ ସାରିଥିବ।




ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ପରିବେଶକୁ ରକ୍ଷା ଲାଗି ଏବେ ତାପଜ ବିଦ୍ୟୁତ୍ ପରିବର୍ତ୍ତେ ସୌର ଶକ୍ତି ଉତ୍ପାଦନକୁ ପ୍ରାଧାନ୍ୟ ଦିଆଯାଉଛି। ଏହି କ୍ରମରେ ସୋଲାର ପାୱାର ଷ୍ଟେଶନ ସଂଖ୍ୟା ବୃଦ୍ଧି ପାଉଛି ଓ ସେହି ଅନୁପାତରେ ସୌର ପ୍ୟାନେଲ ବର୍ଜ୍ୟ ବଢ଼ିବାରେ ଲାଗିଛି। ୨୦୩୦ ସୁଦ୍ଧା ଭାରତରେ ଏହି ବର୍ଜ୍ୟ ୨ ଲକ୍ଷ ଟନ୍ ହେବ ବୋଲି ଆକଳନ କରାଯାଇଥିବା ବେଳେ ଏହାର ରିସାଇକ୍ଲିଂ କରିବାକୁ ବେଙ୍ଗାଲୁରୁର ଭାରତୀୟ ବିଜ୍ଞାନ ସଂସ୍ଥା (ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ)ର ବୈଜ୍ଞାନିକମାନେ ଏକ ବିକଳ୍ପ ଖୋଜି ପାଇଛନ୍ତି। ସୋଲାର ପ୍ୟାନେଲ ବର୍ଜ୍ୟର ଗମ୍ଭୀର ପ୍ରଭାବରୁ ପରିବେଶକୁ ରକ୍ଷା ଲାଗି ବୈଜ୍ଞାନିକମାନେ ସେଥିରେ ଘର ଓ ଫର୍ନିଚର ତିଆରି କରିବାକୁ ସକ୍ଷମ ହୋଇଛନ୍ତି। ଡ. ମଣ୍ଟୋ ମଣିଙ୍କ ନେତୃତ୍ୱରେ ବୈଜ୍ଞାନିକ ଟିମ୍ ୨୦୧୮ରେ ପ୍ରୋଜେକ୍ଟ ଆରମ୍ଭ କରି ସୋଲାର ପ୍ୟାନେଲ ବର୍ଜ୍ୟର କ୍ଷତି ଆକଳନ କରିବା ପରେ ତାହାକୁ ଦୂର କରିବାର ଉପାୟ ପାଇଥିଲେ। ପରେ ସେମାନେ ନିଷ୍କ୍ରିୟ ସୋଲାର ପ୍ୟାନେଲ ବ୍ୟବହାର କରି ଶସ୍ତାରେ ଘର ନିର୍ମାଣ କରିବାକୁ ସକ୍ଷମ ହୋଇଛନ୍ତି। ୨୫ ବର୍ଷ ପରେ ଏହି ସୋଲାର ପ୍ୟାନେଲ ଅଦରକାରୀ ହୋଇଯାଏ। ଏଣୁ ଏହି ପ୍ୟାନେଲକୁ ସଂଗ୍ରହ କରି ଡ. ମଣି ଓ ତାଙ୍କ ଟିମ୍ ଘର, ଟେବୁଲ ଆଦି ନିର୍ମାଣ କରିପାରିଛନ୍ତି। ୨୦୩୦ ପରେ ସୋଲାର ପ୍ୟାନେଲ ବର୍ଜ୍ୟ ଆହୁରି ବୃଦ୍ଧି ପାଇ ୨୦୫୦ ସୁଦ୍ଧା ୭୮ ମିଲିୟନ ଟନ୍ ଛୁଇଁବ। ଏଣୁ ଏବେଠାରୁ ଏହାର ରିସାଇକ୍ଲିଂ କରି ଘର ଓ ଅନ୍ୟାନ୍ୟ ଉପକରଣ ତିଆରି କରିବା ଲାଗି ସ୍ୱତନ୍ତ୍ର ଟେକ୍ନିକ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କହନ୍ତି ମଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜୁନ୍ ୧୯୯୭

- ୬୫ କୋଟି ଟଙ୍କା ଜୈନ ହାୱାଲା ମାମଲାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୁଟା ସିଂ, କମଳନାଥ, ବି. ଡାକ୍ନି ଏବଂ ରାମଚନ୍ଦ୍ର ମୁକ୍ତ।
- ଟେଷ୍ଟ କ୍ରିକେଟ ପଦାର୍ପଣର ପ୍ରଥମ ବର୍ଷରେ ହିଁ ଭାରତୀୟ ପେସ୍ ବୋଲର ଭେଙ୍କଟେଶ ପ୍ରସାଦଙ୍କୁ ମାଫତଲାଲ ପୁରସ୍କାର ପ୍ରଦାନ।

## ସୁଡୋକୁ

su|do|ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | | | | 5 | | 6 | 8 |
| | | | | | | | 5 | |
| | 2 | | 4 | 6 | 7 | | | 9 |
| | 9 | 4 | | | | 8 | | |
| | | 2 | 9 | | | | | |
| | | | | 3 | 8 | | | |
| | 5 | | | | 9 | | | |
| | 8 | | 7 | | | | | 6 |
| 6 | | | 8 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 2 | 4 | 1 | 3 | 8 | 9 | 6 |
| 9 | 6 | 1 | 5 | 8 | 7 | 3 | 4 | 2 |
| 3 | 4 | 8 | 6 | 9 | 2 | 1 | 7 | 5 |
| 2 | 3 | 5 | 9 | 7 | 6 | 4 | 1 | 8 |
| 1 | 8 | 9 | 3 | 2 | 4 | 6 | 5 | 7 |
| 4 | 7 | 6 | 8 | 5 | 1 | 9 | 2 | 3 |
| 5 | 9 | 4 | 7 | 6 | 8 | 2 | 3 | 1 |
| 6 | 1 | 3 | 2 | 4 | 5 | 7 | 8 | 9 |
| 8 | 2 | 7 | 1 | 3 | 9 | 5 | 6 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱାସ୍ଥ୍ୟ ହିଁ ସମ୍ପଦ

ମହାଶୟ,

ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି କଳ୍ପେ ସରକାର ନାନାବିଧ ଯୋଜନା କରୁଛନ୍ତି। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏହି ମର୍ମରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ସରକାର ନୂତନ ଡାକ୍ତରଖାନା, ଆଞ୍ଚଳିକ ଡାକ୍ତରଖାନା ଓ ମେଡିକାଲ କଲେଜମାନ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେଉଛନ୍ତି। ଅପହଞ୍ଚ ସ୍ଥାନରେ ରୋଗୀମାନେ କିପରି ଉତ୍ତମ ଚିକିତ୍ସା ପାରିବେ ସେଥିପାଇଁ ବନ୍ଦୋବସ୍ତ କରୁଛନ୍ତି। ତେବେ କେବଳ ନୂତନ ଡାକ୍ତରଖାନା ନିର୍ମାଣ ଓ ମରାମତି କରିଦେଲେ ଲୋକେ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଭାବିବା ଠିକ୍ ନୁହେଁ। ସେଥିପାଇଁ ଆବଶ୍ୟକ ଚିକିତ୍ସକ ରହିବା ଆବଶ୍ୟକ। ଏଥିସହ ଔଷଧ ଓ ଯଥେଷ୍ଟ ଯନ୍ତ୍ରପାତି, ଡାକ୍ତରଙ୍କୁ ସାହାଯ୍ୟ ପାଇଁ ନର୍ସ, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀ ଓ ଟେକ୍ନିସିଆନମାନଙ୍କୁ ନିଯୁକ୍ତି ଦେବା ଦରକାର। ଏତଦ୍‌ଭିନ୍ନ ସ୍ୱାସ୍ଥ୍ୟ ସେବାର ତଦାରଖ ଆବଶ୍ୟକ। ମଝିରେ ମଝିରେ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟ ପରିଚାଳନାକୁ ତନଖି କରାଯିବା ବାଞ୍ଛନୀୟ। ତା'ହେଲେ ଲୋକଙ୍କୁ ପ୍ରକୃତ ସ୍ୱାସ୍ଥ୍ୟସେବା ମିଳିବା ସମ୍ଭବ ହୋଇପାରିବ।

-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ଆଦିକାଳୁଁ ଯା'ର ଚଳେ ଆଲୋଚନା
ଅବିରାମ ସେହି ରୂପର ସାଧନା
ରଚେ ଅହରହ ନବ ନବ ଭାଷା
କେତେ ଯୁଗ ଯୁଗ ଧରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଛାତ୍ର କଂଗ୍ରେସ ସଭାପତି ସମ୍ବର୍ଦ୍ଧିତ

ବରଗଡ଼ ଅଫିସ୍: ବରଗଡ଼ ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତିଙ୍କୁ ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟାୟ, ଅତ୍ୟାଚାରକୁ ବିରୋଧ ସହ ଛାତ୍ରଙ୍କ ହକ୍ ପାଇଁ ସେ ଲଢ଼େଇ ଜାରି ରଖିଛନ୍ତି। ଏଥିପାଇଁ ଶନିବାର ଭୁବନେଶ୍ୱର କଂଗ୍ରେସ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ରାଜ୍ୟ ଛାତ୍ର କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଚଟାଣରେ ଗଡ଼ୁଛନ୍ତି ପ୍ରସୂତି, ନବଜାତକ

ସୋନପୁର,୧୨।୬(ନି.ପ୍ର.)

■ସୁବର୍ଣ୍ଣପୁର ଜିଲା ଡାକ୍ତରଖାନାରେ ଶଯ୍ୟା ଅଭାବ

■ଡାକ୍ତରଖାନାରେ ରହିଛି ମାତ୍ର ୧୨୦ ସରକାରୀ ମଞ୍ଜୁରୀ ପ୍ରାପ୍ତ ଶଯ୍ୟା

ସୁବର୍ଣ୍ଣପୁର ଜିଲା ଡାକ୍ତରଖାନାରେ ଶଯ୍ୟା ଅଭାବ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ମାନେ ଅସୁବିଧା ଭୋଗୁଛନ୍ତି। ସାଧାରଣ ରୋଗୀଙ୍କ ସମେତ ପ୍ରସୂତୀ ଓ ନବଜାତକଙ୍କୁ ଡାକ୍ତରଖାନା ବାରଣ୍ଡାରେ ରଖାଯାଉଛି। ପ୍ରବଳ ଗ୍ରୀଷ୍ମ ସମୟରେ ରୋଗୀ ଚଟାଣରେ ଶୋଇବାକୁ ବାଧ ହେଉଛି। ସେମାନଙ୍କ ପାଇଁ କୁଲରଟିଏ ମଧ୍ୟ ବ୍ୟବସ୍ଥା ହୋଇପାରିନି। ଏହି ଦୃଶ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାକୁ ପଦାରେ ପକାଇ ଦେଇଛି।

୧୯୯୩ ଅପ୍ରେଲ ୧ରେ ସୁବର୍ଣ୍ଣପୁର ନୂତନ ଜିଲା ହେଲା। ସେହିକ୍ରମରେ ସୋନପୁର ଉପଖଣ୍ଡ ଡାକ୍ତରଖାନା ଜିଲା ମୁଖ୍ୟ ଡାକ୍ତରଖାନାର ମାନ୍ୟତା ପାଇଲା। କିନ୍ତୁ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ବୃଦ୍ଧି ହେଲାନି। ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଡାକ୍ତରଖାନାର ମୋଟ ଶଯ୍ୟା ସଂଖ୍ୟା ଏବେ ବି ୧୨୦ ରହିଛି। ଏହି ଡାକ୍ତରଖାନା ଉପରେ ସୁବର୍ଣ୍ଣପୁର ଓ ପଡୋଶୀ ବୌଦ୍ଧ ଜିଲାର ଲକ୍ଷାଧିକ ଜନସାଧାରଣ ନିର୍ଭର କରନ୍ତି। ପ୍ରତ୍ୟେହ ୫୦ରୁ ଊର୍ଦ୍ଧ୍ୱ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି । ଏଠାରେ ୩ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ମାତ୍ର ୨୪ଟି ସରକାରୀ ମଞ୍ଜୁରୀ ପ୍ରାପ୍ତ ଶଯ୍ୟା ରହିଛି। ଗର୍ଭବତୀ ମହିଳା ସୁରକ୍ଷିତ ଭାବେ ଡାକ୍ତରଖାନାରେ ଏକ ଉପଯୁକ୍ତ ସ୍ୱାସ୍ଥ୍ୟକର ପରିବେଶରେ ନିଜର ଶିଶୁଙ୍କୁ ଜନ୍ମ ଦେବା ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବା ପାଇଁ ସୁରକ୍ଷିତ ପ୍ରସବକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସରକାରୀ ଡାକ୍ତରଖାନା ଗୁଡିକରେ ପ୍ରସବ କରୁଥିବା ପ୍ରସୂତୀ ମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଫଳରେ ପୂର୍ବାପେକ୍ଷା ବର୍ତ୍ତମାନ ଡାକ୍ତରଖାନାକୁ ଅଧିକ ଗର୍ଭବତୀ ପ୍ରସବ ପାଇଁ ଆସୁଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ଜିଲା ସଦର ମହକୁମାର ଝୁପୁଡିପଡାରେ ୩୨ କୋଟି ଟଙ୍କା ବ୍ୟୟରେ ୫୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନ ସରିଛି। କିନ୍ତୁ ଜିଲା ପ୍ରଶାସନ ତାହାକୁ କାର୍ଯ୍ୟକ୍ଷମ କରୁନାହାଁ। ଜିଲା ସ୍ୱାସ୍ଥ୍ୟ ବିଭାଗରେ ମାନବ ସମ୍ବଳ ନଥିବା ଦର୍ଶାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ କର୍ତ୍ତୃପକ୍ଷ କାର୍ଯ୍ୟକ୍ଷମ କରାଉ ନାହାନ୍ତି। ଅନ୍ୟପକ୍ଷେ ଆବଶ୍ୟକ ଶଯ୍ୟା ଅଭାବରୁ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବାରଣ୍ଡାରେ ଚିକିତ୍ସିତ ହେବାକୁ ପଡୁଛି। ଏକାଧିକ ପ୍ରସୂତୀ ବାରଣ୍ଡାରେ ନିଜ ନବଜାତକଙ୍କୁ ଧରି ପଡି ରହୁଛନ୍ତି। ସେହି ବାରଣ୍ଡା ଦେଇ ପ୍ରତ୍ୟହ ଶତାଧିକ ରୋଗୀ, ସୁଇପର, ସମ୍ପର୍କୀୟ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନେ ଜୋତା ପିନ୍ଧି ଡାକ୍ତରଖାନାର ଅନ୍ତର୍ବିଭାଗକୁ ଯାତାୟତ କରୁଛନ୍ତି। ତେଣୁ ସଂକ୍ରମଣର ଭୟ ରହୁଛି । ଏ ସମ୍ପର୍କରେ ସୋନପୁର ବ୍ଲକ ସାନଝିଙ୍କି ଗ୍ରାମର ପାର୍ବତୀ ଆଡଜୁଆଡି(୬୦) କୁହନ୍ତି, ଝାଡା ହେବାରୁ ସେ ଡାକ୍ତରଖାନା ଆସିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସିତ ହେଉଛନ୍ତି। ତେବେ ଶଯ୍ୟା ଅଭାବରୁ ଚିକିତ୍ସା ପାଇଁ ସେ ଚଟାଣରେ ଶୋଇ ରହିବାକୁ ବାଧ ହେଉଛନ୍ତି। ସେହିପରି ଉଲୁଣ୍ଡା ବ୍ଲକ ବଲାଡି ଗ୍ରାମର ନିରଞ୍ଜନ ସାହୁ(୫୩) ଓ ବୀରମହାରାଜପୁର ବ୍ଲକ ଗଉଡଗାଡ ଗ୍ରାମର ଗାହିଁଣା ପ୍ରଧାନ(୫୦) ବାରଣ୍ଡାରେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। କିଛି ପ୍ରସୂତୀ ମହିଳା ଶଯ୍ୟା ଅଭାବରୁ ନିଜର ନବଜାତକଙ୍କ ସହ ବାରଣ୍ଡାରେ ଗଡୁଥିବା ଦେଖିବାକୁ ମିଳିଛି। ଅସହ୍ୟ ଗରମ ହେଉଛି । ତେଣୁ ସରକାର ଶଯ୍ୟା ସଂଖ୍ୟା ବୃଦ୍ଧି କରିବାକୁ ରୋଗୀ ଓ ପରିଜନ ମାନେ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ସାହୁଙ୍କ ସହିତ ଯୋଗାଯୋଗ କରିଥିଲୁ। ସେ କହିଥିଲେ ଶଯ୍ୟାର ଅଭାବ ରହିଛି। ଆମେ ଅଧିକ ୧୫ଟି ଶଯ୍ୟା ପକାଇଛୁ, ମାତ୍ର ତାହା ଯଥେଷ୍ଟ ହେଉନି। ସ୍ୱାଭାବିକ ପ୍ରସବ ହେଉ ବା ଅସ୍ତ୍ରୋପଚାର ପ୍ରସବ ହେଉ ଉଭୟ ମା' ଓ ଶିଶୁଙ୍କ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟୁନ ୪୮ଘଣ୍ଟା ରହିବା ବାଧ୍ୟତାମୂଳକ। ତେଣୁ ପ୍ରସୂତୀ ଓ ନବଜାତକଙ୍କୁ ବାରଣ୍ଡାରେ ରଖିବାକୁ ପଡୁଛି । ନୂତନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଥିଲେ।


ରୋଗୀମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ପାତାଳି ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି

ସୋନପୁର,୧୨।୬(ନି. ପ୍ର.): ଆସନ୍ତା ୧୪ ତାରିଖ ମଙ୍ଗଳବାର ସୁବର୍ଣ୍ଣପୁର ଜିଲାର କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା ଓ ଗଜାନନ ବେଶ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଭୋର ୫ଟାରେ ମଙ୍ଗଳ ଆଳତି, ସକାଳ ୯ଟାରେ ଧାଡ଼ି ପହଣ୍ଡି, ପୂର୍ବାହ୍ନ ୧୧ଟାରେ ଶ୍ରୀଜିଉଙ୍କ ମହାସ୍ନାନ ଓ ଅପରାହ୍ନ ୧ଟାରେ ଦୁର୍ଲ୍ଲଭ ଗଜାନନ ବେଶ ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ରେ ମହାପ୍ରଭୁଙ୍କ ଅଣ ସରବିଜେ ଅନୁଷ୍ଠିତ ହେବ। କରୋନା କଟକଣା ଯୋଗୁଁ ବିଗତ ୨ବର୍ଷ ଧରି ସମସ୍ତ ଯାନିଯାତ୍ରା ଭକ୍ତଙ୍କ ବିନା କେବଳ ନୀତିକାନ୍ତିରେ ସମାପନ ହୋଇଥିଲା। ଚଳିତ ବର୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାରୁ ଶ୍ରଦ୍ଧାଳୁଙ୍କ ମନରେ ଅପୂର୍ବ ଆନନ୍ଦ ପ୍ରକାଶ ପାଇଛି। ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି ବୋଲି ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ କହିଛନ୍ତି।

### ଗାଡ଼ି ଧକ୍କାରେ ଜଣେ ମୃତ, ୧ ଆହତ

ଝାରସୁଗୁଡା ଅଫିସ,୧୨।୬: ଝାରସୁଗୁଡା ଜିଲା ଲଖନପୁର ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥ ପତ୍ରାପାଲି ନିକଟରେ ରବିବାର ସାଢେ ୭ଟାରେ ଏକ ଅଜଣା ଗାଡି ୨ଜଣ ପଥଚାରୀଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ଏଥିରେ ପତ୍ରାପାଲି ଗ୍ରାମର ଖଗେଶ୍ୱର ମୁଣ୍ଡା(୨୪) ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ କପିଳ ମୁଣ୍ଡା ଆହତ ହୋଇଥିବା ଜଣାପଡିଛି। ଏସମ୍ପର୍କରେ ଲଖନପୁର ଥାନା ଆଇଆଇସି ଦୁଃଖିନ୍ଦ୍ର ସାହୁ ଖବରପାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଗାଡ଼ି ଧରିବା ନେଇ ଛାନଭିନ ଚଳାଇଛନ୍ତି।

### କର୍ଲାମୁଣ୍ଡା ବ୍ଲକ ଆଦିବାସୀ ସଂଘ କର୍ମକର୍ତ୍ତା ଚୟନ

**ସୁରେନ୍ଦ୍ର ଭୋଇ ବ୍ଲକ ସଭାପତି ମନୋନୀତ**

କର୍ଲାମୁଣ୍ଡା,୧୨।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆଦିବାସୀ ସଂଘ କର୍ମକର୍ତ୍ତା ଚୟନ କର୍ଲାମୁଣ୍ଡା ବସ୍ତି ନିକଟ କାଜୁ ବଗିଚାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ନେତା ପରଧିଆ ଧରୁଆଙ୍କ ସଭାପତିତ୍ୱରେ ଆଦିବାସୀ ନେତା ପ୍ରକାଶ ମାଝିଙ୍କ ଉପସ୍ଥିତିରେ ବ୍ଲକ ଆଦିବାସୀ ସଂଘ ସଭାପତି ଭାବେ ସୁରେନ୍ଦ୍ର ଭୋଇ, ଉପସଭାପତି ଭାବେ ଜଗବନ୍ଧୁ ଧରୁଆ ଓ ସ୍ୱୟଂମ୍ବର ମିର୍ଦ୍ଧା, ସମ୍ପାଦକ ଗୋବିନ୍ଦ ଭୋଇ, ସହସମ୍ପାଦକ କୁମରମଣି ପାତ୍ର, କୋଷାଧ୍ୟକ୍ଷ ନରେନ୍ଦ୍ର ଶବର, ମିଡିଆ ସେଲ ଆବାହକ ନନ୍ଦି କିଶୋର ଭୋଇ ପ୍ରମୁଖ ମନୋନୀତ ହୋଇଛନ୍ତି। ଉପଦେଷ୍ଟା କମିଟିରେ ଗୋବର୍ଦ୍ଧନ ଭୋଇ, ସୁବାସ ଭୋଇ, ବାସୁଦେବ ମାଝି, ଶଙ୍କର ଭୋଇ, ଦୟାନିଧି ମାଝି, ପରାଧିଆ ଧରୁଆ, ରାଜେନ୍ଦ୍ର ଭୋଇ, ପବିତ୍ର ଭୋଇ, ଜଗନ୍ନାଥ ଭୋଇ, ବାଦୁଲୁ ଜାନି,ବରୁଣ ଭୋଇ ମନୋନୀତ ହୋଇଛନ୍ତି। ଏଥିରେ କର୍ଲାମୁଣ୍ଡା ବ୍ଲକ ଆଦିବାସୀ, ଗଣ୍ଡାୱାନା, ଶବର, ମିର୍ଦ୍ଧା, ବିଞ୍ଝାଲ, ସଉରା ପ୍ରଭୃତି ସମାଜ ବ୍ଲକ କର୍ମକର୍ତ୍ତା ଓ ଆଦିବାସୀ ସମ୍ପ୍ରଦାୟ ଜନସାଧାରଣ ଉପସ୍ଥିତ ଥିଲେ। ନୂତନ କର୍ମକର୍ତ୍ତା ଚୟନ ପରେ ବ୍ଲକରେ ନକଲି ଆଦିବାସୀଙ୍କ ବିରୋଧ ଓ ଜଳ, ଜଙ୍ଗଲ, ଜମିର ହକ ଅଧିକାର ପାଇଁ ଆଗାମୀ ଦିନରେ ବ୍ଲକ, ତହସିଲ, ଗୋଷ୍ଠିଶିକ୍ଷା କେନ୍ଦ୍ର ଘେରାଉ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ମିଡିଆ ସେଲ ଆବାହକ ନନ୍ଦୀ କିଶୋର ଭୋଇ କହିଛନ୍ତି।

## ଆନ୍ଦୋଳନମୁହାଁ ଚାଷୀ ସଙ୍ଗଠନ

ସୋହେଲା,୧୨।୬(ଡି.ଏନ.ଏ.)

ବରଗଡ଼ ଜିଲା ସୋହେଲା ଡାକବଙ୍ଗଳାଠାରେ କୃଷକ ବିକାଶ ମଞ୍ଚର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ କାର୍ଯ୍ୟକାରୀ ସଭାପତି ମନୋହାର ମାଝି ପରିଚାଳନା କରିଥିଲେ। ମେ ୨୭ ଆନ୍ଦୋଳନ ପରେ ଜିଲା ପ୍ରଶାସନ ଓ ବୀମା କମ୍ପାନୀ ବୀମା ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଜେପୁର ବ୍ଲକର ଚାଷୀ ନେତା ସୁବାଷ ପଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯୋଗଦେଇ ଆଲୋଚନା କରିଥିଲେ। ଚାଷୀମାନେ ସର୍ବସମ୍ମତ କ୍ରମେ ପୁଣି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଖବର ପାଇ ଭଟଲି ବିଧାୟକ ସୁଶାନ୍ତ ସିଂ ବୈଠକସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେ ନିଜେ କୃଷି ବିଭାଗର ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ସହ କଥା ହୋଇ ଆସନ୍ତା ୧୪ ସୁଦ୍ଧା ଜଣାଇବେ ବୋଲି କହିଥିଲେ। ଏଥିପାଇଁ ଚାଷୀମାନେ ଆସନ୍ତା ୧୭ରେ ପ୍ରଶାସନକୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅବଧିରେ ବୀମା ରାଶି ପ୍ରଦାନ କରା ନ ଗଲେ ଆଗାମୀ ୨୦ରେ ଅଖଚକ ବନ୍ଦ କରି ଜିଲାର ସମସ୍ତ ଅଣଜଳସେଚିତ ବ୍ଲକରେ ଆନ୍ଦୋଳନ କରିବାକୁ ଧମକ ଚାଷୀମାନେ ଚେତାବନୀ ଦେଇଛନ୍ତି। ବୈଠକରେ ଲାଲ ପଧାନ, ନନ୍ଦି ଭୋଇ, କପିଳ ଥପା, ଯୁଧିଷ୍ଠିର ନାୟକ, ହେମଚନ୍ଦ୍ର ପଧାନ, ଦୀପକ ପଧାନ, ଜୟଦ୍ରଥ ବିଶ୍ୱାଳ, ଲକ୍ଷ୍ମଣ ପଧାନ, ଦୈତାରି ଭୋଇ, ଅନ୍ତର୍ଯାମୀ ପାତ୍ର, କାନ୍ତ ଗଡ଼ତିଆ, କୃଷ୍ଣଚନ୍ଦ୍ର ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚାନକ ମଣ୍ଡି ପରିଦର୍ଶନ କଲେ ବିଧାୟକ

ବଲାଙ୍ଗୀର ଅଫିସ, ୧୨।୬

■ନକଲି ଚାଷୀଙ୍କୁ ପଞ୍ଜୀକୃତ କରି ଚାଲିଛି ଧାନକିଣା

■କଟନି ଛଟନିକୁ ଅଭିଯୋଗ କଲେ ଚାଷୀ

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ରୋତ ସମବାୟ ସମିତି ଦ୍ୱାରା ପରିଚାଳିତ ଧାନକିଣା କେନ୍ଦ୍ରକୁ ବିଧାୟକ ନରସିଂହ ମିଶ୍ର ରବିବାର ଅଚାନକ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଚାଷୀମାନେ ଗୁରୁତର ଅଭିଯୋଗ କରିବା ସହ କେନ୍ଦ୍ରରେ ଘୋର ଅବ୍ୟବସ୍ଥା ହେଉଥିବା ଜଣାପଡିଥିଲା। ପଞ୍ଜୀକୃତ ଚାଷୀ ତାଲିକାକୁ ବିଧାୟକ ମିଶ୍ର ନିରୀକ୍ଷଣ କଲାପରେ ରୋତ ସମବାୟ ସମିତିରେ ପଞ୍ଜୀକୃତ ୧୪୨ ଚାଷୀଙ୍କ ମଧ୍ୟରୁ ଅନେକ ନକଲି ଥିବା ଜଣାପଡିଥିଲା। ଯେଉଁମାନେ ଚଳିତ ବର୍ଷ ଧାନ ଚାଷ କରିନାହାନ୍ତି ତାଙ୍କର ନାମ ଉଲ୍ଲେଖ ରହିଥିବା ଚାଷୀମାନେ ବିଧାୟକ ମିଶ୍ରଙ୍କୁ ଜଣାଇଥିଲେ। ନକଲି ଚାଷୀଙ୍କୁ କିଏ ପଞ୍ଜୀକୃତ କଲା ବୋଲି ବିଧାୟକ ମିଶ୍ର ପ୍ରଶ୍ନ କରିଥିଲେ। ଯେଉଁ ଚାଷୀମାନେ ଏହି କେନ୍ଦ୍ରରେ ପଞ୍ଜୀକୃତ ହୋଇଛନ୍ତି ସେମାନେ ଆଜି ପର୍ଯ୍ୟନ୍ତ ଧାନ ବିକିବା ପାଇଁ ଟୋକନ ପାଇନାହାନ୍ତି ବୋଲି ମଣ୍ଡିରେ ଉପସ୍ଥିତ ଚାଷୀମାନେ ଅଭିଯୋଗ କରିଥିଲେ । ଏହି ବିଷୟକୁ ନେଇ ଜିଲା ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଗଲେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଯୋଗାଣ ଅଧିକାରୀଙ୍କ ଦୁର୍ବ୍ୟବହାରର ଫୋନକଲ୍ ରେକର୍ଡିଂ ପ୍ରମାଣ ସହ ପ୍ରଦାନ କରିବେ ବୋଲି ଚାଷୀମାନେ ବିଧାୟକଙ୍କୁ କହିଥିଲେ । ଏହି ସମବାୟ ସମିତିରେ ୧୪୨ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ମାତ୍ର ୬୩ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏଥର ମଧ ଚାଷୀ ଅଭାବ ବିକ୍ରି ଶିକାର ନିଶ୍ଚିତ ଭାବରେ ହେବେ । ସେହିପରି ବୁଢୁଲା ସମବାୟ ସମିତିରେ ମଧ ଶହଶହ କୁଇଣ୍ଟାଲ ଧାନ ପଡି ରହିଛି। କିନ୍ତୁ ବିଭାଗ ତରଫରୁ ସେହି ଧାନକୁ କିଣିବା ପାଇଁ କୌଣସି ତତ୍ପରତା ପ୍ରକାଶ କରାଯାଉନାହିଁ । ଏହାକୁ ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେ ରାଜ୍ୟସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ବିଧାୟକ ମିଶ୍ର ଚାଷୀଙ୍କୁ କହିଥିଲେ। ବିଧାୟକ ମିଶ୍ରଙ୍କ ଅଚାନକ ମଣ୍ଡି ପରିଦର୍ଶନ ସମୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ, ଚିନ୍ତାମଣି ଭୋଇ, ମଧୁ ପଧାନ, କିଶୋର ପଟେଲ, ସଚ୍ଚିକାନ୍ତ ପଟେଲ, ସ୍ଥାନୀୟ ଚାଷୀ ଓ ସମବାୟ ସମିତି ସମ୍ପାଦକ ଓ ଅନ୍ୟ ମଣ୍ଡି କର୍ମଚାରୀ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କେନ୍ଦ୍ରକୁ ଚାଉଳ ଯୋଗାଣରେ ଅନିୟମିତତା

କୋକସରା,୧୨।୬(ଡି.ଏନ.ଏ.)

**୫୦ କେଜି ଚାଉଳ ବସ୍ତାରେ ୪୦ କେଜି**

କଳାହାଣ୍ଡି ଜିଲା କୋକସରା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଖେଳଣା ଯୋଗାଣରେ ଅନିୟମିତତା ହୋଇଥିବା ବେଳେ ଏବେ ଚାଉଳ ଯୋଗାଣରେ ବି ସେହି ସମାନ୍ ଅଭିଯୋଗ ଆସିଛି। ସୂଚନା ଅନୁସାରେ, ବ୍ଲକରେ ୧୬୭ ଅଙ୍ଗନୱାଡି କେନ୍ଦ୍ର ରହିଥିବାବେଳେ ୨୭ଟି ମିନି ଅଙ୍ଗନୱାଡି ସେଣ୍ଟର ଓ ୧୪୦ ସବସେଣ୍ଟର ରହିଛି। ସମୁଦାୟ ୧୬୭ କେନ୍ଦ୍ରକୁ ୮ଟି ସେକ୍ଟରରେ ଭାଗ କରାଯାଇଛି। ଏହି କେନ୍ଦ୍ରଗୁଡିକରେ ନବରଙ୍ଗପୁର ଜିଲାର ଏକ ସଂସ୍ଥା ଚାଉଳ ଯୋଗାଣ କରୁଥିବା ବେଳେ ୫୦ କେଜି ବସ୍ତାରେ ଓଜନ କଲେ ୪୦ରୁ ୪୨ କେଜି ରହୁଥିବା ଅଙ୍ଗନୱାଡି କର୍ମୀମାନେ ଅଭିଯୋଗ କରିଛନ୍ତି। ଚାଉଳ ଯୋଗାଣକାରୀ ସଂସ୍ଥା ଜଙ୍ଗଲବର୍ତ୍ତୀ ଅଞ୍ଚଳକୁ ଲାଗି ରହିଥିବା ଝୁଲେନବର, କୁଟ୍ଟୁ, ନୂଆଗାଁ ଆଦି ଅଙ୍ଗନୱାଡି କେନ୍ଦ୍ରକୁ ଚାଉଳ ନେଇ ଯୋଗାଣ କରୁନାହାନ୍ତି। ନିଜ ସୁବିଧା ମୁତାବକ ଚାଉଳ ଯୋଗାଣକାରୀ ସଂସ୍ଥା ମୁଖ୍ୟ ରାସ୍ତା ଗାଁଗୁଡିକରେ ଥିବା କେନ୍ଦ୍ରରେ ତାଙ୍କ ଚାଉଳ ଛାଡି ଦେଉଛନ୍ତି। ଫଳରେ ଅଙ୍ଗନୱାଡି କର୍ମୀମାନେ ସେଠାରୁ ଚାଉଳ ନେବାକୁ ଗାଡି ଭଡା କରି ଅନେକ ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି। ଏମିତିକି କିଛି କେନ୍ଦ୍ରକୁ ସଂସ୍ଥା ଚାଉଳ ଯୋଗାଣ କରୁ ନ ଥିବା ବେଳେ ତା' ବଦଳରେ ଟଙ୍କା ପ୍ରଦାନ କରୁଥିବା ଜଣାପଡିଛି। ଏ ନେଇ କୋକସରା ସିଡିପିଓ କୁସୁମ ବେହେରାଙ୍କୁ ପଚାରିବାରୁ ଅଙ୍ଗନୱାଡି କର୍ମୀମାନେ ଚାଉଳ ଗ୍ରହଣ କରିବା ସମୟରେ ବସ୍ତାରେ କେତେ ରହୁଛି ତାର ଓଜନ କରନ୍ତୁ। ୫୦ କେଜି ବସ୍ତା ହିସାବରେ ଚାଉଳ ଯୋଗାଣ ହେଉନି, ତାହେଲେ ଓଜନ କରି ବସ୍ତାରେ କେତେ ରହୁଛି ସେ ଅନୁସାରେ ଆମକୁ ରିପୋର୍ଟ ପ୍ରଦାନ କରନ୍ତୁ ବୋଲି କହିଛନ୍ତି।

# ମେଗା ରକ୍ତଦାନ ଶିବିର: ୧୮୧ ୟୁନିଟ ରକ୍ତ ସଂଗ୍ରହ

ଅମରପାଲି,୧୨।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆଦର୍ଶ ଥାନା ପରିସରରେ ଥାନା ତରଫରୁ ରବିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅମରେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଳାମଣି ଭୋଇ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସଂପ୍ରତି ସମୟରେ ରକ୍ତର ଆବଶ୍ୟକତାକୁ ଦେଖି କରାଯାଇଥିବା ଶିବିରର ଉଦ୍ୟୋକ୍ତାଙ୍କୁ ପ୍ରଶଂସା କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ୧୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବୁର୍ଲା ରକ୍ତଭଣ୍ଡାରର ଡ.ସାର୍ଥକ କୁମାର ପଟ୍ଟନାୟକଙ୍କ ସମେତ ଲାଲୁ ବିଶ୍ୱାସ, କରୁଣାକର ସାହୁ, ସାଇନୁ ଭୋଇ, ଗଣେଶ ପଧାନ ଏବଂ ସୋନପୁର ରକ୍ତଭଣ୍ଡାରର ଡ.ବିଶ୍ୱନାଥ ରଥ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ବୀରମହାରାଜପୁର ଆଦର୍ଶଥାନା ଅଧିକାରୀ ଅଞ୍ଜଳି କୁମ୍ଭାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଥାନାର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ। ଶିବିରରେ ବୀରମହାରାଜପୁର ଉପଖଣ୍ଡୀୟ ସାମ୍ବାଦିକ ସଂଘ, ସ୍ଥାନୀୟ କଲେଜର ଏନସିସି, ଡ୍ରାଇଭର ମହାସଂଘ, ମୁର୍ଚ୍ଛୁଣ୍ଡୀ ଗଜଲକ୍ଷ୍ମୀ ପୂଜା କମିଟି, ସ୍ପୋର୍ଟ୍ସ କ୍ଲବ, ବଜରଙ୍ଗ କ୍ଲବ, ବିଦ୍ୟୁତ୍ ବିଭାଗ କର୍ମଚାରୀ ଆଦି ପ୍ରମୁଖ ସଙ୍ଗଠନର ସଦସ୍ୟମାନେ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।


ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

**P.G. Department of Commerce**
**Science College (Autonomous) Hinjilicut-761102**

Applications are invited for position of one (01) **Project Assistant** under the research project sponsored by OURIIP-2021 Seed fund. For details please visit college website www.sch.edu.in. The last date for receiving the applications is 25th June 2022.

**Sd./- Principal Investigator, OURIIP-Seed Fund**
**Contact No.7787995446**

**ଘାସିରାମ ମିଶ୍ରଙ୍କୁ ଫକୀର ପଟ୍ଟନାୟକ ସ୍ମୃତି ସମ୍ମାନ**

# ଫକୀର ସନ୍ଧ୍ୟା କାର୍ଯ୍ୟକ୍ରମରେ ଦର୍ଶକ ଝୁମିଲେ

ବଲାଙ୍ଗୀର ଅଫିସ, ,୧୨।୬

ସୁନାମଧନ୍ୟ କଣ୍ଠଶିଳ୍ପୀ ଫକୀର ପଟ୍ଟନାୟକଙ୍କ ସମ୍ମାନ ଉଦ୍ଦେଶ୍ୟରେ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ସଭାଗୃହରେ ଫକୀର ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଜୋତ କଳାକେନ୍ଦ୍ର ଏବଂ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତ ବିଭାଗ ଓଡିଶା ସରକାର ମିଳିତ ଆନୁକୂଲ୍ୟରେ ଫକୀର ସନ୍ଧ୍ୟା ଆୟୋଜିତ ହୋଇଥିଲା । ଆବାହକ ଜୟକୃଷ୍ଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟି ସମ୍ପାଦକ ସଙ୍ଗୀତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ତୁତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ସଂସ୍କୃତି ଗବେଷଣ ଡ. ଘାସିରାମ ମିଶ୍ର, କୋସଲୀ ଗବେଷକ ନିମାଇଁ ଚରଣ ପାଣିଗ୍ରାହୀ, କୋସଲି ବ୍ୟଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ, ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଭ୍ୟ ଶାଶ୍ୱତ କୁମାର ତ୍ରିପାଠୀ ମଞ୍ଚାସୀନ ଥିଲେ । କବି ଅର୍ଜୁନ ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ବିଧାୟକ ମିଶ୍ର ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ରଙ୍କୁ ଫକୀର ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରିଥିଲେ। କଳାକାର ମୁରଲୀଧାରୀ ପତି, ବ୍ୟାସଦେବ ପୁରୋହିତ, ପଦ୍ମଲୋଚନ ସାହୁ, ଅଚ୍ୟୁତ ପୁରୋହିତ, ଶିବାନନ୍ଦ ତ୍ରିପାଠୀ, ପ୍ରୀତମ କୁମାର ମିଶ୍ର, ଉପେନ୍ଦ୍ର ସୁନା, ଦୀପିକା ଦୀପ, ପ୍ରିୟଙ୍କା ରଥ ଓ ଶାଶ୍ୱତଙ୍କୁ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦେଓଗାଁ ବିଡିଓ ରାମଦତ୍ତ ଭୋଇ, ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠ, ସମାଜସେବୀ ନୀଳାଦ୍ରି ମହାପାତ୍ର, ବାସୁଦେବ ମେହେର, କପିଳେଶ୍ୱର ଖମାରୀ, ପ୍ରଭାକର ମିଶ୍ର, ସୁନୀଲ ମିଶ୍ର, ରାମ ଦାଶ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସନ୍ଦିପ କୁଅଁର, ବିଭୁ କଲ୍ୟାଣ ଗଡତ୍ୟା, ଶରତ ପଟ୍ଟନାୟକ, ଅନିତା ମିଶ୍ର, ସୁଚରିତା ଦାଶ, ବିଜୟତା ଦାଶ,ସ୍ୱସ୍ତିକ ସାହୁ, ସୁମି, ସତ୍ୟବ୍ରତ ପଟେଲ, ଗଣେଷ ବେହେରା, ଜବାହାର ନନ୍ଦ, ରାମ ଶତପଥି, ଶ୍ରୀକାନ୍ତ ଦାଶ, ରାମ ନାରାୟଣ ଦାଶ, ବିନୋଦ କାଲସାଏ, ସଂଜୟ ନାୟକ, କାଳିଆ ମହଲା, ସାମସନ ନିସାର ଉପସ୍ଥିତ ଥିଲେ। ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଫକୀର ସନ୍ଧ୍ୟାରେ ସ୍ୱର୍ଗତ ଫକୀର ପଟ୍ଟନାୟକଙ୍କ ଲୋକପ୍ରିୟ ଗୀତକୁ କଣ୍ଠଶିଳ୍ପୀମାନେ ଗାଇଥିଲେ। ଏହାକୁ ଦର୍ଶକ ଓ ଶ୍ରୋତା ମନଭରି ଉପଭୋଗ କରିଥିଲେ। ଫକୀର ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ବିଧାୟକ ନରସିଂହ ମିଶ୍ର ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**DIRECTORATE OF TECHNICAL EDUCATION & TRAINING, ODISHA KILLAMAIDAN**
BUXIBAZAR, CUTTACK-753001, email:ccrdiploma2022@gmail.com
Website: http://www.dtetorissa.gov.in

**DIPLOMA ADMISSION-2022**
No.KK-60: Advertisement No.7206 dtd.10.06.2022

**Admission to 1st Semester Diploma in Engineering/ Technology, Lateral Admission to 3rd Sem. Engineering/ Technology & 1st Sem. / 1st Year Non-Engineering Courses**

**Diploma admission-2022 shall be conducted through ONLINE Application in SAMS portal by eligible candidates for admission into 1st Semester Diploma Courses in Engineering/ Technology, Lateral Admission of the eligible Candidates to 3rd Semester Diploma Engineering/ Technology Courses, 1st Semester/ 1st year Non-Engineering for the session 2022-23.**
**ELIGIBILITY:**
**A) (i) Admission to 1st Semester of Engineering /Technology :** Pass in HSC examination/ 10th standard examination conducted/ declared equivalent by BSE, Odisha. (ii) Admission to 3rd Semester under Lateral Entry Scheme for eligible candidates: Pass in +2 Science Examination from CHSE, Odisha or its equivalent examination with PCM / +2 Vocational (2 years course) in any Engineering Trade / 2 years ITI in Engineering Trades/ COE Trades with pass in HSC examination / 10th standard examination conducted/ declared equivalent by BSE, Odisha.
**Age:** Minimum 14 years for all courses except Mining/Drilling and Minimum 16 years for Mining/Drilling as on **01.07.2022.** No Upper Age limit.
**Reservation:** Reservation under different categories will be applicable for candidates, whose parents are residents/natives of Odisha only as per norms specified by Government of Odisha. Further children/ward of All India Civil Service Officers serving in the State of Odisha can avail the reservation under all categories except SC/ST. **Outside State Candidates:** Outside State candidates fulfilling eligibility criteria are also eligible for:
(i) Admission to 1st Semester of 3 year Diploma Engineering Courses against 15% seats reserved for them in Private Engineering Schools & Polytechnics only. (ii) They are also eligible to take admission under Lateral Entry provided they have prosecuted their study for the qualifying examination in an institution having approval from the competent authority after exhaustion of state merit list.
**B) Admission to Non-Engineering Diploma Courses:**
**(i) Modern Office Management (MOM):** Pass in 10+2 Examination from CHSE, Odisha or its equivalent examination in Science/ Arts/ Commerce recognized by CHSE, Odisha. **(ii) Pharmacy** : A pass in 10+2 examination (science academic stream) with Physics, Chemistry and Biology or Mathematics or Any other qualification approved by Pharmacy Council of India as equivalent to the above examination. **(iii) Hotel Management & Catering Technology (HM&CT):** Pass in 10+2 Examination from CHSE, Odisha or its equivalent examination in Science/ Arts/ Commerce recognized by CHSE, Odisha. **(iv) Beauty Culture (BC):** Educational qualification is same as 1st Semester of Engineering/Technology course.
**Age:** Minimum 14 years for BC & 16 years for MOM, Pharmacy & HM&CT as on 01.07.2022. No Upper Age limit. N.B. 1) Reservation under different categories will be applicable as specified by Government of Odisha.
2) Candidate appearing in the qualifying examination may also apply. However he/she has to produce the said pass certificate as mentioned above, at the time of document verification **(if not validated online).**
**For more details, the Information Brochure shall be made available in the website:** http://www.dtetorissa.gov.in
**IMPORTANT NOTES:** Candidates should read the Information Brochure carefully and apply through **ONLINE** mode only alongwith required DATA & application fee of (i) **Rs.200/-** for **ST, SC & FEMALE** (ii) **Rs.300/-** for **MALE** candidates(PC & Transgender category of applicants are exempted from payment of application fee) and the payment can be made through **ATM** cum **DEBIT/Credit Card/Net Banking only** through Internet by logging on to **website:** http://www.dtetorissa.gov.in

**IMPORTANT DATES**
**AVAILABILITY of ONLINE** Application Form **(CAF) (3rd Sem. (L.E.) :27.06.2022 to 23.07.2022** & **(1st Sem./Year): 27.06.2022 to 24.07.2022**
*NB: (i) The details of the counseling procedure shall be available in local newspapers and in our official website:http://www.dtetorissa.gov.in before commencement of the counseling schedule, (ii) Document verification is mandatory for participation in the counseling process (if not validated online). (iii) For any specific query, contact Diploma Admission call centre Phone No. 155335/1800-345-6770 (Toll Free)-(From 9 AM to 6 PM)*

OIPR-44008/11/0002/2223 **Sd./- Director of Technical Education & Training, Odisha**

## ସଂକ୍ଷେପରେ

### ୨ବର୍ଷର ଶିଶୁଙ୍କୁ ଇଣ୍ଡିଆ ବୁକ ଅଫ୍ ରେକର୍ଡ ପକ୍ଷରୁ ଶୁଭେଚ୍ଛା




ବଡ଼ଗାଁ, ୧୨।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଦର୍ଲିପାଲି ଗ୍ରାମର ତଳଣୀ ନାଏକ ଓ ସୋନି ନାଏକଙ୍କ ୨ବର୍ଷ ୩ ମାସର ପୁଅ ତନିଶଙ୍କୁ ମିଳିଛି ଇଣ୍ଡିଆ ବୁକ ଅଫ୍ ରେକର୍ଡ ପକ୍ଷରୁ ଶୁଭେଚ୍ଛା। ସେ ୨ବର୍ଷ ବୟସରୁ ବିଭିନ୍ନ ଫଳ, ଫୁଲ, ପନିପରିବା, ରଙ୍ଗ ଉପରେ କହିପାରୁଛନ୍ତି। ଇଣ୍ଡିଆ ବୁକ ଅଫ୍ ରେକର୍ଡ ପକ୍ଷରୁ ତାଙ୍କୁ ଦିଆଯାଇଥିଲା କେତେକ ପ୍ରଶ୍ନ। ସେ ତାର ଉତ୍ତର ଠିକ୍ ଭାବେ ଦେଇଥିଲେ। ସେଗୁଡିକ ହେଲା ୩୩ଟି ପନିପରିବାର ନାମ, ୧୬ଟି ଶରୀର ଅଙ୍ଗ, ୧୭ ପ୍ରକାର ଫୁଲ, ୧୨ ପ୍ରକାର ରଙ୍ଗ, ୧ରୁ ୨୦ ପର୍ଯ୍ୟନ୍ତ ଇଂରାଜୀ ସଂଖ୍ୟା, ସପ୍ତାହର ବାରଗୁଡିକର ନାମ, ଓଡ଼ିଆ ଏବଂ ଇଂରାଜୀ ରାଇମ, ୧୧ଟି ରାଜ୍ୟର ରାଜଧାନୀ ଏହିପରି ଆହୁରି ଅନେକ ପ୍ରଶ୍ନର ଉତ୍ତର ଦେଇଥିବାରୁ ତାଙ୍କୁ ଶୁଭେଚ୍ଛା ମିଳିଛି। ତାଙ୍କ ପ୍ରତିଭାକୁ କେହି ନ ଦେଖିଲେ ବିଶ୍ୱାସ କରିପାରିବେନି। ଏ ନେଇ ତାଙ୍କ ବାପା ଓ ମାଆଙ୍କୁ ପଚାରିବାରେ ସେମାନେ କହିଥିଲେ, ଦେଢ଼ ବର୍ଷରୁ ବିଭିନ୍ନ ରଙ୍ଗ ଓ ପନିପରିବା ଚିହ୍ନଟ କରିପାରୁଥିଲେ। ମା, ଜେଜେମା'ଙ୍କ କୋଳରେ ବସି ଗୀତ, କାହାଣୀ ଶୁଣିବା ବୟସରେ ଅନେକ ସାଧାରଣଜ୍ଞାନ ଆହରଣ କରିପାରିଛନ୍ତି ତନିଶ।

### ମୋବାଇଲ୍ ଲୁଟ୍ ଘଟଣାରେ ଫେରାର୍ ଅଭିଯୁକ୍ତ ଗିରଫ

ଝାରସୁଗୁଡା ଅଫିସ, ୧୨।୬-ଜଣେ ଛାତ୍ରଙ୍କ ନିକଟରୁ ମୋବାଇଲ୍ ଲୁଟ୍ ଘଟଣାରେ ଓରିଏଣ୍ଟ ପୋଲିସ ଘଟଣାର ୧ମାସ ପରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ଧରିବାରେ ସଫଳ ହୋଇଛି। ଏମାନଙ୍କ ମଧ୍ୟରୁ ଜଣେ ସାବାଳକ ରହିଥିବାବେଳେ ୨ଜଣ ନାବାଳକ ରହିଛନ୍ତି। ଗିରଫ ସାବାଳକ ଅଭିଯୁକ୍ତ ଜଣଙ୍କ ହେଲେ ବାଦଲ ବେହେରା। ପୋଲିସ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରିଥିବାବେଳେ ୨ନାବାଳକଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରିଛି ବୋଲି ତଦନ୍ତକାରୀ ଆଇଆଇସି କଲ୍ୟାଣୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ ଗତ ମେ ୬ ତାରିଖରେ ରେମଜା ଗ୍ରାମର ସାଇ ସିଦ୍ଧାର୍ଥ ଦାସ ନାମକ ଜନୈକ ଛାତ୍ର ନିଜ ସ୍କୁଟିରେ କାଳିନଗର ମାମୁଁ ଘରକୁ ଯାଇ ଫେରୁଥିବାବେଳେ ରାସ୍ତାରେ ୩ ଯୁବକ ଅଟକାଇ ମାର୍‌ପିଟ୍ କରି ତାଙ୍କ ନିକଟରୁ ମୋବାଇଲ୍ ଲୁଟି ନେଇଥିଲେ। ଏନେଇ ଛାତ୍ର ଜଣଙ୍କ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଓରିଏଣ୍ଟ ଥାନାରେ ଏକ ମାମଲା (ନଂ.୭୪/୨୨)ରୁଜୁ କରି ତଦନ୍ତ ଚଳାଇଥିଲା।

# ଖଜୁରିପତ୍ରରୁ ସୌଖୀନ ସାମଗ୍ରୀ

■ ଖଜୁରିପତ୍ରରୁ ବିଭିନ୍ନ ସାମଗ୍ରୀ ତିଆରି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

■ ୫୦ ମହିଳାଙ୍କୁ ପ୍ରଶିକ୍ଷଣ ପ୍ରଦାନ

କୁତ୍ରା, ୧୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଭୋଗରା କିଷାନ ପଡ଼ାରେ ଅବସ୍ଥିତ ନାରୀ ବିକାଶ କାରିଗର ଉତ୍ପାଦନ କେନ୍ଦ୍ରଠାରେ ଚାଲିଥିବା ୧୦ ଦିନିଆ ଖଜୁରିପତ୍ରରୁ ବିଭିନ୍ନ ସାମଗ୍ରୀ ତିଆରି ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂସ୍ଥା ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ଏହି ତାଲିମ ଶିବିର ହୋଇଥିଲା। ଏଥିରେ ସ୍ଥାନୀୟ ଗ୍ରାମର ୫୦ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଖଜୁରିଗଛର ପତ୍ରରୁ ବ୍ୟାଗ, ମନିପର୍ସ, ମୋବାଇଲ ପର୍ସ, ଲାପଟପ ବ୍ୟାଗ, ପେନ ଷ୍ଟାଣ୍ଡ, ଫୁଲ ଡାଲା, ବଡ଼ ଭେନିଟି ବ୍ୟାଗ, ଚଟେଇ ସମେତ ବିଭିନ୍ନ ସୌଖୀନ ସାମଗ୍ରୀ ତିଆରି ପାଇଁ ପ୍ରଶିକ୍ଷଣ ନେଇଥିଲେ। ମହିଳାମାନେ ଖଜୁରିପତ୍ରରୁ



ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ମହିଳା।



ଖଜୁରିପତ୍ରରୁ ତିଆରି ବିଭିନ୍ନ ସାମଗ୍ରୀ।

ତିଆରି କରିଥିବା ବିଭିନ୍ନ ସୌଖୀନ ସାମଗ୍ରୀ ଆକର୍ଷଣୀୟ, ସୁନ୍ଦର ହୋଇଥିଲା। ଯେକୌଣସି ଗ୍ରାହକଙ୍କୁ ଏହି ସାମଗ୍ରୀ କିଣିବାକୁ ଆକୃଷ୍ଟ କରିବ। ଖଜୁରିପତ୍ରରୁ ବିଭିନ୍ନ ସାମଗ୍ରୀ ତିଆରି ପାଇଁ ଓଡ଼ିଶାର ଏକମାତ୍ର କେନ୍ଦ୍ର ଭାବରେ ଏଠାରେ ଏହି ପ୍ରଶିକ୍ଷଣ ଦିଆଯାଇଛି।

ଏହି ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ କୁତ୍ରା ବ୍ଲକ ମଙ୍ଗଳ ବିଭାଗ ଅଧିକାରୀ ମଦନ ସିଂ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରକୁ ପ୍ରଶଂସା କରିଥିଲେ। ଏଠାରେ ପ୍ରଶିକ୍ଷଣ ଗ୍ରହଣ କରିଥିବା ମହିଳାମାନଙ୍କ ଦ୍ୱାରା ଖଜୁରିପତ୍ରରୁ ତିଆରି ସାମଗ୍ରୀଗୁଡିକ କିଭଳି ଭାବରେ ବିକ୍ରି କରାଯାଇ ପାରିବ ଏବଂ ମହିଳାମାନେ ଲାଭାନ୍ୱିତ ହେବେ ସେ ଦିଗରେ ପଦକ୍ଷେପ ନେବାକୁ ଆୟୋଜକ ସଂସ୍ଥାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କିରିଙ୍ଗସେରା ସରପଞ୍ଚ ମଲି କୁଜୁର ଯୋଗ ଦେଇଥିଲେ। ୧୦ ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣରେ ପ୍ରଶିକ୍ଷିକା ଭାବେ ସୋମା ରୋଏ ରହି ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅଧିକାରୀ ଦେବାଶିଷ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଜିଲା ସଂଯୋଜକ ମହେଶ୍ୱର ସାହୁ ପରିଚାଳନା କରିଥିଲେ। ଏହା ସହ ନାରୀ ବିକାଶ କାରିଗର ଉତ୍ପାଦନ କେନ୍ଦ୍ରର ଉଦ୍‌ଘାଟନ ହୋଇଥିଲା। ଏହାର ସଭାପତି ସୁଶୀଳା ଲାକ୍ରା ଓ ସମ୍ପାଦିକା ମଞ୍ଜୁଲତା ଲାକ୍ରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଶୁମିତ୍ର ତାଲିମ ଶିବିର ଉଦ୍‌ଘାଟିତ

ସମ୍ବଲପୁର, ୧୨।୬(ବ୍ୟୁରୋ)

ପଶୁମିତ୍ର ତାଲିମ ଶିବିର ବୁର୍ଲାସ୍ଥିତ ଷ୍ଟେଟବ୍ୟାଙ୍କ ଆରସେଟି ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି । ଦେବବ୍ରତ ବେହେରା ମୁଖ୍ୟଅତିଥି, ରାଜ୍ୟ ଆରସେଟି ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ଖଣ୍ଡା, ଓଡିଶା ଜୀବିକା ମିଶନ ଜିଲା ପରିଚାଳିକା ଡା. ପୁଷ୍ପଶ୍ରୀ ନାୟକ, ଏଡିଭିଓ ଡା. କଳ୍ପତରୁ ସ୍ୱାଇଁ, ଡିଆରଡିଏ ଏପିଡି ବିକାଶ ମହାନ୍ତି, ପଶୁମିତ୍ର ତାଲିମ ପ୍ରଶିକ୍ଷକ ଡା.ଭୋଲାନାଥ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ୬୦ଦିନ ତାଲିମ ନେବା ପରେ ଜଣେ ସଫଳ କୃଷି ଉଦ୍ୟୋଗୀ ହେବା ସହ ପ୍ରାଣୀ ଚିକିତ୍ସାରେ ସହାୟକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ । ନିର୍ଦ୍ଦେଶକ ଆରସେଟି ସୌରଭ ରାୟ ପରିଚାଳନା ଓ ସଂଯୋଜନା କରିଥିଲେ । ଭର୍ଚୁଆଲ ଜରିଆରେ ଆରସେଟି ଜାତୀୟ ନିର୍ଦ୍ଦେଶକ ବିପୁଳ ଚନ୍ଦ୍ର ସାହା, ରାଜ୍ୟ ଆରସେଟି ପରୀକ୍ଷା ନିୟନ୍ତ୍ରକ ସୂର୍ଯ୍ୟପ୍ରସାଦ ମିଶ୍ର, ଭୁବନେଶ୍ୱର ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଲଏଚଓ ରାଧାକାନ୍ତ ରାଉତରାୟ ଯୋଗ ଦେଇଥିଲେ। ତାଲିମ ଶିବିରରେ ଜିଲାର ୮ଟି ବ୍ଲକର ୩୫ଜଣ ମନୋନୀତ ସାମାଜିକ କର୍ମୀ ଓ ଚାଷୀ ସାମିଲ ଥିଲେ।

## ହେମଗିର ଷ୍ଟେଶନରେ ରେଳରୋକୋ

ସୁନ୍ଦରଗଡ, ୧୨।୬(ଡି.ଏନ୍.ଏ.)

■ ୬ ଘଣ୍ଟା ରେଳଚଳାଚଳ ବାଧାପ୍ରାପ୍ତ

■ ପାସେଞ୍ଜର ଟ୍ରେନ ରହଣି ଦାବି

ପାସେଞ୍ଜର ଟ୍ରେନ ରହଣି ଦାବିରେ ରବିବାର ହାଓ୍ୱଡା-ମୁମ୍ବାଇ ରେଳପଥର ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ହେମଗିର ରେଳଷ୍ଟେସନରେ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ରେଳରୋକୋ କରାଯାଇଥିଲା। ଆନ୍ଦୋଳନକାରୀମାନେ ସକାଳ ଆଠଟାରୁ ଦିନ ୧ଟା ପର୍ଯ୍ୟନ୍ତ ଏହି ରେଳରୋକୋ କରିବା ଫଳରେ ଏହି ରେଳପଥ ଦେଇ ଚଳାଚଳ କରୁଥିବା ସମସ୍ତ ଏକ୍ସପ୍ରେସ ଓ ମାଲବାହୀ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପ୍ରକାଶଯୋଗ୍ୟ ଯେ, କରୋନା ସମୟରେ ଏହି ରେଳପଥ ଦେଇ ଚଳାଚଳ କରୁଥିବା ୬ଟି ପାସେଞ୍ଜର ଟ୍ରେନ ବାତିଲ ହୋଇଥିଲା। କରୋନା ପରେ ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ହେବା ପରେ ଅନ୍ୟ ଟ୍ରେନଗୁଡିକ ଏହି ପଥ ଦେଇ ଚଳାଚଳ କରୁଥିଲେ ମଧ୍ୟ ସବୁ ପାସେଞ୍ଜର ଟ୍ରେନ ଚଳାଚଳ କରୁନାହିଁ। ଫଳରେ କନିକା-ହେମଗିର ଷ୍ଟେସନ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଯଥାଶୀଘ୍ର ଏହି ପାସେଞ୍ଜର ଟ୍ରେନଗୁଡିକ ଚଳାଚଳ, ରହଣି ଦାବିରେ ଶତାଧିକ ସ୍ଥାନୀୟ ଅଧିବାସୀ ମହିଳା, ପୁରୁଷ, ଯୁବକ, ଛାତ୍ର, ଆସି ଏହି ଆନ୍ଦୋଳନ କରିଥିଲେ। ପରେ ବ୍ରଜରାଜନଗର ରେଳ ବିଭାଗର ଏଆରଏମ, ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ମଧୁସିକ୍ତା ମିଶ୍ର, ହେମଗିର ଥାନା ଆଇଆଇସି ରମାକାନ୍ତ ସାଏ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଆସନ୍ତା ୨୫ ତାରିଖ ମଧରେ ଦାବି ପୂରଣପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।



ହେମଗିର ଷ୍ଟେଶନରେ ମହିଳା, ପୁରୁଷ ରେଳରୋକୋ କରିଛନ୍ତି।

## ସମ୍ବଲପୁରର ୨୬ ସ୍ଥାନରେ ୧୪୪ ଧାରା ଲାଗୁ ପାଇଁ ନିର୍ଦ୍ଦେଶ

ସମ୍ବଲପୁର, ୧୨।୬(ବ୍ୟୁରୋ)

ସମ୍ବଲପୁର ସହରର ୨୬ଟି ସ୍ଥାନରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରିବା ପାଇଁ ଚିଠି କରାଯାଇଛି । ସଦର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏହି ଚିଠି କରାଯାଇଥିବା ଜଣାଯାଇଛି। ରବିବାର ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ସମୟ ରହିଛି । ସୁନପାଲି, ବୁଡାପଡ଼ା, ଜିଲାସ୍କୁଲ,ଲକ୍ଷ୍ମୀ ଟକିଜ, ଗୋଲବଜାର ଆଦି ପ୍ରମୁଖ ଛକଗୁଡିକ ରହିଛି । ହେଲେ ପୋଲିସ ୧୪୪ ଧାରା ଲାଗୁ କରାଯାଇଥିବା ଘଟଣାକୁ ଅସ୍ୱୀକାର କରିଛି । କେବଳ ରାଲି କରିବାକୁ ଅନୁମତି ଦିଆ ଯାଇ ନ ଥିବା କହିଛି । ଅନ୍ୟପଟେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ, ମୁସଲିମ କମ୍ୟୁନିଟି ପକ୍ଷରୁ ସନ୍ଧ୍ୟାରେ ଏକ ରାଲି କରିବା ପାଇଁ ଆବେଦନ କରାଯାଇଥିଲା । ଏହାକୁ ଅନୁମତି ଦିଆଯାଇ ନ ଥିଲା । କାଳେ ସେମାନେ ରାଲି କରିବେ ଏ ନେଇ ପ୍ରଶାସନ ୧୪୪ ଧାରା ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ କୌଣସି ରାଲି କିମ୍ବା କାର୍ଯ୍ୟକ୍ରମ ନ ହେବାରୁ ଏହା ଲାଗୁ କରାଗଲା ନାହିଁ। ସୂଚନାଯୋଗ୍ୟ ଯେ ନୂପୁର ଶର୍ମାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ବିଭିନ୍ନ ସ୍ଥାନରେ ବିରୋଧ କରାଯିବା ସହ ହିଂସା ମଧ୍ୟ ବ୍ୟାପିଛି ।

## ରାଜଗାଙ୍ଗପୁର ଟ୍ରକ୍ ମାଲିକ ସଂଘର ଶପଥ ଗ୍ରହଣ ଉତ୍ସବ




ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ ଶପଥ ଗ୍ରହଣ କରୁଛନ୍ତି।

ରାଜଗାଙ୍ଗପୁର, ୧୨।୬ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘର ଶପଥ ଗ୍ରହଣ ଉତ୍ସବ ରବିବାର ସଂଘର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ୨୦୨୨-୨୩ ବର୍ଷ ପାଇଁ ବିଭିନ୍ନ କାରଣରୁ ସଂଘର ନିର୍ବାଚନ ହୋଇପାରିନାହିଁ। ତେଣୁ ସର୍ବସମ୍ମତିକ୍ରମେ ନିର୍ବାଚନ ଅଧିକାରୀ ଉପେନ୍ଦ୍ର ପ୍ରଧାନ ସଂଘର ସଭାପତି ଭାବେ ରାକେଶ ନନ୍ଦା, ସାଧାରଣ ସମ୍ପାଦକ ଭାବେ ରାମପ୍ରତାପ ସଫି, କାର୍ଯ୍ୟକାରୀ ସଭାପତି ମହମ୍ମଦ ଆବିଦ, ଉପସଭାପତି ଭାବେ ଦିଲ୍ଲୀପ ପାଢ଼ି ଓ ଅଜୟ ସିଂ, ସହସମ୍ପାଦକ ଭାବେ ସୁରଜ ଶର୍ମା ଓ ତନବିର ଆଲମ ତଥା କୋଷାଧ୍ୟକ୍ଷ ଭାବେ ସୁରେଶ ଶର୍ମାଙ୍କୁ ଚୟନ କରାଯାଇଥିଲା। ରବିବାର ଶପଥ ଗ୍ରହଣ ଉତ୍ସବରେ ନିର୍ବାଚନ ଅଧିକାରୀ ଉପରୋକ୍ତ ସମସ୍ତ ପଦାଧିକାରୀଙ୍କୁ ପଦ ଓ ଗୋପନୀୟତା ନୀତିର ଶପଥ ପାଠ କରାଇଥିଲେ। ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟରେ ନବନିର୍ବାଚିତ ପଦାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇ ଆଗାମୀ ଦିନରେ ମିଳିମିଶି ସହରରେ ବିଭିନ୍ନ ସାମାଜିକ କାର୍ଯ୍ୟ କରିବା ସହ ସମସ୍ତଙ୍କର ଉନ୍ନତି କାମନା କରିଥିଲେ। ଉପନଗରପାଳ ମହମ୍ମଦ ଇରଫାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ସଂଘର ଦୁଇ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ଯୋଗୁ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶୋକସଭା ମଧ୍ୟ ହୋଇଥିଲା। ସଭାପତି ସମସ୍ତଙ୍କୁ ମିଳିମିଶି କାର୍ଯ୍ୟକରି ସଂଘକୁ ମଜବୁତ କରିବା ପାଇଁ କହିଥିଲେ। ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ରମ୍ଭାଦେବୀଙ୍କ ପ୍ରସିଦ୍ଧ ଯାତ୍ରା: ଲାଗିଛି ଭକ୍ତଙ୍କ ସମାଗମ

ଦେବଗଡ଼, ୧୨।୬(ଡି.ଏନ୍.ଏ.)

ଜଙ୍ଗଲ ଭିତରେ ପର୍ବତ ଗୁମ୍ଫାରେ ପୂଜା ପାଉଥିବା ମା' ରମ୍ଭାଦେବୀଙ୍କ ପ୍ରସିଦ୍ଧ ଯାତ୍ରା ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଥିବା ପାହାଡରେ ମା'ଙ୍କ ଏହି ପୀଠ ଜିଲାର ତିଲେଇବଣି ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ ରହିଛି। ମା'ଙ୍କ ପୀଠସ୍ଥଳରେ ନିଜ ମନସ୍କାମନା ପୂରଣ ପାଇଁ ରବିବାର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ନିଜ ମନସ୍କାମନା ପୂରଣ ପାଇଁ ପଶୁପକ୍ଷୀ ବଳି ଦେଇଥିଲେ। ବର୍ଷକୁ ଥରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଜାତିଧର୍ମ ନିର୍ବିଶେଷରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରାଚୀନ ଶକ୍ତିପୀଠ ଅରଣ୍ୟ ବେଷ୍ଟିତ ପାହାଡ ଗୁମ୍ଫାରେ ମା' ପୂଜା ପାଇଆସୁଥିବାବେଳେ ପ୍ରତ୍ୟହ ମା'ଙ୍କ ପାଖରେ ପହଞ୍ଚି ପୂଜାର୍ଚ୍ଚନା ସମ୍ଭବ ନ ଥିବା ଦୃଷ୍ଟିରୁ ସୁଗୁଡା ଗ୍ରାମରେ ମା'ଙ୍କର ଏକ ଆସ୍ଥାନ ସ୍ଥାପନା କରାଯାଇ ସେଠାରେ ପ୍ରତ୍ୟହ ପୂଜାର୍ଚ୍ଚନା କରାଯାଏ। କେତେକ ନିର୍ଦ୍ଦିଷ୍ଟ ତିଥିରେ ମା'ଙ୍କ ପୀଠରେ ପହଞ୍ଚି ଦେହୁରୀ ତଥା ପୂଜକ ପୂଜାର୍ଚ୍ଚନା କରିଥାନ୍ତି। ସେହି ପ୍ରଥା ଅନୁସାରେ ରବିବାର ସକାଳୁ ପ୍ରଥମେ ସୁଗୁଡାରେ ଥିବା ମା'ଙ୍କ ଆସ୍ଥାନରେ ପ୍ରଥମେ ପୂଜାର୍ଚ୍ଚନା କରାଯିବା ସହ ଭକ୍ତମାନେ ନିଜ ମନସ୍କାମନା ପୂର୍ଣ୍ଣପାଇଁ ପୂର୍ବରୁ ନିଜ ମାନସିକ ପୂରଣ ଅବସରରେ ପଶୁପକ୍ଷୀ ବଳି ଦେଇଥାନ୍ତି। ଏହାପରେ ଦେହୁରୀଙ୍କ ସହ ଘଣ୍ଟ ବାଦ୍ୟର ତାଳେ ତାଳେ ଲୋକମାନେ ପାହାଡି ରାସ୍ତା ଦେଇ ମା'ଙ୍କ ପୀଠଥିବା ପାହାଡ ଗୁମ୍ଫାରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ସେଠାରେ ମଧ ବହୁ ସଂଖ୍ୟାରେ ପଶୁପକ୍ଷୀ ବଳି ଦେଇଥିଲେ। ତେବେ ମା'ଙ୍କ ପ୍ରସିଦ୍ଧ ଯାତ୍ରା ଅବସରରେ ବହୁ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମରେ ଏହି ପର୍ବତ ଖୋଳ ଦିନଟିଏ ପାଇଁ ଲୋକାରଣ୍ୟ ହେବା ସହିତ ବହୁ ଦୋକାନ ବଜାର ପଡିଥିଲା। ଏହାସହିତ ପ୍ରବଳ ଗରମକୁ ଦୃଷ୍ଟିରେ ରଖି ଭାଜପା ଏସସି ମୋର୍ଚ୍ଚା ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଥଣ୍ଡା ପିଇବା ପାଣିର ବ୍ୟବସ୍ଥା କରାଯାଇଥିଲା। ଏଥିରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଭାଜପା ଏସସି ମୋର୍ଚ୍ଚାର ସଭାପତି ତଥା ପୌରପରିଷଦର ଉପନଗରପାଳ ପ୍ରଜିତ ଭୋଜ, ଭାଜପା ନେତା ରୋହିତ ଗଙ୍ଗଦେବ, ଦେବାନନ୍ଦ ନାଏକ, ପଙ୍କଜପାତ୍ର, ମକରଧ୍ୱଜ ହସ୍ତୀ, ପ୍ରହ୍ଲାଦ ପାତ୍ରଙ୍କ ସମତେ ବହୁ କର୍ମୀ ଉପସ୍ଥିତ ଥିଲେ। ସେହିପରି 'ହାପି ଟୁ ହେଲ୍ପ ଫାଉଣ୍ଡେସନ' ପକ୍ଷରୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା ଏବଂ ଡ୍ରାଇଭର ମହାସଂଘ ପକ୍ଷରୁ ମଧ ପିଇବା ପାଣିର ବ୍ୟବସ୍ଥା କରାଯାଇଥିଲା। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ମା' ରମ୍ଭାଦେବୀଙ୍କ ପ୍ରସିଦ୍ଧ ଯାତ୍ରାରେ ଲୋକଗହଳି।

## ରୁଙ୍ଗ୍‌ଟା ଇଲେଭେନକୁ ହରାଇ ଟେନ୍‌ସା ଚାମ୍ପିୟନ

କୋଇଡା ମାଇନିଂ କପ୍ ଡେ-ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଟେନ୍‌ସା, ୧୨।୬(ଡ଼ି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ମିନି ଷ୍ଟାଡିୟମଠାରେ ଚାଲୁଥିବା କୋଇଡା ମାଇନିଂ କପ ଡେ-ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଏହି କ୍ରିକେଟ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। କୋଇଡା ମାଇନିଂ କପ କ୍ରିକେଟ ଆସୋସିଏଶନ ଆୟୋଜିତ ୧୨ଓଭର ବିଶିଷ୍ଟ ଏହି କ୍ରିକେଟ ଟୁର୍ନାମେଣ୍ଟ ୬ଦିନ ଧରି ଚାଲିଥିଲା। ଉଦ୍‌ଯାପନୀ ଫାଇନାଲ ମ୍ୟାଚ ଟେନସା ଓ ରୁଙ୍ଗୁଟା ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଟେନସା ୧୨ଓଭରରେ ୧୩୨ ରନ କରିଥିଲା। ଜବାବରେ ରୁଙ୍ଗୁଟା ସମସ୍ତ ଉଇକେଟ ହରାଇ ୮୦ରନ କରିଥିଲା। ଏହି ଟୁର୍ନାମେଣ୍ଟରେ ଟେନ୍‌ସା ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୋଇଡା ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ, କୋଇଡ଼ା ସରପଞ୍ଚ ହୃଷିକେଶ ଦେହୁରୀ, କୋଇଡା ଜିଲା ପରିଷଦ 'ଖ' ସଭ୍ୟ ଅଶୋକ ନାଏକ ପ୍ରମୁଖ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, କୋଇଡା ତହସିଲଦାର ଡି.ଏସ. ଶୁଭଦର୍ଶୀ ଯୋଶୀ, ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, କୋଇଡା ଜିଲା ପରିଷଦ ସଭ୍ୟ ଅଶୋକ କୁମାର ନାଏକ, ଜେଏସ୍‌ପିଏଲ ପ୍ରଶାସନ ବିଭାଗର ସୁଦାମ ମାହାକୁଡ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ଅଧ୍ୟୁଷିତ କୋଇଡ଼ା ଭଳି ଏକ ଉପାନ୍ତ ଅଞ୍ଚଳରେ ଏଭଳି ଏକ କ୍ରିକେଟ ଟୁର୍ନାମେଣ୍ଟ ହେବା ଗୌରବର କଥା। ନିଜ ମଧ୍ୟରେ ଏକ ଭାଇଚାରା ସୃଷ୍ଟି ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶେଷରେ ବିଜେତା ଦଳକୁ ୧୫ହଜାର ସମେତ ମାଇନିଂ କପ, ଉପବିଜେତା ଦଳକୁ ୧୦ହଜାର ସହିତ କପ ପ୍ରଦାନ କରାଯାଇଥିଲା। କୋଇଡା ମାଇନିଂ କପ କ୍ରିକେଟ ଟୁର୍ନାମେଣ୍ଟର ସଭାପତି ରାଜେନ୍ଦ୍ର ରଣା, ଉପସଭାପତି ଆଉଧେଶ ଜୟସୱାଲ, ସମ୍ପାଦକ ଅଶୋକ ପରିଡା, ଅନୁପ ଗୁପ୍ତା, ଶ୍ରୀକାନ୍ତ ଜେନା, ଅଜଗର ବକ୍ସ, ଦିଲୀପ ପାତ୍ର, ଦୀପକ ପାତ୍ର, ସଲମନ ପୁରସି, ଆଜାସ ଅଲ୍ଲୀ, ଗଙ୍ଗାଧର ଜେନା ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ।



ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

# ଲଙ୍କା ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା: ଜିଲାପାଳ

## କୁଚିଣ୍ଡା ଲଙ୍କାର ରଙ୍ଗ, ରାଗ ଓ ମାନ ସ୍ୱତନ୍ତ୍ର

■ ଜିଆଇ ଟ୍ୟାଗ୍‌ର ବାଟ ଫିଟିଲା, ୨ ପର୍ଯ୍ୟାୟରେ ପରୀକ୍ଷା

ସମ୍ବଲପୁର,୧୨।୬(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡା ଲଙ୍କାରେ ଏଣିକି ଜିଆଇ ଟ୍ୟାଗ (ଜଗରଫିକାଲ ଇଣ୍ଡିକେଶନ) ଲାଗିବାର ବାଟ ଫିଟିବାରେ ଲାଗିଛି । ୨୦୨୧ ସେପ୍ଟେମ୍ବର ମାସରୁ ଦୁଇଟି ପର୍ଯ୍ୟାୟରେ ଲଙ୍କାର ପରୀକ୍ଷା କରାଯାଇ ଏହାର ମାନ ଓ ରାଗ, ରଙ୍ଗ ସ୍ୱତନ୍ତ୍ର ରହିଥିବା ସ୍ୱୀକୃତି ମିଳିଥିବା ଜଣାପଡ଼ିଛି । ଜିଲା ପ୍ରଶାସନ ପକ୍ଷରୁ କୁଚିଣ୍ଡା ଲଙ୍କାକୁ ଜିଆଇ ଟ୍ୟାଗ ମିଳିବା ନେଇ ଉଦ୍ୟମ ଚାଲିଛି ।

ଅନ୍ୟପଟେ ଏଠାକାର ଲଙ୍କା ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି । ସେ କହିଛନ୍ତି ଯେ, କୁଚିଣ୍ଡା ଅଞ୍ଚଳରେ ଉତ୍ପାଦିତ ହେଉଥିବା ଲଙ୍କା, ଅଦା, ଲିଚୁ ଓ ଆମ୍ବର ମାନ ମଧ୍ୟ ସ୍ୱତନ୍ତ୍ର । ତେଣୁ ବଜାରରେ ଚାହିଦା ରହିଛି । ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଚାଷୀମାନଙ୍କୁ ବିହନ ଦେବା ଠାରୁ ଆରମ୍ଭ କରି ଉତ୍ପାଦିତ ଫସଲ ସଂଗ୍ରହ କରିବାର ବ୍ୟବସ୍ଥା କରାଯାଇଛି । ଆରଏମସି, ଏସଏଚଜି ଜରିଆରେ ଲଙ୍କା କିଣା ହୋଇ ବାହାରକୁ ରପ୍ତାନି ହେଉଛି । ଆଗକୁ ଏହାର ପରିମାଣ ବୃଦ୍ଧି କରାଯିବ । ରାଜ୍ୟ ବାହାରର ବିଭିନ୍ନ ଉଦ୍ୟୋଗ ସହିତ ଆଲୋଚନା ଚାଲିଛି । ସେମାନଙ୍କୁ ଫସଲ ବିକ୍ରି କରାଯିବ । ଫଳରେ ଚାଷୀମାନେ ନିଜର ଉତ୍ପାଦିତ ଫସଲର ଉଚିତ୍ ମୂଲ୍ୟ ପାଇ ପାରିବେ । ଚାଷୀଙ୍କ ଆୟ ବୃଦ୍ଧି ପାଇବ । ଏବେ ମଧ୍ୟ କୁଚିଣ୍ଡାରେ ଲଙ୍କାଗୁଣ୍ଡ କରିବା ପାଇଁ ପ୍ରୋସେସର ୟୁନିଟ କରାଯାଇଛି । ଏସଏଚଜି ମହିଳାମାନେ ଏହାକୁ ପରିଚାଳିତ କରୁଛନ୍ତି ବୋଲି କହିଥିଲେ ।





ସମ୍ବଲପୁର ଜିଲା କୁଚିଣ୍ଡାରେ ହୋଇଥିବା ଲଙ୍କା ଚାଷ ।

ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ମାସରେ ଆଇଏଏସ ( ଶିକ୍ଷା ନବୀଶ) ଆଶୁତୋଷ କୁଲକର୍ନି ଜିଆଇ ଟ୍ୟାଗ ପାଇଁ ଆବେଦନ କରିଥିଲେ । ଏ ନେଇ ଧରିତ୍ରୀ ଓ ଓଡିଶା ପୋଷ୍ଟରେ ଖବର ପ୍ରକାଶ ପାଇଥିଲା । ପ୍ରଥମ ରିପୋର୍ଟ ୨୦୨୨ ଫେବ୍ରୁୟାରୀ ମାସରେ ଆସିଥିଲା । ପରେ ଦ୍ୱିତୀୟ ପର୍ଯ୍ୟାୟରେ ରିପୋର୍ଟ ଆସିଛି । ମାନକୁ ନେଇ ସ୍ୱୀକୃତି ମିଳିଥିବା ଜଣାପଡିଛି । ପୂର୍ବରୁ କୁଚିଣ୍ଡା ଉପଖଣ୍ଡରେ ଉତ୍ପାଦିତ ଲଙ୍କା ଆକାର ଓ ମାନ ନେଇ ଚର୍ଚ୍ଚାରେ ରହିଛି । ରାଜ୍ୟ ତଥା ରାଜ୍ୟ ବାହାର ଟ୍ରେଡରମାନେ ଲଙ୍କା କିଣିବାକୁ ଆସନ୍ତି । ଏବେ ଜିଆଇ ଟ୍ୟାଗ ଲାଗୁ ହୋଇଗଲେ ବଜାରରେ ଲଙ୍କାର ମାନ ଆହୁରି ବୃଦ୍ଧି ପାଇଯିବ । ବିକ୍ରି ହେବା ସହ ଚାଷୀଙ୍କୁ ଉଚିତ୍ ମୂଲ୍ୟ ମିଳିବ ବୋଲି ଆଶା କରାଯାଉଛି । କୁଚିଣ୍ଡା ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ଲଙ୍କା ଚାଷ କରନ୍ତି। ରବି ଓ ଖରିଫ ସମୟରେ ପ୍ରାୟ ୭୮୪୫ ହେକ୍ଟର ଜମିରେ ଲଙ୍କା ଚାଷ ହୋଇଥାଏ। ୧୨ ହଜାର ଚାଷୀ ଲଙ୍କା ଚାଷ କରି ରୋଜଗାର କରନ୍ତି । ପ୍ରତି କୁଇଣ୍ଟାଲ ପିଛା ୩ ହଜାର ଟଙ୍କାରୁ ୩୫ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରନ୍ତି । ଅଧିକ ସ୍ୱାବଲମ୍ବୀ ଓ ଚାଷର ପରିମାଣ ବୃଦ୍ଧି କରିବା ପାଇଁ କିଛି ବର୍ଷ ହେବ ଲଙ୍କା ଗୁଣ୍ଡ ତିଆରି କରିବାର ପ୍ଲାଣ୍ଟ ନିର୍ମାଣ କରାଯାଇଛି । ଲଙ୍କାଗୁଣ୍ଡ ପ୍ରତି କୁଇଣ୍ଟାଲ ପିଛା ୧୫ ହଜାର ଟଙ୍କାରେ ବିକ୍ରି କରୁଛନ୍ତି । ଅଧିକ ବଜାର ସୁବିଧା ଲାଗି ଜିଆଇ ଟ୍ୟାଗ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଯଦି ଜିଆଇ ଟ୍ୟାଗ ମିଳିଯାଏ ତାହେଲେ ଦେଶ ବାହାରେ ମଧ୍ୟ ବ୍ୟବସାୟ କରିହେବ । ଲଙ୍କାର ମାନ ବୃଦ୍ଧି ପାଇବ । କୁଚିଣ୍ଡା ଅଣ ଜଳସେଚିତ ଅଞ୍ଚଳ । ଧାନ ଓ ଅନ୍ୟ ଫସଲ ପାଇଁ ଅଧିକ ପାଣିର ଆବଶ୍ୟକ ପଡିଥାଏ । ତେଣୁ ବାରମ୍ବାର ମରୁଡି ଓ ଜଳ ନିଅଣ୍ଟ ହୋଇ ଫସଲ ନଷ୍ଟ ହୋଇଯାଉଥିଲା । ତେଣୁ ୧୯୦୧ ମସିହାରେ ତତ୍କାଳୀନ ବାମଣ୍ଡା ରାଜା ବାସୁଦେବ ସୁଧଳ ଦେଓ ଚାଷୀ ଓ ଚାଷକୁ ନେଇ ଚିନ୍ତାରେ ପଡି ଯାଇଥିଲେ । ସେ ବିକଳ୍ପ ଚାଷ ପାଇଁ ଚିନ୍ତା କରିଥିଲେ । ସେ ସମୟରେ ଉନ୍ନତ ମାନର ଲଙ୍କା ବିହନ ଚାଷୀମାନଙ୍କୁ ଯୋଗାଇ ଚାଷ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ପରବର୍ତ୍ତୀ ସମୟରେ ଚାଷୀଙ୍କ ପରିଶ୍ରମରେ ଏହି ଅଞ୍ଚଳ ଲଙ୍କା ଚାଷରେ ଏକ ନମ୍ବର ହୋଇ ଯାଇଛି । ପ୍ରାୟ ୧୨୦ ବର୍ଷ ପରେ ଏହି ଅଞ୍ଚଳ ଲଙ୍କା ଚାଷରେ ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରି ସାରିଛି । ଏବେ ଜିଆଇ ଟ୍ୟାଗ ହୋଇଗଲେ କୁଚିଣ୍ଡାର ଲଙ୍କା ଚାଷୀମାନଙ୍କ ସାମାଜିକ,ଆର୍ଥିକ ଉନ୍ନତି ହୋଇଯିବ ବୋଲି ଆଶା କରାଯାଉଛି ।

## ସଂକ୍ଷେପରେ

### ନାଏବ ସରପଞ୍ଚଙ୍କୁ ଆକ୍ରମଣ

ଜମନକିରା,୧୨।୬(ଡି.ଏନ.ଏ.): ଜମନକିରା ବ୍ଲକ ସର୍ଡା ପଞ୍ଚାୟତ ନାଏବ ସରପଞ୍ଚଙ୍କୁ ଠେଙ୍ଗାରେ ଆକ୍ରମଣ ହୋଇଥିବା ବେଳେ ସେ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନଯୋଗ୍ୟ,ନାଏବ ସରପଞ୍ଚ ଦୀନବନ୍ଧୁ ଦନସେନା ତାଙ୍କ ଘର ସାମ୍ନାରେ ବସି କେତେଜଣ ସହଯୋଗୀଙ୍କ ସହ କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ସେଠାକୁ ଆସି ଏକ ଠେଙ୍ଗାରେ ଆକ୍ରମଣ କରିବା ସହ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଆକ୍ରମଣରେ ଦୀନବନ୍ଧୁ ଗୁରୁତର ହୋଇଛନ୍ତି ।

### ବର୍ଷା ଅଭାବରୁ ଚାଷ କାମ ବିଳମ୍ବ

କୁଚିଣ୍ଡା,୧୨।୬(ଡି.ଏନ.ଏ.)-ଜୁନ ମାସ ଅଧା ହେବାକୁ ବସିଲାଣି । ହେଲେ ବର୍ଷା ଅଭାବରୁ କୁଚିଣ୍ଡା ବ୍ଲକରେ ଖରିଫ ଧାନ ଫସଲ ପାଇଁ କାମ ଆରମ୍ଭ ହୋଇନି । ଏଥିନେଇ ଚାଷୀ ମହଲରେ ଭାଳେଣି ପଡିଯାଇଛି । ଖରିଫ ଧାନ ଫସଲ ପାଇଁ ଚାଷୀ ସାର ଓ ଧାନ ବିହନ ଯୋଗାଡ କରି ବର୍ଷାକୁ ଅନାଇ ବସିଛି। ପ୍ରତିବର୍ଷ ଚାଷୀ ଜୁନ ମାସ ଆରମ୍ଭରୁ ହିଁ ବିଲରେ ହଳ କରି ତଳିପକା କାମ ଆରମ୍ଭ କରିଥାଏ । ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି ।

### ଭୋଏଡେରା ଗ୍ରାମରେ ଜଳ ସଙ୍କଟ

ଜମନକିରା,୧୨।୬(ଡି.ଏନ.ଏ.): ଜମନକିରା ବ୍ଲକ କେନାଢିପା ପଞ୍ଚାୟତ ଭୋଏଡେରା ଗ୍ରାମରେ ଏବେ ଜଳ ସଙ୍କଟ ଦେଖାଦେଇଛି। ଏହି ଗ୍ରାମରେ ୪୦ ପରିବାର ରହୁଥିବା ବେଳେ ଏଠିକାର ଜନସଂଖ୍ୟା ପ୍ରାୟ ୧୫୦ରୁ ଅଧିକ । ଏଠି ୫ଟି ନଳକୂପ ରହିଛି । କିନ୍ତୁ ନଳକୂପଗୁଡିକରୁ ଚାହିଦା ମୁତାବକ ପାଣି ବାହାରି ପାରୁନାହିଁ । ଫଳରେ ପାଣି ପାଇଁ ଗ୍ରାମବାସୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି । ପାଖରେ ପୋଖରୀ ନ ଥିବାରୁ ଦୂରକୁ ଯାଇ ଗାଧୋଉଥିବା କହିଛନ୍ତି। ବିଜାଗୁଡା, ସର୍ଭେ, ଭଏଡେରା ଭଳି ଗ୍ରାମକୁ ନେଇ ଦୁଇ ବର୍ଷ ତଳେ ୫୦ ହଜାର ଲିଟରର ଏକ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। କିନ୍ତୁ ଏହି ଟାଙ୍କିରୁ ପାଇପଗୁଡ଼ିକ ଅଧିକ ବୁଲାଣି ଦେଇ ଯାଇଥିବାରୁ ଗ୍ରାମବାସୀ ଆବଶ୍ୟକ ମୁତାବକ ପାଣି ପାଇ ପାରୁ ନ ଥିବା କହିଛନ୍ତି। ତୁରନ୍ତ ପାଣି ଟାଙ୍କିରୁ ନୂତନ ପାଇପ ବିଛାଯାଇ ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ବିଡ଼ିଓ ଟୁନୁ ମେହେରଙ୍କୁ ପଚାରିବାରେ ଜଳ ଅମଳ ପ୍ରକଳ୍ପ ଅଧିକାରୀଙ୍କୁ କହି ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

### କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ପାଳିତ

ରାଉରକେଲା ଅଫିସ,୧୨।୬: ରାଉରକେଲା ସେକ୍ଟର- ୫ ସ୍ଥିତ ଭଞ୍ଜଭବନ ସ୍ଥିତ ଭଞ୍ଜ ପ୍ରେକ୍ଷାଳୟରେ ଆଦର୍ଶ ପାଠାଗାର ଓ ଭଞ୍ଜ ସାଂସ୍କୃତିକ ନ୍ୟାସର ମିଳିତ ଆନୁକୂଲ୍ୟରେ ରବିବାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ପାଳିତ ହୋଇଛି। ପାଠାଗାର ସଭାପତି ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଆଇଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡଃ. ରଞ୍ଜିତ କୁମାର ସାହୁ ମୁଖ୍ୟ ଅତିଥି, ଭଞ୍ଜସାହିତ୍ୟ ପ୍ରବକ୍ତା ତଥା ଗବେଷକ ଡଃ. କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଯେପରି ରାମସୀତାଙ୍କ ଆଦର୍ଶ ଦାମ୍ପତ୍ୟ ଜୀବନ ବର୍ଣ୍ଣନା କରିଛନ୍ତି, ସମଗ୍ର ଭାରତ ବର୍ଷରେ କେହି ତାଙ୍କର ତୁଳନୀୟ ନୁହନ୍ତି ବୋଲି ମତପ୍ରକାଶ କରିଥିଲେ। ଆରମ୍ଭରେ ଭଞ୍ଜ କଳାକେନ୍ଦ୍ରର ଗୁରୁ ବୀଣାପାଣି ରଥ ଓ ସାଥୀ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ, ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମନୋଜ କୁମାର ପଣ୍ଡା, ବସନ୍ତ ଦାସ, ଜୟଶ୍ରୀ ଦାସ, ଅଟମ ରଥ, ଅଶୋକ କୁମାର ବଳ ସହଯୋଗ କରିଥିଲେ।

### ଦେଶୀ ମଦ ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୧୨।୬: ରାଉରକେଲା ରିଂରୋଡ୍ ଟ୍ରାଫିକ୍ ଗେଟ୍ ଛକରେ ପୋଲିସ ରବିବାର ଚଢାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୀରମିତ୍ରପୁର ଖିରିଛପା ବସ୍ତିର ବାହେରୋ କୁଜୁର(୪୦)। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ବାହେରୋ ରବିବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଏକ ସ୍କୁଟି (ନଂ.ଓଆର୧୪ଏସ୍/୭୫୫୦) ଯୋଗେ ୬୦ ଲିଟର ଦେଶୀମଦ ନେଇ ବିଶ୍ରା ଅଭିମୁଖେ ଯାଉଥିଲେ। ଏହି ସମୟରେ ପ୍ଲାଣ୍ଟସାଇଟ୍ ପୋଲିସ ତାଙ୍କୁ କାବୁ କରିଥିଲା। ପରେ ପୋଲିସ ତାଙ୍କୁ ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲା।

# ୩ ମାସ ହେଲା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ

ଜମନକିରା,୧୨।୬(ଡି.ଏନ.ଏ.):

ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ଅଧୀନ ରେଙ୍ଗାଲବେଡା ବଜାର ପ୍ରାଙ୍ଗଣରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ୩ ମାସରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡ଼ିଛି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ଲୋକେ ଥଣ୍ଡା ପାଣି ପାଇଁ ଡହକ ବିକଳ ହେଉଥିବା ଦେଖିବାକୁ ମିଳୁଛି।

ସୂଚନାଯୋଗ୍ୟ ଯେ, ରେଙ୍ଗାଲବେଡା କଡ଼ରେ ୪୯ନଂ ଜାତୀୟ ରାଜପଥ ରହିଥିବା ହେତୁ କୁଚିଣ୍ଡା, ଦେବଗଡ଼, ବନେଇକୁ ମୁଖ୍ୟ ସଂଯୋଗ ରାସ୍ତା ରହିଛି। ପ୍ରତ୍ୟହ ଶହ ଶହ ଗାଡି ମୋଟର ଯିବା ଆସିବା କରୁଥିବା ବେଳେ ଯାତ୍ରୀଙ୍କ ପାଇଁ ଏହା ପେଣ୍ଠସ୍ଥଳୀ ପାଲଟିଛି। ଏଥିସହ ରେଙ୍ଗାଲବେଡାରେ ରବିବାର ସାପ୍ତାହିକ ବଜାର ବସିଥିବା ବେଳେ ବଜାରକୁ ଆଖପାଖ ତଥା ଦେବଗଡ଼ ଅଞ୍ଚଳରୁ ହଜାର ହଜାର ଲୋକ ହାଟ କରିବାକୁ ଆସନ୍ତି। ଏଭଳି ସ୍ଥିତିରେ ଏଠାରେ ମାତ୍ର ୨ଟି ନଳକୂପ ରହିଛି। ଉକ୍ତ ନଳକୂପରୁ ବାହାରୁଥିବା ପାଣି ବ୍ୟବହାରଯୋଗ୍ୟ ହୋଇପାରୁନି। ଲୋକଙ୍କ ପିଇବା ପାଣି ପାଇଁ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲେ ହେଁ ଜଳଛତ୍ରରେ ଏକ ପ୍ଲାଷ୍ଟିକ ପାଣି ଡ୍ରମ ରଖାଯାଇଛି। ଫଳରେ ଲୋକେ ଗରମ ପାଣି ପିଉଥିବା ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଏଠିକାର ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ସଜାଡ଼ିବା ପାଇଁ ବହୁବାର ଦାବି କରି ଆସୁଥିଲେ ମଧ୍ୟ ପଞ୍ଚାୟତ ପକ୍ଷରୁ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ତୁରନ୍ତ ପିଇବା ପାଣିର ବ୍ୟବସ୍ଥା କରାଯିବା ପାଇଁ ବ୍ୟବସାୟୀ ତଥା ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଭୋଜପୁର ସରପଞ୍ଚ କର୍ପୁର ପାତ୍ରଙ୍କୁ ଯୋଗାଯୋଗ କରିବାରେ ବିଡ଼ିଓଙ୍କୁ କହି ନୂତନ ବୋରୱେଲ ଖୋଳି ଥଣ୍ଡା ପାଣିର ବ୍ୟବସ୍ଥା କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ବାରକୋଟ ଥାନା ପୋଲିସ ପକ୍ଷରୁ ମେଗା ରକ୍ତଦାନ ଶିବିର

ଦେବଗଡ଼,୧୨।୬(ଡି.ଏନ୍.ଏ.)

ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଦେବଗଡ଼ ଜିଲା ପୋଲିସ ପକ୍ଷରୁ ରବିବାର ବାରକୋଟ ଥାନା ସହାୟତାରେ ସ୍ଥାନୀୟ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ରାଜକିଶୋର ପାଇକରାୟ ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି ଅଙ୍କୁର ମଲ୍ଲିକ, ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର, ବାରକୋଟ ଥାନା ଆଇଆଇସି କନକ ମାଝି, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ପରିଷଦ ସଦସ୍ୟ ସମରେନ୍ଦ୍ର ଜିତଙ୍କ ସମେତ ବହୁ ଲୋକ ଅଂଶଗ୍ରହଣ କରିଥିଲେ। ଜିଲା ରକ୍ତଭଣ୍ଡାର କର୍ମଚାରୀଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ୯୯ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସେମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।



ଜଣେ ରକ୍ତଦାତାଙ୍କୁ ପ୍ରମାଣପତ୍ର ଦିଆଯାଉଛି।

## ଦିବ୍ୟଶକ୍ତି ମଣ୍ଡପ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ରାଉରକେଲା ଅଫିସ,୧୨।୬

ରାଉରକେଲା ଜଗଦା ସ୍ଥିତ ମା' ବାଟମଙ୍ଗଳା ଶକ୍ତିପୀଠରେ ଆୟୋଜିତ ତ୍ରି ଦିବସୀୟ ଦିବ୍ୟଶକ୍ତି ମଣ୍ଡପ ପ୍ରାଣ ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ମନ୍ଦିରର ମୁଖ୍ୟ ପୂଜକ କାଶିନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯଜ୍ଞ ବରାହ ବିଗ୍ରହଙ୍କ ସହସ୍ର ନାମ, ମହା ଆଳତି, ପାର୍ଶ୍ୱ ଦେବାଦେବୀ ପୂଜା କରାଯାଇଥିଲା। ପରେ ମା'ଙ୍କ ଶକ୍ତି ପୀଠରେ ହୋମଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ସନ୍ଧ୍ୟାରେ ବୁଦ୍ଧିଜୀବୀ ଓ ମଣ୍ଡପ ନିର୍ମାଣ କରିଥିବା କାରିଗରମାନଙ୍କୁ ମା ମଙ୍ଗଳା ଶକ୍ତିପୀଠ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜେଏସ୍‌ପି ଉପଦେଷ୍ଟା ସଞ୍ଜୀବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଗ୍ନିବାବା, ସୁନୀଲ କେୟାଲ, ମନୋରଞ୍ଜନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାପରେ ଶକ୍ତିପୀଠରେ ୨୪ ପ୍ରହର ନାମଯଜ୍ଞର ଦଧିହାଣ୍ଡି ଭଙ୍ଗ କରାଯାଇଥିଲା।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ରାଉରକେଲା ଅଫିସ,୧୨।୬

ଜଙ୍ଗଲରେ ମହୁଲ ତୋଳୁଥିବା ବେଳେ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ବଣେଇ ନରେନ୍ଦ୍ର ଅଞ୍ଚଳର ଗୁରୁବାରୀ ହୋତା(୪୬)। ତାଙ୍କୁ ପ୍ରଥମେ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସମ୍ବଲପୁର ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାରୀ ରବିବାର ଭୋର ସାଢ଼େ ୫ଟାରେ ନିକଟସ୍ଥ ଜଙ୍ଗଲକୁ ମହୁଲ ତୋଳିବାକୁ ଯାଇଥିଲେ। ଏହି ସମୟରେ ଏକ ଭାଲୁ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲା।

# ସ୍ମୃତିରେ ମାନସ ସଙ୍ଗୀତ କାର୍ଯ୍ୟକ୍ରମ




ମାନସଙ୍କ ସ୍ମୃତିରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ ।

ସମ୍ବଲପୁର,୧୨।୬(ବ୍ୟୁରୋ)

ମାନସ ଜୟପୁରିଆ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଏକାଧାରରେ ସେ ଜଣେ କଳାକାର, ଟେଲିଭିଜନ ଉପସ୍ଥାପକ, ଆକାଶବାଣୀ ଉଦ୍‌ଘୋଷକ, ସାଂସ୍କୃତିକ ସଂଗଠକ, ମଞ୍ଚ ସଞ୍ଚାଳକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଗତବର୍ଷ କରୋନାରେ ତାଙ୍କ ପରଲୋକ ହୋଇଥିଲା । ସମ୍ବର୍ଦ୍ଧନା ମାଧ୍ୟମରେ ସେ ଅନେକ ଯୁବ କଳାକାରମାନଙ୍କୁ ମଞ୍ଚ ପ୍ରଦାନ କରି ଲୋକଲୋଚନକୁ ଆଣିଥିଲେ। ତେଣୁ ତାଙ୍କ ଅବର୍ତ୍ତମାନରେ ମଧ୍ୟ ସେ ଯୁବ କଳାକାରମାନଙ୍କ ସକାଶେ ସବୁଦିନ ପ୍ରେରଣାଦାୟକ ହୋଇ ରହିବେ। ଶନିବାର ରାତିରେ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ସମ୍ବଲପୁର କଳାକାର ପରିବାର ପକ୍ଷରୁ ଆୟୋଜିତ ସ୍ମୃତିରେ ମାନସ ସଂଗୀତ କାର୍ଯ୍ୟକ୍ରମରେ ଅତିଥି, ବକ୍ତା ଓ କଳାକାରମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ମାନସଙ୍କ ପରିବାରବର୍ଗଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସୁସ୍ମିତା ପଟ୍ଟନାୟକ , ରାମାଶୀଷ ତ୍ରିପାଠୀ ଓ ତର୍ପଣ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ଏମ.ଶାନ୍ତିସୁଧା, ତ୍ରିଲୋଚନ ତ୍ରିପାଠୀ, ଅନଙ୍ଗ ସାଏଦେଓ , ମିହିର ଜୟପୁରିଆ, ଡ.ଦେବସ୍ମିତା ମିଶ୍ର, ସୀମାନ୍ତିକା ଦାସ, ଅଶୋକ ପଟ୍ଟନାୟକ, ଚନ୍ଦ୍ରଶେଖର ଦୁବେ, ଶ୍ରୀସୋମ ପାଢ଼ୀ, ଶ୍ରୀନୁ ଦାଶ, ବିଭୂତି ଭୂଷଣ ଦାଶ, ପ୍ରୀତିନନ୍ଦା ମିଶ୍ର ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ । ସୁମଧୁର ସଂଗୀତରେ ଅଞ୍ଚଳ ଝୁମି ଉଠିଥିଲା । ସଂଗୀତର ତାଳରେ ଗାୟକ ଓ ଶ୍ରୋତାମାନଙ୍କ ଆଖିରୁ ମାନସଙ୍କ ସ୍ମୃତିରେ ଲୋତକ ଝରୁଥିଲା । ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ଦୀପକ ମିଶ୍ର, ଭାଗୀରଥି ସିଂଦେଓ, ଫିଲୁ ଦିବାକର ଥିଲେ । ସରୋଜ ମହାନ୍ତି, ଦୁର୍ଗା ଦାଶ, ସୂର୍ଯ୍ୟ ଦାଶ, ଭାରତ ଗୌରବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଧାରଣା ଦେବାକୁ ଗ୍ରାମବାସୀଙ୍କ ଚେତାବନୀ

## ଗୁଣ୍ଡୁରୁଚୁଆଁ ପଞ୍ଚାୟତ ସାମଗ୍ରୀ ହସ୍ତାନ୍ତରରେ ଅନିୟମିତତା

ଜମନକିରା,୧୨।୬ (ଡି.ଏନ.ଏ.)

କରୋନା ସମୟରେ ଲୋକଙ୍କ ସୁବିଧା ନିମନ୍ତେ ସରକାର ବିଭିନ୍ନ ସାମଗ୍ରୀ ଯୋଗାଇ ଦେଇଥିବା ବେଳେ ଜମନକିରା ବ୍ଲକ ଗୁଣ୍ଡୁରୁଚୁଆଁ ର ପୂର୍ବତନ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଶି ଅନିୟମିତତା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଡିଓଙ୍କ ପାଖରେ ଗ୍ରାମବାସୀ ଗତ ଏପ୍ରିଲ ମାସରେ ଅଭିଯୋଗ କରିଥିଲେ। କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଧାରଣାରେ ବସିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ସୂଚନଯୋଗ୍ୟ, ଗୁଣ୍ଡୁରୁଚୁଆଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ଏବେକାର ନବ ନିର୍ବାଚିତ ସରପଞ୍ଚଙ୍କୁ ସମସ୍ତ ସାମଗ୍ରୀ ହସ୍ତାନ୍ତର କରିବା କଥା । କିନ୍ତୁ ସେ ଠିକ ଭାବେ କରି ନ ଥିବା ଅଭିଯୋଗ ହେଉଛି। କରୋନା କାଳରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ କେତେକ ସାମଗ୍ରୀ ପଞ୍ଚାୟତକୁ ଦିଆଯାଇଥିଲା । ଯେପରି ସରକାରଙ୍କ ପିଠା କାର୍ଯ୍ୟକ୍ରମରେ ଗୋଟେ ବଡ ଏଲଇଡି ଟିଭି ଦିଆଯାଇଥିଲା । ମାତ୍ର ବଡ଼ ଟିଭି ବଦଳରେ ଏକ ଛୋଟିଆ ଟିଭି ପଞ୍ଚାୟତରେ ରଖାଯାଇଥିବା ଅଭିଯୋଗ ହେଉଛି। ସେହିପରି ଜମନକିରା ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତକୁ ଗୋଟିଏ ପାଣି ଟ୍ୟାଙ୍କର ଯୋଗା ଯାଇଥିଲା । କିନ୍ତୁ ଉକ୍ତ ପାଣି ଟ୍ୟାଙ୍କରର ନୂଆ ଟାୟାରକୁ ବଦଳାଇ ସେଥିରେ ପୁରୁଣା ଟାୟାର ଲଗାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜଗଦୀଶ ପାଣିଗ୍ରାହୀ, ୱାର୍ଡମେମ୍ବର ଦିନେଶ ପଟେଲ, ଅଲେଖ ନାରାୟଣ ପଟେଲ, ଆଶିଷ ରାଜ ପଟେଲଙ୍କ ସମେତ ଗ୍ରାମବାସୀ ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଧାରଣାରେ ବସିବେ ବୋଲି ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏ ସଂକ୍ରାନ୍ତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କମଳ ନାୟକଙ୍କୁ ପଚାରିବାରେ ସେ ସେହି ସମୟରେ ପଞ୍ଚାୟତ ଦାୟିତ୍ୱରେ ନ ଥିଲେ ବୋଲି କହିଥିଲେ।

# କାର୍ ଧକ୍କାରେ ବାଇକ୍ ଚୂରମାର, ୧ ମୃତ, ୨ଆହତ

## ବାରମ୍ବାର ଦୁର୍ଘଟଣା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ

ଝାରସୁଗୁଡା ଅଫିସ,୧୨।୬

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥ ସମରବଗା ଛକ ନିକଟ ବୁଲାଣିରେ ରବିବାର ସାଢେ ୧ଟାରେ ଦୁର୍ଘଟଣା ଘଟିଛି। ଜଣେ ମୃତ୍ୟୁବରଣ କରିଥିବାବେଳେ ୨ଜଣ ଆହତ ହୋଇଛନ୍ତି। ଏକ କାର୍ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଛି। ବାଇକ୍ ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଥିବାବେଳେ ବାଇକ୍‌ରେ ଥିବା ୩ଜଣ ଗୁରୁତର ଆହତ ହୋଇଥିଲେ । ଆହତଙ୍କ ମଧ୍ୟରେ ଛତିଶଗଡ଼ ରାୟଗଡ ମାଉଦାପଡାର ରେହମନ୍ ଅଲ୍ଲୀ(୨୩), ନସିମ୍ ଅଲ୍ଲୀ(୧୭) ଓ ଆତୁଲ ଲେହେରୀ(୨୧)। ଏଥିମଧ୍ୟରୁ ରେହମନ୍‌ଙ୍କୁ ଗୁରୁତରଭାବେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା । ଗୁରୁତର ନସିମ୍‌ଙ୍କୁ ବୁର୍ଲା ମେଡିକାଲ୍ ପଠାଯାଇଥିବାବେଳେ ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଆହତ ଆତୁଲଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ତୁରନ୍ତ ରେଙ୍ଗାଲି ଥାନା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ହସ୍‌ପିଟାଲ୍‌କୁ ପଠାଇଥିଲା। ପୋଲିସ ରେହମନ୍‌ଙ୍କ ମୃତଦେହ ଜବତ କରିଥିବାବେଳେ ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଏନେଇ ପୋଲିସ ଦୁର୍ଘଟଣା ଘଟାଇଥିବା ଜେଏଚ୍ ୦୧ ୨୨୦୩ନଂ. କାର୍ ଓ ଦୁର୍ଘଟଣାରେ ଚୁରମାର ହୋଇଥିବା ନମ୍ବର ବିହୀନ ବାଇକ୍‌କୁ ଜବତ କରିଛି। କାର୍ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଦୁର୍ଘଟଣା ଘଟାଇଥିବା କାର୍ ଛତିଶଗଡରୁ ଏକ ପରିବାରଙ୍କୁ ଧରି ଐତିହାସିକ ପର୍ଯ୍ୟଟନସ୍ଥଳୀ କୋଇଲି ଘୁଘୋର ପରିଦର୍ଶନରେ ଆସି ଫେରୁଥିବାବେଳେ ଦୁର୍ଘଟଣା ଘଟିଛି।

ସୂଚନା ଯୋଗ୍ୟ ୪୯ନଂ. ଜାତୀୟ ରାଜପଥ ସମରବଗା ବୁଲାଣି ନିକଟରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେବାରେ ଲାଗିଛି। ଏହି ରାସ୍ତାକୁ ସିଧାକରିବା ସହ ଏଠାରେ ଯାନବାହାନ ଗତି ଅବରୋଧ ପାଇଁ ସ୍ପିଡ୍‌ବ୍ରେକର ଦେବା ପାଇଁ ସ୍ଥାନୀୟ ଲୋକଙ୍କ ତରଫରୁ ଦୀର୍ଘବର୍ଷ ହେଲାଣି ଦାବି ହୋଇଆସୁଛି। ହେଲେ ଏଦିଗରେ ଏନ୍‌ଏଚ୍ଆଇ ଏହାର କୌଣସି ପ୍ରତିକାର ନ କରି ନୀରବ ରହିଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତିକୁ ନେଇ ରବିବାର ଘଟିଥିବା ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । ପରେ ପୋଲିସ ଲୋକଙ୍କୁ ବୁଝାସୁଝା କରି ତୁରନ୍ତ ସ୍ପିଡ୍‌ବ୍ରେକର ଲଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା।



ଦୁର୍ଘଟଣା ପରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

## ସଂକ୍ଷେପରେ

### ଅଂଶୁଘାତରେ ୫ ମୃତ

**କୋଲକାତା, ୧୨।୬:** ପଶ୍ଚିମବଙ୍ଗର ନର୍ଥ ୨୪ ପ୍ରଗଣା ଜିଲାରେ ପାଣିହାଟିଠାରେ ଦଣ୍ଡା ମହୋତ୍ସବ ଚାଲିଥିବାବେଳେ ଅଂଶୁଘାତରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଦଳାଚକଟା ପରିସ୍ଥିତି ଯୋଗୁ ଆଉ କେତେଜଣ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅଛନ୍ତି। ପାଣିହାଟିର ଇସ୍କନ ମନ୍ଦିରରେ ପ୍ରାୟ ୫ଶହ ବର୍ଷ ପୁରୁଣା ଦଣ୍ଡ ମହୋତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଅସହ୍ୟ ଗରମ ଯୋଗୁ ପ୍ରାୟ ୫୦ ଜଣ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଜଣେ ମହିଳାଙ୍କ ସହ ଆଉ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ମହୋତ୍ସବ ବାତିଲ କରିଦିଆଯାଇଥିଲା। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମବେଦନା ଜଣାଇଛନ୍ତି।

### ପବ୍‌ଜିରେ ହାରିବାରୁ ଆତ୍ମହତ୍ୟା

**ହାଇଦ୍ରାବାଦ, ୧୨।୬:** ଅନ୍‌ଲାଇନ୍ ଗେମ୍ ପବ୍‌ଜିରେ ହାରିବା ପରେ ସାଙ୍ଗମାନଙ୍କ ଥଟ୍ଟା ସହି ନ ପାରି ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲାର ଜଣେ ୧୬ ବର୍ଷୀୟ ବାଳକ ରବିବାର ଆତ୍ମହତ୍ୟା କରିଛନ୍ତି। ମଛଲିପଟ୍‌ନମ୍‌ର କଂଗ୍ରେସ ନେତା ଶାନ୍ତିରାଜଙ୍କ ପୁଅ ଅନେକ ସମୟରେ ପବ୍‌ଜି ଖେଳୁଥିଲେ। ରବିବାର ମଧ ସାଙ୍ଗମାନଙ୍କ ସହ ଏହି ଗେମ୍ ଖେଳୁଥିବାବେଳେ ହାରି ଯାଇଥିଲେ। ସାଙ୍ଗମାନେ ଚିଡ଼ାଇବାରୁ ସେ ଘରେ ଥିବା ପଙ୍ଖାରେ ରଶି ଲଗାଇଦେଇଥିଲେ। ୨୦୧୯ରେ ପବ୍‌ଜି ଭାରତରେ ବ୍ୟାନ୍ ହୋଇଥିଲେ ମଧ ଏହା ଆଉ ଏକ ନାମରେ ପୁଣି ଅନ୍‌ଲାଇନ ଉପଲବ୍ଧ ହୋଇଛି।

### ଜୟ ଶ୍ରୀରାମ ସ୍ଲୋଗାନ ଦେଇ ୨ ମୁସଲମାନ ଯୁବକଙ୍କୁ ଆକ୍ରମଣ

**ରାଞ୍ଚି, ୧୨।୬:** ପ୍ରଫେଟ୍ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ରାଞ୍ଚିରେ ହିଂସାକାଣ୍ଡ ପରେ ଶୁକ୍ରବାର ଦୁଇ ମୁସଲମାନ ଯୁବକଙ୍କ ଉପରେ ଆକ୍ରମଣ ହୋଇଛି। ଜୟ ଶ୍ରୀରାମ ନାରା ଦେଇ କେତେଜଣ ହିନ୍ଦୁ ଯୁବଗୋଷ୍ଠୀ ଜିଶାନ୍ (୨୪) ଏବଂ ଫୈଜାନ (୨୧) ଦଉଡ଼ ଭାଇଙ୍କୁ ରାଞ୍ଚିର ସୁଜାତା ଚୌକରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଜିଶାନ ଓ ଫୈଜାନ୍ ନିକଟରେ ଥିବା ଡୋମିନସ୍‌ରୁ ପିଜା ଆଣିବାକୁ ଯାଉଥିବାବେଳେ ପ୍ରାୟ ୩୦ ଜଣିଆ ଏକ ଗୋଷ୍ଠୀ ଜୟ ଶ୍ରୀରାମ ନାରା ଦେଇ ସେଠାରେ ପହଞ୍ଚି ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଦୁଇ ଭାଇଙ୍କ ମୁଣ୍ଡ ଫାଟିଯାଇଛି। ଦୁଇ ଭାଇ କୌଣସି ହିଂସାକାଣ୍ଡରେ ସାମିଲ ନ ଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏପରିକି ସ୍ଥାନୀୟ ଥାନାରେ ସେମାନେ ଅଭିଯୋଗ କରିଥିଲେ ହେଁ ପୋଲିସ ତାଙ୍କୁ ଏଫ୍‌ଆଇଆର୍ ନକଲ ଦେଇ ନ ଥିବା ଜିଶାନ୍ କହିଛନ୍ତି।

### ରୋବଟ ଜରିଆରେ ଉଦ୍ଧାର କାର୍ଯ୍ୟ ଜାରି

**ରାୟପୁର, ୧୨।୬:** ଛତିଶଗଡ଼ ଜାଞ୍ଜଗିର ଚମ୍ପା ଜିଲାର ରାହୁଲ ସାହୁ ୮୦ ଫୁଟ ବୋର୍‌ୱେଲ୍‌ରେ ଖସିପଡ଼ିବା ଘଟଣାକୁ ୩ ଦିନ ବିତିଯାଇଛି। ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରିମୋଟ ଦ୍ୱାରା ପରିଚାଳିତ ବୋର୍‌ୱେଲ୍ ରେସ୍କ୍ୟୁ ରୋବୋଟର ସହାୟତା ନିଆଯାଇଛି। ରାହୁଲ ସଚେତ ଥିବା ପୋଲିସ ସୁପରିଟେଣ୍ଡେଣ୍ଟ୍ ବିଜୟ ଅଗ୍ରୱାଲ କହିଛନ୍ତି। ପରିବାର ଲୋକଙ୍କ ସମେତ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍, ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି । ପାଇପ୍ ଜରିଆରେ ରାହୁଲଙ୍କୁ ଖାଦ୍ୟ ଓ ଅମ୍ଳଜାନ ଯୋଗାଯାଉଛି। ରାହୁଲ କଥା କହିବାରେ ଏବଂ ଶୁଣିବାରେ ଅକ୍ଷମ ଥିବାରୁ ସେ ଠିକ୍ ଭାବେ କୌଣସି ପ୍ରତିକ୍ରିୟା ଦେଉ ନାହାନ୍ତି।



ଆମେରିକାରେ ନ୍ୟୁୟର୍କସ୍ଥିତ ବ୍ରୁକଲିନ୍ ବ୍ରିଜ୍‌ରେ ଗନ୍ କଣ୍ଟ୍ରୋଲ ପାଇଁ ବିଶାଳ ବିକ୍ଷୋଭ ଶୋଭାଯାତ୍ରା।

# ବନ୍ଧୁକ ଆମକୁ ମାରିଦେବ ଲଗାମ ଲଗାଅ

**ୱାଶିଂଟନ୍, ୧୨।୬**

'ବନ୍ଧୁକ ଆମକୁ ମାରିଦେବ। ତୁରନ୍ତ ଏହା ଉପରେ ଲଗାମ ଲଗାଇ ଆମ ଜୀବନ ବଞ୍ଚାଅ' ନାରା ଦେଇ ଆମେରିକାବାସୀ ବନ୍ଧୁକ ନିୟନ୍ତ୍ରଣ ଆଇନ ଆଣିବା ଦାବିରେ ବିଶାଳ ଶୋଭାଯାତ୍ରା ଆୟୋଜନ କରିଛନ୍ତି। ନ୍ୟୁୟର୍କ ଓ ଟେକ୍ସାସ ଗୁଳିକାଣ୍ଡ ପରେ ତୁରନ୍ତ ଗନ୍ କଣ୍ଟ୍ରୋଲ ଲ' ଆଣିବାକୁ ଲୋକେ ଆମେରିକା କଂଗ୍ରେସ ଉପରେ ଚାପ ପକାଇଛନ୍ତି। ଏହି ବିକ୍ଷୋଭକୁ ରାଷ୍ଟ୍ରପତି ଜୋ ବାଇଡେନ୍ ସମର୍ଥନ କରିବା ସହ ନିକଟରେ ଆମେରିକାର ନିମ୍ନସଦନରେ ପାରିତ ହୋଇଥିବା ଏହି ବିଲ୍‌କୁ ଆଇନରେ ପରିଣତ କରିବା ନିମନ୍ତେ କଂଗ୍ରେସକୁ ଆହ୍ୱାନ ଦେଇଛନ୍ତି। ସିନେଟ୍‌ରେ ରପବ୍ଲିକାନ୍ ସଦସ୍ୟଙ୍କ ବିରୋଧ ଯୋଗୁ ବନ୍ଧୁକ ନିୟନ୍ତ୍ରଣ ବିଲ୍ ଆଇନରେ ପରିଣତ ହେବା ସମ୍ଭାବନା କମ୍। ତେଣୁ ଲୋକଙ୍କ ସୁରକ୍ଷା ପାଇଁ ଏହି ନିୟମ ଆସିବା ଆବଶ୍ୟକ ବୋଲି ବାଇଡେନ୍ କହିଛନ୍ତି। ୱାଶିଂଟନ୍ ଡିସି, ନ୍ୟୁୟର୍କ, ଲସ୍ ଏଞ୍ଜେଲ୍ସ, ଶିକାଗୋ ସମେତ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ୪୫୦ରୁ ଊର୍ଦ୍ଧ୍ୱ ରାଲି କରାଯାଇଥିବା ଗନ୍ ସେଫ୍ଟି ଗ୍ରୁପ୍ 'ମାର୍ଚ୍ଚ ଫର୍ ଆୱାର ଲାଇଭ୍‌ସ' ପକ୍ଷରୁ କୁହାଯାଇଛି। ରାଜନେତାମାନଙ୍କ ନିଷ୍କ୍ରିୟତା ଯୋଗୁ ଆମେରିକାବାସୀ ମରୁଛନ୍ତି। ସେମାନେ ଆରାମରେ ବସି ଆମ ଲୋକଙ୍କୁ ମରିବାକୁ ଛାଡ଼ି ଦେଇପାରିବେ ନାହିଁ ବୋଲି ଏହି ସଙ୍ଗଠନ କହିଛି। ଯେଉଁମାନେ ବନ୍ଧୁକ ଉପର ଲଗାମ ପାଇଁ କଡ଼ା ଆଇନ ଆଣିବା ସପକ୍ଷରେ ଅଛନ୍ତି ସେମାନଙ୍କ ପ୍ରତି ଦେଶବାସୀଙ୍କ ସମର୍ଥନ ରହିଛି ବୋଲି ବିକ୍ଷୋଭକାରୀ କହିଛନ୍ତି। ନିକଟରେ ଆମେରିକା ଦୁଇଟି ବଡ଼ ଧରଣର ଗୁଳିକାଣ୍ଡ ଦେଖିଛି। ମେ ୧୪ରେ ନ୍ୟୁୟର୍କ ବଫାଲୋ ସହରରେ ଆତତାୟୀଙ୍କ ଗୁଳିରେ ୧୦ ଜଣଙ୍କ ଜୀବନ ଯାଇଥିଲା। ଏହାର ମାତ୍ର ୧୦ ଦିନ ପରେ ମେ ୨୪ରେ ଟେକ୍ସାସ୍ ସ୍କୁଲରେ ଗୁଳିକାଣ୍ଡ ଘଟି ୧୯ ଶିଶୁଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ଘଟିଥିଲା।

# ବିପଦରେ ପାକିସ୍ତାନ ଗଣତନ୍ତ୍ର

## ଆଇଏସ୍‌ଆଇକୁ ସିଭିଲ୍ ସର୍ଭିସ୍ ନିଯୁକ୍ତି କ୍ଷମତା ଦେଲେ ପ୍ରଧାନମନ୍ତ୍ରୀ

**ଇସ୍‌ଲାମାବାଦ, ୧୨।୬**

ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)କୁ ସିଭିଲ୍ ସର୍ଭିସ୍ ପାଇଁ ନିଯୁକ୍ତି କ୍ଷମତା ପ୍ରଦାନ କରିଛନ୍ତି। ଦେଶର ସାଧାରଣ ଲୋକଙ୍କ ଜୀବନରେ କ୍ରମବର୍ଦ୍ଧିଷ୍ଣୁ ସାମରିକ ହସ୍ତକ୍ଷେପ ଯୋଗୁ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଥିବା ନେଇ ପାକିସ୍ତାନୀ ରାଜନେତା ଓ ଆକ୍ଟିଭିଷ୍ଟମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

ଆଇଏସ୍‌ଆଇକୁ ପାକିସ୍ତାନର ନୂଆ ସରକାର ପ୍ରଶାସନିକ କ୍ଷମତା ଦେବା ପରେ ଏବେ ଏହି ଗୋଇନ୍ଦା ସଂସ୍ଥା ସରକାରୀ ଅଧିକାରୀମାନଙ୍କ ଭେରିଫିକେଶନ୍ ଓ ସ୍କ୍ରିନିଂ କରିପାରିବ। ଏଥିସହ ନିଯୁକ୍ତି, ବଦଳି ଓ ପଦୋନ୍ନତି ସମ୍ପର୍କିତ ନିଷ୍ପତ୍ତି ମଧ ନେଇପାରିବ। ଏଥିଯୋଗୁ ଅମଲାତନ୍ତ୍ରରେ ନାଗରିକଙ୍କ ଅଧିକାର ସଙ୍କୁଚିତ ହେବ। ପାକିସ୍ତାନକୁ ପ୍ରତ୍ୟକ୍ଷ ଭାବେ ୩ ଦଶନ୍ଧି ଧରି ଶାସନ କରିଥିବା ଶକ୍ତିଶାଳୀ ସେନା ଓ ଏହାର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ରାଜନୀତିରେ ହସ୍ତକ୍ଷେପ ତଥା ରାଜନେତାଙ୍କୁ ନିୟନ୍ତ୍ରଣ କରିବାର ଲମ୍ବା ଇତିହାସ ରହିଛି। ପାକିସ୍ତାନୀ ନେତାମାନେ କ୍ଷମତାକୁ ଆସିବା ପାଇଁ ସେନାର ସମର୍ଥନ ଆବଶ୍ୟକ କରିଥିବା ନେଇ ସମସ୍ତେ ଅବଗତ। କିନ୍ତୁ ବର୍ତ୍ତମାନ ଅମଲାତନ୍ତ୍ରୀମାନେ ମଧ ନିଯୁକ୍ତି ଓ ବଦଳି ପାଇଁ ଅନୁରୂପ ସାମରିକ ସମର୍ଥନ ଲୋଡ଼ିବେ। ଏନେଇ ସିନେଟର ମୁସ୍ତାଫା ନୱାଜ୍ ଖୋଖାର କହିଛନ୍ତି, ପାକିସ୍ତାନର ଇତିହାସକୁ ଦେଖିଲେ ଆଭ୍ୟନ୍ତରୀଣ ରାଜନୀତିରେ ସେନାର ପ୍ରାଧାନ୍ୟକୁ ବୁଝିହୁଏ। ଶେହବାଜ ଶରିଫଙ୍କ ସଦ୍ୟ ନିଷ୍ପତ୍ତି ଫଳରେ ସିଭିଲ ବ୍ୟୁରୋକ୍ରାସି ଦୁର୍ବଳ ହେବା ସହ ପ୍ରଶାସନିକ ଅଧିକାରୀମାନେ ନିଜ ସ୍ୱାଧୀନତା ହରାଇବେ। ଏହା ନିଜ ଗୋଡ଼ରେ କୁରାଢ଼ୀ ଚୋଟ ମାରିବା ଭଳି ନିଷ୍ପତ୍ତି, ଯାହାର ପୁନର୍ବିଚାର ଜରୁରୀ। ସେହିପରି ଉଚ୍ଚ ସଦନ ସିନେଟର ପୂର୍ବତନ ଅଧ୍ୟକ୍ଷ ରଜା ରବ୍ବାନୀ ଶରିଫ୍‌ଙ୍କ ନିଷ୍ପତ୍ତିକୁ ଦେଶର ସମ୍ବିଧାନ ଉପରେ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ବର୍ତ୍ତମାନ ସରକାରରେ ଥିବା ବିରୋଧୀ ଦଳଗୁଡ଼ିକ ଗତ ଏପ୍ରିଲରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଅନାସ୍ଥା ଭୋଟରେ କ୍ଷମତାଚ୍ୟୁତ କରିବା ପୂର୍ବରୁ ରାଜନୀତିରେ ସାମରିକ ହସ୍ତକ୍ଷେପକୁ ସମାଲୋଚନା କରିଥିଲେ। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ନେତା ନିର୍ବାଚନ ବେଳେ ଜାଲିଆତି କରି ସେନା ସହାୟତାରେ କ୍ଷମତାସୀନ ହୋଇଥିବା ଶରିଫ୍ କହିଥିଲେ। ପାକିସ୍ତାନର ସାମରିକ ବ୍ୟାପାର ବିଶେଷଜ୍ଞ ତଥା ଲେଖିକା ଆୟେଶା ସିଦ୍ଦିକା କହିଛନ୍ତି, ଶରିଫଙ୍କ ଏଭଳି ପଦକ୍ଷେପକୁ କୌଣସି ରାଜନୈତିକ ଦଳର ବରିଷ୍ଠ ନେତା ନିନ୍ଦା ନ କରିବା ଦୁର୍ଭାଗ୍ୟର ବିଷୟ। ସରକାରଙ୍କ ବିଜ୍ଞପ୍ତି ଅନ୍ୟ ସଂସ୍ଥାଗୁଡ଼ିକ ଉପରେ ସାମରିକ ଗୋଇନ୍ଦାର କ୍ଷମତା ବୃଦ୍ଧିକୁ ଆଇନତଃ ବୈଧ କରିଛି। ଏହାସହ ରାଜନୈତିକ ଶ୍ରେଣୀର ଏକ ଦୀର୍ଘକାଳୀନ କ୍ଷମତା ବିକେନ୍ଦ୍ରୀକରଣ ପାଇଁ ବୀଜ ବୁଣିଛି। ରାଜନୀତି ଉପରେ ସାମରିକ ନିୟନ୍ତ୍ରଣ ପାର୍ଲାମେଣ୍ଟକୁ ଦୁର୍ବଳ କରିଦେବ।

ପାକିସ୍ତାନ ମୁସ୍‌ଲିମ ଲିଗ୍-ନୱାଜ୍ (ପିଏମ୍‌ଏଲ୍-ଏନ୍) ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫଙ୍କ ଝିଅ ମରିୟମ୍ ନୱାଜ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ଯୁକ୍ତିଯୁକ୍ତ ଦର୍ଶାଇ ସମର୍ଥନ କରିଛନ୍ତି। ମରିୟମ୍ କହିଛନ୍ତି, ଆଇଏସ୍‌ଆଇ ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ସରକାର ସହ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରିଥାଏ। ଯଦି ପ୍ରଧାନମନ୍ତ୍ରୀ ଏପରି ପଦକ୍ଷେପ ନେଇଛନ୍ତି ତେବେ, କେଉଁ ସଙ୍ଗଠନକୁ କେଉଁ ସମୟରେ କି ପ୍ରକାର ଦାୟିତ୍ୱ ଦିଆଯିବ ତାହା ତାଙ୍କୁ ଭଲ ଭାବେ ଜଣା। ମରିୟମ୍‌ଙ୍କ ମନ୍ତବ୍ୟ ଉପରେ ସିଦ୍ଦିକା କହିଛନ୍ତି, ଜଣେ ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଆଇଏସ୍‌ଆଇକୁ ନିୟନ୍ତ୍ରଣ କରିବା ଉପରେ କେବଳ ସ୍ୱପ୍ନ ଦେଖିପାରିବେ। ଏହା ଉପରେ ସରକାରୀ ନିୟନ୍ତ୍ରଣ କେବେ ନ ଥାଏ। ପାକିସ୍ତାନର ମାନବାଧିକାର କମିଶନ ମଧ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ ନେଇ ଚିନ୍ତାବ୍ୟକ୍ତ କରିଛି। ଯଦିଓ ପୂର୍ବରୁ ଏଭଳି ପରମ୍ପରା ପ୍ରଚଳିତ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ପରିପନ୍ଥୀ। ପାକିସ୍ତାନକୁ ଆଗକୁ ବଢ଼ିବାକୁ ହେଲେ ନାଗରିକ ବ୍ୟାପାରରେ ସାମରିକ ଭୂମିକାକୁ ବନ୍ଦ କରିବାକୁ ପଡ଼ିବ ବୋଲି କମିଶନ ପକ୍ଷରୁ କୁହାଯାଇଛି।


ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ




**ପ୍ରତିବାଦ କରିବାରୁ ଆକ୍ରମଣ**

## ପୀଡ଼ିତାଙ୍କ ମୁହଁରେ ୧୧୮ ଷ୍ଟିଚ୍

**ଭୋପାଳ, ୧୨।୬**

ମଧ୍ୟପ୍ରଦେଶର ଜଣେ ମହିଳାଙ୍କୁ କେତେଜଣ ଅସଦାଚରଣ ସହ ଯୌନ ନିର୍ଯାତନା ଦେବାକୁ ଉଦ୍ୟମ ବେଳେ ପ୍ରତିବାଦ ଯୋଗୁ ଅଭିଯୁକ୍ତମାନେ ପେପର କଟରରେ ତାଙ୍କ ମୁହଁକୁ ଆକ୍ରମଣ କରିଛନ୍ତି। ଏଥିଯୋଗୁ ପୀଡ଼ିତାଙ୍କ ମୁହଁରେ ୧୧୮ଟି ଷ୍ଟିଚ୍ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଭୋପାଳର ଟିଟି ନଗରଠାରେ ଶୁକ୍ରବାର ଏହି ଘଟଣା ଘଟିଛି। ମହିଳା ଜଣକ ସ୍ୱାମୀଙ୍କ ସହ ଏକ ହୋଟେଲକୁ ଯାଇଥିଲେ। ସେଠାରେ ବାଇକ୍ ପାର୍କିଂକୁ କେନ୍ଦ୍ର କରି ୩ ଜଣଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ସେମାନେ ମହିଳାଙ୍କୁ ଅଶ୍ଳୀଳ କମେଣ୍ଟ କରିବା ସହ ଅସଦାଚରଣ କରିଥିଲେ। ପ୍ରତିବାଦରେ ମହିଳା ଜଣକ ଜଣଙ୍କୁ ଚାପୁଡ଼ା ମାରିଥିଲେ। କିଛି ସମୟ ପରେ ଦମ୍ପତି ହୋଟେଲ ବାହାରକୁ ଆସିବା ପରେ ସେଠାରେ ପୂର୍ବରୁ ଥିବା ଅଭିଯୁକ୍ତମାନେ ମହିଳାଙ୍କ ମୁହଁକୁ କଟରରେ ଆକ୍ରମଣ କରିଥିଲେ। ଘଟଣାରେ ବାଦଶାହା ବେଗ୍ ଏବଂ ଅଜୟ ଓରଫ୍ ବିଚ୍ଛି ସିବ୍‌ଦେଙ୍କୁ ଗିରଫ କରାଯାଇଛି। ଅନ୍ୟଜଣଙ୍କୁ ଗିରଫ ପାଇଁ ସର୍ଚ୍ଚ ଅପେରଶନ ଚାଲିଥିବା ପୋଲିସ କହିଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ରବିବାର ପୀଡ଼ିତାଙ୍କୁ ଦେଖାକରି ତାଙ୍କ ସାହସ ପାଇଁ ୧ ଲକ୍ଷ ଟଙ୍କା ପୁରସ୍କାର ଦେଇଛନ୍ତି।

# ହିଂସାକାରୀଙ୍କଠାରୁ ଆଦାୟ ହେବ ନଷ୍ଟ ସମ୍ପତ୍ତିର ମୂଲ୍ୟ

**ଲକ୍ଷ୍ନୌ, ୧୨।୬**

ପ୍ରଫେଟ୍ ମହମ୍ମଦଙ୍କ ଉପରେ ଭାଜପା ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ର କରି ହିଂସା ଘଟାଇଥିବା ବ୍ୟକ୍ତିମାନେ ଜନସାଧାରଣଙ୍କ ସମ୍ପତ୍ତି ନଷ୍ଟ ବାବଦ ଦେୟ ଭରିବେ ବୋଲି ଉତ୍ତରପ୍ରଦେଶ ପୋଲିସ କହିଛି। ଏହି ଘଟଣାରେ ୟୁପିରେ ମୋଟ ଗିରଫଦାରୀ ସଂଖ୍ୟା ୩୦୬ରେ ପହଞ୍ଚିଛି। ଫଟୋ ଓ ଭିଡିଓ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ଗିରଫ ପ୍ରକ୍ରିୟା ଚାଲିଛି। ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଚେତାବନୀ ଦେବା ପରେ ଦ୍ୱିତୀୟ ଦିନ ପାଇଁ ବୁଲ୍‌ଡୋଜର ଦ୍ୱାରା ଅଭିଯୁକ୍ତଙ୍କ ଘର ଭଙ୍ଗାଯାଇଛି। ହିଂସାକାଣ୍ଡ ଅଭିଯୁକ୍ତ ରାଜନେତା ଜାଭେଦ ମହମ୍ମଦଙ୍କ ଏକ ବେଆଇନ ଘର ଭଙ୍ଗାଯାଇଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି। ଉଚ୍ଛେଦପୂର୍ବରୁ ତାଙ୍କ ଘରେ ସର୍ଚ୍ଚ ଅପରେଶନବେଳେ ୨ଟି ବନ୍ଧୁକ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ମିଳିଥିବା ପୋଲିସ କହିଛି। ଶନିବାର ରାତିରେ ତାଙ୍କ ଘର ବାହାରେ ଏକ ପୋଷ୍ଟର ମରାଯାଇଥିଲା। ଗତ ମେ'ରେ ଜାଭେଦଙ୍କ ଘର ଭଙ୍ଗାଯିବା ନିମନ୍ତେ ଜାରି ହୋଇଥିବା ଏକ ନୋଟିସ୍‌ର ଉତ୍ତର ସେ ଦେଇ ନ ଥିବା ପୋଷ୍ଟରରେ ଦେଖିବାକୁ ମିଳିଥିଲା। ସେହିପରି ଦିଲ୍ଲୀ ଜମା ମସ୍‌ଜିଦ୍ ବାହାରେ ବିକ୍ଷୋଭ କରିଥିବା ୨ ଜଣଙ୍କୁ ଗିରଫ କରାଯାଇଛି।



ଅଭିଯୁକ୍ତଙ୍କ ଘରେ ବୁଲ୍‌ଡୋଜର

## ଶାସନରେ ମହାରାଣୀଙ୍କ ରେକର୍ଡ

**ଇଂଲଣ୍ଡ, ୧୨।୬:** ଦୀର୍ଘଦିନ ଧରି ଶାସନ କରିଥିବା ଶାସକଙ୍କ ସୂଚୀର ଦ୍ୱିତୀୟ ସ୍ଥାନରେ ବ୍ରିଟେନ୍ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ରହିଛନ୍ତି। ଥାଇଲାଣ୍ଡ ରାଜା ଭୂମିବୋଲ ଅଦୁଲ୍ୟାଦେଜ୍‌ଙ୍କୁ ପଛରେ ପକାଇ ମହାରାଣୀ ଏହି ସ୍ଥାନ ଅଧିକାର କରିଛନ୍ତି। ତାଲିକାର ପ୍ରଥମରେ ଫ୍ରାନ୍ସର ଲୁଇସ ଚତୁର୍ଦ୍ଦଶ ଅଛନ୍ତି। ଲୁଇସ୍ ୭୨ ବର୍ଷ ୧୧୦ ଦିନ ଶାସନ କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେ ୧୬୪୩ରୁ ୧୭୧୫ ପର୍ଯ୍ୟନ୍ତ କ୍ଷମତାରେ ରହିଥିଲେ। ବ୍ରିଟେନରେ ଏଲିଜାବେଥ୍‌ଙ୍କ ଶାସନକୁ ୭୦ ବର୍ଷ ପୂରି ଯାଇଥିବା ଅବସରରେ ପ୍ଲାଟିନମ୍ ଜୁବିଲି ପାଳନ କରାଯାଉଛି। ଏ ନେଇ ଜୁନ୍ ୨ରୁ ୫ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ବିଶାଳ ସମାରୋହର ଆୟୋଜନ କରାଯାଇଥିଲା। ତେବେ ପ୍ରଥମଥର ପାଇଁ ବ୍ରିଟେନବାସୀ ପ୍ଲାଟିନମ୍ ଜୁବିଲି ପାଳନ କରୁଥିବାର ଦେଖିବାକୁ ମିଳିଛି।


ଏଲିଜାବେଥ୍ ଦ୍ୱିତୀୟ

## ପରିବାର ଉପରେ ବୋଝ ହେବାକୁ ଚାହୁଁ ନ ଥିଲେ ପ୍ରତ୍ୟୁଷା

**ହାଇଦ୍ରାବାଦ, ୧୨।୬**

ଜଣାଶୁଣା ସେଲିବ୍ରିଟି ଫ୍ୟାଶନ ଡିଜାଇନର୍ ପ୍ରତ୍ୟୁଶା ଗାରିମେଲ୍ଲାଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ପ୍ରତ୍ୟୁଶାଙ୍କ ମୃତ୍ୟୁ ବିଷାକ୍ତ ଗ୍ୟାସ କାର୍ବନ୍ ମନୋକ୍ସାଇଡ୍ ଆଘ୍ରାଣ କାରଣରୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ହାଇଦ୍ରାବାଦ୍ ବାଞ୍ଜାରା ହିଲ୍ସରେ ପ୍ରତ୍ୟୁଶା ଗାରିମେଲ୍ଲା ନାମରେ ଏକ ବୁଟିକ୍ ଚଳାଉଥିଲେ। ୩୬ ବର୍ଷୀୟା ପ୍ରତ୍ୟୁଶାଙ୍କ ମୃତଦେହ ଶନିବାର ଅପରାହ୍ଣରେ ତାଙ୍କ ବୁଟିକ୍‌ର ବାଥ୍‌ରୁମ୍‌ରୁ ମିଳିଥିଲା। ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ମୃତ୍ୟୁ ପାଇଁ ସେ କାହାରିକୁ ଦାୟୀ କରି ନ ଥିବାବେଳେ ସେ କିଛିଦିନ ହେବ ଏକୁଟିଆ ଅନୁଭବ କରୁଥିଲେ। ଏଥିସହ ପରିବାର ଉପରେ ସେ ବୋଝ ହେବାକୁ ଚାହୁଁ ନ ଥିବା ଉକ୍ତ ନୋଟ୍‌ରେ ଉଲ୍ଲେଖ କରାଯାଇଛି। ୧୦ ତାରିଖରେ ଜଣେ ସାଙ୍ଗଘରେ ରହି ପରଦିନ ଫେରିବା କଥା କହି ପ୍ରତ୍ୟୁଶା ଘରୁ ବାହାରିଥିଲେ ହେଁ ଫେରି ନ ଥିଲେ।



# ୟୁକ୍ରେନ୍‌ର ଇୟୁ ସଦସ୍ୟତା: ଆସନ୍ତା ସପ୍ତାହରେ ନିଷ୍ପତ୍ତି

**କିଭ୍, ୧୨।୬**

ୟୁରୋପୀୟ ୟୁନିୟନ (ଇୟୁ)ର ସଦସ୍ୟ ହେବା ନେଇ ୟୁକ୍ରେନ୍ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କରିବ କି ନା ତାହା ଆସନ୍ତା ସପ୍ତାହରେ ଜଣାପଡ଼ିବ। ଇୟୁ ମୁଖ୍ୟ ଉର୍ସୁଲା ଭୋନ୍ ଡେର୍ ଲେୟେନ୍ ଶନିବାର ୟୁକ୍ରେନ୍ ଗସ୍ତ କରିବା ପରେ ଏ ନେଇ ରାଷ୍ଟ୍ରପତି ଭୋଲୋଡିମିରଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ରକୁ ଇୟୁ ସଦସ୍ୟତା ପ୍ରଦାନ ନିମନ୍ତେ ଜେଲେନ୍‌ସ୍କି ଉର୍ସୁଲା ଭୋନ୍‌ଙ୍କୁ ନିବେଦନ କରିଛନ୍ତି। ୟୁରୋପୀୟ ସଂଘରେ ୟୁକ୍ରେନ୍ ସାମିଲ ହେବାକୁ ନେଇ ଇୟୁ ସଦସ୍ୟମାନେ ଆସନ୍ତା ସପ୍ତାହ ଶେଷ ସୁଦ୍ଧା ସେମାନଙ୍କ ମତ ରଖିବେ। ସଂଘର ସମସ୍ତ ୨୭ ସଦସ୍ୟ ରାଷ୍ଟ୍ର ସହମତ ହେବ ଆବଶ୍ୟକ। କିଭ୍ ଇୟୁରେ ସାମିଲ ନିମନ୍ତେ ସମସ୍ତ ଆବଶ୍ୟକ ମାନଦଣ୍ଡ ମଧ ପୂରଣ କରିବା ଜରୁରୀ। ଯଦି ୟୁକ୍ରେନ୍ ସପକ୍ଷରେ ଇୟୁ ସଦସ୍ୟ ରାଷ୍ଟ୍ର ସେମାନଙ୍କ ସମର୍ଥନ ଦିଅନ୍ତି ତେବେ ଏହି ସଂଘରେ ଯୋଗଦେବା ପାଇଁଥିବା ଏକ ଦୀର୍ଘ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହୋଇପାରେ।

ଯୁଦ୍ଧ ପରଠାରୁ ଉର୍ସୁଲାଙ୍କ ଏହା ଦ୍ୱିତୀୟ କିଭ୍ ଗସ୍ତ। ତରବରିଆ ଭାବେ ୟୁକ୍ରେନ୍‌କୁ ୟୁରୋପୀୟ ସଂଘରେ ସାମିଲ ନ କରିବା ପାଇଁ କେତେକ ସଦସ୍ୟ ରାଷ୍ଟ୍ର ଚେତାବନୀ ଦେଇଛନ୍ତି। ୟୁକ୍ରେନ୍ ଦସ୍ତାବିଜ୍‌ର ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଉତ୍ତର ମାକେଡୋନିଆ, ଆଲବାନିଆ ଆଦି ଦେଶ ଇୟୁ ସଦସ୍ୟତା ପାଇଁ ପୂର୍ବରୁ ଆବେଦନ କରିଥିବାରୁ ସେମାନଙ୍କ କଥା ମଧ ଚିନ୍ତା କରିବା ଆବଶ୍ୟକ ବୋଲି ସେମାନେ ମତ ରଖିଛନ୍ତି।




## ସରି ଆସୁଛି ଅସ୍ତ୍ର:ଜେଲେନ୍‌ସ୍କି

ଶକ୍ତିଶାଳୀ ରୁଷିଆ ସହ ଶହେରୁ ଊର୍ଦ୍ଧ୍ୱ ଦିନ ହେଲା ଲଢ଼େଇ ଜାରି ରଖିଥିବା ୟୁକ୍ରେନ୍ ନିକଟରେ ଏବେ ଯୁଦ୍ଧାସ୍ତ୍ର ଅଭାବ ଦେଖାଦେଇଛି। ପୂର୍ବ ୟୁକ୍ରେନ୍‌ର ଡୋନବାସ ସମେତ ଅନ୍ୟ ଛୋଟ ବଡ଼ ସହରଗୁଡ଼ିକୁ ରୁଷିଆ ଧିରେ ଧିରେ ଦଖଲ କରିବାରେ ଲାଗିଥିବାବେଳେ ମସ୍କୋକୁ ଅଟକାଇବା ପାଇଁ କିଭ୍ ଅଧିକ ଅସ୍ତ୍ରଶସ୍ତ୍ର ଆବଶ୍ୟକ କରୁଛି। ସୋଭିଏଟ୍ ବେଳର ଅସ୍ତ୍ରଶସ୍ତ୍ର ସହ ଲଢ଼େଇ କରୁଥିବା ୟୁକ୍ରେନ୍ ସୈନ୍ୟଙ୍କ ନିକଟରେ ତାହା ମଧ ସରିଆସୁଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବାରମ୍ବାର ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକୁ ସାମରିକ ସହାୟତା ମାଗିଆସୁଛନ୍ତି। ପାଶ୍ଚାତ୍ୟର ଅସ୍ତ୍ର ଯୋଗାଣରେ ବିଳମ୍ବ ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ଯୁଦ୍ଧାସ୍ତ୍ର ଅଭାବରୁ ଅଧିକ ସଂଖ୍ୟାରେ ସୈନ୍ୟ ନିହତ ହେଉଥିବା ଜେଲେନ୍‌ସ୍କି କହିଛନ୍ତି। ଗତ ମାସରେ ଦିନକୁ ହାରାହାରି ଶହେ ୟୁକ୍ରେନ୍ ସୈନ୍ୟ ରୁଷିଆ ଆକ୍ରମଣରେ ପ୍ରାଣ ହରାଉଥିବାବେଳେ ଏହା ତାହା ୨ ଶହକୁ ବୃଦ୍ଧି ପାଇଛି। ରୁଷିଆ ଦିନକୁ ୫୦ ହଜାର ରାଉଣ୍ଡ ଆର୍ଟିଲାରୀ ଛାଡୁଥିବାବେଳେ ୟୁକ୍ରେନ୍ ମାତ୍ର ୫ ହଜାରରୁ ୬ ହଜାର ରାଉଣ୍ଡରେ ପ୍ରତିଆକ୍ରମଣ କରିପାରୁଛି।

## କ୍ଲାଉଡ୍ ସ୍କିଲ୍ସ ଟ୍ରେନିଂ

**ନୂଆଦିଲ୍ଲୀ:** ମାଗଣା କ୍ଲାଉଡ୍ କମ୍ପ୍ୟୁଟିଂ ଦକ୍ଷତା ବିକାଶ ଓ ଚାକିରି ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ଅଗ୍ରଣୀ ଟେକ୍ନୋଲୋଜି କନ୍ସଲଟାନ୍ସି ଓ ଶିକ୍ଷା ପ୍ରଦାତା, କର୍ଭଅପ୍ ପକ୍ଷରୁ ଆମାଜନ୍ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ସହ ସହଭାଗିତା କରାଯାଇଛି। ଏହା ହେଉଛି ଏକ ୧୨ ସପ୍ତାହର ଟ୍ରେନିଂ ପ୍ରୋଗ୍ରାମ, ଯାହା ମୌଳିକ ଏଡବ୍ଲ୍ୟୁଏସ୍ କ୍ଲାଉଡ୍ ଦକ୍ଷତା ସହ ସାକ୍ଷାତ୍କାର ଦେବା, ରେଜ୍ୟୁମେ ଲେଖିବା, ଲୋକଙ୍କୁ ଏଣ୍ଟ୍ରି-ଲେଭେଲ୍ କ୍ଲାଉଡ୍ ଭୂମିକା ପାଇଁ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବା ଭଳି ପ୍ରାକ୍ଟିକାଲ କ୍ୟାରିୟର କୌଶଳଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ। ଏହି ପ୍ରୋଗ୍ରାମ ଲିନକ୍ସ, ପାଇଥନ, ନେଟ୍ୱର୍କିଂ, ସିକ୍ୟୁରିଟି ଓ ରିଲେଶ୍ନାଲ ଡାଟାବେସ୍‌ଗୁଡ଼ିକ ପାଇଁ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଉଛି।

# ୧୨,୬୧୫ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି ସୋନାଲିକା

ନୂଆଦିଲ୍ଲୀ,୧୨।୬




## ମେ ମାସ ବିକ୍ରିରେ ୪୨.୧% ଅଭିବୃଦ୍ଧି

ନିଜର ହେଭି ଡ୍ୟୁଟି ଟ୍ରାକ୍ଟର ପୋର୍ଟଫୋଲିଓ ସହ ଟ୍ରାକ୍ଟର ଶିଳ୍ପରେ ବିପ୍ଳବ ଆଣି ସୋନାଲିକା ଟ୍ରାକ୍ଟର ୨୦୨୨-୨୩ ଆର୍ଥିକ ବର୍ଷରେ ଏହାର ସ୍ଥିତିକୁ ଆହୁରି ସୁଦୃଢ କରିଛି। ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଗତ ମେ'ରେ ୧୨,୬୧୫ ୟୁନିଟ୍ ଟ୍ରାକ୍ଟର ବିକ୍ରି କରି ନୂଆ ଆର୍ଥିକ ବର୍ଷରେ ଚମତ୍କାର ପ୍ରଦର୍ଶନ କରିଛି। ଏହି ଅସାଧାରଣ ପ୍ରଦର୍ଶନରେ ଟ୍ରାକ୍ଟର ବିକ୍ରିରେ ୪୨.୧%ର ଉଲ୍ଲେଖନୀୟ ଅଭିବୃଦ୍ଧି ମଧ୍ୟ ସାମିଲ ରହିଛି। କମ୍ପାନୀ ଗତବର୍ଷ ମେ'ରେ ୮,୮୭୮ଟି ଟ୍ରାକ୍ଟର ବିକ୍ରି କରିଥିଲା। ସୋନାଲିକା ଟ୍ରାକ୍ଟର ଭାରତରେ କୃଷକମାନଙ୍କ ସମୃଦ୍ଧି ପାଇଁ ନିଜର ପ୍ରତିବଦ୍ଧତାକୁ ତୀବ୍ର କରିବା ସହ ଏହାର ଅଞ୍ଚଳ କେନ୍ଦ୍ରିକ, କଷ୍ଟମାଇଜ୍‌ଡ ଟ୍ରାକ୍ଟର ଶୃଙ୍ଖଳାକୁ ମେ'୨୦୨୨ରେ ବିସ୍ତାର କରିଛି। ଏହି ମାସରେ କମ୍ପାନୀ ମଧ୍ୟପ୍ରଦେଶର ଚାଷୀଙ୍କ ପାଇଁ ୧୨ଏଫ୍+୩ଆର୍ ଟ୍ରାନ୍ସମିଶନ ସହ ସୋନାଲିକା ସିକନ୍ଦର ଆର୍‌ଏକ୍ସ-୫୦ ଏବଂ ଗୁଜରାଟର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ 'ସୋନାଲିକା ଏମ୍‌ଏମ୍-୧୮ ନାରୋ ଟ୍ରାକ ଭଳି ଦୁଇଟି ନୂଆ ଟ୍ରାକ୍ଟରର ବଜାର ପ୍ରବେଶ କରାଇଛି। ଉଭୟ ଟ୍ରାକ୍ଟରକୁ ଅତୁଳନୀୟ ପ୍ରଦର୍ଶନ ଓ ସୁଲଭତା ପ୍ରଦାନ କରି ପାୱାର ଓ ମାଇଲେଜ କ୍ଷେତ୍ରରେ ନୂଆ ବେଞ୍ଚମାର୍କ ସ୍ଥାପନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏ ସମ୍ପର୍କରେ ଆଇଟିଏଲ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ସୋନାଲିକା ସ୍ୱତନ୍ତ୍ର କୃଷକ ଆବଶ୍ୟକତାକୁ ପୂରଣ କରିବା ଏବଂ କୃଷକଙ୍କ ମାନସିକ ଶାନ୍ତି ପାଇଁ ସୁଲଭତା ସହ ଉନ୍ନତ ଟ୍ରାକ୍ଟର ପ୍ରଦର୍ଶନ ପ୍ରଦାନ କରିବାରେ ବିଶ୍ୱାସ ରଖିଥାଏ। ସରକାରଙ୍କ ଦ୍ୱାରା ଏମ୍‌ଏସ୍‌ପିରେ ନିରନ୍ତର ବୃଦ୍ଧି, ଉନ୍ନତ ରବି ଫସଲ ଅମଳ ଓ ଦେଶରେ ମୌସୁମୀର ଠିକ୍ ସମୟରେ ଆଗମନ ଭଳି ଅନୁକୂଳ କାରକଗୁଡ଼ିକ ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି କାର୍ଯ୍ୟକଳାପ ପାଇଁ ଏକ ଉନ୍ନତ ପରିବେଶ ସ୍ଥାପନ କରିବ।

## ରେଳପଥରେ ୨.୩୩ ଲକ୍ଷ କାର୍ ପଠାଇଛି ଏମ୍‌ଏସ୍

ନୂଆଦିଲ୍ଲୀ, ୧୨।୬

ଦେଶର ପ୍ରମୁଖ ଚାରି ଚକିଆ ଯାନ କମ୍ପାନୀ ମାରୁତି ସୁଜୁକି (ଏମ୍‌ଏସ୍) ଗତ ଆର୍ଥିକବର୍ଷରେ ସିପିଂ କ୍ଷେତ୍ରରେ ଏକ ବିରଳ ରେକର୍ଡ ସୃଷ୍ଟି କରିଛି। କମ୍ପାନୀ ଗତ ଆର୍ଥିକ ବର୍ଷରେ ରେଳପଥରେ ୨.୩୩ ଲକ୍ଷ କାର ପଠାଇଛି। ଏହା ଯେ କୌଣସି ଆର୍ଥିକ ବର୍ଷରେ ସର୍ବାଧିକ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଗତ ୮ବର୍ଷ ପୂର୍ବେ ରେଳପଥରେ ଏମ୍‌ଏସ୍ ଦେଶର ବିଭିନ୍ନ ସ୍ଥାନକୁ କାର ପଠାଇବା ଆରମ୍ଭ କରିଥିଲା। ବିଗତ ୮ବର୍ଷରେ କମ୍ପାନୀ ୧୧ଲକ୍ଷ କାର ରେଳପଥ ଜରିଆରେ ବିଭିନ୍ନ ସ୍ଥାନକୁ ପଠାଇଛି। ଗତ ଆର୍ଥିକ ବର୍ଷରେ ସିପିଂ ବାର୍ଷିକ ଆଧାରରେ ୨୩% ଅଧିକ ରହିଥିଲା ବୋଲି ମାରୁତି ସୁଜୁକିର କାର୍ଯ୍ୟକାରୀ ନିର୍ଦ୍ଦେଶକ ରାହୁଲ ଭାରତୀ କହିଛନ୍ତି।

## ରୁଚି ଗ୍ରାହକ ଜିତିଲେ ହୋଣ୍ଡା ଆକ୍ଟିଭା




କଟକ,୧୨।୬

କଟକ ବୈଶାଖୀ ବାଣିଜ୍ୟ ମେଳାର ପ୍ରଥମ ପୁରସ୍କାର ଜିତିଥିବା ସିଡିଏର ସୁଜାତା ସ୍ୱାଇଁଙ୍କୁ ରୁଚି ପକ୍ଷରୁ ଆୟୋଜିତ ଏକ ସତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସମ୍ମାନିତ କରାଯାଇଛି। ସେହିଭଳି ରୁଚି ମସଲା ପକ୍ଷରୁ ମେଳା ଅବସରରେ ଘୋଷଣା କରାଯାଇଥିବା ହୋଣ୍ଡା ଆକ୍ଟିଭା ସ୍କୁଟି ପୁରସ୍କାର ସ୍ୱରୂପ ସୁଜାତାଙ୍କୁ ପ୍ରଦାନ କରାଯାଇଥିଲା। 'ରୁଚି' ତା'ର ଗ୍ରାହକମାନଙ୍କୁ ସବୁବେଳେ ଶ୍ରେଷ୍ଠ ଉପହାର ପ୍ରଦାନ କରିଥାଏ ବୋଲି ରୁଚିର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ କହିଥିଲେ। ସେହିପରି କମ୍ପାନୀର ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏପରିକି ହୃଦୟଚନ୍ଦ୍ର ବେହେରା, ଅଙ୍କିତ ମହାପାତ୍ର, ରାମଚନ୍ଦ୍ର ବେହେରା ଓ ହୃଷୀକେଶ ପାଣି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୭ ତମ ବୈଶାଖୀ ବାଣିଜ୍ୟ ମେଳାର ଉଦ୍‌ଯାପନୀ ଦିବସରେ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଲକି ଡ୍ର ଜରିଆରେ ବିଜେତାମାନଙ୍କ ନାମ ଘୋଷଣା କରିଥିଲେ। ରୁଚି ଫୁଡ୍‌ଲାଇନ୍ ପକ୍ଷରୁ ଗ୍ରାହକମାନଙ୍କୁ ଏହି ପରିପ୍ରେକ୍ଷୀରେ ମୋଟ ୪୦୦ରୁ ଅଧିକ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଏଚ୍‌ସିଏଲ୍ ଗ୍ରାଣ୍ଟର ୮ ସଂସ୍କରଣ

ନୂଆଦିଲ୍ଲୀ,୧୨।୬

ଗ୍ରାମୀଣ ଭାରତକୁ ରୂପାନ୍ତରିତ କରିଥିବା ଏନଜିଓମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଏଚସିଏଲ୍ ଗ୍ରାଣ୍ଟର ୮ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୧୫ରେ ଆରମ୍ଭ ହୋଇଥିବା ଏଚସିଏଲ୍ ଗ୍ରାଣ୍ଟ ହେଉଛି ଏଚସିଏଲ୍ ଫାଉଣ୍ଡେଶନର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମର ଏକ ଅଂଶ, ଯାହାକି ଏଚସିଏଲ୍ ଟେକ୍ନୋଲୋଜିର ସିଏସଆର ଶାଖା ଅଟେ। ଚଳିତ ବର୍ଷ ପାଇଁ ଏଚ୍‌ସିଏଲ୍ ଗ୍ରାଣ୍ଟ ପୋର୍ଟାଲ୍ ବର୍ତ୍ତମାନ ଲାଇଭ୍ ରହିଛି। ଯେଉଁ ଏନଜିଓମାନେ ଚଳିତ ବର୍ଷର ଅନୁଦାନ ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି ସେମାନେ ଏହି ପୋର୍ଟାଲ୍ ମାଧ୍ୟମରେ ଅନଲାଇନ୍ ଆବେଦନ ଫର୍ମକୁ ପୂରଣ କରିପାରିବେ। ଆବେଦକମାନେ ଅନଲାଇନ୍ ମାଧ୍ୟମରେ ସେମାନଙ୍କର ଏଣ୍ଟ୍ରିକୁ ଏଚସିଏଲ୍ ଗ୍ରାଣ୍ଟ ପୋର୍ଟାଲ୍ ଜରିଆରେ ଏଚସିଏଲ୍ ଗ୍ରାଣ୍ଟର ଅଫିସିଆଲ୍ ୱେବସାଇଟ୍‌ରେ ଦାଖଲ କରିପାରିବେ। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ଚଳିତ ବର୍ଷ ୧୮ଜୁନ୍ ରହିଛି। ଏ ସମ୍ପର୍କରେ ଏଚସିଏଲ୍ ଫାଉଣ୍ଡେଶନର ନିର୍ଦ୍ଦେଶକ ନିଧି ପୁନ୍ଧିର କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଏଚସିଏଲ୍ ଗ୍ରାଣ୍ଟର ପରିଚାଳନା କରି ସ୍ୱତନ୍ତ୍ର ଏନଜିଓମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା, ଯାହାଦ୍ୱାରା ତାଙ୍କର ଚିନ୍ତାଧାରା ବାସ୍ତବତାରେ ପରିଣତ ହୋଇପାରିବ ଓ ଗୋଷ୍ଠୀସ୍ତରରେ ଉନ୍ନତି ହୋଇପାରିବ।

ଅତୀତରେ, ପଞ୍ଚମ ଇଷ୍ଟେଟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଏନଜିଓମାନେ ବ୍ୟବଧାନକୁ ପୂରଣ କରୁଛନ୍ତି ଓ ଗୋଷ୍ଠୀମାନଙ୍କୁ ଜରୁରୀ ସମ୍ବଳ ପାଇବା ପାଇଁ ଶିକ୍ଷା, ପରିବେଶ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ଲୋକମାନଙ୍କର ଜୀବନର ମାନରେ ଉନ୍ନତି ଆସିପାରୁଛି।

## ଟିଏସ୍‌ଏମ୍‌ଏଲ୍‌କୁ 'କଳିଙ୍ଗ ପରିବେଶ ଉତ୍କର୍ଷ ସମ୍ମାନ'

ଭୁବନେଶ୍ୱର,୧୨।୬




ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ଟାଟା ଷ୍ଟିଲ ମାଇନିଂ ଲିମିଟେଡ଼୍ (ଟିଏସ୍‌ଏମ୍‌ଏଲ୍) ର ସୁକିନ୍ଦା କ୍ରୋମାଇଟ୍ ଖଣି ଗୁଣବତା ଓ ପରିବେଶ ପରିଚାଳନା ସେବା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟିଏସ୍‌ଏମ୍‌ଏଲ୍‌କୁ 'କଳିଙ୍ଗ ପରିବେଶ ଉତ୍କର୍ଷ ସମ୍ମାନ-୨୦୨୧'ରେ ସମ୍ମାନିତ କରାଯାଇଛି। ନିକଟରେ ଭୁବନେଶ୍ୱର ଠାରେ ଆୟୋଜିତ ଏକ ଜାତୀୟସ୍ତରର କର୍ମଶାଳା ତଥା ପୁରସ୍କାର ପ୍ରଦାନ ସମାରୋହରେ କମ୍ପାନୀକୁ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ ମାଇନିଂ ଲିମିଟେଡ଼ର ବରିଷ୍ଠ ମହା ପ୍ରବନ୍ଧକ ସୁଶାନ୍ତ କୁମାର ମିଶ୍ର ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ସଚିବ ସଦସ୍ୟ ଡଃ କେ.ମୁର୍ଗେସନ୍, ବାଲାଂଦେଶର ମହାମହିମ ଉପଉଚ୍ଚାୟୁକ୍ତ ଆଣ୍ଡାଲିବ୍ ଇଲିୟାସ୍ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଟିଏସ୍‌ଏମ୍‌ଏଲର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା କହିଛନ୍ତି, କମ୍ପାନୀ ତାର କର୍ପୋରେଟ୍ କାର୍ଯ୍ୟନ୍ୱୟନରେ ପରିବେଶ ସୁରକ୍ଷାକୁ ଏକ ପ୍ରମୁଖ ସ୍ଥାନ ଦେବା ସହ ନିଜର ସମସ୍ତ କାର୍ଯ୍ୟକ୍ଷେତ୍ରରେ ଜୈବ ବିବିଧତା, ସୁରକ୍ଷା ଏବଂ ସାମାଜିକ ଚିନ୍ତାଧାରାକୁ ଗୁରୁତ୍ୱ ଦେଇ ଆସିଛି। ସେହିଭଳି ଦୀର୍ଘସ୍ଥାୟୀ ଓ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବା କେବଳ ଏକ ବ୍ୟବସାୟିକ ଆବଶ୍ୟକତା ନୁହେଁ ବରଂ ଏହା ଦୀର୍ଘମିଆଦି ଭାବେ ସମସ୍ତଙ୍କ ପାଇଁ ଲାଭଦାୟକ ହେବ ବୋଲି କମ୍ପାନୀର ବିଶ୍ୱାସ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଜେଷ୍ଟମନି ସହ ଆଇସିଆଇସିଆଇର ସହଯୋଗିତା

ନୂଆଦିଲ୍ଲୀ,୧୨।୬

ରିଟେଲ୍ ଓ ଇ-କମର୍ସ ପ୍ଲାଟ୍‌ଫର୍ମରେ କାରବାର ପାଇଁ କାର୍ଡଲେସ୍ ଇଏମ୍‌ଆଇ ସୁବିଧା ପ୍ରଦାନ କରିବା ଲାଗି ଆଇସିଆଇସିଆଇ ବ୍ୟାଙ୍କ୍ ପକ୍ଷରୁ ଜେଷ୍ଟମନି ସହ ଏକ ସହଯୋଗିତା ସ୍ଥାପନ କରାଯାଇଛି। ଏହି ସହଯୋଗିତା ଜରିଆରେ ବ୍ୟାଙ୍କ୍‌ର ନିୟୁତାଧିକ ଗ୍ରାହକମାନେ ପ୍ରାକ୍-ମଂଜୁର କାର୍ଡଲେସ୍ ସୁବିଧାରେ ଜେଷ୍ଟମନିକୁ ବ୍ୟବହାର କରି ତୁରନ୍ତ ଉତ୍ପାଦ/ସେବା ହାସଲ ସହ ଖର୍ଚ୍ଚକୁ ଇଏମ୍‌ଆଇରେ ପରିଣତ କରିପାରିବେ। ଗ୍ରାହକମାନେ ପଞ୍ଜୀକୃତ ମୋବାଇଲ୍ ନମ୍ବର୍, ପାନ୍ ଓ ଓଟିପି ଦେଇ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚକୁ ଇଏମ୍‌ଆଇରେ ପରିଣତ କରିପାରିବେ। ଜେଷ୍ଟମନି ସହ ଏହି ସହଯୋଗିତା କେତେକ ନିର୍ଦ୍ଦିଷ୍ଟ ଇ-କମର୍ସ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି ଓ ରିଟେଲ୍ ଷ୍ଟୋର୍‌ଗୁଡ଼ିକରେ ଖୁବଶୀଘ୍ର ଏହି ସୁବିଧା ମିଳିବ। ଆଇସିଆଇସିଆଇ ବ୍ୟାଙ୍କ୍‌ର ମୁଖ୍ୟ-ଅନ୍‌ସିକ୍ୟୁରଡ୍ ଆସେଟ୍ସ ସୁଦୀପ୍ତ ରାୟ କହିଛନ୍ତି, ଅଭିନବ ଓ ଚିନ୍ତାମୁକ୍ତ ସମାଧାନ ପ୍ରଦାନ କରି ଆମେ ଗ୍ରାହକମାନଙ୍କ ଋଣ ଆବଶ୍ୟକତା ପୂରଣ କରିବା ଲାଗି ଆଇସିଆଇସିଆଇ ବ୍ୟାଙ୍କ୍‌ରେ ସର୍ବଦା ଉଦ୍ୟମ କରୁଛୁ। ଜେଷ୍ଟମନି ସହିତ ସହଯୋଗିତା ସ୍ଥାପନ କରି ଆମେ ଅତ୍ୟନ୍ତ ଖୁସି।

## ଫୁର୍‌ସତ୍

# ଛଦ୍ମ ବେଶରେ ମାଗାଜିନ୍ ବିକିଲେ ପ୍ରିନ୍ସ ୱିଲିୟମ୍




**ଲଣ୍ଡନ:** ପ୍ରଜାମାନଙ୍କ ହିତ ଉଦ୍ଦେଶ୍ୟରେ କାମ କରିବା ଜଣେ ସୁଶାସକର କର୍ତ୍ତବ୍ୟ ହୋଇଥାଏ। ଡ୍ୟୁକ୍ ଅଫ୍ କେମ୍ବ୍ରିଜ୍ ପ୍ରିନ୍ସ ୱିଲିୟମ ପ୍ରଜାଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଛଦ୍ମ ବେଶରେ ମାଗାଜିନ୍ ବିକ୍ରି କରୁଥିବାର ଦେଖିବାକୁ ମିଳିଛି। ଗରିବ, ବାସହରାଙ୍କୁ କିଛି ଅର୍ଥ ସାହାଯ୍ୟ ଆକାରରେ ଦେବା ଲାଗି ଏହି ୩୯ ବର୍ଷୀୟ ରାଜକୁମାର ବହି ବିକାଳିର ରୂପ ଧାରଣ କରି ଲଣ୍ଡନରୁ ରାଜରାସ୍ତାରେ ବିଗ୍ ଇସୁ ମାଗାଜିନ୍ ବିକ୍ରି କରୁଥିବାର ଦେଖିବାକୁ ମିଳିଛି। ଜଣେ ମେଟ୍ରୋପଲିଟାନ ପୋଲିସମ୍ୟାନ ପ୍ରଥମେ ୱିଲିୟମ୍‌ଙ୍କୁ ଚିହ୍ନିପାଇଥିଲେ। ଏହା ଗଣମାଧ୍ୟମକୁ ଖବର ଦେଇଥିଲେ। ତେବେ ୱିଲିୟମ୍‌ଙ୍କ ଏ ପ୍ରକାର ନିଆରା କାର୍ଯ୍ୟକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ୱିଲିୟମ୍‌ଙ୍କୁ ଲୋକେ ଚିହ୍ନିଯିବା ପରେ ତାଙ୍କ ସହ ସେଲ୍‌ଫି ନେବାର ଦେଖିବାକୁ ମିଳିଛି। ମାଗାଜିନ୍ କ୍ରୟ କରିବା ପ୍ରଣାଳୀକୁ ସହଜ କରିବା ପାଇଁ ୱିଲିୟମ୍ ଇଲେକ୍ଟ୍ରୋନିକ୍ସ ମୋବାଇଲ୍ କ୍ରେଡିଟ୍ ବ୍ୟବହାର କରୁଥିବାର ଦେଖିବାକୁ ମିଳିଥିଲା। ମାଗାଜିନ୍‌ର ମୂଲ୍ୟ ଥିଲା ୫ ଡଲାର। ଲୋକଙ୍କୁ ସାହାଯ୍ୟ କରିବାର ମନୋବୃତ୍ତି ୱିଲିୟମ୍‌ଙ୍କ ପିଲାବେଳୁ ରହିଆସିଛି। ବାସହରାମାନେ କିଭଳି ଭାବେ ରହୁଛନ୍ତି ତା'ର ଅନୁଭୂତି ନେବା ପାଇଁ କିଶୋର ବୟସରେ ସେ ଗୋଟିଏ ରାତି ଲଣ୍ଡନର ରାସ୍ତା କଡ଼ରେ ବିତାଇଥିଲେ। ମହାରାଣୀ ଡାଏନାଙ୍କ ଭଳି ପୁଅ ୱିଲିୟମ୍ ସବୁବେଳେ ଦୁଃଖୀରଙ୍କୀଙ୍କ ସେବା କରୁଥିବାର ଦେଖିବାକୁ ମିଳିଛି।

# ବୋଲ୍ଡ ସିନ୍‌କୁ ନେଇ ଚର୍ଚ୍ଚା


ଶ୍ରଦ୍ଧା କପୁର

**ମୁମ୍ବାଇ:** ପ୍ରଥମ ଥର ପାଇଁ ବଡ଼ ପରଦାରେ ରଣବୀର କପୁର ଓ ଶ୍ରଦ୍ଧା କପୁର ଏକାଠି ଦେଖାଯିବେ। ନିର୍ଦ୍ଦେଶକ ଲଭ୍ ରଞ୍ଜନଙ୍କ ଫିଲ୍ମରେ ଏ ଦୁଇ କଳାକାର ଅଭିନୟ କରିବାକୁ ଯାଉଥିବାବେଳେ ଫିଲ୍ମର ସିନ୍‌କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଫିଲ୍ମର ଟାଇଟଲ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇ ନ ଥିବାବେଳେ ଫିଲ୍ମର ଶୁଟିଂ ସ୍ପେନ୍‌ରେ ଆରମ୍ଭ ହୋଇଥିବା କୁହାଯାଉଛି। ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ଫିଲ୍ମରେ ଶ୍ରଦ୍ଧା ଏବଂ ରଣବୀରଙ୍କର ଏକାଧିକ ବୋଲ୍ଡ ସିନ୍ ରହିଛି, ଯାହାର କିଛି ଫଟୋ ଓ ଭିଡିଓ ମଧ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଫିଲ୍ମଟି ବୋନି କପୁରଙ୍କ ଦ୍ୱାରା ପ୍ରଯୋଜିତ ହୋଇଥିବାବେଳେ ଏହା ଜରିଆରେ ବୋନି ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଫିଲ୍ମରେ ସେ ରଣବୀରଙ୍କ ବାପା ଏବଂ ଡିମ୍ପଲ କାକପାଡିଆ ମା' ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ୮ ତାରିଖରେ ମୁକ୍ତିଲାଭ କରିବ।

# ସଭିଏ ସମାନ

**ଅ**ନ୍ତର୍ଜାତୀୟ ଆଲବିନିଜମ ସଚେତନତା ଦିବସ (ଆଇଏଏଡି) ପ୍ରତିବର୍ଷ ଜୁନ୍ ୧୩ରେ ସାରା ବିଶ୍ୱରେ ଆଲବିନିଜମ ଥିବା ବ୍ୟକ୍ତିଙ୍କ ମାନବିକ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପାଳନ କରାଯାଇଥାଏ।



**ଅନ୍ତର୍ଜାତୀୟ ଆଲବିନିଜମ ସଚେତନତା ଦିବସ**

୨୦୦୦ ଦଶକ ମଧ୍ୟଭାଗରେ, ସର୍ବସାଧାରଣରେ ତାଞ୍ଜାନିଆରେ ଆଲବିନିଜମ ବ୍ୟକ୍ତିମାନଙ୍କ ଉପରେ ହିଂସାତ୍ମକ ଆକ୍ରମଣ ବୃଦ୍ଧି ପାଇଥିଲା। ରିପୋର୍ଟରେ ଅଭିଯୁକ୍ତମାନେ ଅଭିଯୋଗ କରିଛନ୍ତି ଯେ, ଆଲବିନିଜମ ଥିବା ବ୍ୟକ୍ତିଙ୍କ ଶରୀରରେ ଯାଦୁକରି ଶକ୍ତି ରହିଛି। ଏହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ୨୦୧୫ ପର୍ଯ୍ୟନ୍ତ ଅପରାଧୀମାନେ ୭୦ରୁ ଅଧିକ ଲୋକଙ୍କୁ ହତ୍ୟା କରାଯାଇଥିଲା। ୪ ମେ' ୨୦୦୬ରେ ତାଞ୍ଜାନିଆ ଆଲବିନିଜମ ସୋସାଇଟି (ଟିଏଏସ୍) ପ୍ରଥମ ଆଲବିନୋ ଦିବସ ପାଳନ କରିଥିଲେ। ୨୦୦୯ ପରଠାରୁ ଏହା ଜାତୀୟ ଆଲବିନୋ ଦିବସ ହେଲା ଏବଂ ଶେଷରେ ଏହାକୁ ଜାତୀୟ ଆଲବିନିଜମ ଡେ' କୁହାଗଲା। ଆଲବିନିଜମ ଥିବା ବ୍ୟକ୍ତିଙ୍କ ମାନବ ଅଧିକାର ପରିଷଦ ୧୩ ଜୁନ୍ ୨୦୧୩ରେ ଆଲବିନିଜମ ଉପରେ ପ୍ରଥମ ସଂକଳ୍ପ ଗ୍ରହଣ କରାଯାଇଥିଲା। ପରେ ୨୬ ଜୁନ୍ ୨୦୧୪ ୨୬/୧୦ ରିଜୋଲ୍ୟୁଶନରେ ମାନବ ଅଧିକାର ପରିଷଦ ଜୁନ୍ ୧୩କୁ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଅନ୍ତର୍ଜାତୀୟ ଆଲବିନିଜମ ଦିବସ ଭାବରେ ଘୋଷଣା କରିବାକୁ ସୁପାରିସ କରିବା ପରେ ୧୩ ଜୁନ୍ ୨୦୧୫ରୁ ଅନ୍ତର୍ଜାତୀୟ ଆଲବିନିଜମ ସଚେତନତା ଦିବସ ପାଳନ ଆରମ୍ଭ ହୋଇଥିଲା।

# କ୍ଷମା ମାଗିଲେ ନୟନତାରା, ବିଘ୍ନେଶ



ହାଇଦ୍ରାବାଦ

ପ୍ରସିଦ୍ଧ ତିରୁପତି ମନ୍ଦିର ନିୟମ ଭଙ୍ଗ କରିଥିବା ନେଇ ସାଉଥ୍ ଇଣ୍ଡଷ୍ଟ୍ରିର ନବଦମ୍ପତି ନୟନତାରା ଏବଂ ବିଘ୍ନେଶ କ୍ଷମାମାଗିଛନ୍ତି। ବାହାଘର ପରେ ନବଦମ୍ପତି ତିରୁପତି ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ନୟନତାରା ଓ ସ୍ୱାମୀ ବିଘ୍ନେଶ ମନ୍ଦିର ପରିସରରେ ଚାପଲ ପନ୍ଧିବା ସହ ସେଠାରେ ଫଟୋ ଉତ୍ତୋଳନ କରିବା ନେଇ ତିରୁମାଲା ତିରୁପତି ଦେବସ୍ଥାନମ ବୋର୍ଡ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ତିରୁପତି ମନ୍ଦିରରେ ଆମେ ବିବାହ କରିବା ପାଇଁ ଚାହୁଁଥିଲେ ହେଁ ଲଜିଷ୍ଟିକାଲ କାଣରୁ ସେଠାରେ ବିବାହ ହୋଇପାରି ନ ଥିଲା। ଚେନ୍ନାଇର ମହାବଳୀପୁରମ ରିସର୍ଟରେ ବାହାଘର ସମ୍ପନ୍ନ ହେବା ପରେ ବାଲାଜୀ ପ୍ରଭୁଙ୍କ ଆଶିର୍ବାଦ ପାଇଁ ତିରୁପତି ମନ୍ଦିର ଆସିଥିବା ଏହି ନବ ଦମ୍ପତି ନିଜ କ୍ଷମାପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ମନ୍ଦିର ପରିସରରେ ଭିଡ଼ କାରଣରୁ ସେମାନେ ତୁରନ୍ତ ଦର୍ଶନ ସାରି ଘରକୁ ଫେରିଯିବା ପାଇଁ ଚାହିଁଥିଲେ। ଏପରିସ୍ଥିତିରେ ପରିସର ଭିତରେ ସେମାନେ ଚପଲ ପିନ୍ଧି ଚାଲିଯାଇଥିଲେ। ବାହାଘର ପରେ ତିରୁପତି ଦର୍ଶନକୁ ସ୍ମରଣୀୟ କରିବା ପାଇଁ ଫଟୋ ଉତ୍ତୋଳନ କରିଥିବା ସେ କହିଛନ୍ତି। ତେବେ ପରିସରରେ ଚପଲ ପିନ୍ଧିବା ଏବଂ ଫଟୋ ଉତ୍ତୋଳନ କରି ସେମାନେ ମନ୍ଦିର ନିୟମ ଉଲ୍ଲଂଘନ କରିଥିବା କଥା କ୍ଷମାପତ୍ରରେ ସ୍ୱୀକାର କରିଛନ୍ତି। ଗତ ୯ ତାରିଖରେ ସାଉଥ୍ ସୁପରଷ୍ଟାର ନୟନତାରା ଏବଂ ଫିଲ୍ମ ନିର୍ଦ୍ଦେଶକ ବିଘ୍ନେଶ ବିଧିବଦ୍ଧ ଭାବେ ବାହାହୋଇଥିଲେ। ସମ୍ପର୍କୀୟ ଓ କେତେଜଣ ଖାସ୍ ବନ୍ଧୁ ଏହି ବିବାହ ଉତ୍ସବରେ ଯୋଗ ଦେଇଥିଲେ।

# ଜିଲାପାଳଙ୍କ ଗାଈ ସେବାରେ ୭ ଡାକ୍ତର



**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ଫତେପୁର ଜିଲାପାଳ ଅନୁପ୍ରିୟା ଦୁବେଙ୍କ ଅସୁସ୍ଥ ଗାଈର ଚିକିତ୍ସା ପାଇଁ ୭ ପ୍ରାଣୀ ଚିକିତ୍ସକ ନିୟୋଜିତ ହୋଇଛନ୍ତି। ଫତେପୁର ମୁଖ୍ୟ ଭେଟେରିନାରି ଅଫିସର ଡା. ଏସ୍.କେ. ତିୱାରୀଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରାଯାଇଛି, ଯେଉଁଥିରେ ୭ ଜଣ ଡାକ୍ତରଙ୍କ ନାମ ସାମିଲ ଅଛି। ପ୍ରତିଦିନ ଦୁଇଓଳି ଜଣେ ଜଣେ ଡାକ୍ତର ଗାଈର ଚିକିତ୍ସା କରିବେ ବୋଲି ଏ ନେଇ ଜାରି ଏକ ନୋଟିସରେ ଉଲ୍ଲେଖ କରାଯାଇଛି। ତେବେ ଏ ପ୍ରକାର ଘଟଣା ପ୍ରଥମ ନୁହେଁ। ଏହା ପୂର୍ବରୁ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍‌ଙ୍କ ମଇଁଷି ହଜିଯିବା କାରଣରୁ ରାମପୁରର ସମସ୍ତ ପୋଲିସ ଫୋର୍ସ ମଇଁଷି ଖୋଜା କାମରେ ନିୟୋଜିତ ହୋଇଥିଲେ। କିନ୍ତୁ ଏକ ସ୍ନାଇଫର କୁକୁର ସହାୟତାରେ ମଇଁଷିକୁ ଠାବ କରାଯାଇଥିଲା।

## ଆଖି ପାଇଁ ଉପକାରୀ ଗାଜର



ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଆଦି ଉପାଦାନ ଭରି ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ହାଡ଼, ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ଥିବାରୁ ଏହା ଆମ ଆଖି ପାଇଁ ବେଶ୍ ଉପଯୋଗୀ। ଗାଜର ସୂର୍ଯ୍ୟକିରଣଠାରୁ ଆଖିକୁ ରକ୍ଷା କରିବା ସହ ଆଖିରେ କାଟାରାକ୍ଟ ହେବାର ଆଶଙ୍କା ଦୂର କରିଥାଏ। ଏଥିରେ ଭିଟାମିନ୍ 'ସି' ଥିବାରୁ ତାହା ଶରୀରରେ ଆଣ୍ଟିବଡ଼ି ଗଠନ କରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ଉଚ୍ଚ ରକ୍ତଚାପ ହେବାକୁ ମଧ୍ୟ ଏହା ଦିଏ ନାହିଁ। ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଏଥିରେ ଅଧିକ ଥିବାରୁ ଏହା ହାଡ଼, ମଜ୍ଜା ଓ ଅସ୍ଥିକୁ ମଜଭୁତ ରଖେ। ତା'ସହ ହୃତ୍‌ପିଣ୍ଡ ବା ହାର୍ଟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଗାଜରରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ଏହା ଓଜନକୁ ସନ୍ତୁଳିତ ରଖେ। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏଥିରେ ଭିଟାମିନ ଅଧିକ ଥିବାରୁ ଏହା ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନଥାଏ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ନୂଆ ଉପାୟ



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ବିଭିନ୍ନ ପ୍ରକାର ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେବେ ଏହାକୁ ବଢ଼ାଇବାର ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି? ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ସୁସ୍ଥ ପରିବେଶରେ ରୁହନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ବୃଦ୍ଧି ଘଟିଥାଏ। କେବଳ ସେତିକି ନୁହେଁ, ଏହା ମଧ୍ୟ ସନ୍ତୁଳିତ ରହିଥାଏ। ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏଭଳି ବିଷୟକୁ ନେଇ ସର୍ଭେ କରିଥିଲେ। ସୁସ୍ଥ ପରିବେଶରେ ରହୁଥିବା କିଛି ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ନିୟମିତ ସମୟ ଅନ୍ତରାଳରେ ତର୍ଜମା କରି ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ତେବେ ଏହା ସହ ନିଜର ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ, ବ୍ୟାୟାମ ଆଦି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ସୁଗାର ସ୍ତର ଅସନ୍ତୁଳିତ ରହିଲେ...



ଆମ ରକ୍ତରେ ଯଦି ସୁଗାର ସ୍ତର ଅସନ୍ତୁଳିତ ରହେ ତେବେ ଆମେ ଡାଇବେଟିସ ଭଳି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। କେବଳ ସେତିକି ନୁହେଁ, ଯଦି ଜଣେ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ତାଙ୍କ ରକ୍ତରେ ସୁଗାର ବା ଶର୍କରା ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ଡାଇବେଟିସ୍ ସ୍ତର ବଢ଼ିଯାଏ ଏବଂ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ତେବେ ଯଦି ଜଣେ ଡାଇବେଟିସ୍ ରୋଗୀର ସୁଗାର ସ୍ତର ଅଧିକାଂଶ ସମୟ ଅସନ୍ତୁଳିତ ରହିଲା ତେବେ ତାହା ବ୍ରେନ୍ ଷ୍ଟ୍ରୋକ୍‌ର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ବ୍ରେନ୍ ଷ୍ଟ୍ରୋକ୍‌ର ସମ୍ମୁଖୀନ ହୋଇଥିବା କେତେକ ରୋଗୀଙ୍କର ଅନ୍ୟାନ୍ୟ ଶାରୀରିକ ସମସ୍ୟା ବିଷୟରେ ତନ୍ନ ତନ୍ନ କରି ତର୍ଜମା କରିବା ପରେ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ଏକଥା ଜାଣିପାରିଛନ୍ତି। କାରଣ ବ୍ରେନ୍ ଷ୍ଟ୍ରୋକ୍ ସହ ଜଡିତ ଅଧିକାଂଶ ବ୍ୟକ୍ତି ଡାଇବେଟିସ ଦ୍ୱାରା ଆକ୍ରାନ୍ତ ଥିଲେ। ତା' ସହ ସେମାନଙ୍କର ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହୁଥିଲା। ତେଣୁ ଜଣେ ଡାଇବେଟିସ୍ ରୋଗୀ ନିଜର ସୁଗାର ପରିମାଣ ନିୟମିତ ସମୟ ଅନ୍ତରାଳରେ ମାପି ନେବା ଦରକାର।

# ବ୍ରହ୍ମାଣ୍ଡର ମୃତ୍ୟୁ



ଡା. ନିତ୍ୟାନନ୍ଦ ସ୍ୱାଇଁ

"ମହାବିଶ୍ୱ ବା ୟୁନିଭର୍ସ ସମସ୍ତ ସୃଷ୍ଟିର ଉତ୍ସ। ସେ ନିଜେ ବି କ'ଣ ଧ୍ୱଂସ ହୋଇପାରେନା? ବ୍ରହ୍ମାଣ୍ଡର ସୃଷ୍ଟି ଓ ଧ୍ୱଂସ ସମ୍ବନ୍ଧରେ ଯେଉଁମାନେ ଗବେଷଣା କରନ୍ତି, ସେମାନଙ୍କୁ କୁହାଯାଏ ବ୍ରହ୍ମାଣ୍ଡବିଜ୍ଞାନୀ ବା ବିଶ୍ୱତତ୍ତ୍ୱବିଦ୍, ଇଂଲିଶରେ 'କସ୍‌ମୋଲୋଜିଷ୍ଟ'। ସେମାନଙ୍କ ମତରେ ସର୍ବସୃଷ୍ଟିର ପ୍ରଧାନ ସୃଷ୍ଟି ଆମର ଏହି ମହାବିଶ୍ୱ, କିନ୍ତୁ ଅମର ନୁହେଁ। ବରଂ ବାକି ସମସ୍ତ ମହାଜାଗତିକ ବସ୍ତୁ ଭଳି, ତାହାର ମଧ୍ୟ ଧ୍ୱଂସ ଅଛି। ମାତ୍ର ପ୍ରଶ୍ନ ଉଠେ, କେଉଁ ପ୍ରକାରରେ ଅବା ଧ୍ୱଂସ ହେବ ଆମର ଏହି ବିଶ୍ୱବ୍ରହ୍ମାଣ୍ଡ? ପୁଣି ଏହି ଧ୍ୱଂସ ଘଟିବା ପାଇଁ କେତେ ସମୟ ଅବା ବାକି ଅଛି?"



ଧ୍ୱଂସ ହେଉଛି ସୃଷ୍ଟିର ସହଯାତ୍ରୀ। ଯାହାର ସୃଷ୍ଟି ଅଛି, ତା'ର ଧ୍ୱଂସ ମଧ୍ୟ ରହିଛି। ଏହି ସୃଷ୍ଟିରେ କୌଣସି କିଛି ଅମର ନୁହେଁ। କେବଳ ମଣିଷ ବା ଅନ୍ୟାନ୍ୟ ପ୍ରାଣୀ ନୁହନ୍ତି, ଗ୍ରହ, ନକ୍ଷତ୍ର, ନୀହାରିକା ସମେତ ସମସ୍ତ ମହାଜାଗତିକ ବସ୍ତୁ ମଧ୍ୟ ଦିନେ ନା ଦିନେ ଧ୍ୱଂସ ପାଇଯିବେ। ପଡ଼ି ରହିଥିବ କେବଳ ମାତ୍ର ଆମ୍ଭମାନଙ୍କ ମହାବିଶ୍ୱ। କିନ୍ତୁ ଏହା କ'ଣ ସତ୍ୟ? ସମସ୍ତ ସୃଷ୍ଟିର ବି ଧ୍ୱଂସ ଥାଇପାରେ। ତାହା ହେଲେ ଆମ୍ଭମାନଙ୍କ ମହାବିଶ୍ୱ ବା ୟୁନିଭର୍ସ ଯାହା ସମସ୍ତ ସୃଷ୍ଟିର ଉତ୍ସ, ସେ ନିଜେ ବି କ'ଣ ଧ୍ୱଂସ ହୋଇପାରେନା? ବ୍ରହ୍ମାଣ୍ଡର ସୃଷ୍ଟି ଓ ଧ୍ୱଂସ ସମ୍ବନ୍ଧରେ ଯେଉଁମାନେ ଗବେଷଣା କରନ୍ତି, ସେମାନଙ୍କୁ କୁହାଯାଏ ବ୍ରହ୍ମାଣ୍ଡବିଜ୍ଞାନୀ ବା ବିଶ୍ୱତତ୍ତ୍ୱବିଦ୍, ଇଂଲିଶରେ 'କସ୍‌ମୋଲୋଜିଷ୍ଟ'। ସେମାନଙ୍କ ମତରେ ସର୍ବସୃଷ୍ଟିର ପ୍ରଧାନ ସୃଷ୍ଟି ଆମର ଏହି ମହାବିଶ୍ୱ କିନ୍ତୁ ଅମର ନୁହେଁ। ବରଂ ବାକି ସମସ୍ତ ମହାଜାଗତିକ ବସ୍ତୁ ଭଳି ତାହାର ମଧ୍ୟ ଧ୍ୱଂସ ଅଛି। ମାତ୍ର ପ୍ରଶ୍ନ ଉଠେ, କେଉଁ ପ୍ରକାରରେ ଅବା ଧ୍ୱଂସ ହେବ ଆମର ଏହି ବିଶ୍ୱବ୍ରହ୍ମାଣ୍ଡ? ପୁଣି ଏହି ଧ୍ୱଂସ ଘଟିବା ପାଇଁ କେତେ ସମୟ ଅବା ବାକି ଅଛି?

ଉପରୋକ୍ତ ବିଷୟକୁ ନେଇ ବିଭିନ୍ନ ବିଜ୍ଞାନୀଙ୍କର ବିଭିନ୍ନ ଧରଣର ଧାରଣା ବା 'ହାଇପୋଥେସିସ୍' ଅଛି। ତେବେ ସେମାନେ ପ୍ରତ୍ୟେକେ ମତ ଦିଅନ୍ତି ଯେ, ବ୍ରହ୍ମାଣ୍ଡର ମୃତ୍ୟୁ ନିର୍ଭର କରୁଛି ବ୍ରହ୍ମାଣ୍ଡରେ ଉପସ୍ଥିତ 'ଡାର୍କ ମ୍ୟାଟର' ବା ଅଦୃଶ୍ୟ ବସ୍ତୁ ଓ 'ଡାର୍କ ଏନର୍ଜି' ବା ଅଦୃଶ୍ୟ ଶକ୍ତି ଉପରେ। ହେଲେ ଏହି 'ଡାର୍କ ମ୍ୟାଟର' ଓ 'ଡାର୍କ ଏନର୍ଜି' ବୋଇଲେ କଅଣ? ମାଧ୍ୟାକର୍ଷଣ ବଳ ଓ ସେହି ବଳର ପ୍ରଭାବରେ ବସ୍ତୁ ମଧ୍ୟରେ କେଉଁ କେଉଁ ଗତି ସୃଷ୍ଟି ହୋଇପାରେ ଏହି ବିଷୟରେ ବୈଜ୍ଞାନିକମାନଙ୍କର ଯଥେଷ୍ଟ ସୁସ୍ପଷ୍ଟ ଧାରଣା ଅଛି। ସୂର୍ଯ୍ୟ ଚତୁର୍ଦ୍ଦିଗରେ ଗ୍ରହଗୁଡ଼ିକ କେଉଁ ପ୍ରକାରରେ ପ୍ରଦକ୍ଷିଣ କରିଥାନ୍ତି, କେଉଁ ଗ୍ରହର କେତେ ଓଜନ, କେଉଁ ଗ୍ରହର କକ୍ଷପଥ କେମିତି- ଏହି ସବୁକିଛି ନାନା ମହାକର୍ଷଣୀୟ ସୂତ୍ର ଦ୍ୱାରା ଖୁବ୍ ଠିକ୍ ଭାବରେ ନିର୍ଣ୍ଣୟ କରିବା ସମ୍ଭବ। ଏପରିକି ଏହି ପଦ୍ଧତିରେ ଏହା ବି ଭବିଷ୍ୟବାଣୀ କରିବା ସମ୍ଭବ ଯେ, ଭବିଷ୍ୟତରେ କେଉଁ ଗ୍ରହ କେଉଁଠି ଅବସ୍ଥାନ କରିଥିବ। ଏହି ମହାକର୍ଷଣ ଶକ୍ତି ସାରା ବିଶ୍ୱ ବ୍ରହ୍ମାଣ୍ଡରେ ଏକାଭଳିଆ କାର୍ଯ୍ୟ କରିଥାଏ।



କିନ୍ତୁ ବିଜ୍ଞାନୀମାନେ ଯେତେବେଳେ ଗାଲାକ୍ସି ବା ନୀହାରିକାର ଘୂର୍ଣ୍ଣନ ବେଗକୁ ହିସାବ କଲେ, ସେତେବେଳେ ସମସ୍ତ ବିଷୟଟି ବଦଳିଗଲା। ବୈଜ୍ଞାନିକମାନେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ନୀହାରିକା ମଧ୍ୟରେ ଯେଉଁ ପରିମାଣର ପଦାର୍ଥ ରହିଛି ତାହା ଦେଖି ଜାଣିପାରିଲେ ଯେ ସେହି ପରିମାଣର ପଦାର୍ଥ ନେଇ ନୀହାରିକା ଏତେ ଦ୍ରୁତ ଘୂର୍ଣ୍ଣନ କରିବା ସମ୍ଭବ ନୁହେଁ। ଏତେ ଦ୍ରୁତ ବେଗରେ କୌଣସି ନୀହାରିକା ନିଜ ଚତୁଃପାର୍ଶ୍ୱରେ ଘୂରିଲେ ସେହି ନୀହାରିକାର ପରିଧି ଆଡ଼କୁ ଥିବା ନକ୍ଷତ୍ରଗୁଡ଼ିକ ନୀହାରିକାଠାରୁ ଛିଟିକି ବାହାରିଯିବା କଥା। ମାତ୍ର ସେପରି କିଛି ଘଟି ନ ଥାଏ, ବରଂ ନୀହାରିକାର କେନ୍ଦ୍ର ଆଡ଼କୁ ରହିଥିବା ନକ୍ଷତ୍ରଗୁଡ଼ିକର ବେଗ ଓ କେନ୍ଦ୍ରଠାରୁ ବହୁ ଆଲୋକବର୍ଷ ଦୂରରେ ଅବସ୍ଥିତ ନକ୍ଷତ୍ରଗୁଡ଼ିକର ବେଗ ପ୍ରାୟତଃ ସମାନ। କିନ୍ତୁ ସାଧାରଣ ମହାକର୍ଷୀୟ ତତ୍ତ୍ୱ ଅନୁସାରେ ଏପରି କେବେ ବି ଘଟି ପାରେନା। ସୁତରାଂ, ଆମ୍ଭେମାନେ ଏତେ ଦିନରୁ ଜାଣି ଆସୁଥିବା ମହାକର୍ଷୀୟ ତତ୍ତ୍ୱ ହୁଏତ ସମ୍ପୂର୍ଣ୍ଣ ଭୁଲ୍, ଅଥବା ନୀହାରିକା ମଧ୍ୟସ୍ଥ ସାଧାରଣ ଦୃଶ୍ୟମାନ ନକ୍ଷତ୍ରଗୁଡ଼ିକର ବାହାରେ ବି ଏପରି କିଛି ବସ୍ତୁ ରହିଛି ଯାହାକୁ ଆମେ ଦେଖିପାରୁନା। ଏହି ଅଦୃଶ୍ୟ ଓଜନର ମାନ ମଧ୍ୟ କିଛି କମ୍ ନୁହେଁ, ଦୃଶ୍ୟମାନ ଓଜନଠାରୁ ପ୍ରାୟ ଛଅଗୁଣ ବେଶି। ଫଳରେ ଏହାକୁ ଆମ୍ଭମାନଙ୍କ ଯନ୍ତ୍ରାଂଶର ତ୍ରୁଟି ବୋଲି ଏଡ଼େଇ ଗଲେ ବି ଚଳିବନି। ବିଜ୍ଞାନୀମାନେ ଏହି ଅଦୃଶ୍ୟ ବସ୍ତୁର ନାମକରଣ କରିଛନ୍ତି 'ଡାର୍କ ମ୍ୟାଟର'। ଏହି 'ଡାର୍କ ମ୍ୟାଟର' ହିଁ ସମସ୍ତ ନୀହାରକାକୁ ଧରି ରଖିଛି ଏବଂ ମହାବିଶ୍ୱର ମୋଟ ମାଧ୍ୟାକର୍ଷଣର ୮୫ ପ୍ରତିଶତ ହେଉଛି ଏହି 'ଡାର୍କ ମ୍ୟାଟର'। ପୁନଶ୍ଚ ଡାର୍କ ଏନର୍ଜି ହେଲା ଡାର୍କ ମ୍ୟାଟରର ସମ୍ପୂର୍ଣ୍ଣ ବିପରୀତ। ଯେଉଁଠି 'ଡାର୍କ ମ୍ୟାଟର' ମାଧ୍ୟକର୍ଷଣ ବଳ ଦ୍ୱାରା ନୀହାରିକାକୁ ଧରି ରଖିଛି, ସେଠି ଡାର୍କ ଏନର୍ଜି ଆଣ୍ଟିଗ୍ରାଭିଟି ଶକ୍ତି ବା ପ୍ରତି ମଧ୍ୟାକର୍ଷଣ ପରି ଗାଲାକ୍ସି ବା ନୀହାରିକାଗୁଡ଼ିକୁ ଗୋଟିଏଠାରୁ ଅନ୍ୟଟିଠାରୁ ଦୂରେଇ ଦେଉଛି। ୧୯୨୯ ମସିହାରେ ଏଡ୍‌ଉଇନ୍ ହୁବ୍‌ଲ ହିଁ ପ୍ରଥମେ ଲକ୍ଷ୍ୟ କରିଥିଲେ ଯେ ଦୂରବର୍ତ୍ତୀ ନୀହାରିକାଗୁଡ଼ିକ ପ୍ରତ୍ୟେକେ ଅପରଠାରୁ ଦୂରେଇ ଯାଉଛି ଏବଂ ଏହି ଦୂରେଇ ଯିବାର ଗତି ଦୂରତ୍ୱ ବୃଦ୍ଧିର ସାଥେ ସାଥେ ବୃଦ୍ଧି ପାଉଛି। ଅର୍ଥାତ୍ ଆମ୍ଭମାନଙ୍କ ମହାବିଶ୍ୱରେ ଯେପରି ମାଧ୍ୟାକର୍ଷଣ ବଳ ଅଛି, ସେହିପରି ଅଛି ଏକ ପ୍ରତି ମାଧ୍ୟାକର୍ଷଣ ବଳ ମଧ୍ୟ ଏବଂ ଏହି ଦୁଇ ବଳର ପରିମାଣ ଅର୍ଥାତ୍ ଏହି ଦୁଇଟି ମଧ୍ୟରେ ସଂଘଟିତ ସଂଘର୍ଷରେ କିଏ ବିଜୟ ଲାଭ କରିବ, ତାହା ଉପରେ ହିଁ ନିର୍ଭର କରିବ କିପରି ଭାବରେ ଧ୍ୱଂସ ହୋଇପାରେ ଆମର ଏହି ବିଶ୍ୱ ବ୍ରହ୍ମାଣ୍ଡ।

ଯଦି ମାଧ୍ୟାକର୍ଷଣ ଓ ପ୍ରତି-ମାଧ୍ୟାକର୍ଷଣ ବଳ ମଧ୍ୟରେ ଲଢ଼େଇରେ ପ୍ରତି ମାଧ୍ୟାକର୍ଷଣ ବଳ ଜିତିଯାଏ, ତାହାହେଲେ ଆମ ବିଶ୍ୱବ୍ରହ୍ମାଣ୍ଡ ଅନନ୍ତ କାଳ ଧରି ପ୍ରସାରିତ ହୋଇଚାଲିବ। ସର୍ବପ୍ରଥମେ ନୀହାରିକାଗୁଡ଼ିକ ପରସ୍ପରଠାରୁ ଦୂରକୁ ଚାଲିଯିବେ। ଏହାପରେ ନୀହାରିକାରେ ଥିବା ନକ୍ଷତ୍ରଗୁଡ଼ିକ ମଧ୍ୟ ପରସ୍ପରଠାରୁ ଦୂରେଇଯିବେ। ଡାର୍କ ମ୍ୟାଟର ସେଗୁଡ଼ିକୁ ଆଉ ଧରିରଖି ପାରିବନି। ପ୍ରତି ମାଧ୍ୟାକର୍ଷଣ ବଳ ଧୀରେ ଧୀରେ ଏତେ ଶକ୍ତିଶାଳୀ ହୋଇଯିବ ଯେ ତାହା ଗ୍ରହଗୁଡ଼ିକୁ ମଧ୍ୟ ସେମାନଙ୍କ ନକ୍ଷତ୍ରର ମାଧ୍ୟାକର୍ଷଣଠାରୁ ବିଚ୍ଛିନ୍ନ କରି ବାହାର କରି ଆଣିବ। କିନ୍ତୁ ସେତିକିରେ ବି ଏହି ପ୍ରତି ମାଧ୍ୟାକର୍ଷଣ ଶାନ୍ତ ପଡ଼ିବନି ଏବଂ ଗୋଟିଏ ସମୟରେ ଏହି ବଳ ଏତେଟା ଶକ୍ତିଶାଳୀ ହୋଇ ଉଠିବ ଯେ ତାହା ଗ୍ରହ, ଉପଗ୍ରହ ଓ ନକ୍ଷତ୍ରଗୁଡ଼ିକର ଆନ୍ତଃପାରମାଣବିକ ବନ୍ଧନଠାରୁ ବି ହୋଇଯିବ ଅଧିକ ଶକ୍ତିଶାଳୀ। ଫଳରେ ମହାବିଶ୍ୱରେ ସମସ୍ତ କିଛି କେବଳ ମାତ୍ର ପରମାଣୁ ରୂପେ ହିଁ ଅବସ୍ଥାନ କରିପାରିବ। ମହାବିଶ୍ୱରେ କୌଣସି ମୌଳିକ ବା ପଦାର୍ଥର ଅସ୍ତିତ୍ୱ ରହିବନି। ଗୋଟିଏ ଗୋଟିଏ ପରମାଣୁର ମଧ୍ୟବର୍ତ୍ତୀ ଦୂରତ୍ୱ ଏତେ ବେଶି ହୋଇଯିବ ଯେ ତାହା ଆଉ କେବେ ବି ପରସ୍ପରର ନିକଟକୁ ଆସି ପାରିବନି। ହୁଏତ ଏକ ସମୟରେ ଏହି ପରମାଣୁଗୁଡ଼ିକ ଆହୁରି କ୍ଷୁଦ୍ରକଣିକା, ଯେପରିକି ଇଲେକ୍‌ଟ୍ରନ୍, ପ୍ରୋଟନ୍ ଓ ନିଉଟ୍ରନ୍‌ରେ ପରିଣତ ହେବ ଏବଂ କ୍ଷୁଦ୍ର ହୋଇ ହୋଇ ଶକ୍ତିରେ ପରିଣତ ହୋଇଯିବ। ଫଳରେ ବ୍ରହ୍ମାଣ୍ଡରେ ଆଉ କୌଣସି କିଛିର ଅସ୍ତିତ୍ୱ ରହିବନି। ସେତେବେଳେ 'ବ୍ରହ୍ମାଣ୍ଡର ମୃତ୍ୟୁ' ହୋଇଛି ବୋଲି କୁହାଯିବ। ମାତ୍ର ଯଦି ତାହା ନ ହୋଇ ମାଧ୍ୟାକର୍ଷଣ ଓ ପ୍ରତିମାଧ୍ୟାକର୍ଷଣ ବଳ ମଧ୍ୟରେ ମାଧ୍ୟାକର୍ଷଣ ବଳ ବିଜୟ ଲାଭ କରେ, ତେବେ ପରିଣାମ ହେବ ସମ୍ପୂର୍ଣ୍ଣ ବିପରୀତ।

ସମୟର ସାଥେ ସାଥେ ନୀହାରିକାଗୁଡିକ ପରସ୍ପରର ନିକଟକୁ ଚାଲି ଆସିବେ। ନୀହାରିକାଗୁଡିକ ଯେତେ ନିକଟବର୍ତ୍ତୀ ହୋଇ ଚାଲିବେ, ସେମାନଙ୍କ ମଧ୍ୟରେ ମାଧ୍ୟାକର୍ଷଣ ବଳ ସେତେ ବୃଦ୍ଧି ପାଇ ଚାଲିବ। ଫଳରେ ଏପରି ସମୟ ଆସିବ ଯେତେବେଳେ ସମସ୍ତ ନୀହାରିକା ପରସ୍ପର ସହ ସଂଯୁକ୍ତ ହୋଇଯିବେ। ନୀହାରିକାଗୁଡିକ ପରସ୍ପର ସହ ସଂଯୁକ୍ତ ହୋଇ ତିଆରି କରି ପକେଇବ ବୃହତ୍ ଆକାରର ନୀହାରିକା। ଏକ ନକ୍ଷତ୍ର ସହ ଅନ୍ୟାନ୍ୟ ନକ୍ଷତ୍ରଗୁଡିକର ସଂଘର୍ଷ ସଂଘଟିତ ହେବ। ବ୍ରହ୍ମାଣ୍ଡର ସବୁକିଛି ଗୋଟିଏ କେନ୍ଦ୍ରରେ ଜମାହୋଇ ରହିବ। ଫଳରେ କ୍ଷୁଦ୍ର ହୋଇଯିବ ବ୍ରହ୍ମାଣ୍ଡର ଆକାର। ପୁନଶ୍ଚ ବ୍ରହ୍ମାଣ୍ଡର ତାପମାତ୍ରା ଅତି ଦ୍ରୁତ ବୃଦ୍ଧି ପାଇଯିବ ଏବଂ ସର୍ବଶେଷରେ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ଗୋଟିଏ କ୍ଷୁଦ୍ର ବିନ୍ଦୁରେ ପରିଣତ ହୋଇଯିବ। ଏହି ଅବସ୍ଥାରେ ବ୍ରହ୍ମାଣ୍ଡର କୌଣସି ଦୈର୍ଘ୍ୟ, ପ୍ରସ୍ଥ ବା ଉଚ୍ଚତା ରହିବନି। ବ୍ରହ୍ମାଣ୍ଡର ଅବସ୍ଥା ହେବ ବିଗ୍ ବ୍ୟାଙ୍ଗର ଠିକ୍ ପୂର୍ବ ଅବସ୍ଥା ଭଳି। ବୈଜ୍ଞାନିକମାନଙ୍କର ଧାରଣା ଯେ, ଆମର ଏହି ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟିର ଅନେକ ପୂର୍ବରୁ ଏହି ପ୍ରକାର ଅନେକ ଥର ସୃଷ୍ଟି ଓ ଧ୍ୱଂସ ହୋଇଥିଲା। ଏହାକୁ ବିଜ୍ଞାନୀମାନେ ନାଁ ଦେଇଛନ୍ତି 'ବିଗ୍ ବାଉନ୍ସ'। ଯଦିଓ ଏହି ବିଗ୍ ବାଉନ୍ସ ସମ୍ବନ୍ଧୀୟ ଧାରଣାଟି ସମ୍ପୂର୍ଣ୍ଣ ତାତ୍ତ୍ୱିକ ତେଣୁ ବିଜ୍ଞାନୀମାନଙ୍କୁ ଏହାର କୌଣସି ପ୍ରମାଣ ମିଳିପାରିନି। ତେବେ ସେମାନେ ଏହି ବିଷୟରେ ନିଶ୍ଚିତ ଯେ, ଯଦି ବ୍ରହ୍ମାଣ୍ଡରେ ମାଧ୍ୟାକର୍ଷଣ ଶକ୍ତି ଓ ପ୍ରତି ମାଧ୍ୟାକର୍ଷଣ ଶକ୍ତି ମଧ୍ୟରେ ମାଧ୍ୟାକର୍ଷଣ ଶକ୍ତି ବେଶି ଶକ୍ତିଶାଳୀ ହୁଏ। ତାହାହେଲେ ବ୍ରହ୍ମାଣ୍ଡ ଏହି ପଦ୍ଧତିରେ ହିଁ ଧ୍ୱଂସ ପାଇଯିବ। (କ୍ରମଶଃ..)

-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-
୧୧୩୧, ଅଭିନବ ବିଡାନାସୀ, କଟକ
ମୋ : ୯୪୩୭୭୬୬୧୧୭

## ମୁଣ୍ଡବ୍ୟଥାର ଉପଚାର



ଆଜିକାଲି ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏଥିରୁ ଉପଶମ ପାଇବା ଲାଗି ନିମ୍ନୋକ୍ତ ଟିପ୍ସକୁ ଆପଣେଇ ପାରନ୍ତି...

➤ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କି ପାଣି ନ ପିଇବା ଦ୍ୱାରା ମୁଣ୍ଡ ବହୁତ ଜୋର୍‌ରେ ବିନ୍ଧି ଥାଏ। ତେଣୁ ଠିକ୍ ସମୟରେ ଖାଆନ୍ତୁ। ସବୁବେଳେ ସୁଷମ ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ତା' ସହ ପ୍ରଚୁର ପାଣି ପିଇବା ନିହାତି ଦରକାର।

➤ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୁଣ୍ଡବ୍ୟଥା କମିଥାଏ। ଏହି ସମୟରେ ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ସ୍ନାୟୁ କୋଷଗୁଡ଼ିକୁ ଶକ୍ତ କରିଥାଏ।

➤ପ୍ରତିଦିନ ରାତିରେ ପ୍ରାୟ ୭-୮ ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ ରକ୍ଷା ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କକୁ ବିଶ୍ରାମ ମିଳେ ଏବଂ ଆମକୁ ଆରାମ ଲାଗେ। ଏହି ସମୟରେ ମୁଣ୍ଡକୁ ମସାଜ୍ ମଧ୍ୟ କରିପାରିବେ।

➤ପ୍ରତିଦିନ ଯୋଗ କରିବା ଦ୍ୱାରା ମୁଣ୍ଡ ବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ। ମୁଣ୍ଡବ୍ୟଥା ଯୋଗୁ ବେଳେବେଳେ ବାନ୍ତି ଆସିଥାଏ। ଏହି ସମୟରେ ଅଦାମିଶ୍ରିତ ଚା' ପିଇପାରନ୍ତି।

➤ଅନେକ ସମୟରେ ଟେନ୍‌ସନ୍ ଯୋଗୁ ମୁଣ୍ଡ ବିନ୍ଧିଥାଏ। ତେଣୁ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।

➤ଯଦି ଲଗାତର କିଛି ଦିନ ମୁଣ୍ଡ ବିନ୍ଧୁଛି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

## ସ୍ୱାସ୍ଥ୍ୟ ସୂଚନା



➤ପ୍ରତିଦିନ ଶିଢ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଢ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।

➤ଶାରୀରିକ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକ ରହିଛି। ସବୁବେଳେ ସକାରାତ୍ମକ ଚିନ୍ତା କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ସୁସ୍ଥ ରହିପାରିବା।

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ ଖାଇବାକୁ ଭୁଲନ୍ତୁ ନାହିଁ। ଏଥିରେ ତଟକା ଫଳମୂଳ ସହ ଜୁସ୍ ସାମିଲ କରନ୍ତୁ।

➤ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

➤କେତେକ ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହା ପାଚନ ଶକ୍ତିକୁ ପ୍ରଭାବିତ କରିଥାଏ। ତେଣୁ ଏଭଳି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।

➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏହା ଆମଠାରେ ବ୍ଲଡ ପ୍ରେସର, କାର୍ଡ଼ିଓଭାସ୍କୁଲାର ଭଳି ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।

➤ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପୂର୍ବରୁ କିମ୍ବା ଘଣ୍ଟାଏ ପରେ ପାଣି ପିଅନ୍ତୁ।

ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ସୌଭାଗ୍ୟଲକ୍ଷ୍ମୀ ପାତ୍ର
ବାଲିଅନ୍ତା (ଡାମରା)
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୨୮।୦୫।୨୦୧୮
ଆଜି ଆପଣଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକ ସନ୍ତପ୍ତ: ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ।
ଧ-୭୨୪

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବନମାଳୀ ମିଶ୍ର
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୨୦.୦୨.୧୯୫୫
ତିରୋଧାନ : ୦୪.୦୬.୨୦୨୨
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ତୁମର ପତ୍ନୀ- ନିରୁପମା, ପୁତ୍ର- ଅବିନାଶ, ପୁତ୍ରବଧୂ- ଅମ୍ରିତା, ଜ୍ୱାଇଁ- ସ୍ୱରୂପ, ଝିଅ- ବିଥି, ନାତି- ପୁପୁ, ଆଦି ଏବଂ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୭୩୬୧୫

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବେଙ୍ଗଲତା ମହାନ୍ତି
ଜଗନ୍ନାଥପଡ଼ା, କୋଣାର୍କ, ପୁରୀ
ଆବିର୍ଭାବ : ୧୯୩୪
ତିରୋଧାନ : ୦୩.୦୬.୨୦୨୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ସରଳତା ଆମପାଇଁ ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ଶାନ୍ତି, ମୁକ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର-ପୁତ୍ରବଧୂ : ପୂର୍ଣ୍ଣଚନ୍ଦ୍ର-ଉର୍ମିଳା, ଗୁଣନିଧି-ନମିତା, ଗଙ୍ଗାଧର-ଶୁକାନ୍ତି, ସାରଙ୍ଗ-ମାମି, ମନୋଜ-ବିଷ୍ଣୁପ୍ରିୟା, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୨୩

# ବାରବାଟୀ ଝଲକ






ଦର୍ଶକଙ୍କ ମହଲରେ ଖେଳ ଉପଭୋଗ କରୁଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି।




ଦର୍ଶକଭରା ବାରବାଟୀ ଷ୍ଟାଡିୟମ।



ମ୍ୟାଚ ଦେଖିବାକୁ ଆସିଥିବା ଜଣେ ବାଳିକା।



ଖେଳପ୍ରେମୀଙ୍କୁ ପେଁକାଳି ବିକ୍ରି ।




ଟିମ୍ ଇଣ୍ଡିଆ ପୋଷାକରେ ଭାରତୀୟ ଦଳର ସମର୍ଥକ।



ପୋଲିସ ସହାୟତା।




ସୁରକ୍ଷାକର୍ମୀଙ୍କ ଦ୍ୱାରା ଯାଞ୍ଚ।




ତେନ୍ଦୁଲକରଙ୍କୁ ସ୍ମରଣ।




ସେଲ୍‌ଫିର ମଜା।




ଷ୍ଟାଡିୟମ ଭିତରକୁ ପ୍ରବେଶ ପାଇଁ ଭିଡ଼।



ଟିମ୍ ଇଣ୍ଡିଆ ସପକ୍ଷରେ ସ୍ଲୋଗାନ୍।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜୁନ୍ ୧୩/୨୦୨୨ Sambalpur, Monday, June 13/ 2022



ବାରବାଟୀ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (ମଝି), ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି (ବାମ) ଓ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି।

# ବାରବାଟୀରେ ନୂଆ ପରମ୍ପରା

## ମୁଖ୍ୟମନ୍ତ୍ରୀ କଲେ ମ୍ୟାଚ୍ ଉଦ୍‌ଘାଟନ

କଟକ, ୧୨।୬ (କ୍ରୀଡ଼ା ପ୍ରତିନିଧି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହୋଇଛି। ଏଥର ବାରବାଟୀ ମ୍ୟାଚ୍ ଅବସରରେ ଅନେକ ନୂଆ କଥା ଦେଖିବାକୁ ମିଳିଛି। କ୍ରିକେଟ୍‌ର ମକ୍କାଭାବେ ପରିଚିତ ଲର୍ଡ୍ସ ଗ୍ରାଉଣ୍ଡ ଷ୍ଟାଇଲରେ ଉଦ୍‌ଘାଟନୀ ଉତ୍ସବ ଏହା ମଧ୍ୟରୁ ଅନ୍ୟତମ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଘଣ୍ଟି ବଜାଇବା ସହ ମ୍ୟାଚ୍‌କୁ ଉଦ୍‌ଘାଟନ କରିଛନ୍ତି। ମ୍ୟାଚ୍ ଆରମ୍ଭ ହେବାର ୨ ମିନିଟ ପୂର୍ବରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ପାଭିଲିଅନ ନିକଟରେ ସ୍ୱତନ୍ତ୍ର ମଞ୍ଚ ପ୍ରସ୍ତୁତ ହୋଇଥିଲା। ଅନ୍ୟତମ ଅତିଥି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସଭାପତି ସୌରଭ ଗାଙ୍ଗୁଲି ମୁଖ୍ୟମନ୍ତ୍ରୀଙ୍କୁ ଏକ ବ୍ୟାଟ୍ ଉପହାର ଦେଇଥିଲେ। ମୁଖ୍ୟମନ୍ତ୍ରୀ କିଛି ସମୟ ମ୍ୟାଚ୍ ଦେଖିବା ସହ ଭାରତୀୟ ଖେଳାଳିଙ୍କ ଚୌକା, ଛକାରେ ତାଳି ମାରି ଉତ୍ସାହିତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, କୌଣସି ମାନ୍ୟଗଣ୍ୟ ବ୍ୟକ୍ତି କିମ୍ବା କିମ୍ବଦନ୍ତୀ ଖେଳାଳି ଘଣ୍ଟି ବଜାଇ ମ୍ୟାଚ୍ ଉଦ୍‌ଘାଟନ କରିବା ପରମ୍ପରା ପ୍ରଥମେ ଇଂଲଣ୍ଡର ଲର୍ଡ୍ସ ଗ୍ରାଉଣ୍ଡରୁ ଆରମ୍ଭ ହୋଇଥିଲା। ପରେ ଏହା ଅନ୍ୟ ଦେଶରେ ଏପରି କି ଭାରତରେ କୋଲ୍‌କାତାର ଇଡେନ ଗାର୍ଡେନ୍ସରେ ଏହି ପରମ୍ପରା ଆରମ୍ଭ କରାଯାଇଛି। ଓଡ଼ିଶାର ବାରବାଟୀ ପଡ଼ିଆରେ କିନ୍ତୁ ଏହା ପ୍ରଥମ। ଭବିଷ୍ୟତରେ ମଧ୍ୟ ବାରବାଟୀରେ ଏହି ପରମ୍ପରା ବଜାୟ ରହିବ ବୋଲି ଜଣାଯାଇଛି। ମ୍ୟାଚ୍ ଉଦ୍‌ଘାଟନ ହେବା ପରେ ଆତସବାଜି କାର୍ଯ୍ୟକ୍ରମ ଆକର୍ଷକ ଥିଲା।

# ଭାରତ-ଆଫଗାନିସ୍ତାନ ଖେଳାଳି ହାତାହାତି

କୋଲ୍‌କାତା,୧୨।୬

ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମରେ ଶନିବାର ରାତିରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏଏଫ୍‌ସି ଏସିଆନ କପ୍ ଫୁଟ୍‌ବଲ କ୍ୱାଲିଫାୟର୍ସ ମ୍ୟାଚ୍ ଖେଳାଯାଇଥିଲା। କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌କୁ ଭାରତୀୟ ଦଳ ୨-୧ ଗୋଲରେ ଜିତିନେଇଥିଲା। ହେଲେ ମ୍ୟାଚ୍ ପରେ କିଛି ଭାରତୀୟ ଓ ଆଫଗାନିସ୍ତାନ ଖେଳାଳି ପରସ୍ପରକୁ ଧକ୍କା ମାରିବା ସହ ଗାଳିଗୁଲଜ ହୋଇଥିଲେ।

ଏହି ମ୍ୟାଚ୍ ୮୫ ମିନିଟ୍ ପର୍ଯ୍ୟନ୍ତ ଗୋଲଶୂନ୍ୟ ରହିଥିଲା। ୮୬ତମ ମିନିଟ୍‌ରେ ଏକ ଫ୍ରି କିକ୍‌ରୁ ଭାରତ ପାଇଁ ଖାତା ଖୋଲିଥିଲେ ସୁନୀଲ ଛେତ୍ରୀ। ଏହାର ଦୁଇ ମିନିଟ୍ ପରେ ଜୁବେର ଅମିରଙ୍କ ଗୋଲ ବଳରେ ଆଫଗାନିସ୍ତାନ ସ୍କୋର ଲାଇନ୍‌କୁ ବରାବର କରିଥିଲା। କିନ୍ତୁ ସାହାଲ ଅବ୍ଦୁଲ ସମଦ(୯୦+୨)ଙ୍କ ଗୋଲ ଯୋଗୁ ଭାରତ ମ୍ୟାଚ୍‌କୁ ଜିତିବା ସହ ୩ ପଏଣ୍ଟ ଅର୍ଜନ କରିଥିଲା। ମ୍ୟାଚ୍ ଶେଷ ହେବା ପରେ ଆଫଗାନିସ୍ତାନ ଖେଳାଳିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ୩ ଆଫଗାନିସ୍ତାନ ଓ ୨ ଭାରତୀୟ ଖେଳାଳି ପରସ୍ପରକୁ ଧକ୍କା ମାରୁଥିବା ଦେଖିବାକୁ ମିଳୁଛି। ପରେ ଏହି ଝଗଡ଼ାରେ ଦଳର ଅନ୍ୟ ଖେଳାଳି ସାମିଲ ହୋଇଥିଲେ। କିନ୍ତୁ ଭାରତୀୟ ଗୋଲ୍‌କିପର ଗୁରପ୍ରୀତ ସିଂ ଉଭୟ ଦଳର ଖେଳାଳିଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଆଫଗାନିସ୍ତାନ ଖେଳାଳିମାନେ ତାଙ୍କୁ ମଧ୍ୟ ଧକ୍କା ମାରିଥିଲେ। ଏଭଳି ଅପ୍ରୀତିକର ଦୃଶ୍ୟ ଦେଖିବା ପରେ ଏଏଫ୍‌ସି ଅଧିକାରୀ ଗ୍ରାଉଣ୍ଡ ମଧ୍ୟକୁ ଦୌଡ଼ି ଆସିଥିଲେ।

## ବାରବାଟୀ ବାଉନ୍ସର

### ଭିଆଇପି ବକ୍ସରେ ସୌରଭ

**କଟକ, ୧୨।୬(କ୍ରୀଡ଼ା ପ୍ରତିନିଧି):** ଦାଦାଭାବେ ବିଶେଷ ପରିଚିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଧିନାୟକ ସୌରଭ ଗାଙ୍ଗୁଲି ଥିଲେ ମ୍ୟାଚ ପୂର୍ବର ବିଶେଷ ଆକର୍ଷଣ। ପାଖାପାଖି ୬ଟା ୧୦ ବେଳକୁ ସୌରଭ ଷ୍ଟାଡିୟମରେ ପ୍ରବେଶ କରି ଭିଆଇପିଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବକ୍ସରେ ବସିଥିଲେ। ଦର୍ଶକମାନେ ତାଙ୍କୁ ଦେଖିବାମାତ୍ରେ ଦାଦା ଦାଦା ଉଚ୍ଚାରଣ ସହ କୋଳାହଳ କରିଥିଲେ। ସୌରଭ ବସିବାପରେ ତାଙ୍କ ସହ ସେଲ୍‌ଫି ନେବା ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲା। ବାଧ୍ୟହୋଇ ଗାଙ୍ଗୁଲି ଛିଡ଼ା ହୋଇ ସମସ୍ତ ମନରକ୍ଷା କରିଥିଲେ ଏବଂ ଫଟୋପାଇଁ ପୋଜ୍ ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୁଖ ଅନେକ ମାଣ୍ୟଗଣ୍ୟ ବ୍ୟକ୍ତିମଧ୍ୟ ଏହି ବକ୍ସରେ ଉପସ୍ଥିତ ଥିଲେ।

### ଏଲ୍‌ଇଡି ଲାଇଟ୍‌ରେ ପ୍ରଥମଥର

ବାରବାଟୀ ଷ୍ଟାଡିୟମରେ ୨୦୦୩ରେ ଫ୍ଲଡ୍‌ଲାଇଟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଘରୋଇ ଦଳ ପରାଜିତ ହୋଇଥିଲା। ଇତିମଧ୍ୟରେ ଫ୍ଲଡ୍‌ଲାଇଟରେ ଅନେକ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଏଥର ନୂଆ କଥା ହେଲା ପୂର୍ବରୁ ମ୍ୟାଚ୍‌ଗୁଡ଼ିକ ମେଟାଲ ଲାଇଟରେ ଅନୁଷ୍ଠିତ ହେଉଥିଲା। ମାତ୍ର ଏଥର ପ୍ରଥମଥର ପାଇଁ ଏଲ୍‌ଇଡି ଲାଇଟରେ ମ୍ୟାଚ୍ ଆୟୋଜନ କରାଯାଇଛି। ପୂର୍ବରୁ ଟାୱାର ଗୁଡ଼ିକରେ ମେଟାଲ ଲାଇଟ ଲଗାଯାଇଥିଲା। ଏଲ୍‌ଇଡି ଲାଇଟରେ ମ୍ୟାଚ ହେବା ଦ୍ୱାରା ଷ୍ଟାଡିୟମ ଅଧିକ ଉଜ୍ଜ୍ୱଳ ପରିଦୃଶ୍ୟ ହୋଇଛି। ବଲ୍ ମଧ୍ୟ ଅଧିକ ସ୍ପଷ୍ଟ ଦେଖାଯାଉଥିବାରୁ ବ୍ୟାଟର ଏବଂ ଫିଲ୍ଡରଙ୍କ ପାଇଁ ସହଜ ହୋଇଥିଲା।

### ମାସ୍କ କାହିଁ

କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ମ୍ୟାଚ ପୂର୍ବରୁ ଦର୍ଶକଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଥିଲା। ଏପରିକି ଟିକେଟ ଗୁଡ଼ିକରେ ମଧ୍ୟ 'ନୋ ମାସ୍କ ନୋ ଏଣ୍ଟ୍ରି' ଲେଖା ଯାଇଥିଲା। ମାତ୍ର ପ୍ରକୃତ କ୍ଷେତ୍ରରେ ତାହା ଦେଖିବାକୁ ମିଳି ନ ଥିଲା। ଗେଟ୍‌ରେ ଏଣ୍ଟ୍ରି ସମୟରେ କେତେକ ଦର୍ଶକ ମାସ୍କ ପିନ୍ଧିଥିଲେ ହେଁ ଭିତରକୁ ପଶିବାପରେ ଖୋଲି ଦେଇଥିବା ପରିଲକ୍ଷିତ ହୋଇଥିଲା। କର୍ତ୍ତବ୍ୟରତ ପୋଲିସ କର୍ମଚାରୀ ମାନେ ମଧ୍ୟ ମାସ୍କ ପିନ୍ଧି ନ ଥିଲେ। ଷ୍ଟାଡିୟମରେ ଭରପୂର ଦର୍ଶକ ଉପସ୍ଥିତ ଥିଲେ। ଦେଶରେ କରୋନା ସଂକ୍ରମଣ ପୁଣି ବୃଦ୍ଧି ପାଉଥିବାବେଳେ ମାସ୍କ ପରିଧାନ ନିୟମକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ଯଦି ମାସ୍କ ଆବଶ୍ୟକ ନ ଥିଲା ତେବେ କାହିଁକି ପ୍ରଚାର କରାଯାଇଥିଲା ତାହା ବୁଝିବା କଷ୍ଟକର ହୋଇଥିଲ। କରୋନା ସଂକ୍ରମଣର ଆଶଙ୍କା ମଧ୍ୟ ରହିଥିଲା।



ଷ୍ଟାଡ଼ିୟମ୍ ବାହାରେ ଜଣେ ବ୍ୟକ୍ତି ମାକ୍ସ ବିକୁଛନ୍ତି।

### ଭାରତୀୟ ଜର୍ସି କ୍ରେଜ

ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସବୁଆଡେ ଭାରତୀୟ ଜର୍ସି ଦେଖିବାକୁ ମିଳିଥିଲା। ଭାରତୀୟ ଦଳକୁ ସମର୍ଥନ ଜଣାଇବା ପାଇଁ ସେମାନେ ଏହି ମାଧ୍ୟମ ଆପଣାଇଥିଲେ। ଏପରି କି କେତେଜଣ ଦର୍ଶକ ଧୋନି ଓ ବିରାଟଙ୍କ ନାମ ଥିବା ଜର୍ସି ପିନ୍ଧିଥିବା ଦେଖିବାକୁ ମିଳିଛି।

### ଷ୍ଟାଡିୟମ ବାହାରେ ନ ଥିଲା ଡଷ୍ଟବିନ

ଟିକେଟ୍ ନ ପାଇ ନିରାଶ ହୋଇଥିବା କ୍ରିକେଟ୍ ପ୍ରେମୀଙ୍କ ପାଇଁ ଷ୍ଟାଡିୟମ ବାହାରେ ବଡ଼ ପରଦା ବ୍ୟବସ୍ଥା କରାଯାଇଥିଲା। ଏଠାରେ ପ୍ରାୟ ୫୦ ହଜାର ଲୋକ ଭିଡ ଜମାଇଥିଲେ। ତେବେ ସେମାନଙ୍କ ବ୍ୟବହାର ପାଇଁ ଡଷ୍ଟବିନ୍ ରଖାଯାଇ ନ ଥିଲା। ଫଳରେ ଲୋକମାନେ ସାଥିରେ ଆଣିଥିବା ଜଳଖିଆ ଜରି ଓ ପାଣି ବୋତଲ ରାସ୍ତାପାର୍ଶ୍ୱରେ ଫିଙ୍ଗି ଦେଇଥିଲେ।

### ଖେଳ ଆରମ୍ଭରେ ଆତସବାଜି

ପ୍ରଥମଥର ପାଇଁ ଖେଳ ଉଦ୍‌ଘାଟନ ପରେ ଷ୍ଟାଡିୟମ ପରିସରରେ ଦର୍ଶକଙ୍କ ଉପସ୍ଥିତିରେ ରଙ୍ଗୀନ ଆତସବାଜି ଦେଖିବାକୁ ମିଳିଥିଲା। ପୂର୍ବରୁ ମ୍ୟାଚ ଶେଷରେ ଆତସବାଜି ପ୍ରଦର୍ଶନ ହେଉଥିବାବେଳେ ଚଳିତଥର ଖେଳ ଆରମ୍ଭରୁ ଏଭଳି ବ୍ୟବସ୍ଥା କରାଯାଇଥିଲା। ଏହାକୁ ଦର୍ଶକମାନେ ବେଶ୍ ପସନ୍ଦ କରିଛନ୍ତି।

### ଭାରତ-ଦକ୍ଷିଣ ଆଫ୍ରିକା ସ୍କୋର ବୋର୍ଡ

**ଭାରତ ଇନିଂସ**

ଋତୁରାଜ ଗାଏକ୍ୱାଡ-କ-ମହାରାଜ-ବୋ-ରାବାଡା-୧
ଇଶାନ କିଶନ-କ-ଭାନ୍ ଡର ଡୁସେନ-ବୋ-ନୋର୍ଜେ-୩୪
ଶ୍ରେୟାସ ଆୟାର-କ-କ୍ଲାସେନ-ବୋ-ପ୍ରିଟୋରିୟସ-୪୦
ରିଷଭ ପନ୍ତ-କ-ଭାନ୍‌ଡର ଡସେନ-ବୋ-ମହାରାଜ-୫
ହାର୍ଦ୍ଦିକ ପାଣ୍ଡ୍ୟା-ବୋ-ପାର୍ନେଲ-୯
ଅକ୍ଷର ପଟେଲ-ବୋ-ନୋର୍ଜେ-୧୦
ଦୀନେଶ କାର୍ତ୍ତିକ-ନଟ ଆଉଟ-୩୦
ହର୍ଷଲ ପଟେଲ-ନଟଆଉଟ-୧୨
ଅତିରିକ୍ତ-୭
ମୋଟ: (୨୦ ଓଭର/୬ ଉଇକେଟ) ୧୪୮।
ଉଇକେଟପତନ: ୧/୩, ୨/୪୮,୩/୬୮, ୪/୯୦, ୫/୯୮, ୬/୧୧୨।

**ବୋଲିଂ (ଦକ୍ଷିଣ ଆଫ୍ରିକା)**

କାଗିସୋ ରାବାଡା ୪-୦-୧୫-୧
ୱେନ ପାର୍ନେଲ ୪-୦-୨୩-୧
ଅନରିଚ୍ ନୋର୍ଜେ ୪-୦-୩୬-୨
ଡ୍ୱେନ ପ୍ରିଟୋରିଅସ୍ ୪-୦-୪୦-୧
ଟାବ୍ରେଜ୍ ଶାମ୍‌ସି ୨-୦-୨୧-୦
କେଶବ ମହାରାଜ ୨-୦-୧୨-୧।

**ଦକ୍ଷିଣ ଆଫ୍ରିକା ଇନିଂସ**

ଟେମ୍ବା ବଭୁମା-ବୋ-ଚହଲ-୩୫
ରିଜା ହେଣ୍ଡ୍ରିକ୍ସ-ବୋ-ଭୁବନେଶ୍ୱର-୪
ଡ୍ୱେନ ପ୍ରିଟୋରିଅସ୍-କ-ଅଭେଶ-ବୋ-ଭୁବନେଶ୍ୱର-୪
ରାସି ଭାନ ଡର ଡୁସେନ-ବୋ-ଭୁବନେଶ୍ୱର-୧
ହେନରିଚ କ୍ଲାସନ-କ-ବିଷ୍ଣୋଇ(ସବ୍)-ବୋ-ହର୍ଶଲ-୮୧
ଡେଭିଡ୍ ମିଲର-ନଟ୍ ଆଉଟ୍-୨୦
ୱେନ ପାର୍ନେଲ-ବୋ-ଭୁବନେଶ୍ୱର-୧
କାଗିସୋ ରବାଡା-ନଟ୍‌ଆଉଟ୍-୦
ଅତିରିକ୍ତ-୩
ମୋଟ: (୧୮.୨ ଓଭର/୬ ଉଇକେଟ) ୧୪୯।
ଉଇକେଟ ପତନ: ୧/୫, ୨/୧୩, ୩/୨୯,୪/୯୩,୫/୧୪୪,୬/୧୪୭।

**ବୋଲିଂ (ଭାରତ)**

ଭୁବନେଶ୍ୱର କୁମାର ୪-୦-୧୩-୪।
ଅଭେଶ ଖାନ ୩-୦-୧୭-୦।
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୩୧-୦।
ଯୁଜବେନ୍ଦ୍ର ଚହଲ ୪-୦-୪୯-୧।
ହର୍ଶଲ ପଟେଲ ୩-୦-୧୭-୧।
ଅକ୍ଷର ପଟେଲ ୧-୦-୧୯-୦।
ଶ୍ରେୟାସ ଆୟାର ୦.୨-୦-୨-୦




### ଶାନ୍ତିର ବାର୍ତ୍ତା ପ୍ରଚାର କଲେ ବ୍ରହ୍ମାନନ୍ଦ

ଷ୍ଟାଡିୟମ ବାହାରେ ଦର୍ଶକଙ୍କ ଉତ୍ସାହ ବଢ଼ାଇବା ପାଇଁ ବିଭିନ୍ନ ସ୍ଥାନରୁ ଅନେକ କ୍ରିକେଟ ପ୍ରେମୀ ଆସିଛନ୍ତି। ତେବେ ସେଠାରେ ଦର୍ଶକଙ୍କୁ ଶାନ୍ତିର ବାର୍ତ୍ତା ଦେବା ପାଇଁ ଗଞ୍ଜାମରୁ ଆସିଥିବା ଏ. ବ୍ରହ୍ମାନନ୍ଦ ଆଚାର୍ଯ୍ୟ କୃଷ୍ଣବେଶ ଧାରଣ କରି ଲୋକଙ୍କ ହାତରେ ଶଙ୍ଖ ଚକ୍ର ଧରାଇ ଶାନ୍ତିର ବାର୍ତ୍ତା ଦେଇଥିଲେ। ବ୍ରହ୍ମାନନ୍ଦଙ୍କ ଏହି ଅପୂର୍ବ ବେଶ ଲାଗି ସେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ।

### ଭଦ୍ରକରୁ କଟକ

**କଟକ ଅଫିସ , ୧୨।୬:** ବାରବାଟୀରେ କିଛିବର୍ଷ ବ୍ୟବଧାନ ପରେ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ତେବେ ଖେଳ ପୂର୍ବରୁ ଷ୍ଟାଡିୟମ ବାହାରେ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। କିଏ ହାତ, ମୁହଁରେ ତ୍ରିରଙ୍ଗା ଆଙ୍କି ଭାରତକୁ ସମର୍ଥନ ଜଣାଉଛି ତ ଆଉ କିଏ ନିଜକୁ ପୂରା ତ୍ରିରଙ୍ଗାରେ ରଙ୍ଗେଇ ଦେଇଛି। ଆଉ ଲୋକଙ୍କ ଏହି ଚାହିଦାକୁ ପୂର୍ଣ୍ଣ କରିବା ନେଇ ବ୍ୟବସାୟୀଙ୍କ ମଧ୍ୟରେ ରହିଛନ୍ତି ଭଦ୍ରକର ବିଦ୍ୟାଧର ଦାସ। ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇବା ପରେ ବିଦ୍ୟାଧର ଛୋଟ ଛୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଛନ୍ତି। ଟିକେଟ କିଣିବାକୁ ଚେଷ୍ଟା କରିଥିଲି, ହେଲେ ମିଳିଲା ନାହିଁ ।

### କ୍ରିକେଟପ୍ରେମୀଙ୍କ ସମାଗମ

ବାରବାଟୀରେ ଅନେକ କ୍ରିକେଟପ୍ରେମୀଙ୍କ ସମାଗମ ହୋଇଥିଲା। ସେଥିମଧ୍ୟରୁ ଜଣେ ହେଉଛନ୍ତି ଗୋବିନ୍ଦ କୁମାର ସାହା। ମୁଣ୍ଡରେ ରଙ୍ଗିନ ଟୁପି ଆଉ ନିଜକୁ ତ୍ରିରଙ୍ଗାରେ ରଙ୍ଗାଇ ଷ୍ଟାଡିୟମରେ ଭାରତୀୟ ଦଳ ପାଇଁ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ସେ କହିଛନ୍ତି, ବାରବାଟୀରେ ଅନୁଷ୍ଠିତ ପ୍ରତ୍ୟେକଟି ଖେଳ ଦେଖିବାକୁ ଆସେ।

### ଫ୍ଲାଶ୍ ଲାଇଟରେ ହାର୍ଦ୍ଦିକଙ୍କୁ ସ୍ୱାଗତ

ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଦେଖିବା ପାଇଁ ଷ୍ଟାଡିୟମ ପୂରା ଭରି ଯାଇଥିଲା। ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚ୍‌ରେ ପୁରୁଣା ଖେଳାଳିଙ୍କ ମଧ୍ୟରୁ ହାର୍ଦ୍ଦିକ ପାଣ୍ଡ୍ୟା ରହିଛନ୍ତି। ତେବେ ହାର୍ଦ୍ଦିକଙ୍କ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ ମାତ୍ରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରି ଯାଇଥିଲା। ଗ୍ୟାଲେରିରେ ବସିଥିବା ଲୋକମାନେ ନିଜ ନିଜ ମୋବାଇଲ ଫ୍ଲାଶ୍ ଲାଇଟ୍ ଜଳାଇ ତାଙ୍କୁ ସ୍ୱାଗତ କରିଥିଲେ।

# ଭର୍ଷ୍ଟାପେନ୍ ଜିତିଲେ ଆଜରବୈଜାନ ଗ୍ରାଁ ପ୍ରି

ବାକୁ (ଆଜରବୈଜାନ), ୧୨।୬(ପି.ଟି.)

ଆଜରବୈଜାନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍‌ରେ ରେଡ୍‌ବୁଲ୍ ଟିମ୍‌ର ଦୁଇ ଡ୍ରାଇଭର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚାର୍ଲ୍ସ ଲେକରେକ୍‌ଙ୍କ ଇଞ୍ଜିନ ଅଚଳ ହୋଇପଡ଼ିବାରୁ ଏହାର ସୁଯୋଗରେ ମାକ୍ସ ଭର୍ଷ୍ଟାପେନ୍ ପ୍ରଥମ ସ୍ଥାନ ଅଧିକାର କରିବା ସହ ବିଶ୍ୱ ଚାମ୍ପିୟନଶିପ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଆସିଛନ୍ତି। ତାଙ୍କ ରେଡ୍‌ବୁଲ ଟିମ୍‌ମେଟ୍ ସର୍ଗିଓ ପେରେଜ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍‌ରେ ଯାନ୍ତ୍ରିକ ତ୍ରୁଟି ପାଇଁ ଲେକ୍‌ରେକ୍‌ଙ୍କ ଟିମ୍‌ମେଟ୍ କାର୍ଲୋସ ସେଞ୍ଜ୍ ମଧ୍ୟ ରେସ୍ କରିପାରି ନ ଥିଲେ। ଜର୍ଜ ରସେଲ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ତାଙ୍କ ମର୍ସିଡିଜ୍ ଟିମ୍‌ମେଟ ଲୁଇସ ହାମିଲଟନ୍ ... 



ମାକ୍ସ ଭର୍ଷ୍ଟାପେନ

ଲହୁଆ ପ୍ରତ୍ୟାବର୍ତ୍ତନ ସହ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୮ଟି ରେସ୍ ମଧ୍ୟରୁ ୬ଟିରେ ପୋଲ ପୋଜିଶନ ହାସଲ କରିଥିବା ସତ୍ତ୍ୱେ ଭର୍ଷ୍ଟାପେନ୍‌ଙ୍କଠାରୁ ଲେକ୍‌ରେକ୍ ୩୪ ପଏଣ୍ଟ ପଛରେ ରହିଛନ୍ତି।

ରେସ୍‌ରେ ଯଥାକ୍ରମେ ୫ମରୁ ୧୦ମ ସ୍ଥାନରେ ରହିଥିବା ଡ୍ରାଇଭରମାନେ ହେଲେ ପିଏରେ ଗାସ୍‌ଲି (ଆଲ୍‌ଫା ଟାଉରୀ), ସେବାଷ୍ଟିଆନ ଭିଟେଲ (ଆଷ୍ଟନ ମାର୍ଟିନ), ଫର୍ନାଣ୍ଡୋ ଆଲୋଁସୋ (ଆଲ୍‌ପାଇନ୍), ଡାନିଏଲ ରିକାର୍ଡୋ (ମ୍ୟାକ୍‌ଲରେନ), ଲାଣ୍ଡୋ ନୋରିସ (ମ୍ୟାକ୍‌ଲରେନ) ଓ ଏଷ୍ଟିବାନ ଓକନ (ଆଲ୍‌ପାଇନ)।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ପୋଡି ଯାଇଛି ଟ୍ରାନ୍ସଫର୍ମର, ମରାମତି ହେଉନି

**କଣ୍ଟାବାଞ୍ଜି,୧୨।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସର୍ଗିପଡାରେ ୨ମାସ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଛି। ମରାମତି ଅଥବା ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଦାବି ହେଉଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିଯୋଗୁ ସେଠାରେ ବାସ କରୁଥିବା ୧୫ ପରିବାର ଅନ୍ଧାରରେ ରହୁଛନ୍ତି। ୨ମାସ ତଳେ ପଡାରେ ଲାଗିଥଲା ୨୫କେଭି ଟ୍ରାନ୍ସଫର୍ମର। ଲାଗିବାର ଦିନ କେଇଟାରେ ଏହା ପୋଡି ଯାଇଛି। ଫଳରେ ସନ୍ଧ୍ୟା ହେଲେ ଏହି ମାଓବାଦୀ ଉପଦ୍ରୁତ ଅଞ୍ଚଳର ଲୋକେ ଘରୁ ବାହାରୁ ନାହାନ୍ତି। ଭୀଷଣ ଗରମରେ ଜୀବନ ବିତାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରେକେଲା ସେକ୍ସନାଲ ଅଫିସର ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ନିରଞ୍ଜନ ବିଶିଙ୍କୁ ସମ୍ବର୍ଦ୍ଧନା

**ଖଡ଼ିଆଳ,୧୨।୬(ଡି.ଏନ.ଏ.):** ବିଜେଡି ଟିକେଟରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ନିରଞ୍ଜନ ବିଶିଙ୍କୁ ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଖଡ଼ିଆଳ ଆମ୍ବେଡକର ଛକରୁ ଆଦିବାସୀମାନେ ଏକ ଶୋଭାଯାତ୍ରାରେ ବିଶିଙ୍କୁ ଖଡ଼ିଆଳ ସହର ପରିକ୍ରମା କରାଇଥିଲେ। ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସଭାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଖାମସିଂ ମାଝି ଅଧକ୍ଷତା କରିଥିଲେ। ସମ୍ପାଦକ ବାଳକୃଷ୍ଣ ଶବର ମଞ୍ଚ ପରିଚାଳନା କିରିଥିଲେ। ମୁଖଅତିଥି ରାଜ୍ୟ ସଭା ସଦସ୍ୟ ବିଶି, ମୁଖ୍ୟବକ୍ତା ଭଟଲି ବିଧାୟକ ସୁଶାନ୍ତ ସିଂ ଯୋଗଦେଇଥିଲେ। ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀ ଭଲ ପାଉଥିବାରୁ ଉପହାର ସରୂପ ନିରଞ୍ଜନିଙ୍କୁ ରାଜ୍ୟ ସଭା ପଠାଇ ଦିଲ୍ଲୀରେ ଆଦିବାସୀଙ୍କ ହକ ଏବଂ ନ୍ୟାୟ ପାଇଁ ଲଢେଇ କରିବାକୁ ସୁଯୋଗ ଦେଇଛନ୍ତି ବୋଲି ସିଂ କହିଥିଲେ। ସଭାରେ ଜିଲା ପରିଷଦ ଅଧକ୍ଷା ଡଲି ମାଝି, ସିନାପାଲି ବ୍ଲକ ଅଧକ୍ଷ୍ୟା ମାଧୁରୀ ମାଝିଙ୍କ ସମେତ ପୂର୍ବତନ ଯୋଜନା ନିର୍ଦ୍ଦେଶକ ବଟକୃଷ୍ଣ ପାରୁଆ, ପୂର୍ବତନ ଏସିଫ ଜୟରାମ ଶବର, ପୂର୍ବତନ କୋମନା ବ୍ଲକ ଅଧକ୍ଷ ଭକ୍ତରାମ ଶବର, ଜିଲା ପରିଷଦ ସଦସ୍ୟା ତନୟା ଶବର, ଶ୍ରୁତି ସିଂ ମାଝି, ଜିଲାର ୫ଟି ବ୍ଲକ ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ।

### ଗାୟତ୍ରୀ ଜୟନ୍ତୀ, ଶ୍ରୀରାମ ଶର୍ମାଙ୍କ ମହାପ୍ରୟାଣ ଦିବସ

**ସିନାପାଲି,୧୨।୬(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ଗାୟତ୍ରୀ ଶକ୍ତିପୀଠରେ ମା' ଗାୟତ୍ରୀଙ୍କ ଜୟନ୍ତୀ ଏବଂ ଗୁରୁଦେବ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଆୟୋଜନ କରାଯାଇଥିଲା। ଯଜ୍ଞ କର୍ତ୍ତା ଭାବେ ମୁନେଶ ଅଗ୍ରୱାଲ ଓ ପ୍ରିତୀ ଅଗ୍ରୱାଲ ଦାୟିତ୍ୱ ନିର୍ବାହ କରିଥିଲେ। କାପସିର ଝାଙ୍କର ନରୋତ୍ତମ ମାଝିଙ୍କ ଦ୍ୱାରା ପୂଜା ଅର୍ଚ୍ଚନା ପରେ ଆଗାମୀ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ବିଧି ଅନୁଯାୟୀ ଯଜ୍ଞସ୍ଥଳ ସଫା ଆରମ୍ଭ କରାଯାଇଥିଲା। ସମସ୍ତ କାର୍ଯ୍ୟ ଶକ୍ତିପୀଠର ସଭାପତି ଶଶିଭୂଷଣ ମାଝି, ସମ୍ପାଦକ ତ୍ରିନାଥ ମେହେର, ତରୁଣ କୁମାର ମେହେର, ହୀରାଲାଲ ଅଗ୍ରୱାଲ, ଦିନେଶ ମେହେର, ମଧୁ ପାତ୍ର, ଶ୍ରୀକାନ୍ତ ମେହେର, ଅଗସ୍ତି ମେହେର, ନମିତା ମେହେର ପ୍ରମୁଖ ପରିଚାଳନା କରିଥିଲେ।

# ଜଳ ସମ୍ପଦ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଜନପ୍ରତିନିଧି

**ଦେଓଗାଁ,୧୨।୬(ଡି.ଏନ.ଏ.)**


ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ବ୍ଲକର ଜନପ୍ରତିନିଧିମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଜଳସେଚନ ଓ ପାନୀୟ ଜଳ ସୁବିଧା ପାଇଁ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ଜରୁରୀ। ଏହି ଦାବି ନେଇ ବ୍ଲକର ଜନପ୍ରତିନିଧିମାନେ ଜଳସମ୍ପଦ ମନ୍ତ୍ରୀ ଟୁକନି ସାହୁଙ୍କୁ ତାଙ୍କ ଟିଟିଲାଗଡ ବାସଭବନରେ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟା ସୁମତି ସେଠ, ଉଡାର ସମିତି ସଭ୍ୟା ଆନନ୍ଦିନୀ ଦଲାଇ, ଦେଓଗାଁ ସମିତି ସଭ୍ୟା ମୀନାକୁମାରୀ ସା, ସିକୁଆଁ ସମିତି ସଭ୍ୟା ଟୁନି ସେଠ, ବଡବନ୍ଧ ସମିତି ସଭ୍ୟା ସୁପ୍ରଭା ଦେଓ, ସରପଞ୍ଚ ଜଗବନ୍ଧୁ ମେହେର, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ, ଯୁବନେତା ଶୈଳେନ୍ଦ୍ର ସାହୁ, ରାଜ ପ୍ରତାପ ଦେଓ, ପ୍ରମୋଦ କୁମାର ବହିଦାର, ଟିକେଚନ୍ଦ ସାହୁ, ବିରେନ ଦଲାଇ, ସନ୍ତୋଷ ପଧାନ, ହୃଦାନନ୍ଦ ଗଡତ୍ୟା, ସଞ୍ଜୀବ ପଧାନ, ବିହାରୀ ନାଗ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟିଥିଲେ। ଏଠାରେ ବ୍ୟାରେଜ ନିର୍ମାଣ ହେଲେ ଦେଓଗାଁ ବ୍ଲକର ୯ ପଞ୍ଚାୟତର ୨୮ଖଣ୍ଡ ଗାଁ, ବଲାଙ୍ଗୀର ସଦର ବ୍ଲକର ୨ ପଞ୍ଚାୟତର ୬ଖଣ୍ଡ ଗାଁରେ ଜଳସେଚନ ତ୍ୱରାନ୍ୱିତ ହେବ। ଏଥିସହ ଖରାଦିନରେ ଶୁଷ୍କ ହୋଇପଡୁଥିବା ଦେଓଗାଁ, ସଦର ବ୍ଲକ ଓ ଗୁଡଭେଲା ବ୍ଲକର ୨୮ଟି ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ସଚଳ ହୋଇପାରିବ ବୋଲି ଜନପ୍ରତିନିଧିମାନେ ମନ୍ତ୍ରୀ ସାହୁଙ୍କୁ ଅବଗତ କରିଥିଲେ। ଚାରିବର୍ଷ ତଳୁ ଏଠାରେ ବ୍ୟାରେଜ ନିର୍ମାଣ ପାଇଁ ୨୦୧୯ର ୯୯ତମ ବୈଷୟିକ ପରାମର୍ଶ କମିଟିରେ ରାଜ୍ୟ ସରକାର ମଞ୍ଜୁରି କରିବା ସହ ଜଳସମ୍ପଦ ବିଭାଗରେ ଏହା ବିଚାରାଧୀନ ରହିଛି। ଭବାନୀପାଟଣାର ଏସି କେବିକେ ସର୍କଲ (୧) ଏହାର ଡିପିଆର ଦାଖଲ କରିଛି। କ୍ଷୁଦ୍ର ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଓ ଏକ ଉଚ୍ଚକ୍ଷମତା ସମ୍ପନ୍ନ ଟିମ ପରିଦର୍ଶନ କରି ଫିଜିବିଲିଟି ରିପୋର୍ଟ ଦାଖଲ କରିଛନ୍ତି। ଏଣୁ ତୁରନ୍ତ ଏହି ବ୍ୟାରେଜ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଜନପ୍ରତିନିଧିବୃନ୍ଦ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏ ଦିଗରେ ପଦକ୍ଷେପ ନେବି ବୋଲି ମନ୍ତ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ।

**ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ଦାବି**

# କ୍ଷୟ ହେଉଛି ଜଙ୍ଗଲ, ବନ ବିଭାଗ ଚୁପ୍

**ଲୋଇସିଂହା,୧୨।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ସଲେଭଟା ଫରେଷ୍ଟ ସେକ୍ସନରେ ଅବାଧରେ ଚାଲିଛି ଗଛକଟା। ପ୍ରତ୍ୟହ ଗଛକାଟି ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନବାହନରେ ଏହାକୁ ବାହାରକୁ ଚାଲାଣ କରାଯାଉଛି। ଏପରିକି ଜଙ୍ଗଲ ସମୀପ କେତେକ ଗାଁର ଲୋକେ କାଠରେ ବିଭିନ୍ନ ସାମଗ୍ରୀ ତିଆରି କରି ଖୁଲମଖୁଲା ବିକ୍ରି କରୁଛନ୍ତି। ବନ ବିଭାଗର କେତେକ କର୍ମଚାରୀ ଏଥିରେ ସେମାନଙ୍କୁ ସହାୟତା ଯୋଗାଇ ଦେଉଥିବା ଅଭିଯୋଗ ହେଉଛି। ସଲେଭଟା ଫରେଷ୍ଟ ସେକ୍ସନ ଲୁହୁରାମୁଣ୍ଡା ଅଞ୍ଚଳରେ କେତେକ ବ୍ୟକ୍ତି ପାଟି ଏବଂ ଘାଟି ଜଙ୍ଗଲରୁ ବେଆଇନଭାବେ କାଠ କାଟି ଆଣି ନିୟମିତ ଭାବେ ଖଟିଆ ପ୍ରସ୍ତୁତ କରୁଥିବା ଜଣାପଡିଛି। ସପ୍ତାହକୁ ଜଣେ ବଢେଇ ୨୦ଟି ଖଟିଆ ପ୍ରସ୍ତୁତ କରନ୍ତି। ଏହିପରି ଭାବେ ୩୦ଜଣ ବଢେଇ ସପ୍ତାହକୁ ୬ଶହ ଖଟିଆ ପ୍ରସ୍ତୁତ କରିଥାନ୍ତି। ଗୋଟିଏ ଖଟିଆକୁ ସେମାନେ ହୋଲସେଲ ଦରରେ ୬ଶହ ଟଙ୍କାରେ ବେପାରୀଙ୍କୁ ବିକ୍ରି କରିଥାନ୍ତି। ସେହି ଖଟିଆ ସପ୍ତାହିକ ବଜାର ଏବଂ ଗ୍ରାମାଞ୍ଚଳରେ ବେପାରୀମାନେ ୧ ହଜାର ଟଙ୍କାରେ ବିକ୍ରି କରିଥାନ୍ତି। ପ୍ରତି ଖଟିଆରେ ବଢେଇମାନେ ବିଭାଗୀୟ କର୍ମଚାରୀଙ୍କୁ ୬୦ଟଙ୍କା ଦେଇଥାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯଦି ଏହିପରି ଚାଲେ ତେବେ ଖୁବକମ୍ ଦିନରେ ସମ୍ପୃକ୍ତ ଅଞ୍ଚଳର ଜଙ୍ଗଲ ଟାଙ୍ଗରା ଭୂମିରେ ପରିଣତ ହୋଇଯିବ ବୋଲି ବୁଦ୍ଧିଜୀବୀ ଓ ପରିବେଶ ପ୍ରେମୀ ଆଶଙ୍କାବ୍ୟକ୍ତ କରିଛନ୍ତି। ଜଙ୍ଗଲ ଚୋରିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଗତିବିଧି ଉପରେ ନଜର ପାଇଁ ବଲାଙ୍ଗୀର ଡିଏଫଓ ଡ୍ରୋନ କ୍ୟାମେରା ବ୍ୟବହାର କରିବାକୁ ସାଧାରଣରେ ଦାବି ହୋଇଛି। ସ୍ଥାନୀୟ ଫରେଷ୍ଟର ବିଦ୍ୟାଧର ବେହେରାଙ୍କୁ ଏ ନେଇ ପଚାରିବାରୁ ମୁଁ ଏଠାରେ ନୂଆ କରି ଯୋଗ ଦେଇଛି। ଘଟଣାର ତଦନ୍ତ କରି ପଦକ୍ଷେପ ନେବି ବୋଲି କହିଛନ୍ତି।

# ୩ ଦିବ୍ୟାଙ୍ଗ କ୍ରୀଡାବିତ୍‌ଙ୍କ ଗାନ୍ଧୀନଗର ଯାତ୍ରା



ଜିଲାପାଳ ଚଞ୍ଚଳ ରାଣା ସ୍ୱତନ୍ତ୍ର ଅଲମ୍ପିକ୍ସ ଜାତୀୟ ଚାମ୍ପିୟନଶିପରେ ଭାଗ ନେବାକୁ ଯାଇଥିବା ଦିବ୍ୟାଙ୍ଗ କ୍ରୀଡାବିତ୍‌ଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**ବଲାଙ୍ଗୀର ଅଫିସ,୧୨।୬**

**ସ୍ୱତନ୍ତ୍ର ଅଲମ୍ପିକ୍ସ ଜାତୀୟ ଚାମ୍ପିୟନଶିପ୍**

ଜୁନ୍ ୧୪ରୁ ୧୯ ପର୍ଯ୍ୟନ୍ତ ଗୁଜରାଟର ଗାନ୍ଧୀନଗରଠାରେ ସ୍ୱତନ୍ତ୍ର ଅଲମ୍ପିକ ଭାରତ ଜାତୀୟ ଆଥଲେଟିକ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ କ୍ରୀଡା ମହୋତ୍ସବରେ ଅଂଶଗ୍ରହଣ କରିବାକୁ ଓଡିଶା ଆଥଲେଟିକ୍ ଦଳରେ ସାମିଲ ହୋଇଥିବା ବଲାଙ୍ଗୀରର ୩ ଦିବ୍ୟାଙ୍ଗ କ୍ରୀଡାବିତ୍ ରବିବାର ଗାନ୍ଧୀନଗର ଯାତ୍ରା କରିଛନ୍ତି। ଏହି ତିନି କ୍ରୀଡାବିତ୍ ହେଲେ ସଇଁତଳା ରେଡକ୍ରସ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ର ତଥା ଟିକ୍ରାପଡାର ବୈଷ୍ଣବ ରାଜପଲିଆ, ବଲାଙ୍ଗୀର ଆଶ୍ରା ଅନୁଷ୍ଠାନର ଦୁଇ ଛାତ୍ର ତଥା ଗୁଡଭେଲାର ହୃଦାନନ୍ଦ ନାଗ ଓ ଢୁଙ୍ଗୁରିପାଲିର ତହସିଲ ସାହୁ। ରବିବାର ଜିଲାପାଳ ଚଞ୍ଚଳ ରାଣା ଏହି ତିନି ପ୍ରତିଭାବାନ୍ କ୍ରୀଡାବିତ୍‌ଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟକୁ ଆମନ୍ତ୍ରଣ କରି ଶୁଭେଚ୍ଛା ଜଣାଇଛନ୍ତି। କ୍ରୀଡାବିତ୍‌ମାନେ ଯେଭଳି ସ୍ୱତନ୍ତ୍ର ଅଲମ୍ପିକ୍ସ ଜାତୀୟ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଉତ୍ତମ ଖେଳ ପ୍ରଦର୍ଶନ କରିବେ ସେ ସମ୍ପର୍କରେ ଶୁଭକାମନା ଜଣାଇଥିଲେ। ଏହି ତିନି କ୍ରୀଡାବିତ୍‌ଙ୍କ ସହ କୋଚ୍ ଉମାକାନ୍ତ ଷଡଙ୍ଗୀ ମଧ ଗାନ୍ଧୀନଗର ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ଉପସ୍ଥିତ ରହି କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ।

# ମଦପିଇ ଗାଡ଼ି ଚଲାଅ ନାହିଁ


ବ୍ଲକସ୍ତରୀୟ ଡ୍ରାଇଭର ସଂଘ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେଓଗାଁ,୧୨।୬(ଡି.ଏନ.ଏ.)**

**ଡ୍ରାଇଭର ସଂଘ ବୈଠକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ଆମ୍ରକାନନଠାରେ ରବିବାର ବ୍ଲକସ୍ତରୀୟ ଡ୍ରାଇଭର ସଂଘର ବୈଠକ ଓ କର୍ମକର୍ତ୍ତା ଚୟନ ହୋଇଯାଇଛି। ଲାଲୁ ସାଗରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ସଂଘ ସଭାପତି ଅଚ୍ୟୁତ ସେଠ, ସମ୍ମାନୀତ ଅତିଥିଭ ଜିଲା ସମ୍ପାଦକ ଇସାକ ସାଗର, ଜିଲା ଉପସଭାପତି ଅମୂଲ୍ୟ ସାହୁ ଯୋଗଦେଇଥିଲେ। ଡ୍ରାଇଭରମାନେ ସତର୍କତାର ସହ ଗାଡି ଚାଳନା କରିବା ଜରୁରୀ। ଏଥିପାଇଁ ଗାଡି ଚଲାଇବା ବେଳେ ମଦ ତଥା ଅନ୍ୟାନ୍ୟ ନିଶା ସେବନ ନ କରି ସେମାନେ ଗାଡି ଚଳାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହା ସହ ସରକାର ୩ମାସ ମଧ୍ୟରେ ଡ୍ରାଇଭରମାନଙ୍କ ଦାବି ପୂରଣ ପାଇଁ ପଦକ୍ଷେପ ନ ନେଲେ ଆଗକୁ କି ପଦକ୍ଷେପ ଗ୍ରହଣ କରାଯିବ ସେ ଉପରେ ଆଲୋଚନା କରିଥିଲେ। ଆଗକୁ ରାଜ୍ୟ ସଂଘ ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରିବା ପାଇଁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ପରେ ସର୍ବସମ୍ମତିକ୍ରମେ ବ୍ଲକସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବ୍ଲକ ସଭାପତି ଭାବେ ଲାଲୁ ସାଗର, ଉପସଭାପତି ସୁରଥ ପୁଟେଲ, ସମ୍ପାଦକ ହରିହର ବରିହା, ସୁରେନ୍ଦ୍ର ପୋଢ଼, କୋଷାଧକ୍ଷ ଅରୁଣ ଜୁଏଡଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ରିକେଶ ସିଠ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବ୍ଲକର ୨୬ ପଞ୍ଚାୟତରୁ ବହୁ ସଂଖ୍ୟାରେ ଡ୍ରାଇଭର ଉପସ୍ଥିତ ଥିଲେ।

# ଜିଲା ଶ୍ରମିକ ମହାସଂଘର ଜରୁରୀ ବୈଠକ

**ଖଡ଼ିଆଳ,୧୨।୬(ଡି.ଏନ.ଏ.)**

ନୂଆପଡା ଜିଲା ଶ୍ରମିକ ମହାସଂଘର ଏକ ଜରୁରୀ ବୈଠକ ଖଡ଼ିଆଳ ବ୍ଲକ ଦୋହେଲପଡ଼ାସ୍ଥିତ ନିଖିଳ ଓଡ଼ିଶା ଚାଷୀ ମୂଲିଆ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ମହାସଂଘ କୋର୍ ଟିମ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜିଲାସ୍ତରରେ ଶ୍ରମ ବିଭାଗଠାରୁ ନେଇ ଜିଲାପାଳ ପର୍ଯ୍ୟନ୍ତ ଜିଲାର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ, ଆଲୋଚନା, ଦାବିପତ୍ର ପ୍ରଦାନ କରିଥିଲେ ମଧ କୌଣସି ସମସ୍ୟା ସମାଧାନ ହୋଇପାରିଲା ନାହିଁ। ମହାଂଘ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଗାମୀ ଏକ ସପ୍ତାହ ଭିତରେ ଭୁବନେଶ୍ୱର ଯାଇ ବିଭିନ୍ନ ଦାବି ରାଜ୍ୟ ସରକାରଙ୍କ ଯଥା ଅଧିକାରୀଙ୍କ ସମ୍ମୁଖରେ ଦାବିପତ୍ର ଉପସ୍ଥାପନ ସହିତ ଆଲୋଚନା କରି ତୁରନ୍ତ ସମାଧାନ ପାଇଁ ଦାବି କରାଯିବ। ନଚେତ ଜିଲାସ୍ତରରେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ମାଧ୍ୟମରେ ହାସଲ କରିବା ପାଇଁ ପରବର୍ତ୍ତୀ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରମିକ ନେତା ସର୍ବଶ୍ରୀ କେଶବ ବେହେରା, ଶୁକ୍ଳାମ୍ବର ନିଆଲ, ପ୍ରଦୀପ ଦଣ୍ଡସେନା, ଅନିରୁଦ୍ଧ ନାଗ, ସୁଖଦେବ ସାହୁ, ଜ୍ଞାନରଞ୍ଜନ ସାହୁ, ଭକ୍ତବନ୍ଧୁ ଧରୁଆ, ଅଜୟ ଧରୁଆ, ପରମା ହଂସ, ଶ୍ରୀନିବାସ ବେହେରା, ଚୈତନ୍ୟ ତାଣ୍ଡି, ଟିକେଚନ୍ଦ୍ର ବାଗ, ଅନିରୁଦ୍ଧ ହଂସ ପ୍ରମୁଖ ସାମିଲ ହୋଇଥିଲେ।

# ବନ ସୁରକ୍ଷା ସମିତିକୁ ବିଭିନ୍ନ ସାମଗ୍ରୀ ବଣ୍ଟନ

**ଲାଠୋର, ୧୨।୬(ଡି.ଏନ.ଏ.)**


ଜଣେ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଉଛି।

ବଲାଙ୍ଗୀର ଜିଲା ଲାଠୋର ବନ କାର୍ଯ୍ୟାଳୟ ଅଧିକାରୀ ପ୍ରଭାତୀ ସେଠଙ୍କ ନେତୃତ୍ୱରେ ଜଲପାଙ୍କେଲ, କନ୍ହେଇଛାପର, ଖର୍ଲି, କନ୍ଦାଗାଡ଼ ଏବଂ ମହନିଲହ ବନ ସୁରକ୍ଷା ସମିତିକୁ ରବିବାର ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। ଆମ ଜଙ୍ଗଲ ଯୋଜନା ଟିମ ଲିଡ଼ର ସଞ୍ଜୀବ ପଣ୍ଡା, ଡ଼େଭଲପମେଣ୍ଟ ଅଫିସର ସୌମ୍ୟରଞ୍ଜନ ବେହେରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଚଳିତବର୍ଷ ରେଞ୍ଜ ଅଧୀନ ବିଭିନ୍ନ ସ୍ଥାନରେ ୫୦ହେକ୍ଟର ଜମିରେ ଚାରା ରୋପଣ କରିବା ଲକ୍ଷ୍ୟ ରହିଛି। ସେସବୁର ସୁରକ୍ଷା ବନ ସୁରକ୍ଷା ସମିତି କିପରି ନେବ ସେ ଉପରେ ରେଞ୍ଜର ଆଲୋଚନା କରିଥିଲେ। ଏହି ଅବସରରେ ୫ ବନ ସୁରକ୍ଷା ସମିତିର ଆତ୍ମନିର୍ଭରଶୀଳତା ପାଇଁ ଟେଣ୍ଟ ସାମଗ୍ରୀ, ବାଲଟି, ମଗ, ହଣ୍ଡା, ସିଲାଇ ମେଶିନ ଆଦି ବଣ୍ଟନ କରାଯାଇଥିଲା। ଫରେଷ୍ଟର ସାଗରିକା ସେଠ, ଗାର୍ଡ଼ ପରିମିତା ମହାଲିଙ୍ଗ, ଇନ୍ଦ୍ରମଣି ବେହେରାଙ୍କ ସହ ଅନ୍ୟ କର୍ମଚାରୀମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସିନାପାଲିରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ସିନାପାଲି,୧୨।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ମନ୍ଦିରରେ ଆଗାମୀ ରଥଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ବୈଶମ୍ପାୟନ ମେହେରଙ୍କ ସଭାପତିତ୍ୱରେ ମହାପ୍ରଭୁଙ୍କ ସ୍ନାନଯାତ୍ରାଠାରୁ ଆରମ୍ଭ କରି ଅଣସର ନୀତି, ନେତ୍ରୋତ୍ସବ, ରଥଯାତ୍ରା, ହେରାପଞ୍ଚମୀ, ବାହୁଡ଼ାଯାତ୍ରା, ସୁନାବେଶ, ଅଧର ପଣା, ନିଳାଦ୍ରୀ ବିଜେ ପାଳନ ନିମନ୍ତେ ଆଲୋଚନା ହୋଇଥିଲା। କରୋନା ଯୋଗୁ ଗତ ଦୁଇବର୍ଷ ରଥଟଣା ବନ୍ଦ ରହିଥିବା ଯୋଗୁ ଏବର୍ଷ ପ୍ରବଳ ଜନସମାଗମର ଆଶା ଥିବାରୁ କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ନେଇ ଆଲୋଚନା କରାଯାଇଛି। କମିଟି ସମ୍ପାଦକ ତୁଳସୀରାମ ମେହେର ବିବରଣୀ ଉପସ୍ଥାପନା କରିଥିବା ବେଳେ ପରିଚାଳନା ନିମନ୍ତେ ସେବାୟତମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡମ୍ବରୁଧର ମେହେର, କ୍ଷୀରସିନ୍ଧୁ ମେହେର, ନାରାୟଣ ପାତ୍ର, ଦୁଷ୍ମନ୍ତର ମେହେର, ଗଲାମଣି ସା, ନରହରୀ ମେହେର, ଚିନ୍ତାମଣି ସାହୁ, ଲୋକନାଥ ମେହେର, ସୁବାଷ ଅଗ୍ରୱାଲ, ବୃଷଭ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ଚନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ।

# ଏକଦିବସୀୟ କ୍ରିକେଟ: ଉଡାର(କ) ଚାମ୍ପିୟନ


ଚାମ୍ପିୟନ ଉଡାର(କ) ଦଳକୁ ପୁରସ୍କୃତ କରାଯାଉଛି।

**ଦେଓଗାଁ,୧୨।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପ୍ରାଥମିକ ବିଦ୍ୟାଳୟ ନିକଟରେ ରବିବାର ୧୬ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଡାର(କ) ଓ ଉଡାର(ଖ)ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଉଡାର(କ) ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ନୀଳକଣ୍ଠ ସେଠ, ଶିବ ଛତ୍ରିଆ, ଠକେ ନନ୍ଦ ଓ ରୂପେଶ ସାହୁ ପରିଚାଳନା କରିଥିଲେ। ତନ୍ମୟ ନନ୍ଦ, ବରୁଣ ନନ୍ଦ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଶିବୁ ପଧାନ, ମ୍ୟାନ ଅଫ ଦ ସିରିଜ ଭାବେ ଆକାଶ କୁଦେଇଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଭାତ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଧାନଶିକ୍ଷକ ପ୍ରକାଶ ମହାନନ୍ଦ, ସମ୍ମାନୀତ ଅତିଥି ଶିକ୍ଷାବିତ୍ ପ୍ରଦୀପ କୁମାର ଛତ୍ରିଆ, ଆଶିଷ କୁମାର ବାରିକ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ ପ୍ରିତମ ଛତ୍ରିଆ, ଭାରତ ବହିଦାର, ବିକି ଛତ୍ରିଆ, ଦୟାନିଧି କୁମ୍ଭାର, ରଜନୀ ପଧାନ, ପ୍ରଦୀପ ବହିଦାର ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଶାସକଙ୍କ ଦମ୍ଭରେ ଯନ୍ତ୍ରୀଙ୍କ ମଉଜ

**ବଲାଙ୍ଗୀର ଅଫିସ,୧୨।୬**

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

- ୨୦ବର୍ଷ ହେଲା ଶେଷ ହେଉନାହିଁ ପ୍ରକଳ୍ପ କାମ
- ୨୧୭ କୋଟିର ପ୍ରକଳ୍ପ ୪ ହଜାର କୋଟିକୁ ଟପିଲାଣି
- ୧୭ ବର୍ଷରୁ ଉର୍ଦ୍ଧ୍ୱ କାଳ ବିନା କାମରେ ନେଇଛନ୍ତି ଦରମା
- ମାଟିବନ୍ଧରେ ନିମ୍ନମାନର ମାଟି ପକାଯାଉଥିବା ଅଭିଯୋଗ



ନିର୍ମାଣାଧୀନ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ବଲାଙ୍ଗୀର ଜିଲାର ଜୀବନରେଖା ବୋଲି କୁହାଯାଏ। ୨୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଥିଲେ ମଧ ପ୍ରକଳ୍ପ କାମ ସରିନାହିଁ। ବହୁ ପ୍ରତିରୋଧ ଏବଂ ବାଦ୍‌ବିବାଦ ପରେ ତୃତୀୟ ମହଲାର ନିରୀକ୍ଷଣ ଏବଂ ଉଚ୍ଚ ପ୍ରଶାସକଙ୍କ ତତ୍ତ୍ୱାବଧାନରେ କିଛିମାସ ହେଲା ଏହି ପ୍ରକଳ୍ପ କାମ ଗତିଶୀଳ ହୋଇଛି। ୨୦୨୩ ମାର୍ଚ୍ଚ ମାସ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଦିଗରେ ଏବେ ତରବରିଆ ଭାବେ ଡ୍ୟାମ ନିର୍ମାଣ କାମ ଓ ଆନୁସଙ୍ଗିକ କାମ ଚାଲିଛି। ମାଟିବନ୍ଧରେ ନିମ୍ନମାନର ମାଟି ପକାଯାଉଥିବା ଅଭିଯୋଗ ହେଉଛି। ଯେଉଁ ସ୍ଥାନରେ ମାଟି ଟେଷ୍ଟିଂ କରାଯାଇଛି ସେଠାରୁ ମାଟି ଉଠା ନ ଯାଇ ଅନ୍ୟ ସ୍ଥାନରୁ ଉଠାଯାଇ ବନ୍ଧରେ ପକାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ କାମକୁ ଶୀଘ୍ର ସାରିବା ଉଦ୍ଦେଶ୍ୟରେ ଯନ୍ତ୍ରୀମାନେ ଏଭଳି ଗୁରୁତର ତ୍ରୁଟି କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଲୋୟର ସୁକ୍‌ତେଲ ପ୍ରକଳ୍ପ ସ୍ପିଲୱେ କାମ ୯୦ପ୍ରତିଶତ ଏବଂ ମାଟିବନ୍ଧ କାମ ୭୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଉଛି। ୧୯୯୯ ମସିହାରେ ପ୍ରଶାସନିକ ମଞ୍ଜୁରୀ ମିଳିବା ସମୟରେ ପ୍ରକଳ୍ପ ବ୍ୟୟ ଅଟକଳ ଥିଲା ୨୧୭.୧୩ କୋଟି ଟଙ୍କା। ୨୦୦୧ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପ୍ରକଳ୍ପ ୨୦୦୫ ସୁଦ୍ଧା ଶେଷ ହେବା କଥା। ମାତ୍ର ବୁଡିଅଞ୍ଚଳ ଲୋକଙ୍କ ପ୍ରତିରୋଧ ଆନ୍ଦୋଳନ ଏବଂ ପ୍ରକଳ୍ପ ସାମାଜିକ ସର୍ଭେରେ ଅନିୟମିତତା ଦେଖାଯିବା ପରେ ଲୋକେ ଆନ୍ଦୋଳନକୁ ତୀବ୍ରତର କରିଥିଲେ। ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ ବାହାର ଲୋକଙ୍କ ପାଇଁ ବେଆଇନ ଭାବେ ଜମି କିଣାବିକା କରାଯିବାରୁ ପ୍ରକଳ୍ପ ବିବାଦ ଘେରକୁ ଆସିଥିଲା। ୨୦୦୪ ମସିହାରେ ପ୍ରକଳ୍ପ ପ୍ରଭାବିତ କିଛି ଗାଁର ଲୋକଙ୍କୁ କ୍ଷତିପୂରଣ ଓ ଥଇଥାନ ଟଙ୍କା ବଣ୍ଟନ ଆରମ୍ଭ କରାଯାଇଥିଲା। ମାତ୍ର ଅଳ୍ପଦିନ ପରେ ଏହି ପ୍ରକଳ୍ପରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ଘଟଣା ଲୋକଲୋଚନକୁ ଆସିଥିଲା। କେତେକ ଅଧିକାରୀ, ଯନ୍ତ୍ରୀ, ଜୋନ୍ ଅଫିସର ଏହି ଦୁର୍ନୀତିରେ ସାମିଲ ଥିବା ଜଣାପଡିଥିଲା। ଫଳରେ ୨୦୦୫ ମସିହାରେ ଶେଷ ହେବାକୁ ଥିବା ପ୍ରକଳ୍ପ ସରିଲାନାହିଁ। ଏହାପରେ ପ୍ରକଳ୍ପ ବିରୋଧୀ ଆନ୍ଦୋଳନ ତୀବ୍ର ହୋଇଥିଲା। ସୁକ୍‌ତେଲ ପ୍ରକଳ୍ପ ଅନିଶ୍ଚିତତାକୁ ଠେଲି ହେବା ଫଳରେ ବନ୍ଦ ହେବା ସ୍ଥିତି ଦେଖାଯାଇଥିଲା। ୨୦୧୨-୧୩ରେ ପ୍ରକଳ୍ପ ସପକ୍ଷବାଦୀଙ୍କ ଆନ୍ଦୋଳନ ଫଳରେ କାମ ଆଗେଇଥିଲା। ସପକ୍ଷବାଦୀଙ୍କୁ କେତେକ ଯନ୍ତ୍ରୀ ଓ ଅଧିକାରୀ ଠକୁଥିବା ଜଣାପଡିବା ପରେ ସେମାନଙ୍କ ବିରୋଧ ଯୋଗୁ କାମ ବନ୍ଦ ହୋଇଯାଇଥିଲା। ଯନ୍ତ୍ରୀଙ୍କ ଅବହେଳା ଯୋଗୁଁ ଲୋୟର ସୁକ୍‌ତେଲ ଥଇଥାନ କଲୋନୀ ନିର୍ମାଣ ହୋଇପାରିଲାନାହିଁ। ଜିଲାପାଳ ଚଞ୍ଚଳ ରାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲୋନୀ କାମ ଆରମ୍ଭ ହୋଇଛି। ଗତ ୨୦ବର୍ଷ ମଧ୍ୟରେ ସୁକ୍‌ତେଲ ପ୍ରକଳ୍ପର କେତେକ ଯନ୍ତ୍ରୀ ଓ ଷ୍ଟାଫ୍ ବିଶେଷ କିଛି କାମ ନକରି ଦରମା ନେଇ ମଉଜ କରିଛନ୍ତି। ପ୍ରକଳ୍ପ ବ୍ୟୟ ଅଟକଳ ୪ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହୋଇଗଲାଣି। ଏହି ବର୍ଦ୍ଧିତ ବ୍ୟୟ ଅଟକଳରେ ଯନ୍ତ୍ରୀ, ଅଧିକାରୀ ଓ ଷ୍ଟାଫ୍‌ଙ୍କ ଭୂମିକା ଜଳଜଳ ଦେଖାଯାଉଛି। ପ୍ରଶାସକଙ୍କ ଦମ୍ଭରେ କେହି ବିରୋଧ କରିବାକୁ ସାହସ କରୁ ନ ଥିଲେ ମଧ ପ୍ରକଳ୍ପ ପ୍ରଭାବିତଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତଙ୍କୁ ତାଙ୍କ ମୋବାଇଲ ନମ୍ବର ୮୭୬୩୬୮୪୪୭୭ରେ ଯୋଗାଯୋଗ କରାଯାଇଥିଲା। ତାଙ୍କ ମୋବାଇଲ ନିରୁତ୍ତର ରହିଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ରକ୍ତଦାନ ସଚେତନତା ଶୋଭାଯାତ୍ରା

**ବରଗଡ଼ ଅଫିସ୍:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ରବିବାର ରକ୍ତଦାନ ଉପରେ ସଚେତନତା ସୃଷ୍ଟି ପାଇଁ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାରେ ୨ଶହ ବାଇକ୍ ଏବଂ ସ୍ୱେଚ୍ଛାସେବୀ ସାମିଲ ହୋଇ ବରଗଡ଼ ସହର ପରିକ୍ରମା କରିଥିଲେ। ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ନିଷ୍ଠାର ୧୩ତମ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ରକ୍ତଦାନ ନେଇ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ଉପଦେଷ୍ଟା ତ୍ରିପାଠୀ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ପୁଇଁତଲା ବ୍ଲକ ଡ୍ରାଇଭର ସଂଘର ନୂତନ କର୍ମକର୍ତ୍ତା

**ଲୋଇସିଂହା,୧୨।୬(ଡ଼ି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ଼ ପମ୍ପଗୃହଠାରେ ଓଡିଶା ଡ୍ରାଇଭର ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ଅଚ୍ୟୁତ ସେଠ, ସଦର ବ୍ଲକ ସଭାପତି ଅର୍ଜୁନ ତାଣ୍ଡି, ଆଗଲପୁର ବ୍ଲକ ସମ୍ପାଦକ ମୋହନଲାଲ ଶିଖା ଯୋଗ ଦେଇଥିଲେ। ଅତିଥି ସଂଘର ଆଭିମୁଖ୍ୟ ଓ ନିୟମାବଳୀ ମାନିବାକୁ କହିଥିଲେ। ଗାଡି ଚାଳନା ବେଳେ ଡ୍ରେସ ପରିଧାନ, ମଦ ନ ପିଇ ଗାଡି ଚଳାଇବା ଏବଂ ସଂଘର ସମସ୍ତ ନୀତିନିୟମ ମାନିବା ପାଇଁ ବୈଠକରେ ଡ୍ରାଇଭରମାନେ ଶପଥ ନେଇଥିଲେ। ସଭାପରେ ପୁଇଁତଲା ବ୍ଲକ ସଭାପତିଭାବେ କୃପା ଷାଣ୍ଡ, ସମ୍ପାଦକ ବଳରାମ ଦାନୀ, ସହସମ୍ପାଦକଭାବେ ପ୍ରକାଶ ନାଏକ ମନୋନୀତ ହୋଇଛନ୍ତି। ବୈଠକରେ ଦୁର୍ଗାପାଲି, ପିପିଡା ଓ ଛତାମଖନା ସମେତ ବିଭିନ୍ନ ପଞ୍ଚାୟତର ଡ୍ରାଇଭରମାନେ ଉପସ୍ଥିତ ଥିଲେ।

### ବୋଲୋରୋ ଧକ୍କାରେ ବାଳକ ଗୁରୁତର

**ଡୁଙ୍ଗୁରିପାଲି,୧୨।୬(ଡ଼ି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲ ଛକରେ ରବିବାର ଏକ ବୋଲୋରୋ ଧକ୍କାରେ ଜଣେ ବାଳକ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ବାଳକ ହେଲେ ବରଗଡ ଜିଲା ରେଶମ ନିକଟସ୍ଥ ସିଙ୍ଗେନପାଲି ଗ୍ରାମର ଧ୍ରୁବରାଜ ସୁନାଙ୍କ ପୁଅ ରାଜା(୬)। ବହୁ ଦିନ ହେଲା ପଣ୍ଡକିଟାଲ ଛକରେ ଧ୍ରୁବରାଜ ଏକ ଟାୟାର ମରାମତି ଦୋକାନ କରି ରହି ଆସୁଛନ୍ତି। ସକାଳେ ରାଜା ରାସ୍ତା ଉପରେ ଛିଡା ହୋଇଥିବା ବେଳେ ଏକ ବୋଲୋରୋ ଦ୍ରୁତଗତିରେ ରାମପୁର ପଟରୁ ଆସି ତାଙ୍କୁ ଧକ୍କା ଦେଇ ଡୁଙ୍ଗୁରିପାଲି ଆଡ଼କୁ ଚାଲିଯାଇଥିଲା। ରାଜାଙ୍କୁ ତୁରନ୍ତ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବାମ ଗୋଡ଼ ଭାଙ୍ଗି ଯାଇଥିବାରୁ ରାଜାକୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଥିବା ବୋଲୋରୋ ଧାରା ପଡି ନାହିଁ।

### ରାଜବୋଡ଼ାସମ୍ବର ବ୍ଲକ ସରପଞ୍ଚ ସଂଘ ଗଠିତ

**ପଦ୍ମପୁର,୧୨।୬(ଡି.ଏନ.ଏ.):** ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକର ସମସ୍ତ ସରପଞ୍ଚଙ୍କୁ ନେଇ ରବିବାର ବରିହାପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏକ ସାଧାରଣ ସଭା ହୋଇଥିଲା। ସରପଞ୍ଚ ନିରଦ ରଞ୍ଜନ ସାହୁ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ସଭାରେ ଜମରତଲା ସରପଞ୍ଚ ବିଧୁଭୂଷଣ ଚାନ୍ଦ ଅଧକ୍ଷତା କରିଥିଲେ। ସଭାରେ ସର୍ବସମ୍ମତି କ୍ରମେ ସରପଞ୍ଚ ସଂଘ ଗଠନ କରାଯାଇଥିଲା। ଏଥିରେ କଂସର ସରପଞ୍ଚ ଆନନ୍ଦ ବେହେରା ସଭାପତି, ଦହିତା ସରପଞ୍ଚ ଦମୟନ୍ତୀ ପାଣ୍ଡେ ଉପ ସଭାପତି, ଭେଡଁରିଆ ସରପଞ୍ଚ ଚୈତନ୍ୟ ଲୋହାର ସମ୍ପାଦକ, ଜମଲା ସରପଞ୍ଚ ଐଶ୍ୱର୍ଯ୍ୟା ପାଣିଗ୍ରାହୀ କୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ। ସାମୂହିକ ସହଯୋଗରେ ପ୍ରତ୍ୟେକ ପଞ୍ଚାୟତର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ରାଜବୋଡ଼ାସମ୍ବର ବ୍ଲକର ୨୨ ପଞ୍ଚାୟତର ସରପଞ୍ଚ ଅଂଶଗ୍ରହଣ କରିଥିଲେ। ଶେଷରେ ମେଲଛାମୁଣ୍ଡା ସରପଞ୍ଚ ପ୍ରଯୁଷ ରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୈତିକ ପ୍ରେମ ସମ୍ପର୍କରୁ ହତ୍ୟା

**ନୂଆପଡ଼ା ଅଫିସ,୧୨।୬**



ପୋଲିସ ହେପାଜତରେ ୪ ଅଭିଯୁକ୍ତ ।

**ନରକଙ୍କାଳ ଠାବ ଘଟଣା**
■ମୃତକାଙ୍କ ଭାଇଙ୍କ ସମେତ ୪ ଗିରଫ

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟରୁ ଗତ ୭ ତାରିଖରେ କୋମନା ପୋଲିସ ନିଖୋଜ ଜଣେ ଯୁବତୀଙ୍କ ଏକ ନରକଙ୍କାଳ ଠାବ କରିଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭବାନୀଶଙ୍କର ପାଣିଗ୍ରାହୀ (୩୬), ଉମାଶଙ୍କର ପାଣିଗ୍ରାହୀ (୩୩), ନେତ୍ର ଶଗରିଆ (୨୬) ଓ ଶୁକଳ ଦାସ (୬୧)। ସେମାଙ୍କଠାରୁ ୩ଟି ମୋବାଇଲ, ପିକ୍‌ଅପ୍ ଭ୍ୟାନ (ନଂ.ଓଆର୧୩ଏଫ–୨୦୨୨), କାର୍ (ନଂ.ଓଡି୩୩ଏଡି–୩୧୧୩), ବାଇକ୍ (ସିଜି୦୬–୮୫୮୩) ଜବତ କରାଯାଇଛି। ଅନୈତିକ ପ୍ରେମ ସମ୍ପର୍କରୁ ଯୁବତୀଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିଲା ବୋଲି ରବିବାର ଖବରଦାତା ସମ୍ମିଳନୀରେ ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ପୋଲିସ କହିବା ମୁତାବକ ଆଗ୍ରେନ ଗ୍ରାମର ମା'ବାପା ଛେଉଣ୍ଡ ଶୁଶିଳା ଶଗରିଆ (୨୨) ଓ ଭାଇ ନେତ୍ରଙ୍କ ସହ କୋମନାର ଜଗନ୍ନାଥ ମନ୍ଦିରପଡାରେ ରହୁଥିଲେ। ସେହି ପଡାର ଭବାନୀଙ୍କ ଘରେ ଶୁଶିଳା କାମ କରୁଥିଲେ। କାମ କରିବା ମଧ୍ୟରେ ଭବାନୀଙ୍କ ଭାଇ ଉମାଶଙ୍କର (ବାପି) ତାଙ୍କ ସହିତ ଅନୈତିକ ପ୍ରେମ ସମ୍ପର୍କ ରହିଥିଲେ। ଦିନେ ଶୁଶିଳାଙ୍କ ପେଟ ଦରଦ ହେବାରୁ ଭାଇ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଶୁଶିଳା ୬ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ପରେ ଉମାଶଙ୍କର ଗର୍ଭପାତ କରିବା ପାଇଁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ବିଫଳ ହୋଇଥିଲେ। କେସିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୨୨ ଜାନୁୟାରୀ ୨୦ରେ ଶୁଶିଳା ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ନବଜାତ ଶିଶୁ କନ୍ୟାକୁ ଭବାନୀପାଟଣାର ଜଣେ ବ୍ୟକ୍ତିଙ୍କୁ ଦେଇ ଶୁଶିଳାଙ୍କୁ ସୁନାବେଡା ଶୁକଳଙ୍କ ଘରେ ନେଇ କିଛି ଦିନ ରଖିଥିଲେ। ପରେ ଏହି ୪ଜଣ ଯୋଜନା ଭାବେ ତଣ୍ଟି ଚିପି ହତ୍ୟା କରି ଏକ ପିକଅପ୍ ଭ୍ୟାନରେ ଆଣି ସୁନାବେଡା ଅଭୟାରଣ୍ୟ ସୋସେଙ୍ଗ ପଞ୍ଚାୟତ ରୁପିଆମ ଧଂସରେ ଫିଙ୍ଗି ଦେଇଥିଲେ। ପରେ ଭାଇ ନେତ୍ର ଭଉଣୀ ନିଖୋଜ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୌଣସି ଆଖିଦୃଶିଆ ତଦନ୍ତ ନ କରିବାରୁ ଜଗନ୍ନାଥ ମନ୍ଦିରପଡାର ଅଭିର୍ଣ୍ଣ ପୁରୋହିତଙ୍କ ନେତୃତ୍ୱରେ ପଡ଼ାବାସୀ ଏସ୍‌ପିଙ୍କୁ ଭେଟି ଏହାର ତଦନ୍ତ କରିବାକୁ ଦାବି କରିଥିଲେ। ଏହା ମଧ୍ୟରେ ଗତ ୭ ତାରିଖରେ ରୁପିଆମ ଧଂସରେ ଏକ ନରକଙ୍କାଳ ପଡ଼ିଥିବା ସ୍ଥାନୀୟ ଜଣେ ବ୍ୟକ୍ତି ଦେଖି କୋମନା ପୋଲିସକୁ ଖବର ଦେଇଥିଲେ। କୋମନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ଯାଇ ନରକଙ୍କାଳ, ଚୂଡି, ଶାଢୀ, ଲମ୍ବାଚୂଟି ଜବତ କରି ଆଣିଥିଲା। ଏସଡିପିଓ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ତଦନ୍ତ ଜାରି ରଖିଥିଲା। ଜଗନ୍ନାଥ ମନ୍ଦିରପଡାବାସୀ ଜବତ ଚୂଡି, ଶାଢୀ ଶୁଶିଳାଙ୍କ ବୋଲି ଦାବି କରିଥିଲେ। ଭବାନୀ, ଉମାଶଙ୍କର ଏବଂ ନେତ୍ରଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚରା ପରେ ସେମାନେ ଶୁଶିଳାଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ ଏବଂ ଶୁଶିଳାଙ୍କ ଶିଶୁ କନ୍ୟାକୁ ଉଦ୍ଧାର କରାଯିବ ବୋଲି ଏସଡିପିଓ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ କୋମନା ଆଇଆଇସି ଜ୍ୟୋତି ରଞ୍ଜନ ଗୌଡ ଓ ସବ ଇନିସପେକ୍ଟର ମଞ୍ଜୁଲତା ଖାଡାଙ୍ଗା ଉପସ୍ଥିତ ଥିଲେ।

# ସ୍ୱାମୀଙ୍କ ମୃତ୍ୟୁର ୩ ବର୍ଷ ପରେ ବି ମିଳିନି ଭତ୍ତା



ଦୁଇ ପିଲାଙ୍କ ସହ ଜାମଦେଇ ।

**ଲାଞ୍ଜିଗଡ,୧୨।୬(ଡି.ଏନ.ଏ)**

**୨ ଶିଶୁଙ୍କୁ ନେଇ ଦୁଃଖରେ ବିତୁଛି ଦିନ**

ସ୍ୱାମୀ ଆରପାରିକୁ ଯିବାର ୩ ବର୍ଷ ବିତିଗଲାଣି । କିନ୍ତୁ ଏଯାଏ ବିଧବା ଭତ୍ତା କିମ୍ବା ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ସହାୟତା ମିଳି ପାରିପାରିନାହିଁ । ଫଳରେ ଦାରିଦ୍ର୍ୟର କଷାଘାତରେ ୨ ଶିଶୁଙ୍କୁ ନେଇ ଦୟନୀୟ ଭାବେ ଦିନ କାଟୁଛନ୍ତି ଜାମଦେଇ ମାଝୀ । ଜାମଦେଇ ହେଉଛନ୍ତି ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ଆମଠାପଦର ଗାଁର ସ୍ୱର୍ଗତ ପୂର୍ଣ୍ଣ ମାଝୀଙ୍କ ସ୍ତ୍ରୀ । ୩୫ ବର୍ଷ ବୟସରେ ସ୍ୱାମୀଙ୍କୁ ହରାଇ ଥିବା ବେଳେ ୨ ଶିଶୁଙ୍କ ଲାଳନପାଳନ ଭାର ତାଙ୍କ ଉପରେ। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେମାନଙ୍କୁ ଦୁଇ ଓଳା ପେଟପୁରା ଖାଇବାକୁ ଦେବା ମଧ୍ୟ ସମ୍ଭବ ହେଉନାହିଁ। ନିଜ କଥା ପଚାରେ କିଏ। ଦିନ ମଜୁରିଆ ସ୍ୱାମୀଙ୍କ ସଞ୍ଚିତ ଅର୍ଥ କିଛି ନ ଥିଲା। ଦୁର୍ଦ୍ଦିନ ସମୟରେ ସାହା ହେବାକୁ ମଧ୍ୟ କେହି ନାହିଁ। ଝାଟିମାଟି ଘରେ ୨ ପିଲାଙ୍କୁ ନେଇ ବହୁ କଷ୍ଟରେ ଦିନ କାଟୁଛନ୍ତି ଜାମଦେଇ । ଝିଅ ଚନ୍ଦ୍ରିକାକୁ ୬ ବର୍ଷ ହୋଇଥିବା ବେଳେ ପୁଅ ସୁଶାନ୍ତ ୪ ବର୍ଷର। ପର ଘରେ କାମ କରି କିଛି ରୋଜଗାର କରିବା ପାଇଁ ଇଚ୍ଛା ଥିଲେ ମଧ୍ୟ ଗାଁରେ କୌଣସି ଲୋକ ଡାକୁ ନାହାନ୍ତି କି ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି କାମ ମିଳୁ ନ ଥିବା ସେ ପ୍ରକାଶ କରିଛନ୍ତି। ବିଧବା ଭତ୍ତା ପାଇବା ପାଇଁ ନିଜ ୨ ପିଲାଙ୍କୁ ଛାଡି ପଞ୍ଚାୟତକୁ ବହୁବାର ଦୌଡିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି। ନିୟମଗିରି ପାହାଡର ପାଦଦେଶରେ ଥିବା ଦୁର୍ଗମ ଅଞ୍ଚଳ ଆମଠାପଦର ଠାରୁ ବ୍ଲକ ମହକୁମା ୩୦ କିମି ଦୂର । ଏତେ ଦୂର ଯାଇ ବ୍ଲକ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ପାରୁ ନ ଥିବାରୁ ଅଧିକାଂଶ ଦିନ ଭୋକ ଉପାସରେ ଜାମଦେଇ ଦୁଇ ଶିଶୁଙ୍କୁ ଧରି ଭାଗ୍ୟକୁ ଆଦରି ଭଙ୍ଗା କୁଡିଆରେ ପଡି ରହିଛନ୍ତି। ଯଥାଶୀଘ୍ର ତାଙ୍କୁ ବିଧବା ଭତ୍ତା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଦର୍ଶ କଲୋନୀ, ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପରିଦର୍ଶନ



କେନ୍ଦ୍ରମନ୍ତ୍ରୀ କଳାହାଣ୍ଡି ଗସ୍ତ ସମୟରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ଭବାନୀପାଟଣା/କେସିଙ୍ଗା, ୧୨।୬(ସ୍ୱ.ପ୍ର./ଡି.ଏନ.ଏ.)**

**କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ୨ ଦିନିଆ କଳାହାଣ୍ଡି ଗସ୍ତ**

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ରବିବାର ୨ ଦିନିଆ କଳାହାଣ୍ଡି ଜିଲା ଗସ୍ତରେ ଆସିଛନ୍ତି। ପୂର୍ବାହ୍ନ ସାଢ଼େ ୧୧ଟାରେ ଉତ୍କେଲା ଏୟାର ଷ୍ଟ୍ରିପଠାରେ ଅବତରଣ କରିଥିଲେ। ରାଷ୍ଟ୍ର ଅତିଥି ଭାବେ କେନ୍ଦ୍ରମନ୍ତ୍ରୀଙ୍କୁ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଓ ପ୍ରଶାସନ ପକ୍ଷରୁ ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସୋମେଶ କୁମାର ଉପାଧ୍ୟାୟ ସ୍ୱାଗତ କରିଥିଲେ। ଆକାଂକ୍ଷି ଜିଲାର ରୂପାନ୍ତରଣ ଯୋଜନାର ଅଂଶବିଶେଷ କଳାହାଣ୍ଡି ଜିଲାରେ କେନ୍ଦ୍ରୀୟ ଯୋଜନାର ଠିକ ରୂପାୟନ ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଅନୁଧ୍ୟାନ ପାଇଁ କେନ୍ଦ୍ରମନ୍ତ୍ରୀ ମୁଣ୍ଡା ଜିଲା ଆସିଥିବା ଜଣାପଡ଼ିଛି। ପ୍ରଥମେ କେନ୍ଦ୍ରମନ୍ତ୍ରୀ କେସିଙ୍ଗା ଏନ୍‌ଏସି ଅନ୍ତର୍ଗତ ବୋରିଂପଦରସ୍ଥିତ ପୁନର୍ବାସ କଲୋନୀ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪୪ଟି ହିତାଧିକାରୀ ପରିବାରବର୍ଗଙ୍କୁ ଭେଟି ସୁବିଧା ଅସୁବିଧା ଉପରେ ପଚାରି ବୁଝିଥିଲେ। କଲୋନୀରେ ପ୍ରଶାସନ ପକ୍ଷରୁ କରାଯାଇଥିବା ରାସ୍ତା, ଲାଇଟ, ଡ୍ରେନ ଓ ପାରିପାର୍ଶ୍ୱିକ ଅବସ୍ଥିତି ଦେଖି ଖୁସି ପ୍ରକଟ କରିଥିଲେ। ଏହାପରେ କେସିଙ୍ଗା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ସ୍କୁଲର ସ୍ମାର୍ଟ କ୍ଲାସରୁମ, ଲାଇବ୍ରେରି, ଶୌଚାଳୟ ପରିଦର୍ଶନ କରି ଶିକ୍ଷକମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। କେସିଙ୍ଗା ସିଏଚ୍‌ସି ଡାକ୍ତରଖାନା ପରିଦର୍ଶନ କରି କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ତଥ୍ୟ ପଚାରିଥିଲେ। ଅପରାହ୍ନରେ ସୁକୁନାଭଟସ୍ଥିତ ଏମ୍‌ଜିଏନ୍‌ଆରଇଜିଏସ୍ ଅନ୍ତର୍ଭୁକ୍ତ ଗ୍ରାମ୍ୟ ପାର୍କ ପରିଦର୍ଶନ କରି ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାଙ୍କୁ ଭେଟିଥିଲେ। ପରେ ଭଙ୍ଗାବାରିସ୍ଥିତ ନିର୍ମାଣାଧୀନ ସରକାରୀ ମେଡିକାଲ କଲେଜର ଅଗ୍ରଗତି ଦେଖିଥିଲେ। ୫–ଟି ହାଇସ୍କଲ ରୂପାନ୍ତରଣ ଅନ୍ତର୍ଭୁକ୍ତ ମାଣିକେଶରୀ ହାଇସ୍କୁଲ ପରିଦର୍ଶନ ସହ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ପଲିଟେକନିକ କେନ୍ଦ୍ରର ତାଲିମ ନେଉଥିବା ଶିକ୍ଷାର୍ଥୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସୋମବାର ଜିଲାର ଜୁନାଗଡ଼ ସହ ବିଭିନ୍ନ କ୍ଷେତ୍ର ପରିଦର୍ଶନ ସହ ଜିଲାସ୍ତରୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଧର୍ମଗଡ଼ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ଅଜିତ ବାବୁ, ସିଡିଏମଓ ଡ. କସ୍ତୁରୀ ମିଶ୍ର, ଶ୍ରୀକାନ୍ତ ଦଳେଇ, ଡିଇଓ ସୁଶାନ୍ତ ଚୋପଦାର, ଡିଆଇପିଆର୍ ମନୋଜ ବେହେରା, କିରଣ ବେହେରା, ଜିଲା କର୍ମ ନିୟୋଜନ ଅଧିକାରୀ ଅଜିତ ଉତ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ହରିପାଲି–ମହୁଲପାଲି ୩କି.ମି. ରାସ୍ତା ଶୋଚନୀୟ

**ବିନିକା,୧୨।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ହୁଡୁମା ନିକଟ ଜୀରାନଦୀ ଉପରେ ନିର୍ମିତ ହୋଇଛି ବିଜୁ ସେତୁ। ଏହି ସେତୁ ନିର୍ମାଣ ପରେ ବିନିକା ଓ ଭେଡେନ ବ୍ଲକର ୧୪ଖଣ୍ଡ ଗାଁର ୩୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ବୁଦିନର ଦାବି ପୂରଣ ହୋଇଛି। ହେଲେଏବେ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ହରିପାଲି ମହୁଲପାଲି–୩କି.ମି. ବିଶିଷ୍ଟ ରାସ୍ତା । ଏହି ମାଟି ରାସ୍ତାକୁ ଅଦ୍ୟାବଧି କଙ୍କିଟିକରଣ ନ ହେବାରୁ ସମ୍ପୃକ୍ତ ପଥରେ ଯାତାୟାତରେ ସମସ୍ୟା ଦେଖାଦେଇଛି। ବିପର୍ଯ୍ୟସ୍ତ ରାସ୍ତାଯୋଗୁ ହରିପାଲି–ମହୁଲପାଲି ରାସ୍ତାରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଆବଡାଖାବଡା ରାସ୍ତାରେ ଯେଉଁମାନେ ଯାଉଛନ୍ତି ସେମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଏହି ରାସ୍ତାର ଉନ୍ନତୀକରଣ କରାଯାଉନାହିଁ। ଚିଳିତ ଗ୍ରୀଷ୍ମରେ ରାସ୍ତାକାମ ନ ହେବାରୁ ବର୍ଷାଋତୁରେ ଅବସ୍ଥା ସଙ୍ଗୀନ ହେବ ନିଶ୍ଚିତ ହୋଇଛି। ଏଥିସହିତ ହୁଡୁମା ସେତୁ ସଂଲଗ୍ନ ଆପ୍ରୋଚ ରାସ୍ତାର ଉଭୟପାର୍ଶ୍ୱ ଗାର୍ଡୱାଲରୁ ନିର୍ମାଣର କେତେଟା ଦିନ ଭିତରେ ପଥରମାନ ତଳକୁ ଖସିବାରେ ଲାଗିଛି। ବର୍ଷାହେଲେ ଗାର୍ଡୱାଲ ଧସି ପଡିବା ଆଶଙ୍କା ପ୍ରକାଶ ପାଇଛି। ଏଣୁ ଅବିଳମ୍ବେ ହରିପାଲି ମହୁଲପାଲି–୩କି.ମି. ରାସ୍ତାର ଉନ୍ନତୀକରଣ ସହ ଗାର୍ଡୱାଲ ମରାମତି କରିବାକୁ ରଞ୍ଜନ କୁମାର ସାହୁ, ପୀତବାସ ବାଘ, ହେମରତନ ବାଘ, ଓକିଲ ବାଘ, ଅଶୋକ ମାହାର, ଦେବରାଜ ଗର୍ଡତିଆ, ପ୍ରମୁଖ ଦାବି କରିଛନ୍ତି।

## ବିରଞ୍ଚି ଆମପାଣି ପ୍ରାଥମିକ କୃଷି ସମବାୟ ସମିତି ସଭାପତି



ସଭାପତିଙ୍କ ସହ ନିର୍ବାଚିତ ସଭ୍ୟମାନେ।

**କୋକସରା,୧୨।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପ୍ରାଥମିକ କୃଷି ସମବାୟ ସମିତି ସଭାପତି ପଦ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବିରଞ୍ଚି ନାରାୟଣ ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୋପିଚନ ନାଏକ, ତିଲୋମା ନାଏକ, ପ୍ରଦୀପ କୁମାର ସାହୁ, ହରିଶ୍ଚନ୍ଦ୍ର ନାଏକ, ମନୋଜ କୁମାର ଦାସ, ପ୍ରସନ୍ନ କୁମାର ବାରିକ, ପଞ୍ଚାନନ ବେଶ୍ରା, ଯମୁନା ମାଝି, ସେନୁ ଅଗ୍ରୱାଲ, ଭିକାରୀ ଚରଣ ମାଝି, ନିତ୍ୟାନନ୍ଦ ମାଝି, ଫକିର ପୂଝାରୀ, ଏକାମ୍ବର ନାଏକ ଓ ଟିକିଚନ୍ଦ୍ର ଧ. ମାଝି ସଭ୍ୟ ଭାବେ ମନୋନିତ ହୋଇଛନ୍ତି। ଚାଷୀମାନଙ୍କ ଧାନ କ୍ରୟ, ଟୋକନ ପ୍ରକ୍ରିୟା ଏବଂ ଚାଷୀଙ୍କ ବିଭିନ୍ନ ସମସ୍ୟାରେ ସ୍ୱଚ୍ଛତା ଆଣିବା ପାଇଁ କାମ କରିବି ବୋଲି ସଭାପତି ପଣ୍ଡା କହିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଡୁଡୁକାଠେଙ୍ଗା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସହଦେବ ଭଏଁସାଲ ରହିଥିଲେ। ଆମପାଣି ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ବିକାଶ ରନ ପଣ୍ଡା, ଡିଇଓ ହେମନ୍ତ ହଂସଙ୍କ ସମେତ ସମବାୟ ସମିତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଭାଜପା ପକ୍ଷରୁ ମୋଟରସାଇକେଲ ରାଲି

**ନୂଆପଡ଼ା ଅଫିସ,୧୨।୬**

କେନ୍ଦ୍ର ସରକାରଙ୍କ ଦ୍ୱତୀୟ ପାଳିର ତୃତୀୟ ବର୍ଷ ତଥା ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱର ୮ମ ବର୍ଷ ପୂର୍ତ୍ତି ଉପଲକ୍ଷେ ରବିବାର ନୂଆପଡା ଭାଜପା ଯୁବ ମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଏକ ମୋଟରସାଇକେଲ ରାଲି ଆୟୋଜନ କରାଯାଇଛି। କୋମନା ମିଶ୍ର ପେଟ୍ରୋଲ ପମ୍ପଠାରୁ ବାହାରି ଖରିଆର ରୋଡ ପର୍ଯ୍ୟନ୍ତ ଯାଇଥିଲା। ଖରିଆର ରୋଡ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଆୟୋଜନ କରି ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ଉପରେ ଆଲୋପାତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପ୍ରସନ୍ନ କୁମାର ପାଢୀ, ହୋମସିଂ ମାଝି, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ବରିଷ୍ଠ କିଷାନ ନେତା ଯଦୁମଣୀ ପାଣିଗ୍ରାହୀ, ରାଜ୍ୟ ଏସସି ମୋର୍ଚ୍ଚା ଉପସଭାପତି ମନିଜର ଆର୍ଯ୍ୟ, ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ଶତ୍ରୁଘନ ସ୍ୱାଇଁ, ପକୁ ଦୁରିଆ, ଦିପକ ପଣ୍ଡା, ଗୋପବନ୍ଧୁ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପାର ମୋଟରସାଇକେଲ ରାଲି।

# ବୈଷୟିକ ଶିକ୍ଷା କ୍ଷେତ୍ରରେ ଜୁନାଗଡ଼କୁ ସରକାରଙ୍କ ଅଣଦେଖା

**ଜୁନାଗଡ଼,୧୨।୬(ଡି.ଏନ.ଏ.)**



ବନ୍ଦ ହୋଇଥିବା ପୁରୁଣା ଟିସିପିସି।

■ଟିସିପିସି ପରେ ପ୍ରସ୍ତାବିତ ଆଇଟିଆଇକୁ ସ୍ଥାନାନ୍ତର
■ରାଜରାସ୍ତାକୁ ଓହ୍ଲାଇବାକୁ ଜୁନାଗଡ଼ବାସୀ ସଜବାଜ

ରାଜ୍ୟ ସରକାର ବୈଷୟିକ ଶିକ୍ଷା କ୍ଷେତ୍ରରେ ଜୁନାଗଡ଼କୁ ଅଣଦେଖା କରୁଛନ୍ତି। କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ତଥା ଜୁନାଗଡ଼କୁ ସାବତ ମାର ପୁଅ ଭଳି ବ୍ୟବହାର କରୁଛନ୍ତି। ପ୍ରଥମେ ଟିସିପିସି ଏବେ ଜୁନାଗଡ଼ରେ ହେବାକୁ ଥିବା ଆଇଟିଆଇକୁ ମଧ୍ୟ ନେଇଗଲେ। ଏହାକୁ ନେଇ ଜୁନାଗଡ଼ବାସୀଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧୁଛି। ଆସନ୍ତା ୭ ଦିନ ମଧ୍ୟରେ ଏହା ଉପରେ କୌଣସି ପଦକ୍ଷେପ ଆନ୍ଦୋଳନ ହେବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ସୂଚନାରୁ ପ୍ରକାଶ ଯେ, ଜିଲାର ପୁରାତନ ରାଜଧାନୀ ତଥା ଐତିହାସିକ ନଗରୀ ଜୁନାଗଡ଼ ସହରରେ ୧୯୫୦ରେ ବେକାର ଯୁବକଯୁବତୀମାନଙ୍କ ପାଇଁ ଟିସିପିସି (ଟ୍ରେନିଂ କମ ପ୍ରଡ଼କସନ ସେଣ୍ଟର) ଆରମ୍ଭ ହୋଇଥିଲା। ୧୯୫୩ରେ ଏହା ବିଧିବଦ୍ଧ ଭାବେ ଆରମ୍ଭ କରାଯାଇ ଶିକ୍ଷାଦାନ କରାଯାଇଥିଲା। ଟିସିପିସିରେ ବଢେଇ, ଆଇସଇଞ୍ଜିନ, ଟାଇଲ ମେକିଂ, ସିଲେଇ ଟ୍ରେନିଂ ଖୋଲାଯାଇଥିଲା। ଏଠାରେ ପ୍ରତି ଟ୍ରେଡ଼ରେ ୧୦ଜଣ ହିସାବରେ ୫୦ଜଣ ଯୁବକଯୁବତୀ ଏକା ସାଙ୍ଗରେ ତାଲିମ ନେଉଥିଲେ। ଏହି ଯୁବକ ଯୁବତୀମାନଙ୍କୁ ତାଲିମ ଦେବା ପାଇଁ ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଥିଲେ। ୧୯୬୧ରେ ଭବାନୀପାଟଣା ସହରରେ ସରକାରୀ ଆଇଟିଆଇ ଖୋଲିଲା ପରେ ଜୁନାଗଡ଼ର ଏହି ଟିସିପିସିକୁ ଅଣଦେଖା କରାଗଲା। ଧୀରେ ଧୀରେ ଟିସିପିସିରେ ତାଲା ଝୁଲିବା ଆରମ୍ଭ ହେଲା। ୧୯୮୯–୯୦ରେ ମଙ୍ଗଳ ବିଭାଗ ପକ୍ଷରୁ ଟିସିପିସିରେ ତାଲିମ ଦେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପଦକୁ ହଟାଇ ଦିଆଯାଇଥିଲା। ଟିସିପିସିରେ ଲାଗିଥିବା ମେଶିନ ହୀରାକୁଦ ଆଇଟିଆଇ ଏବଂ ଭବାନୀପାଟଣା ଆଇଟିଆଇକୁ ନିଆଗଲା। ଟିସିପିସିର ୨ ଏକର ଜାଗା ଖତ ଖାଉଛି। ଟିସିପିସିର ପୁରୁଣା କୋଠାରେ କିଛିବର୍ଷ ପାଇଁ ସରକାରୀ ଟ୍ରେଜେରୀ ଅଫିସ ଚାଲୁଥିଲା। ଏହି ଟ୍ରେଜେରି ଅଫିସ ତହସିଲଦାର କାର୍ଯ୍ୟାଳୟ ପାଖକୁ ସ୍ଥାନାନ୍ତରିତ ପରେ ସେହି ପୁରୁଣା କୋଠାରେ ଜୁନାଗଡ଼ ଉଦ୍ୟାନ ବିଭାଗ ସରକାରୀ କାର୍ଯ୍ୟାଳୟ କରାଯାଇଥିଲା। ବର୍ତ୍ତମାନ ଉଦ୍ୟାନ ବିଭାଗ ନିଜସ୍ୱ କୋଠାକୁ ଯିବା ପରେ ଏବେ ମୁକୁଳା ପଡିଛି ଟିସିପିସି। ବର୍ତ୍ତମାନ ଟିସିପିସି ଦିନରେ ମଦୁଆ ଓ ରାତିରେ ରାଣୀ ମହୁମାଛିଙ୍କ ଆଡ୍ଡାସ୍ଥଳି ପାଲଟିଛି। ଟିସିପିସିର ପୁନରୁଦ୍ଧାର ପାଇଁ ୨୦୧୮–୧୯ରେ ନିକଟସ୍ଥ ଇନ୍ଦ୍ରାବତୀ କଲୋନୀଠାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ୨ଟି କୋଠାକୁ ମରାମତି କରାଯାଇଥିଲା। ହେଲେ ଠିକାଦାର ପୋଷା ନୀତି ଯୋଗୁ ସରକାରଙ୍କ ଏହି ଟଙ୍କା ବାଟମାରଣା ହୋଇଛି। ବର୍ତ୍ତମାନ ମରାମତି ହୋଇଥିବା ୨ କୋଠା ଏବେ ଭଗ୍ନ ଅବସ୍ଥାରେ ପଡି ରହିଛି। ରାଜ୍ୟ ସରକାରଙ୍କ ଏସଡିଟିଇ ବିଭାଗ ପକ୍ଷରୁ ଗତ ମେ ୩୧ରେ ଜୁନାଗଡ଼ଠାରେ ଥିବା ମଡେଲ ଡିଗ୍ରୀ କଲେଜ ପରିସରରେ ପୂର୍ବ ପ୍ରସ୍ତାବିତ ସରକାରୀ ଆଇଟିଆଇ ସ୍ଥାପନ କରାଯିବା ପାଇଁ ସରକାରୀସ୍ତରରେ ଅନୁମୋଦିତ କରାଗଲା। ସେହିଭଳି ୨୦୨୩ ଅଗଷ୍ଟ ସୁଦ୍ଧା ଜୁନାଗଡ଼ ଆଇଟିଆଇରେ ୪ଟି ବିଭାଗର ଶିକ୍ଷାଦାନ କରାଯିବା ପାଇଁ ଆବଶ୍ୟକ ପଦବୀ ବ୍ୟବସ୍ଥା ମଧ୍ୟ କରାଯାଇଥିବା ନେଇ ସରକାରୀ ସୂତ୍ରରୁ ଜଣାପଡିଥିଲା। ହେଲେ ହଠାତ ଦୁଇଦିନ ପରେ ରାଜ୍ୟ ସରକାରଙ୍କ ଏସଡିଟିଇ ବିଭାଗ ପକ୍ଷରୁ ଜୁନ ୨ ତାରିଖରେ ଜୁନାଗଡ଼ରେ ଆଇଟିଆଇ ସ୍ଥାପନକୁ ପୁନର୍ବିଚାର କରାଯିବା ପାଇଁ କଳାହାଣ୍ଡି ଜିଲାପାଳଙ୍କୁ ବିଭାଗ ପକ୍ଷରୁ ଚିଠି କରିଥିବା ଜଣାପଡିଛି। ଗତ କିଛିଦିନ ତଳେ ଜୁନାଗଡ଼ବାସୀ ଆଟିଆଇ ପାଇଁ କଳାହାଣ୍ଡି ଅତିରିକ୍ତ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ବର୍ତ୍ତମାନ ଜୁନାଗଡ଼ବାସୀ ତେଜିଲା ପରେ ସରକାର ଆଗକୁ କି ପଦକ୍ଷେପ ନେଇଛନ୍ତି ତାହା ଦେଖିବାକୁ ବାକି ରହିଲା।

## ରକ୍ତଦାନ ସଚେତନତା ଶୋଭାଯାତ୍ରା

**ବରଗଡ଼ ଅଫିସ୍:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ରବିବାର ରକ୍ତଦାନ ଉପରେ ସଚେତନତା ସୃଷ୍ଟି ପାଇଁ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାରେ ୨ଶହ ବାଇକ୍ ଏବଂ ସ୍ୱେଚ୍ଛାସେବୀ ସାମିଲ ହୋଇ ବରଗଡ଼ ସହର ପରିକ୍ରମା କରିଥିଲେ। ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ନିଷ୍ଠାର ୧୩ତମ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ରକ୍ତଦାନ ନେଇ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ଉପଦେଷ୍ଟା ତ୍ରିପାଠୀ ସୂଚନା ଦେଇଛନ୍ତି ।

# କଫ୍ ସିରପ୍ ବୋଝେଇ ବୋଲେରୋ ଜବତ, ୬ ଗିରଫ

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ଜିଲା ବରପାଲି ଥାନା ପୋଲିସ କଫ ସିରପ୍, ନିଶା ବଟିକା କାରବାର ଠାବ କରିଛି। ଶନିବାର ଚକ୍‌ମା ଦେଇ ଫେରାର୍ ମାରୁଥିବା କଫ୍ ସିରପ୍ ବୋଝେଇ ବୋଲେରୋ ଏକ (ନଂ.ଓଡ଼ି୦୩କେ/୫୮୫୩)କୁ ପୋଲିସ ଜବତ କରିଛି। ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲା ଲରମ୍ବା ଥାନା ଲୁହାସିଂଘା ଗ୍ରାମର ନିବାସ ପୁଟେଲ(୨୩), ସୁନିଲ ପଟେଲ(୨୫), ବରଗଡ଼ ଜିଲା ଜଗଦଲପୁର ଥାନା କୁଲାଣ୍ଟି ଗ୍ରାମର ପ୍ରଶାନ୍ତ ବାରିକ(୨୫), ପଦ୍ମପୁର ଶକ୍ତି ନଗର ନିବାସୀ ଭିକି ଓରଫ ଗୁଣନିଧି ସାହୁ(୩୫), ଦେଉଳି ଗ୍ରାମର ବିଟୁ କରେଇ(୩୦) ଏବଂ ପଦ୍ମପୁର ୱାର୍ଡ଼ ନଂ-୨ ନେହେରୁ ଗଳିର ରାକେଶ ନାଏକ(୪୫)। ସେମାନଙ୍କ ପାଖରୁ ୧୪୪୦ ବୋତଲ କଫ ସିରପ୍, ୧୮ହଜାର ନିଶା ବଟିକା, ନଗଦ ୧୬୩୦ ଟଙ୍କା ଏବଂ ଏକ ବୋଲେରୋ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ବରପାଲି ଥାନାରେ ଏକ ମାମଲା (ନଂ.୧୮୫।୨୨) ରୁଜୁ ହୋଇଛି।

ରବିବାର ସନ୍ଧ୍ୟାରେ ବରଗଡ଼ ଏସ୍‌ଡ଼ିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ଦୀପକ କୁମାର ଗୋଛାୟତ କହିଥିଲେ, ଉକ୍ତ ବୋଲେରୋରେ କଫ ସିରପ୍ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଏସ୍‌ପି ସ୍ମିତ ପି. ପରମାରଙ୍କୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡ଼ିପିଓ ଗୋଛାୟତଙ୍କ ତତ୍ତ୍ୱାବଧାନ ଏବଂ ବରପାଲି ଥାନା ଆଇଆଇସି ସବିତାଲତା ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ବରଗଡ଼ ଜିଲା ସୀମାବର୍ତ୍ତୀ ସୋନପୁର ଜିଲା ଚିନାଜୁରୀକୁ ଯାଇ ସେଠାରେ ନାକାବନ୍ଦୀ କରିଥିଲେ। ଉକ୍ତ ବୋଲେରୋଟି ସେଠାରେ ଅଟକି ନ ଥିଲା ଏବଂ ପୋଲିସ ବ୍ୟାରିକେଡ୍‌କୁ ଧକ୍କା ଦେଇ ପୁଣି ବରଗଡ଼ ପଟକୁ ଦ୍ରୁତଗତିରେ ଫେରିବାକୁ ଉଦ୍ୟମ କରିଥିଲା। ମାତ୍ର ପୋଲିସ ଟିମ୍ ପିଛା କରି ଚାରବଙ୍ଗଳା ଛକରେ ସମ୍ପୃକ୍ତ ବୋଲେରୋକୁ ଧରିବାରେ ସକ୍ଷମ ହୋଇଥିଲା। ସେଠାରେ ଅଭିଯୁକ୍ତ ନିବାସ, ପ୍ରଶାନ୍ତ, ସୁନିଲ ଏବଂ ଭିକିଙ୍କୁ ପୋଲିସ ଧରିଥିଲା। ସେମାନଙ୍କୁ ଜେରା ପରେ ଅନ୍ୟ ୨ ଅଭିଯୁକ୍ତ ବିଟୁ ଏବଂ ରାକେଶଙ୍କୁ ଗିରଫ କରାଯାଇଥିଲା ବୋଲି ଏସ୍‌ଡ଼ିପିଓ ଗୋଛାୟତ କହିଥିଲେ। ଖବରଦାତା ସମ୍ମିଳନୀରେ ବରପାଲି ଥାନା ଆଇଆଇସି ସବିତାଲତା ସେଠୀ ଉପସ୍ଥିତ ଥିଲେ।


ଜବତ କଫ ସିରପ୍, ନିଶା ବଟିକା ସହିତ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

### ଚକମା ଦେଇ ଫେରାର ବେଳେ ଧରିଲା ପୋଲିସ

## ସଂକ୍ଷେପରେ

### ବୋଲେରୋ ଧକ୍କାରେ ବାଳକ ଗୁରୁତର

**ଡୁଙ୍ଗୁରିପାଲି,୧୨।୬(ଡ଼ି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲ ଛକରେ ରବିବାର ଏକ ବୋଲୋରୋ ଧକ୍କାରେ ଜଣେ ବାଳକ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ବାଳକ ହେଲେ ବରଗଡ ଜିଲା ରେଶମ ନିକଟସ୍ଥ ସିଙ୍ଗେନପାଲି ଗ୍ରାମର ଧ୍ରୁବରାଜ ସୁନାଙ୍କ ପୁଅ ରାଜା(୬)। ବହୁ ଦିନ ହେଲା ପଣ୍ଡକିଟାଲ ଛକରେ ଧ୍ରୁବରାଜ ଏକ ଟାୟାର ମରାମତି ଦୋକାନ କରି ରହି ଆସୁଛନ୍ତି। ସକାଳେ ରାଜା ରାସ୍ତା ଉପରେ ଛିଡା ହୋଇଥିବା ବେଳେ ଏକ ବୋଲୋରୋ ଦ୍ରୁତଗତିରେ ରାମପୁର ପଟରୁ ଆସି ତାଙ୍କୁ ଧକ୍କା ଦେଇ ଡୁଙ୍ଗୁରିପାଲି ଆଡ଼କୁ ଚାଲିଯାଇଥିଲା। ରାଜାଙ୍କୁ ତୁରନ୍ତ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବାମ ଗୋଡ଼ ଭାଙ୍ଗି ଯାଇଥିବାରୁ ରାଜାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଥିବା ବୋଲୋରୋ ଧାରା ପଡି ନାହିଁ।

### ରାଜବୋଡ଼ାସମ୍ବର ବ୍ଲକ ସରପଞ୍ଚ ସଂଘ ଗଠିତ

**ପଦ୍ମପୁର,୧୨।୬(ଡି.ଏନ.ଏ.):** ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକର ସମସ୍ତ ସରପଞ୍ଚଙ୍କୁ ନେଇ ରବିବାର ବରିହାପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏକ ସାଧାରଣ ସଭା ହୋଇଥିଲା। ସରପଞ୍ଚ ନିରଦ ରଞ୍ଜନ ସାହୁ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ସଭାରେ ଜମରତଲା ସରପଞ୍ଚ ବିଧୁଭୂଷଣ ଚାନ୍ଦ ଅଧକ୍ଷତା କରିଥିଲେ। ସଭାରେ ସର୍ବସମ୍ମତି କ୍ରମେ ସରପଞ୍ଚ ସଂଘ ଗଠନ କରାଯାଇଥିଲା। ଏଥିରେ କଂସର ସରପଞ୍ଚ ଆନନ୍ଦ ବେହେରା ସଭାପତି, ଦହିତା ସରପଞ୍ଚ ଦମୟନ୍ତୀ ପାଣ୍ଡେ ଉପ ସଭାପତି, ଭେଉଁରିଆ ସରପଞ୍ଚ ଚୈତନ୍ୟ ଲୋହାର ସମ୍ପାଦକ, ଜମଲା ସରପଞ୍ଚ ଐଶ୍ୱର୍ଯ୍ୟା ପାଣିଗ୍ରାହୀ କୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ। ସାମୂହିକ ସହଯୋଗରେ ପ୍ରତ୍ୟେକ ପଞ୍ଚାୟତର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ରାଜବୋଡ଼ାସମ୍ବର ବ୍ଲକର ୨୨ ପଞ୍ଚାୟତର ସରପଞ୍ଚ ଅଂଶଗ୍ରହଣ କରିଥିଲେ। ଶେଷରେ ମେଲଛାମୁଣ୍ଡା ସରପଞ୍ଚ ପ୍ରତ୍ୟୁଷ ରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଉଚ୍ଛେଦ ପରେ ପୁଣି ଜବରଦଖଲ

**ପଦ୍ମପୁର,୧୨।୬(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁରରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ପାଇଁ ୨୦୧୬ ଡିସେମ୍ବରରେ ପ୍ରଶାସନ ପକ୍ଷରୁ ପଦ୍ମପୁର-ପାଇକମାଳ ଓ ପଦ୍ମପୁର-ପାଟଣାଗଡ ରାସ୍ତା କଡରେ ଥିବା ଜବରଦଖଲକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଥିଲା। ମାତ୍ର ଉଚ୍ଛେଦର ବର୍ଷେ ନ ପୂରୁଣୁ ପୁଣି ସେହି ଜାଗାକୁ ନିଜ ଅକ୍ତିଆରକୁ ନେଇଛନ୍ତି ଜବରଦଖଲକାରୀ। ସେହିପରି ପାଇକମାଳ-ପଦ୍ମପୁର ରାସ୍ତାରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ପୂର୍ବରୁ ଅଶୋକ ପଡିଆ ସଂଲଗ୍ନ ସମସ୍ତ ଦୋକାନକୁ ଭଙ୍ଗାଯାଇଥିଲା। କିନ୍ତୁ ଜବରଦଖଲକାରୀ ସେଠାରେ ପୂର୍ବାପେକ୍ଷା ଅଧିକ ସ୍ଥାନ ଅକ୍ତିଆର କରି ସମସ୍ୟା ସୃଷ୍ଟି କରୁଛନ୍ତି। ସଙ୍କୁଚିତ ରାସ୍ତା ସାଙ୍ଗକୁ ବେଆଇନ ପାର୍କିଂ ଯୋଗୁ ଜନସାଧାରଣ ଓ ଯାନବାହନ ଯାତାୟାତରେ ଅସୁବିଧା ହେଉଛି। ଜିଲା ପ୍ରଶାସନ ଏ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

### ଭାଜପା ଯୁବମୋର୍ଚ୍ଚାର ବିକାଶ ତୀର୍ଥ ବାଇକ୍ ରାଲି

**ବରଗଡ଼ ଅଫିସ୍,୧୨।୬:** ବରଗଡ଼ ଜିଲା ଭଟଲି ନିର୍ବାଚନ ମଣ୍ଡଳୀରେ ରବିବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକାଶ ତୀର୍ଥ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ଭଟଲ ସ୍ଥିତ ଶ୍ୟାମ ମନ୍ଦିରରୁ ବାଇକ୍ ରାଲି ବାହାରି ଗୋପାଳପୁର, ଡବଲଙ୍ଗ, ନୂଆପଲ୍ଲୀ, ଚଢ଼େଇଗାଁ, ବଉଲସିଂଘା, ରାଇଶୋଭା ଗ୍ରାମରେ ପହଞ୍ଚିଥିଲା। ଯୁବମୋର୍ଚ୍ଚା କର୍ମୀମାନେ ଉକ୍ତ ଗ୍ରାମଗୁଡ଼ିକରେ ଗତ ୮ବର୍ଷ ମଧ୍ୟରେ ମୋଦି ସରକାର କରିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଲୋକଙ୍କୁ ଅବଗତ କରିଥିଲେ। ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ତେଜସ୍ୱୀ ସୂର୍ଯ୍ୟଙ୍କ ଆହ୍ୱାନରେ ହୋଇଥିବା ଏହି ବାଇକ୍ ରାଲିରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ, ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ଯୁବମୋର୍ଚ୍ଚା ସଭାପତି ଅମିତ ପଣ୍ଡାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା, କର୍ମୀମାନେ ସାମିଲ ହୋଇଥିଲେ।

# ହରିପାଲି-ମହୁଲପାଲି ୩କି.ମି. ରାସ୍ତା ଶୋଚନୀୟ

**ବିନିକା,୧୨।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ହୁଡୁମା ନିକଟ ଜୀରାନଦୀ ଉପରେ ନିର୍ମିତ ହୋଇଛି ବିଜୁ ସେତୁ। ଏହି ସେତୁ ନିର୍ମାଣ ପରେ ବିନିକା ଓ ଭେଡେନ ବ୍ଲକର ୧୪ଖଣ୍ଡ ଗାଁର ୩୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ଦୁଦିନର ଦାବି ପୂରଣ ହୋଇଛି। ହେଲେଏବେ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ହରିପାଲି ମହୁଲପାଲି-୩କି.ମି. ବିଶିଷ୍ଟ ରାସ୍ତା । ଏହି ମାଟି ରାସ୍ତାକୁ ଅଦ୍ୟାବଧି କଙ୍କିଟିକରଣ ନ ହେବାରୁ ସମ୍ପୃକ୍ତ ପଥରେ ଯାତାୟାତରେ ସମସ୍ୟା ଦେଖାଦେଇଛି। ବିପର୍ଯ୍ୟସ୍ତ ରାସ୍ତାଯୋଗୁ ହରିପାଲି-ମହୁଲପାଲି ରାସ୍ତାରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଆବଡାଖାବଡା ରାସ୍ତାରେ ଯେଉଁମାନେ ଯାଉଛନ୍ତି ସେମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଏହି ରାସ୍ତାର ଉନ୍ନତୀକରଣ କରାଯାଉନାହିଁ। ଚଳିତ ଗ୍ରୀଷ୍ମରେ ରାସ୍ତାକାମ ନ ହେବାରୁ ବର୍ଷାଋତୁରେ ଅବସ୍ଥା ସଙ୍ଗୀନ ହେବ ନିଶ୍ଚିତ ହୋଇଛି। ଏଥିସହିତ ହୁଡୁମା ସେତୁ ସଂଲଗ୍ନ ଆପ୍ରୋଚ ରାସ୍ତାର ଉଭୟପାର୍ଶ୍ୱ ଗାର୍ଡୱାଲରୁ ନିର୍ମାଣର କେତେଟା ଦିନ ଭିତରେ ପଥରମାନ ତଳକୁ ଖସିବାରେ ଲାଗିଛି। ବର୍ଷାହେଲେ ଗାର୍ଡୱାଲ ଧସି ପଡିବା ଆଶଙ୍କା ପ୍ରକାଶ ପାଇଛି। ଏଣୁ ଅବିଳମ୍ବେ ହରିପାଲି ମହୁଲପାଲି-୩କି.ମି. ରାସ୍ତାର ଉନ୍ନତୀକରଣ ସହ ଗାର୍ଡୱାଲ ମରାମତି କରିବାକୁ ରଞ୍ଜନ କୁମାର ସାହୁ, ପୀତବାସ ବାଘ, ହେମରତନ ବାଘ, ଓକିଳ ବାଘ, ଅଶୋକ ମାହାର, ଗୌରାଙ୍ଗ ବନଛୋର, ଦେବରାଜ ଗର୍ଡତିଆ, ସୌମିତ୍ରୀ ପଧାନ, ଶିବଲାଲ ସାହୁ ପ୍ରମୁଖ ଦାବି କରିଛନ୍ତି। ଅପରପକ୍ଷରେ ଗାର୍ଡୱାଲ କାମ ନିମ୍ନମାନର ହୋଇଥିବା ନେଇ ହରିପାଲି ଗାଁର ବବୁଲ ଭୋଇ, ବିକାଶ କୁମାର ଭୋଇ, ଡୁଗୁରୁ ମୁଣ୍ଡା ୨ସପ୍ତାହ ତଳେ ବରଗଡ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ତୁରନ୍ତ ଗାର୍ଡୱାଲ ପୁନରୁଦ୍ଧାର ନ ହେଲେ ଜୀରାନଦୀରେ ବନ୍ୟା ଆସିଲେ ଏହା ଧସି ପଡିବା ବୋଲି ହରିପାଲି ଗ୍ରାମବାସୀ ଜିଲାପାଳଙ୍କୁ କହିଥିଲେ। ଏହି ପରିସ୍ଥିତିରେ ଆପ୍ରୋଚ ରାସ୍ତା ଓ ଗାଡୱାଲ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ସାଧାରଣରେ ଦାବି ହେଉଛି।

# କୁଲତା ସମାଜର ସପ୍ତମ ଜିଲାସ୍ତରୀୟ ମହାସଭା

**ବୌଦ୍ଧ,୧୨।୬(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ସରସରାଠାରେ ସପ୍ତମ ଜିଲାସ୍ତରୀୟ କୁଲତା ସମାଜ ମହାସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବିରଞ୍ଚି ନାରାୟଣ ପ୍ରଧାନ ଅଧକ୍ଷତା କରିଥିଲେ। ସର୍ବପ୍ରଥମେ କଳସ ଯାତ୍ରା କରାଯାଇ ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱାଧୀନ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସୁଧୀର କୁମାର ନାଏକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଜିଲା ସଭାପତି ବେଲାଳସେନ ଭୋଇ ଓ ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜିଲା ସଭାପତି ନବୀନ ପ୍ରଧାନ, ଛତିଶଗଡ ରାଜ୍ୟ ଆବାହକ ହରିଚରଣ ପ୍ରଧାନ,ସଭ୍ୟ ନନ୍ଦଲାଲ ଭୋଇ,ବରଗଡ ଜିଲା ସଭାପତି ଅଗ୍ନି ପ୍ରଧାନ,ସମ୍ପାଦକ ଡା. ପର୍ଶୁରାମ ବାରିକ,ସମ୍ବଲପୁର ଜିଲା ସଭାପତି ଜଙ୍ଗା ଭୂଷଣ ସାହୁ, ସମ୍ପାଦକ ନକୁଳ ପ୍ରଧାନ, ସୁବର୍ଣ୍ଣପୁର ଜିଲା ସଭାପତି ପ୍ରଦ୍ୟୁମ୍ନ ସାହୁ ଓ ସମ୍ପାଦକ କ୍ଷେତ୍ରବାସୀ ପ୍ରଧାନଙ୍କ ସମେତ ଜାତି ସମାଜର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ। ବୌଦ୍ଧ ଜିଲା ଉପସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, କୋଷାଧକ୍ଷ ଦାଶରଥି ବାରିକ, ନିର୍ବାଚନ ଅଧିକାରୀ ନରେନ୍ଦ୍ର ସାହୁ ଓ ସହ ଅଧିକାରୀ ନିରାକାର ଭୋଇ ମଞ୍ଚାସୀନ ଥିଲେ। ଏହି ସଭାରେ ଜାତିର ଐତିହ୍ୟ, ସଂସ୍କୃତି, ପରମ୍ପରା, ରୀତିନୀତି, କୃଷି କ୍ଷେତ୍ରରେ ଉନ୍ନତି ସହିତ ନିଶା ନିବାରଣ, ବିନା ଯୌତୁକରେ ଆଦର୍ଶ ବିବାହ ନିମନ୍ତେ ପ୍ରୋତ୍ସାହନ,ଶିକ୍ଷା କ୍ଷେତ୍ରରେ ସହଯୋଗ ସହିତ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା ହୋଇଥିଲା। ମହାସଭାରେ ଜିଲା ସାରା ପ୍ରତ୍ୟେକ କୁଲତା ପରିବାରର ପ୍ରତିନିଧି ଅଂଶଗ୍ରହଣ କରିଥିବା ସୂଚନା ଦିଆଯାଇଛି।



କୁଲତା ସମାଜ ବୈଠକରେ ଯୋଗ ଦେଇଥିବା ଅତିଥି ।

## ବରଗଡ଼ରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ମାରୱାଡ଼ି ମହିଳା ସମିତି ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଡା. ଆଲୋକ ସୁଲତାନିଆ ଯୋଗଦେଇ ୭୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବଣ୍ଟନ କରିଥିଲେ। ସମିତିର ସ୍ୱାସ୍ଥ୍ୟ ପ୍ରମୁଖ ସନ୍ତୋଷ ସାୱାଡ଼ିଆ ଶିବିର ପରିଚାଳନା କରିଥିଲେ। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ନେଇ ଆଗକୁ ମଧ୍ୟ ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ସାୱାଡ଼ିଆ କହିଥିଲେ। ସମିତିର ଅଧ୍ୟକ୍ଷ ସରୋଜ ଅଗ୍ରୱାଲ, ସମ୍ପାଦକ ଅନୀତା ରେଖାନୀ, ପ୍ରେମା ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ଗଚ୍ଛିତ ଧାନ ଉଠାଇବାକୁ ପାକ୍ସ ସମ୍ପାଦକଙ୍କୁ ନିର୍ଦ୍ଦେଶ


ଜିଲା ଯୋଗାଣ ଅଧିକାରୀ ସେଲେଡି ମଣ୍ଡି ପରିଦର୍ଶନ କରୁଛନ୍ତି।

**ବିନିକା,୧୨।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ ରବିବାର ବିନିକା ବ୍ଲକ ସିଂଘିଯୁବା ଏବଂ ସେଲେଡି ଧାନମଣ୍ଡି ପରିଦର୍ଶନ କରିଥିଲେ। ପରିଦର୍ଶନ କାଳରେ ଉଭୟ ମଣ୍ଡିରେ ଚାଷୀଙ୍କ ଧାନ ମନ୍ଥର ଗତିରେ ଉଠାଣ ହେଉଥିବା ସେ ଜାଣିବାକୁ ପାଇଥିଲେ। ଟାର୍ଗେଟ ଥାଇ ବି ଚାଷୀଙ୍କ ଧାନ ମିଲର୍ସମାନେ ଉଠାଉ ନାହାନ୍ତି। ମଣ୍ଡିରେ ଆବଶ୍ୟକତାଠାରୁ କମ୍ ଶ୍ରମିକ ନିୟୋଜିତ ହେବା ଏହାର ମୁଖ୍ୟ କାରଣ ବୋଲି ଯୋଗାଣ ଅଧିକାରୀ ଅବଗତ ହୋଇଥିଲେ। ତୁରନ୍ତ ଉପରୋକ୍ତ ସମସ୍ୟାର ସମାଧାନ କରିବା ସହ ରାତିରେ ମଣ୍ଡିରେ ଚାଷୀଙ୍କ ବଦଳରେ ରାତ୍ର ଜଗୁଆଳ ମୁତୟନ କରିବା ପାଇଁ ସିଂଘିଯୁବା ଓ ସେଲେଡି ପାକ୍ସ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗସ୍ତ ସମୟରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ଉପସ୍ଥିତ ଥିଲେ ।

# ଆଶା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ପାଇକମାଳ,୧୨।୬(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଳ ବ୍ଲକର ଆଜ୍‌କା ସଂସ୍ଥାର ତାଲିମ କେନ୍ଦ୍ରରେ ଗତ ୮ ତାରିଖରୁ ଚାଲିଥିବା ଆଶା ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି, ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଜ୍‌କାର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଜିଲାର ବରପାଲି, ଅତାବିରା, ଅମ୍ବାଭୋନା, ପଦ୍ମପୁର ଏବଂ ଝାରବନ୍ଧ ବ୍ଲକରୁ ମୋଟ ୨୮ଜଣ ଆଶା ପ୍ରଶିକ୍ଷଣାର୍ଥିନୀ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ସନ୍ତୋଷିନୀ ମହାପାତ୍ର ଏବଂ ପ୍ରଶିକ୍ଷକ ସୁଧୀର କୁମାର ପଣ୍ଡା ତାଲିମ ପ୍ରଦାନ କରିଥିଲେ। ଏହି ଚତୁର୍ଥ ପର୍ଯ୍ୟାୟ ଟ୍ରେନିଂର ବିଷୟବସ୍ତୁ ମଧ୍ୟରେ ହିଂସା, ହିଂସାର ପ୍ରକାରଭେଦ, ଚକ୍ର, ଚିହ୍ନ ଓ ସଙ୍କେତ, ପରିଣାମ, କେଉଁ ମହିଳା ଅତ୍ୟଧିକ ହିଂସାରେ ଶିକାର ହେବାର ସମ୍ଭାବନା ଅଧିକ, ମହିଳା ସୁରକ୍ଷା ନିମନ୍ତେ ବିଭିନ୍ନ ଆଇନ ବ୍ୟବସ୍ଥା, ମହିଳା ହିଂସାରେ ଆଶାର ଭୂମିକା ଆଦି ପରିସରଭୁକ୍ତ ଥିଲା। ପ୍ରୋଗ୍ରାମ କୋର୍ଡିନେଟର ନିତ୍ୟାନନ୍ଦ ଜେନା ତାଲିମ ପରିଚାଳନା କରିଥିଲେ। ଯୁଗଳ କିଶୋର ନାୟକ ଏବଂ କୁମୁଦିନୀ ପ୍ରଧାନ ସହଯୋଗ କରିଥିଲେ ।



ତାଲିମ ଶିବିରରେ ଯୋଗ ଦେଇଥିବା ଆଶା କର୍ମୀବୃନ୍ଦ।

## ଅଭିଭାବକ ସମ୍ମିଳନୀ

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ର ଏକ ହୋଟେଲରେ ରବିବାର ରାୟଗଡ଼ା ଜିଲା ଗୁଣୁପୁର ସ୍ଥିତ ଜିଆଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ଡ. ବନ୍ଦିତା ସାହୁ, ରିଜିଓନାଲ ମ୍ୟାନେଜର ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଶିକ୍ଷାଦାନ, ଶିକ୍ଷା ପ୍ରଣାଳୀ, ପ୍ରଶିକ୍ଷଣ, ଗ୍ରନ୍ଥାଗାର, ନିଯୁକ୍ତି ସୁଯୋଗ ଉପରେ ସୂଚନା ଦେଇଥିଲେ। ଚଳିତବର୍ଷ ଅନୁଷ୍ଠାନର ୯୬ ପ୍ରତିଶତ ଛାତ୍ରୀଛାତ୍ର ଦେଶୀୟ, ଅନ୍ତର୍ଦ୍ଦେଶୀୟ କମ୍ପାନୀରେ ନିଯୁକ୍ତି ପାଇଥିବା ସେମାନେ କହିଥିଲେ। ଉକ୍ତ ଅନୁଷ୍ଠାନର ପୁରାତନ ତଥା ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ।

# ବ୍ରହ୍ମବିହାର ଉନ୍ନୟନ ପରିଷଦ ଗଠିତ

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ବ୍ରହ୍ମବିହାରର ଆରାଧ୍ୟ ଦେବତା ପ୍ରଭୁ ହନୁମାନ ବୀରଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ବୃନ୍ଦାବନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନଭଞ୍ଜନ କର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବ୍ରହ୍ମବିହାରର ଉନ୍ନତି ପାଇଁ ଏକ ସାମାଜିକ, ଧାର୍ମିକ, ସାଂସ୍କୃତିକ ଅନୁଷ୍ଠାନ ବ୍ରହ୍ମବିହାର ଉନ୍ନୟନ ପରିଷଦ ଗଠନ କରାଯାଇଥିଲା। ଏଥିରେ ପ୍ରଦୀପ କୁମାର ସାହୁ ସଭାପତି, ବୃନ୍ଦାବନ ଧର ଉପସଭାପତି, ସୁଶାନ୍ତ କୁମାର ମହାପାତ୍ର ସାଧାରଣ ସମ୍ପାଦକ, ଦୀପକ କୁମାର ଦାଶ ଯୁଗ୍ମ ସମ୍ପାଦକ, ଅଚ୍ୟୁତାନନ୍ଦ ସେଠ କୋଷାଧ୍ୟକ୍ଷ ମନୋନିତ ହୋଇଥିଲେ। ବୃନ୍ଦାବନ ତ୍ରିପାଠୀ, ସନ୍ତୋଷ କୁମାର ଦାଶ, ରଞ୍ଜନ କୁମାର ପାଣିଗ୍ରାହୀ, ସୁବ୍ରତ କୁମାର ମିଶ୍ର, କମଳ କିଶୋର ଅଗ୍ରୱାଲଙ୍କୁ ଉପଦେଷ୍ଟା ମନୋନିତ କରାଯାଇଥିଲା। ସେହିପରି ଅନ୍ତର୍ଯାମୀ ପରିଡ଼ା, ସୁଜନ କୁମାର ତ୍ରିପାଠୀ, ନରସିଂହ କର, ପ୍ରଦୀପ କୁମାର ଭୋଇ, ଅବିନାଶ ତ୍ରିପାଠୀ କାର୍ଯ୍ୟକାରୀ କମିଟି ସଭ୍ୟ ମନୋନିତ ହୋଇଥିଲେ। ମାନଭଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଡୁଙ୍ଗୁରିପାଲି ବିଏସ୍‌ପି କମିଟି ପୁନର୍ଗଠିତ

**ଡୁଙ୍ଗୁରିପାଲି,୧୨।୬(ଡ଼ି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବହୁଜନ ସମାଜ ପାର୍ଟି(ବିଏସ୍‌ପି)ର ବ୍ଲକସ୍ତରୀୟ କମିଟି ପୁର୍ନଗଠିତ ହୋଇଛି। ବ୍ଲକ ସଭାପତିଭାବେ ମିଳନ କୁମ୍ଭାର, ଉପସଭାପତି ଜ୍ୟୋତିଷ ନନ୍ଦ, ଓବିସି ସେଲ ସମ୍ପାଦକ ରଘୁନାଥ ପଧାନ, ଏସ୍‌ଟି ସେଲର ହିମାଂଶୁ ପାରା, ଏସସି ସେଲର ନରେନ୍ଦ୍ର ମହାନନ୍ଦ ପ୍ରମୁଖ ରହିଛନ୍ତି। ସୁନାରାମ ବାଗ ଓ ପ୍ରକାଶ କୁମ୍ଭାରଙ୍କୁ ଡୁଙ୍ଗୁରିପାଲି ପ୍ରଭାରୀ ଓ ଉପପ୍ରଭାରୀଭାବେ ରଖାଯାଇଛି। କମିଟି ଗଠନ ବେଳେ ଅସର୍ପି କୁମ୍ଭାର, କୃଷ୍ଣ ବାଗ, ଅଶୋକକୁମାର ନାଏକ ରାଜୁ ତାଣ୍ଡି, ଗରିବ ବାଗ, ଭବାନୀ ଶଙ୍କର ନନ୍ଦ, କାମଦେବ ସୁନା, ନମିତା ଦୀପ, ଠାକୁର ସୁନା ଉପସ୍ଥିତ ଥିଲେ। ବୈଠକରେ ପଞ୍ଚାୟତସ୍ତରୀୟ ସମସ୍ତ ବହୁଜନ ସମାଜ କର୍ମୀ ଉପସ୍ଥିତ ଥିଲେ। ପାର୍ଟିର ବ୍ଲକ ଅଫିସରେ ଅନୁଷ୍ଠିତ ବୈଠକରେ ସୁବର୍ଣ୍ଣପୁର ଜିଲା ସଭାପତି ବଳବନ୍ତ ସୁନା, ଉପସଭାପତି ବିଭୂତିଭୂଷଣ କୁମ୍ଭାର ଓ ସମ୍ପାଦକ ସୁଦାମ ଜଗଦଲା ଉପସ୍ଥିତ ଥିଲେ।


ବୈଠକରେ ନବ ନିର୍ବାଚିତ ବିଏସ୍‌ପି କର୍ମକର୍ତ୍ତା।

# ଆମ୍ବଗଛରେ ଦେଖାଦେଲେ ଆଣ୍ଠୁଆ ଗୋପାଳ

**ବାଉଁଶୁଣୀ,୧୨।୬(ଡି.ଏନ.ଏ.)**

କଥାରେ ଅଛି ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର। ଠାକୁରଙ୍କ ପ୍ରତି ମନରେ ଦୃଢ ବିଶ୍ୱାସ ଥିଲେ ସେ ସବୁଠି ପ୍ରତୀୟମାନ ହୋଇପାରନ୍ତି। ଏଭଳି ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଜଣେ ବ୍ୟକ୍ତିଙ୍କ ଘର ବାଡିରେ ଥିବା ଆମ୍ବଗଛରେ ଆଣ୍ଠୁଆ ଗୋପାଳ ବସିଥିବା ଓ ଏହା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି ।

ଘଟଣା ହେଲା ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତର ବାଉଁଶୁଣି ବସଷ୍ଟାଣ୍ଡ ପାଖରେ ଲଳିତ ଅଗ୍ରୱାଲାଙ୍କ ଘର। ଦୁଇ ଦିନ ତଳେ ଲଳିତ ସକାଳୁ ନିତ୍ୟକର୍ମ ସାରିବା ପରେ ପ୍ରତିଦିନ ପରି ଠାକୁର ପୂଜା କରି ସାରି ବ୍ୟବସାୟ କରିବାକୁ ଘର ପାଖ ଦୋକାନକୁ ଚାଲି ଯାଇଥିଲେ। ତାଙ୍କ ସ୍ତ୍ରୀ ସଙ୍ଗୀତା ପିଲାଙ୍କୁ ଟିଉସନ କରି ସାରିବା ପରେ ସ୍ୱାମୀଙ୍କୁ ଜଳଖିଆ ଖାଇବା ପାଇଁ ଡାକିଥିଲେ। ହେଲେ ଲଳିତ ଘରକୁ ଆସିବା ବେଳକୁ ଘରର ବିଭିନ୍ନ ସ୍ଥାନରେ ତୁଳସୀ ପତ୍ର ପଡ଼ିଥିବାର ଦେଖିବାକୁ ପାଇଥିଲେ। ପରେ ଠାକୁର ଘରେ ପୂଜା ପାଉଥିବା ଆଣ୍ଠୁଆ ଗୋପାଳ ନ ଥିବା ଦେଖି ଘରର ଚାରିପଟେ ଖୋଜିବାରେ ଲାଗିଥିଲେ। ହେଲେ ହଠାତ୍ ତାଙ୍କ ଝିଅ ବାରିପଟ ଆମ୍ବଗଛ ଉପରେ ଆଣ୍ଠୁଆ ଗୋପାଳ ବସିଥିବା ଦେଖି ପରିବାର ଲୋକଙ୍କୁ ଡାକିଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଆମ୍ବଗଛରେ ଆଣ୍ଠୁଆ ଗୋପାଳଙ୍କୁ ଦେଖିବା ପାଇଁ ଲାଗିଥିଲା ଲୋକଙ୍କ ଭିଡ଼। ଆଧୁନିକ ଯୁଗରେ ହୁଏତ କେହି ଏହାକୁ ବିଶ୍ୱାସ କରି ନ ପାରନ୍ତି, ହେଲେ ପରିବାର ଲୋକେ ଏହାକୁ ଶ୍ରୀକୃଷ୍ଣଙ୍କ ଲୀଳା ଖେଳା ବୋଲି ଦୃଢତାର ସହ କୁହନ୍ତି । ଲଳିତଙ୍କ କେବଳ ଦୁଇଟି ଝିଅ । ନିଜର ପୁଅ ନ ଥିବାରୁ ଠାକୁର ଘରେ ଥିବା ଆଣ୍ଠୁଆ ଗୋପାଳଙ୍କୁ ପୁଅ ଭଳି ମାନନ୍ତି ଆଉ କାହ୍ନା ନାମରେ ଡାକନ୍ତି ବୋଲି କହିଛନ୍ତି ଲଳିତଙ୍କ ସ୍ତ୍ରୀ ସଙ୍ଗୀତା। ନିଜ ଆସ୍ଥାନ ଛାଡି ଠାକୁର ଅନ୍ୟତ୍ର ଉଭା ହେବା ଘଟଣା ପ୍ରଥମ ଥର ଘଟିନାହିଁ, ପୂର୍ବରୁ କେବେ ରୋଷେଇ ଘରେ ତ ଆଉ କେତେବେଳେ ଘରର ବିଭିନ୍ନ ସ୍ଥାନରେ ଦେଖାଦିଅନ୍ତି ବୋଲି ପରିବାର ଲୋକେ କହିଛନ୍ତି। ଏହି ଘଟଣା ବାଉଁଶୁଣୀ ଅଞ୍ଚଳରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି।


ଆମ୍ବଗଛରେ ଆଣ୍ଠୁଆ ଗୋପାଳ ବସିଛନ୍ତି ।